

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-11 ♦SUNDAY ♦05 JULY 2026 ♦PAGE-12+4 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୧୧ ♦ରବିବାର ♦୦୫ ଜୁଲାଇ ୨୦୨୬ ♦ପୃଷ୍ଠା-୧୨+୪ (ସିନ୍ଦୂରା) ♦ଟ.୭.୦୦


## ଲଘୁଚାପ ସକ୍ରିୟ

# ଆଜି ୯ ଜିଲ୍ଲାରେ ଛେଚିବ

### ୭ ତାରିଖ ଯାଏଁ ଲାଗିରହିବ ବର୍ଷା; ୩ ଜିଲ୍ଲାକୁ ରେଡ୍ ଆଲର୍ଟ

■ ଭୁବନେଶ୍ୱର, ୪।୭ (ସମିସ): ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ଥିବା ସୁଦୃଢ଼ ଲଘୁଚାପ ପ୍ରଭାବରେ ରାଜ୍ୟରେ ବ୍ୟାପକ ବର୍ଷା ଜାରି ରହିଛି । ଗତ ଦୁଇ ଦିନ ଧରି ଲଗାଣ ବର୍ଷା ପ୍ରଭାବରୁ ସାଧାରଣ ଜନଜୀବନ ପ୍ରଭାବିତ ହୋଇଥିବା ବେଳେ କେତେକ ସ୍ଥାନରେ ଜଳବନ୍ଦୀ ସମସ୍ୟା ଦେଖାଦେଇଛି । ଅନ୍ୟପଟେ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ବର୍ଷା ପ୍ରକୋପ ଦେଖିବାକୁ ମିଳିବ ବୋଲି ସୂଚନା ଦେଇଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ।

କେନ୍ଦ୍ର ସୂଚନା ଅନୁଯାୟୀ ଗତ ୩୩ ଘଣ୍ଟା ମଧ୍ୟରେ ଗଞ୍ଜାମ ଛତ୍ରପୁରରେ ସର୍ବାଧିକ ୧୩୮.୭ ମିଲିମିଟର ବର୍ଷା ହୋଇଛି । ସେହିପରି କୋରାପୁଟରେ ୧୦୮ ମିଲିମିଟର, ଗୋପାଳପୁରରେ ୧୦୭.୮ ମିଲିମିଟର, ବାରିପଦାରେ ୧୦୪ ମିଲିମିଟର, ଚାନ୍ଦବାଲିରେ



୯୧.୬ ମିଲିମିଟର ବର୍ଷା ହୋଇଛି । ଏତଦବ୍ୟତୀତ କଟକ ଓ ଭୁବନେଶ୍ୱରରେ ୮୮.୬ ମିଲିମିଟର, ପୁରୀରେ ୭୬ ମିଲିମିଟର, ନୟାଗଡରେ ୮୯ ମିଲିମିଟର, ସୋନପୁରରେ ୭୩.୪ ମିଲିମିଟର, ବରଗଡ଼ରେ ୭୨.୪ ମିଲିମିଟର, ଖୋର୍ଦ୍ଧାରେ ୮୮ ମିଲିମିଟର, ଜଗତସିଂହପୁରରେ ୭୯.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ସେହିପରି ଶନିବାର ସକାଳ ୮ଟା୩୦ରୁ ସନ୍ଧ୍ୟା ୫ଟା ୩୦ ମିନିଟ ମଧ୍ୟରେ କୋରାପୁଟରେ ସର୍ବାଧିକ ୬୯.୨ ମିଲିମିଟର ବର୍ଷା ହୋଇଥିବା ବେଳେ ବଲାଙ୍ଗୀରରେ ୬୭ ମିଲିମିଟର, ଭୁବନେଶ୍ୱରରେ ୪୫.୬ ମିଲିମିଟର, କଟକରେ ୩୨.୪ ମିଲିମଟର, ▶ପୃଷ୍ଠା-୭

## ମୁକାବିଲା ପାଇଁ ସଜାଗ ରହିବାକୁ ପ୍ରଶାସନକୁ ନିର୍ଦ୍ଦେଶ

■ ଭୁବନେଶ୍ୱର, ୪।୭ (ସମିସ): ରାଜ୍ୟବ୍ୟାପୀ ବର୍ଷା ଜାରି ରହିଥିବାରୁ ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି ସରକାର । ପରିସ୍ଥିତିର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ସଜାଗ ଥିବା କହିଛନ୍ତି । ସ୍ୱତନ୍ତ୍ର ରିଲିଫ କମିସନର (ଏସଆରସି)ଙ୍କ ଅଧୀନସ୍ଥ ଷ୍ଟେଟ୍ ଇମର୍ଜେନ୍ସି ଅପରେସନ୍ ସେଣ୍ଟର୍ (ଏସଇଓସି) ସମସ୍ତ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର (ଡିଇଓସି) ସହ ସମନ୍ୱୟ ରକ୍ଷା କରି ୨୪ ଘଣ୍ଟିଆ ପରିସ୍ଥିତିର ନିରୀକ୍ଷଣ କରୁଥିବା ସୂଚନା ମିଳିଛି । ଭାରତୀୟ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଏବଂ କେତେକ ସ୍ଥାନରେ ଅତ୍ୟଧିକ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଗତ ୨୪ ଘଣ୍ଟାରେ ଅର୍ଥାତ୍ ଜୁଲାଇ ୪ ତାରିଖ ସକାଳ ୮ଟା ୩୦ ସୁଦ୍ଧା ରାଜ୍ୟରେ ହାରାହାରି ୨୪.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ବରଗଡ଼ ଜିଲ୍ଲାର ସୋହେଲା ବ୍ଲକରେ ସର୍ବାଧିକ ୨୦୨ ମିଲିମିଟର ବର୍ଷା ହୋଇଛି । ରାଜ୍ୟର ▶ପୃଷ୍ଠା-୭

# ଜୁଲାଇ ୨୦ରୁ ସଂସଦର ମୌସୁମୀ ଅଧିବେଶନ

### ଅଗଷ୍ଟ ୧୩ ପର୍ଯ୍ୟନ୍ତ ଚାଲିବ ଗୃହ କାର୍ଯ୍ୟ

■ ନୂଆଦିଲ୍ଲୀ, ୪।୭ (ଏଜେନ୍ସି): ଚଳିତ ବର୍ଷ ସଂସଦର ମୌସୁମୀ ଅଧିବେଶନ ଆସନ୍ତା ଜୁଲାଇ ୨୦ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଏହି ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ଆସନ୍ତା ଅଗଷ୍ଟ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଆଜି ସୂଚନା ଦେଇଛନ୍ତି । ପ୍ରାୟ ତିନି ସପ୍ତାହରୁ ଅଧିକ ସମୟ ଧରି ଚାଲିବାକୁ ଥିବା ଏହି ଅଧିବେଶନରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଏବଂ ଦେଶର ବିଭିନ୍ନ ସାମ୍ପ୍ରତିକ ସମସ୍ୟା ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି ।

ମିଳିଥିବା ସୂଚନା ଅନୁଯାୟୀ ଏହି ଅଧିବେଶନ ବିଶେଷ କରି ଦୁଇଟି ପ୍ରସଙ୍ଗ ନେଇ ସରଗରମ ରହିବ । ୩୦ ଦିନ ଧରି ଜେଲରେ ରହିଲେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ନିଜର ପଦ ହରାଇବେ । ସରକାର ଏସଂପର୍କରେ ଏକ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିବେ । ଯଦି ଜଣେ ମନ୍ତ୍ରୀଙ୍କୁ ଏଭଳି ଏକ ଅଭିଯୋଗରେ ଗିରଫ କରାଯାଇଛି, ଯେଉଁଥିରେ ୫ ବର୍ଷ କିମ୍ବା ତାଠାରୁ ଅଧିକ ସମୟ ପାଇଁ ଜେଲଦଣ୍ଡର ବ୍ୟବସ୍ଥା ଥିବ, ସେମାନଙ୍କ ପ୍ରତି ଏହି ନିୟମ ଲାଗୁ ହେବ । ସେମାନେ ୩୦ ଦିନ ପର୍ଯ୍ୟନ୍ତ ଜେଲରେ ରହିଲେ ୩୧ତମ ଦିନରେ ଆପେ ଆପେ ମନ୍ତ୍ରୀ ପଦ ହରାଇବେ । ରାଷ୍ଟ୍ରପତି ଏବଂ ରାଜ୍ୟପାଳ ମଧ୍ୟ ସେମାନଙ୍କୁ



**ରାଜନାଥ ଓ ମନ୍ତ୍ରିପଦ ବିଲ୍‌କୁ ନେଇ ସରଗରମ ରହିବ ସଂସଦ**

**ଉଠିବ ଆଞ୍ଚଳିକ ଦଳରେ ବିଭାଜନ ପ୍ରସଙ୍ଗ**

ବରଖାସ୍ତ କରିପାରିବେ । ତେବେ ବିରୋଧୀ ଦଳ ଏହାକୁ ବିରୋଧ କରିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ବିରୋଧୀ ଦଳ ଶାସିତ ସରକାରଙ୍କୁ ଅସ୍ଥିର କରିବା ଲାଗି ସରକାର ଏହାର ରାଜନୈତିକ ଦୁରୁପଯୋଗ କରିବାର ଯଥେଷ୍ଟ ସମ୍ଭାବନା ରହିଛି । ଏହା ଉଭୟ କେଜ୍ରିୱାଲ ଏବଂ ହେମନ୍ତ ସୋରେନଙ୍କ କ୍ଷେତ୍ରରେ ଦେଖାଦେଇଛି । ଅନ୍ୟପକ୍ଷରେ କେବଳ ସମ୍ବିଧାନ ସଂଶୋଧନ ଦ୍ୱାରା ଏହି ବିଲ୍ ପାସ୍ କରାଯାଇପାରିବ । ଏଥିପାଇଁ ଉଭୟ ଗୃହରେ ଦୁଇ ତୃତୀୟାଂଶ ଉପସ୍ଥିତ ସଭ୍ୟଙ୍କ ସମର୍ଥନ ଦରକାର । ରାଜ୍ୟସଭାରେ ସରକାର ଏହି ସଂଖ୍ୟାର ନିକଟବର୍ତ୍ତୀ ହୋଇଥିଲେ ମଧ୍ୟ ଲୋକସଭାରେ ବିଭିନ୍ନ ଦଳରେ ବିଭାଜନ ସତ୍ତ୍ୱେ ଆହୁରି ୪୦ ସାଂସଦଙ୍କ ▶ପୃଷ୍ଠା-୭

## କପିଳାସରେ ଭୂସ୍ଖଳନ

■ଗଁଦିଆ, ୪।୭ (ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକର ପ୍ରସିଦ୍ଧ ଶୈବପୀଠ କପିଳାସଠାରେ ବର୍ଷା ଯୋଗୁଁ ଭୂସ୍ଖଳନ ହୋଇଛି । କପିଳାସ ପାହାଡ଼ ଉପରକୁ ଯାଇଥିବା ବାରବାଙ୍କ ରାସ୍ତାରେ ଦେଖିବାକୁ ମିଳିଛି ଏହି ଅଭାବନୀୟ ଦୃଶ୍ୟ । ଲଗାଣ ବର୍ଷା ଫଳରେ ଉକ୍ତ ପୀଠର ଥିବା ବାରବାଙ୍କ ରାସ୍ତାର ପ୍ରଥମ ବାଙ୍କର ଡାହାଣ ପାର୍ଶ୍ୱରୁ ଥିବା ପାହାଡ଼ ଧସିବା ଯୋଗୁ ଏହାର ପ୍ରଭାବରେ ଏକ ବଡ଼ ଗଛ ଉପୁଡି ପଡ଼ି ରାସ୍ତା ଉପରେ ପଡିଯାଇଥିଲା । ଯାହା ଯୋଗୁ ପ୍ରାୟ ଅପରାହ୍ନ ୨ଟା ଠାରୁ ପ୍ରାୟ ୨ଘଣ୍ଟା ଧରି ମନ୍ଦିରକୁ ଯାନବାହନା ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଖବର ପାଇ ଗଁଦିଆ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଉପରୁ ଉକ୍ତ ଗଛ ହଟାଯାଇ ସଫା କରିଥିଲେ । ତାହାପରେ ସ୍ୱାଭାବିକ ଭାବରେ ଯାନବାହାନା ପାହାଡ଼ ଉପରକୁ ଚଳପ୍ରଚଳ କରିଥିଲା ।



**ଧସିଲା ବାରବାଙ୍କ ରାସ୍ତା**

## ରାଜଧାନୀ ଡ୍ରେନ୍‌ରେ ଭାସିଗଲେ ଯୁବକ

■ ଭୁବନେଶ୍ୱର, ୪।୭ (ସମିସ): **ପ୍ରବଳ ଓ ଲଗାଣ ବର୍ଷା ଯୋଗୁଁ ରାଜଧାନୀରେ ପୁଣି କାଳ ସାଜିଲା ମୁକୁଳା ଡ୍ରେନ ।** ବାଣୀବିହାର ଉତ୍କଳ ବିଶ୍ୱବିଦ୍ୟାଳୟ ନିକଟସ୍ଥ ଡ୍ରେନ୍ ନମ୍ବର ୪ରେ ଭାସିଯାଇ ଆଜି ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି । ନିଖୋଜ ଯୁବକ ହେ।ଲେ ସ୍ଥାନୀୟ ପଥରବନ୍ଧ ବସ୍ତିର ଅନିଲ ସିଂହ ଓ ତାଙ୍କ ବୟସ ୩୫ ବୋଲି ଜଣାପଡ଼ିଛି । ପ୍ଲାଷ୍ଟିକ୍ ବୋତଲ ସଂଗ୍ରହ କରିବାକୁ ଯାଇଥିଲା ବେଳେ ଡ୍ରେନ୍‌ରେ ଗୋଡ଼ ଖସିଯିବାରୁ ସେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି । ସ୍ଥାନୀୟ ଲୋକଙ୍କ ସହ ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ୍ ଟିମ୍ ମଧ୍ୟ ଖୋଜାଖୋଜି କରୁଛନ୍ତି । ୬ଘଣ୍ଟା ଧରି ଉଦ୍ଧାର କାର୍ଯ୍ୟ ଜାରି ରହିଥିଲେ ମଧ୍ୟ ନିଖୋଜ ଯୁବକଙ୍କ



କୌଣସି ପତ୍ତା ମିଳିପାରି ନାହିଁ । ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ସ୍ଥଗିତ ରଖାଯାଇଛି । ଆଜିର ଏହି ଘଟଣାକୁ ନେଇ ରାଜଧାନୀରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସରକାରଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ଅନେକ ସ୍ଥାନରେ ଏବେ ବି ଡ୍ରେନ ମୁକୁଳା ରହିଛି ଏବଂ ରାଜଧାନୀବାସୀଙ୍କ ପାଇଁ ଏହା ମୃତ୍ୟୁଯନ୍ତା ପାଲଟିଛି ।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ମୁତାବକ, ଅନିଲ ପେଶାରେ ଜରି ଏବଂ ପ୍ଲାଷ୍ଟିକ୍ ବୋତଲ ଗୋଟାଳି । ଗୋଟିଏ ବସ୍ତା ପ୍ଲାଷ୍ଟିକ ବୋତଲ ସଂଗ୍ରହ କରିବା ପରେ ଆଉ ଗୋଟିଏ ବସ୍ତା ବୋତଲ ସଂଗ୍ରହ କରିବାକୁ ଡ୍ରେନ୍ ଭିତରେ ପଶିଥିଲେ । ସେହି ସମୟରେ ତାଙ୍କର ଗୋଡ ଖସିଯିବାରୁ ସେ ଭାସି ▶ପୃଷ୍ଠା-୭

# ମମତାଙ୍କୁ ଝଟ୍‌କା; ଟିଏମ୍‌ସି ରାଜ୍ୟ ସଭାପତିଙ୍କ ଇସ୍ତଫା

■ କୋଲକାତା, ୪।୭ (ଏଜେନ୍ସି): ମମତା ମାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମସି)ରେ ବିଦ୍ରୋହକୁ ନେଇ ସୃଷ୍ଟି ହୋଇଥିବା ସଙ୍କଟ ଥମିବାର ନାମ ଧରୁନି । ଗତକାଲି ବିଦ୍ରୋହୀମାନେ ପାର୍ଟିର ମୁଖ୍ୟାଳୟକୁ କବଜା କରିଥିବା ବେଳେ ଆଜି ପାର୍ଟିର ରାଜ୍ୟ ସଭାନେତ୍ରୀ ଚନ୍ଦ୍ରିକା ଭଟ୍ଟାଚାର୍ଯ୍ୟ ନିଜ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି । ଗତକାଲିର ଘଟଣା ପାଇଁ ମମତାଙ୍କ ଠାରୁ ଭର୍ତ୍ସିତ ହେବାପରେ ସେ ଇସ୍ତଫା ଦେଇଥିବା କୁହାଯାଉଛି । ଇସ୍ତଫା ଦେବାପରେ ସେ ବିଦ୍ରୋହୀଙ୍କ ଗୋଷ୍ଠୀରେ ସାମିଲ ହୋଇଛନ୍ତି ।

ସୂଚନାଯୋଗ୍ୟ ଯେ ବିଧାନସଭା ନିର୍ବାଚନରେ ପରାଜୟ ପରେ ସଂଗଠନର ପୁନର୍ଗଠନ କରି ମମତା ଗତମାସ ଚନ୍ଦ୍ରିକାଙ୍କୁ ସଭାନେତ୍ରୀ ନିଯୁକ୍ତ କରିଥିଲେ । ଚନ୍ଦ୍ରିମାଙ୍କ ଇସ୍ତଫା ମମତାଙ୍କୁ ଝଟକା ଲାଗିଛି । ଇସ୍ତଫା ପା।ରେ ସେ ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱାଧୀନ ବିଦ୍ରୋହୀ ଗୋଷ୍ଠୀର ସଦସ୍ୟମାନଙ୍କୁ ଭେଟିଛନ୍ତି । ଗତ ଶୁକ୍ରବାର ଦିନ କୋଲକାତାରେ ଥିବା ପାର୍ଟିର ମୁଖ୍ୟ କାର୍ଯ୍ୟାଳୟ 'ତୃଣମୂଳ ଭବନ'କୁ ବିଦ୍ରୋହୀ ଗୋଷ୍ଠୀ ନିଜ ନିୟନ୍ତ୍ରଣକୁ ନେଇ ସେଠାରେ ତାଲା ପକାଇ ଦେଇଛନ୍ତି ଏବଂ ନିଜକୁ ଅସଲି ଟିଏମ୍‌ସି ବୋଲି ଦାବି କରିଛନ୍ତି ।



### "ଅଟକାଇବାକୁ ହେଲେ ମୋତେ ମାରିବାକୁ ପଡ଼ିବ"

■ କୋଲକାତା, ୪।୭: ଟିଏମ୍‌ସି ଭିତରେ ଚାଲିଥିବା ବିଦ୍ରୋହକୁ ନେଇ ଆଜି ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ଆଜି ଏକ ଭିଡିଓ ବାର୍ତ୍ତାରେ ଟିଏମ୍‌ସି ବିଭାଜନ ପଛରେ ବିଜେପିର ହାତ ଥିବା ନେଇ ସେ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ ସେମାନେ ଭୋଟ ଚୋରି କରି କ୍ଷମତା ଦଖଲ କରିବା ପରେ ଏ।ବେ ତାଙ୍କ ଦଳକୁ ତାଙ୍କ ହାତରୁ ଛଡ଼ାଇ ନେବାକୁ ଚାହୁଁଛନ୍ତି । କିନ୍ତୁ ଏହା ଆଦୌ ସମ୍ଭବ ନୁହେଁ । ଉଭୟ ଦଳ ଏବଂ ସଙ୍କେତ ତାଙ୍କ ପାଖରେ ରହିବ । ଏଥିପାଇଁ ସେ ଦୀର୍ଘ ସମୟ ଧରି ସଂଘର୍ଷ ଜାରି ରଖିବାକୁ ପ୍ରସ୍ତୁତ ଅଛନ୍ତି । ଏଥିରୁ ତାଙ୍କୁ କେହି ଅଟକାଇ ପାରିବେ ନାହିଁ । ଅଟକାଇବାକୁ ହେଲେ ମୋତେ ମାରିବାକୁ ପଡ଼ିବ ବୋଲି ମମତା କହିଛନ୍ତି । ଜୀବନ ଥିବା ପର୍ଯ୍ୟନ୍ତ ସେ ଲଢ଼େଇ ଜାରି ରଖିବେ । ଦଳରେ ବିଦ୍ରୋହ କରିଥିବା ସାଂସଦ ଓ ବିଧାୟକମାନଙ୍କୁ ସେ ବିଶ୍ୱାସଘାତକ ବୋଲି କହିଛନ୍ତି । ସେ ଆହୁରି ଅଭିଯୋଗ କରିଛନ୍ତି ଯେ ▶ପୃଷ୍ଠା-୭

## ଥାନା କ୍ୱାର୍ଟର୍ସରେ ଝୁଲିପଡ଼ିଲେ ଇନ୍ସପେକ୍ଟର ବିଯୁଟି



**ମୃତ୍ୟୁକୁ ନେଇ ନାନା ସନ୍ଦେହ**

■ କଟକ,୪।୭ (ସମିସ): ଚାଉଳିଆଗଞ୍ଜ ଥାନା ପରିସରରେ ଥିବା କ୍ୱାର୍ଟର୍ସ ଭିତରୁ ଆଇଆଇସି ବିଯୁଟି ମହାନ୍ତିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି । ମୃତ୍ୟୁର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଏହି ଘଟଣାକୁ ନେଇ ପୁଲିସ ମହଲରେ ଆଲୋଡନ ସୃଷ୍ଟି ହୋଇଛି । ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ ପରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଏସସିବି ମେଡିକାଲକୁ ପଠାଯାଇଛି । ମିଳିଥିବା ସୂଚନା ଅନୁସାରେ, ଶୁକ୍ରବାର ରାତି ପ୍ରାୟ ୯ଟା ଯାଏ ଆଇଆଇସି ଶ୍ରୀମତୀ ମହାନ୍ତି ଥାନାରେ କାର୍ଯ୍ୟରତ ଥିଲେ । ହଠାତ ଅସୁସ୍ଥ ଅନୁଭବ କରିବାରୁ ସେ ଥାନାର ଉପର ମହଲାରେ ଥିବା ନିଜ କ୍ୱାର୍ଟର୍ସକୁ ଯାଇଥିଲେ । ଶନିବାର ସକାଳେ ଥାନାରେ ନିୟମିତ ହେଉଥିବା ବ୍ରିଫିଙ୍ଗ ରୋଲ୍‌କଲ୍‌କୁ ଆସି ନଥିଲେ । ଦୀର୍ଘ ସମୟ ଅପେକ୍ଷା ପରେ ଦିନ ପ୍ରାୟ ୧୦ଟା ବେଳେ ଥାନା କର୍ମଚାରୀ କ୍ୱାର୍ଟର୍ସକୁ ଯାଇ ଆଇଆଇସିଙ୍କୁ ଡାକିଥିଲେ । ମାତ୍ର ରୁମ୍ ଭିତରୁ କିଛି ଉତ୍ତର ମିଳି ନଥିଲା । ଏ ▶ପୃଷ୍ଠା-୭

## ଦୁର୍ଘଟଣାରେ ୩ ମୃତ

■ ବାଲିଗୁଡ଼ା, ୪।୭ (ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଛି । ବାଲିଗୁଡ଼ା ଥାନା ଅନ୍ତର୍ଗତ ମହାସିଂ ନିକଟସ୍ତ ଗେଗୁର ପଦର ନିକଟରେ ଅଜଣା ଗାଡ଼ି ଏକ ବାଇକକୁ ଧକ୍କା ଦେବା ଫଳରେ ବାଇକରେ ଆସୁଥିବା ତିନି ଜଣଙ୍କ ମଧ୍ୟରୁ ଦୁଇ ଜଣ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଜଣଙ୍କୁ ଗୁରୁତର ଅବସ୍ଥାରେ ଅଗ୍ନିଶମ ବାହିନୀ ବାଲିଗୁଡ଼ା ଉପଖଣ୍ଡ ହସ୍ପିଟାଲକୁ ଆଣିଥିଲେ । କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ମୃତ ୩ ଜଣ ନବରଙ୍ଗପୁର ଜିଲ୍ଲାର ଶୁଭମରାଜ ଜେନା, ସୁନୀଲ ଜାନି ଓ ଚନ୍ଦନ ସୁନା ବୋଲି ସୂଚନା ମିଳିଛି । ତେବେ କୌଣସି କାରଣ ବସତ ଏହି ୩ ଜଣ କନ୍ଧମାଳ ଆସିଥିବା ବେଳେ ଘରକୁ ଫେରିବା ବେଳେ ▶ପୃଷ୍ଠା-୭

### ରାମ ମନ୍ଦିର ଚାନ୍ଦା ଘୋଟାଲା ମାମଲାରେ ନୂଆ ମୋଡ଼

## ଦାନ ସୁନାକୁ ବିସ୍କୁଟ କରିଦେଲେ !

■ ଅଯୋଧ୍ୟା, ୪।୭ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରର ଦାନ ସାମଗ୍ରୀ ହେରଫେର ଓ ଚୋରି ମାମଲାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ହାତରେ ଏକ ନୂଆ ଚାଞ୍ଚଲ୍ୟକର ତଥ୍ୟ ଲାଗିଛି । ମନ୍ଦିରରୁ ଚୋରି ହୋଇଥିବା ସୁନା ଓ ରୁପା ଗହଣାର ପରିଚୟ ଲୁଚାଇବା ପାଇଁ ଅଭିଯୁକ୍ତମାନେ ସେଗୁଡ଼ିକୁ ତରଳାଇ ସୁନା ବିସ୍କୁଟରେ ପରିଣତ କରିଥିବା ସନ୍ଦେହ କରାଯାଉଛି । ତଲାସୀ ସତ୍ତ୍ୱେ ଗହଣା ମିଳିନଥିବାରୁ ଏହି ଆଶଙ୍କା ଆହୁରି ଦୃଢ଼ ହୋଇଛି । ଏହି ସମ୍ବେଦନଶୀଳ ମାମଲାରେ ଏସ୍‌ଆଇଟି ତଦନ୍ତର ପରିସରକୁ ବ୍ୟାପକ କରିଛି । ଅଭିଯୁକ୍ତମାନଙ୍କ ସଂପର୍କୀୟମାନଙ୍କ ଘରେ ମଧ୍ୟ ଚଢ଼ାଉ କରାଯିବା ସହିତ ସେମାନଙ୍କର ବ୍ୟାଙ୍କ ଲକରର ମଧ୍ୟ ଯାଞ୍ଚ କରାଯାଉଛି ।



ତଦନ୍ତକାରୀ ଦଳ ଆଜି ମନ୍ଦିରର ଦାୟିତ୍ୱରେ ଥିବା କେଡି ବାବୁଙ୍କ ସମେତ ପୂର୍ବତନ ସାଧାରଣ ସମ୍ପାଦକ ଚମ୍ପତ ରାୟ ଓ ଅନିଲ ମିଶ୍ରଙ୍କୁ ପଚରାଉଚରା କରିଛି । ମୁଖ୍ୟ ଅଭିଯୁକ୍ତ ଅବିନାଶ ଶୁକ୍ଳା ▶ପୃଷ୍ଠା-୭

## ବଦ୍ରିନାଥରେ ବି ଦାନଅର୍ଥ ଚୋରି

■ ବଦ୍ରିନାଥ: ଅଯୋଧ୍ୟାର ରାମ ମନ୍ଦିର ପରେ ଏବେ ପ୍ରସିଦ୍ଧ ବଦ୍ରିନାଥ ଧାମରେ ମଧ୍ୟ ଶ୍ରଦ୍ଧାଳୁଙ୍କ ଦାନ ଅର୍ଥ ହେରଫେର ହୋଇଥିବା ଅଭିଯୋଗ ଆସିଛି । ସାମାଜିକ ଗଣମାଧ୍ୟମରେ ଏହି ଖବର ପ୍ରସାରିତ ହେବା ପରେ ବଦ୍ରିନାଥ-କେଦାରନାଥ ମନ୍ଦିର ସମିତି ଏହାକୁ ଗମ୍ଭୀରତାର ସହ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛି । 'ଭୈରବ ସେନା' ନାମକ ଏକ ସଂଗଠନ ମନ୍ଦିର ସମିତିର ଅଧ୍ୟକ୍ଷଙ୍କ ବ୍ୟକ୍ତିଗତ ସହକାରୀଙ୍କ ସନ୍ଦେହଜନକ ଭୂମିକାକୁ ନେଇ ଆର୍ଥିକ ଅନିୟମିତତାର ଅଭିଯୋଗ ▶ପୃଷ୍ଠା-୭

# ଇ-୨୦ ପେଟ୍ରୋଲକୁ ଦେଶସାରା ନା-ନା

### ଭାରତଠାରୁ ଇ-୨୦ ପେଟ୍ରୋଲ ନେବାକୁ ମନା କଲା ଭୁଟାନ

■ ନୂଆଦିଲ୍ଲୀ, ୪।୭ (ଏଜେନ୍ସି): ସାରା ଦେଶରେ ଏବେ ଇ-୨୦ ପେଟ୍ରୋଲକୁ ନେଇ ବିବାଦ ତୀବ୍ର ହେବାରେ ଲାଗିଛି । ଗୋଟିଏ ପଟେ, ଲୋକମାନେ ଅଭିଯୋଗ କରୁଛନ୍ତି ଯେ ଇ-୨୦ ପେଟ୍ରୋଲ ଯୋଗୁଁ ଗତ କିଛି ମାସ ମଧ୍ୟରେ ସେମାନଙ୍କ ଗାଡ଼ିର ମାଇଲେଜ୍ ୩୦% ପର୍ଯ୍ୟନ୍ତ ହ୍ରାସ ପାଇଛି । ଏଥିଯୋଗୁ ଇଞ୍ଜିନ୍‌ରେ ସମସ୍ୟର ଏବଂ ଗାଡ଼ିର କାର୍ଯ୍ୟଦକ୍ଷତାରେ ହ୍ରାସ ହେଉଛି । ଏହି ସମସ୍ୟାଗୁଡ଼ିକ ପେଟ୍ରୋଲରେ ଅତ୍ୟଧିକ ଇଥାନଲ୍ ମିଶ୍ରଣ ଯୋଗୁ ହେଉଥିବା ଲୋକେ ଅଭିଯୋଗ କରୁଛନ୍ତି । ଅନ୍ୟପଟେ ସରକାର ଏ ସମସ୍ତ ପ୍ରକାର ଅଭିଯୋଗକୁ ଖଣ୍ଡନ କରିଛନ୍ତି । ମାମଲା କୋର୍ଟରେ ପହଞ୍ଚିବା ସହିତ ଏହି ପ୍ରସଙ୍ଗ ରାଜନୈତିକ ରୂପ ନେଇଛି । ଖୋଦ୍ ପେଟ୍ରୋଲିୟମ୍ ମନ୍ତ୍ରୀ ଏବଂ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ମୁଖ୍ୟ ସ୍ୱୀକାର କରୁଛନ୍ତି ଯେ, ଇ-୨୦ ପେଟ୍ରୋଲ ଯୋଗୁ ଗାଡ଼ିର ମାଇଲେଜ୍ କମୁଛି । ଏଭଳି ଘଟଣା ମଧ୍ୟରେ ଭୁଟାନ୍ ଭାରତଠାରୁ





**ଫୁଏଲ୍ ପମ୍ପ ଜାମ୍, ଇଞ୍ଜିନ୍ ଯନ୍ତ୍ରାଂଶରେ ଲାଗୁଛି କଳଙ୍କି**

**ମାଇଲେଜ୍ କମୁଥିବା ନେଇ ପେଟ୍ରୋଲିୟମ୍ ମନ୍ତ୍ରୀ, ତେଲ କମ୍ପାନୀ ମୁଖ୍ୟଙ୍କ ସ୍ୱୀକାରୋକ୍ତି**

ଇ-୨୦ ପେଟ୍ରୋଲ ନେବାକୁ ମନା କରିଦେଇଛି ।

କେନ୍ଦ୍ର ସରକାରଙ୍କ ଇ-୨୦ ନୀତି ଅନୁଯାୟୀ, ପେଟ୍ରୋଲରେ ୨୦% ଇଥାନଲ୍ ମିଶ୍ରଣ ବାଧ୍ୟତାମୂଳକ । ହେଲେ ଏହାକୁ ନେଇ ଦେଶରେ ଗାଡ଼ି ମାଲିକଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି । ଜନସାଧାରଣଙ୍କ ଅସନ୍ତୋଷର ମୁଖ୍ୟ କାରଣ ହେଉଛି, ଯାନବାହାନ ଦକ୍ଷତା ଏବଂ ଆର୍ଥିକ କ୍ଷତି ଚିନ୍ତା । ଏଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ହେଉଛି ଯେ ଇ-୨୦ ପେଟ୍ରୋଲ ବ୍ୟବହାର କରିବା ଦ୍ୱାରା ଯାନବାହାନର ମାଇଲେଜ୍ ୧୦% ରୁ ୩୦%କୁ ହ୍ରାସ ପାଇଛି, ଯାହା ଫଳରେ ମାସିକ ଇନ୍ଧନ ଖର୍ଚ୍ଚ ବୃଦ୍ଧି ପାଇଛି । ଇ-୨୦ ଇନ୍ଧନ ସହ ସୁସଙ୍ଗତ ନ ଥିବା କାରଗୁଡ଼ିକର ଫୁଏଲ୍ ପମ୍ପ ଜାମ୍ ହେବା ସହ ରବର ହୋସ୍ ଏବଂ ଇଞ୍ଜିନ୍‌ର ଯନ୍ତ୍ରାଂଶଗୁଡିକ କଳଙ୍କି ଲାଗିବା ଭଳି ସମସ୍ୟା ଉପୁଜିଛି । ତଥାପି, ସରକାର ଏପରି ଅଭିଯୋଗକୁ ଖଣ୍ଡନ କରିଛନ୍ତି । ଅପରପକ୍ଷେ ଖୋଦ୍ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ୍ ସିଂହ ପୁରୀ ଏହି କଥାକୁ ସ୍ୱୀକାର କରିଛନ୍ତି ଯେ, ଇ-୨୦ ପେଟ୍ରୋଲ ବ୍ୟବହାର ଯୋଗୁ ଗାଡ଼ିର ମାଇଲେଜ୍ ହ୍ରାସ ପାଉଛି । ଏହାଛଡା ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ବିପିସିଏଲ)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଜୈବ ଇନ୍ଧନ) ଅନୁରାଗ ▶ପୃଷ୍ଠା-୭

## ୟୁରୋପରେ ଥମୁନି ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହର ପ୍ରକୋପ

**ଫ୍ରାନ୍ସରେ ଗଲାଣି ୧୦ ହଜାର ଜୀବନ**



ପ୍ୟାରିସ୍,୪।୭(ଏଜେନ୍ସି): ୟୁରୋପରେ ଜାରି ରହିଥିବା ଐତିହାସିକ ଗ୍ରୀଷ୍ମପ୍ରବାହ ମଧ୍ୟରେ ଫ୍ରାନ୍ସରେ ମୃତ୍ୟୁ ସଂଖ୍ୟା ପ୍ରାୟ ୩୦ ପ୍ରତିଶତ ବୃଦ୍ଧି ପାଇଛି। ଜନସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ଆଶଙ୍କା, ଆଗାମୀ ଦିନରେ ଏହି ସଂଖ୍ୟା ଆହୁରି ବଢ଼ିପାରେ। ଜୁନ୍ ମାସର ସବୁଠାରୁ ଉତ୍ତପ୍ତ ସପ୍ତାହରେ ଫ୍ରାନ୍ସରେ ପ୍ରାୟ ୧୦ ହଜାରରୁ ଅଧିକ ମୃତ୍ୟୁ ରେକର୍ଡ କରାଯାଇଛି, ଯାହା ପୂର୍ବ ସପ୍ତାହ ତୁଳନାରେ ପ୍ରାୟ ୩୦ ପ୍ରତିଶତ ଅଧିକ। ୪୫ ବର୍ଷରୁ ଅଧିକ ବୟସ୍କଙ୍କ ମଧ୍ୟରେ ମୃତ୍ୟୁହାର ବେଶି ଥିବାବେଳେ ୬୫ ବର୍ଷରୁ ଅଧିକ ବୟସ୍କମାନେ ସର୍ବାଧିକ ପ୍ରଭାବିତ ହୋଇଛନ୍ତି। ରାଜଧାନୀ ପ୍ୟାରିସରେ ମୃତ୍ୟୁ ସଂଖ୍ୟା ସପ୍ତାହକ ମଧ୍ୟରେ ୬୨ ପ୍ରତିଶତ ବୃଦ୍ଧି ପାଇଥିବାରୁ ଏହା ସବୁଠାରୁ ଅଧିକ ପ୍ରଭାବିତ ଅଞ୍ଚଳ ପାଲଟିଛି। ଏପଟେ ଇଟାଲିରେ ମରୁଡ଼ି ପରିସ୍ଥିତି ଗୁରୁତର ହୋଇଥିବାବେଳେ ସ୍ୱିଜରଲ୍ୟାଣ୍ଡରେ ହିମବାହ ଦ୍ରୁତ ତରଳିବା ଜାରି ରହିଛି। ଜର୍ମାନୀ, ପୋଲାଣ୍ଡ, ସ୍ଲୋଭାକିଆ, ଚେକିଆ ଓ ହଙ୍ଗେରୀରେ ମଧ୍ୟ ନୂଆ ତାପମାତ୍ରା ରେକର୍ଡ ସୃଷ୍ଟି ହୋଇଛି। ୟୁରୋପରେ ବଢୁଥିବା ତାପପ୍ରବାହ ଜଳବାୟୁ ପରିବର୍ତ୍ତନର ଗମ୍ଭୀର ପ୍ରଭାବକୁ ପୁଣିଥରେ ସ୍ପଷ୍ଟ କରିଛି। ବିଶେଷଜ୍ଞମାନଙ୍କ ମତରେ, ଭବିଷ୍ୟତରେ ଏଭଳି ଚରମ ପାଣିପାଗ ଘଟଣାର ମୁକାବିଲା ପାଇଁ ଦୀର୍ଘମିଆଦି ପ୍ରସ୍ତୁତି ଏବଂ ପ୍ରଭାବଶାଳୀ ଜଳବାୟୁ ନୀତି ଅପରିହାର୍ଯ୍ୟ।

## ବିଭିନ୍ନ ଦେଶରେ ଡ୍ରଗ୍ସ ଦେଇ ମହିଳାଙ୍କୁ ଯୌନ ନିର୍ଯାତନା

**ଗିରଫ ହେଲେଣି ୫୭ ଜଣ**



ନୂଆଦିଲ୍ଲୀ, ୪।୭ (ଏଜେନ୍ସି): ନଅଟି ଦେଶରେ ମହିଳାଙ୍କ ବିରୋଧରେ ସଂଗଠିତ ଭାବେ ମାଦକ ଦ୍ରବ୍ୟ ବ୍ୟବହାର କରି ଯୌନ ନିର୍ଯାତନା ଘଟାଉଥିବା ଏକ ଅନ୍ତର୍ଜାତୀୟ ଅପରାଧୀ ଚକ୍ରର ପର୍ଦ୍ଦାଫାସ ହୋଇଛି। ସାତଟି ଦେଶର ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାର ମିଳିତ ତଦନ୍ତରେ ଏହି ଘଟଣା ସାମ୍ନାକୁ ଆସିଛି। 'ପ୍ରକଳ୍ପ ମେଡୁସା' ନାମକ ଏହି ଅଭିଯାନରେ ଜର୍ମାନୀ ଓ ବ୍ରିଟେନ୍‌ର ନେତୃତ୍ୱରେ ଆମେରିକା, ବ୍ରାଜିଲ୍, କାନାଡା, ଫ୍ରାନ୍ସ, ହଙ୍ଗେରୀ, ନେଦରଲ୍ୟାଣ୍ଡ ଓ ସ୍ପେନ୍‌ର ସୁରକ୍ଷା ସଂସ୍ଥା ସହଯୋଗ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ସାଙ୍କେତିକ ବାର୍ତ୍ତା ଆଦାନପ୍ରଦାନ ମାଧ୍ୟମ ଓ ବନ୍ଦ ଆଲୋଚନା ଗୋଷ୍ଠୀ ଜରିଆରେ ଅପରାଧୀମାନେ ପରସ୍ପର ସହ ଯୋଗାଯୋଗ ରଖି ଅପରାଧ ଘଟାଇବାର ଉପାୟ, ପ୍ରମାଣ ଲୁଚାଇବାର କୌଶଳ ଓ ଅନ୍ୟାନ୍ୟ ସୂଚନା ବାଣ୍ଟୁଥିଲେ।

ଏପର୍ଯ୍ୟନ୍ତ ୧୫୦ରୁ ଅଧିକ ପୀଡ଼ିତ ଓ ସନ୍ଦିଗ୍ଧଙ୍କ ପରିଚୟ ମିଳିଥିବାବେଳେ ୨୭୦ରୁ ଅଧିକ ନୂତନ ତଦନ୍ତ ଆରମ୍ଭ ହୋଇଛି ଏବଂ ୫୭ ଜଣଙ୍କୁ ଗିରଫ କରାଯାଇଛି। ତଦନ୍ତକାରୀ ସଂସ୍ଥାମାନଙ୍କ ମତରେ ପ୍ରକୃତ ପୀଡ଼ିତଙ୍କ ସଂଖ୍ୟା ଏହାଠାରୁ ଅଧିକ ହୋଇପାରେ। ଏହି ଘଟଣା ଡିଜିଟାଲ ମାଧ୍ୟମର ଅପବ୍ୟବହାର କରି ସଂଗଠିତ ଅପରାଧ କିପରି ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜରେ ପରିଣତ ହେଉଛି, ତାହା ପୁଣିଥରେ ସ୍ପଷ୍ଟ କରିଛି। ଏଭଳି ଅପରାଧ ରୋକିବା ପାଇଁ ଦେଶଗୁଡ଼ିକ ମଧ୍ୟରେ ସମନ୍ୱୟ, ଆଧୁନିକ ତଦନ୍ତ ବ୍ୟବସ୍ଥା ଏବଂ ପୀଡ଼ିତଙ୍କୁ ନ୍ୟାୟ ଦେବା ପାଇଁ ତ୍ୱରିତ ପଦକ୍ଷେପର ଆବଶ୍ୟକତା ରହିଛି।

## ଖାଲିଦ୍, ସରଜିଲ୍‌ଙ୍କ ଜାମିନ ଆବେଦନ ପୁଣି ଖାରଜ



ନୂଆଦିଲ୍ଲୀ,୪।୭(ଏଜେନ୍ସି): ୨୦୨୦ ଦିଲ୍ଲୀ ଦଙ୍ଗା ଷଡ଼ଯନ୍ତ୍ର ମାମଲାରେ ଦିଲ୍ଲୀର ଏକ ଅଦାଲତ ଆଜି ଛାତ୍ର ନେତା ଉମର ଖାଲିଦ୍ ଏବଂ ସରଜିଲ୍ ଇମାମଙ୍କ ଜାମିନ ଆବେଦନକୁ ପୁଣି ଖାରଜ କରିଛନ୍ତି। କୋର୍ଟ କହିଛନ୍ତି ଯେ ସୁପ୍ରିମ କୋର୍ଟ ହିଁ ସେମାନଙ୍କୁ ଜାମିନ ଦେଇପାରିବେ। ଏହି ମାମଲା ଏବେ ସୁପ୍ରିମ କୋର୍ଟଙ୍କ ଏକ ବୃହତ୍ ବେଞ୍ଚର ବିଚାରାଧୀନ ଥିବାରୁ ଜାମିନ ଦେବାକୁ ମନା କରିଦେଇଛନ୍ତି କୋର୍ଟ। ସୂଚନାଯୋଗ୍ୟ ଯେ ଖାଲିଦ୍ ଏବଂ ଇମାମ ୟୁଏପିଏ ଅଧୀନରେ ପ୍ରାୟ ୬ ବର୍ଷ ଧରି ବିଚାର ବିଭାଗୀୟ ହାଜତରେ ଅଛନ୍ତି। ନିକଟରେ ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି ବେଳେ "ଜାମିନ ଏକ ନିୟମ' ବୋଲି କହିଥିଲେ। ଏହାକୁ ଖାଲିଦଙ୍କ ପକ୍ଷରୁ କୋର୍ଟରେ ଯୁକ୍ତି ଭାବେ ପ୍ରସ୍ତୁତ କରି ଜାମିନ ଆବେଦନ କରାହୋଇଥିଲା। ସେହିପରି, ଇମାମ ଦର୍ଶାଇଥିଲେ ଯେ ସୁପ୍ରିମକୋର୍ଟ ତାଙ୍କ ଜାମିନ ନାମଞ୍ଜୁର କରିବାର ୬ ମାସ ପରେ ମଧ୍ୟ ମାମଲାରେ କୌଣସି ଉଲ୍ଲେଖନୀୟ ଅଗ୍ରଗତି ହୋଇନାହିଁ। ଜାନୁଆରୀ ୫ରେ ସର୍ବୋଚ୍ଚ ନ୍ୟାୟାଳୟ ଉଭୟଙ୍କୁ ଜାମିନ ନାମଞ୍ଜୁର କରିଥିଲେ। ଏକ ବର୍ଷ ପରେ ଆବେଦନ କରିବାକୁ କହିଥିଲେ ସୁପ୍ରିମକୋର୍ଟ। ଅତିରିକ୍ତ ସେସନ୍ ଜଜ୍ ସମୀର ବାଜପେୟୀ ଉକ୍ତ ଯୁକ୍ତିକୁ ଅଗ୍ରାହ୍ୟ କରି କହିଛନ୍ତି ଯେ ସୁପ୍ରିମ କୋର୍ଟଙ୍କ ୫ ଜାନୁଆରୀ ୨୦୨୬ ରାୟ ପରିପ୍ରେକ୍ଷୀରେ ଏହି ଜାମିନ ଆବେଦନକୁ ବିଚାର କରାଯାଇ ପାରିବ ନାହିଁ।

## ଆତଙ୍କବାଦୀ ତାଲିକାରେ ହାଫିଜ୍ ସୟିଦର ଜ୍ୱାଇଁ

ନୂଆଦିଲ୍ଲୀ,୪।୭(ଏଜେନ୍ସି): ଦେଶର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଶନିବାର ଦିନ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। ବେଆଇନ କାର୍ଯ୍ୟକଳାପ ପ୍ରତିରୋଧ ଆଇନ ଅଧୀନରେ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ ଜମ୍ମୁ-କାଶ୍ମୀରରୁ ସକ୍ରିୟ ଥିବା ୨୩ ଜଣ ଅପରାଧୀଙ୍କୁ ଆତଙ୍କବାଦୀ ଭାବେ ଘୋଷଣା କରାଯାଇଛି। ଏହି ତାଲିକାରେ ଅଯୋଧ୍ୟାର ରାମ ମନ୍ଦିର ଉପରେ ଗୁପ୍ତଚରୀ କରିଥିବା ଆତଙ୍କବାଦୀ ଏବଂ ଲସ୍କର-ଇ-ତୋଏବାର ମୁଖ୍ୟ ହାଫିଜ୍ ସୟିଦର ଜ୍ୱାଇଁ ମଧ୍ୟ ସାମିଲ ଅଛି। ଗୃହ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ଏହି ନୂତନ ତାଲିକାରେ ଲସ୍କର-ଇ-ତୋଏବା ଏବଂ ଜୈଶ-ଇ-ମହମ୍ମଦ ଭଳି ସଂଗଠନର ବଡ଼ ବଡ଼ କମାଣ୍ଡର, ଅର୍ଥ ଯୋଗାଣକାରୀ ଏବଂ ସୀମାପାର ଅନୁପ୍ରବେଶକାରୀ ରହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ୨୩ ଜଣଙ୍କ ମଧ୍ୟରୁ ୬ ଜଣ ଭାରତୀୟ ନାଗରିକ ଯେଉଁମାନେ ଏବେ ପାକିସ୍ତାନରେ ରହି ଭାରତ ବିରୋଧୀ କାର୍ଯ୍ୟକଳାପ ଚଳାଉଛନ୍ତି।

## ରେଳବାଇ ପ୍ରଶ୍ନପତ୍ର ଲିକ୍; ୨ ଗିରଫ

ବେଙ୍ଗାଲୁରୁ,୪।୭(ଏଜେନ୍ସି): ଦକ୍ଷିଣ ପଶ୍ଚିମ ରେଳବାଇର ୨୦୨୨ ଜିଡିସିଇ ବିଭାଗୀୟ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ ସିବିଆଇ ବେଙ୍ଗାଲୁରୁରୁ ୨ ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି। ଗୁଡ୍ସ ଟ୍ରେନ୍ ମ୍ୟାନେଜର ପଦବୀ ପାଇଁ ଅନୁଷ୍ଠିତ ପରୀକ୍ଷାରେ ଏହି ୨ ଜଣ ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ଜଣାପଡିଛି। ସେମାନେ ପରୀକ୍ଷା ପୂର୍ବରୁ କିଛି ମନୋନୀତ ପ୍ରାର୍ଥୀଙ୍କୁ ପ୍ରଶ୍ନପତ୍ର ଯୋଗାଇ ଦେଇଥିବା ଅଭିଯୋଗ ହୋଇଛି। ତଲାସି ସମୟରେ ସିବିଆଇ ସେମାନଙ୍କ ନିକଟରୁ ସ୍କାନର୍, ପ୍ରିଣ୍ଟର୍ ଏବଂ ପରୀକ୍ଷା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଦଲିଲ୍ ଓ ପ୍ରାର୍ଥୀଙ୍କ ବିବରଣୀ ଜବତ କରିଥିଲା। ଏହି ମାମଲାରେ ପୂର୍ବରୁ ୨୩ ଜଣଙ୍କ ବିରୋଧରେ ଦକ୍ଷିଣ ପଶ୍ଚିମ ରେଳବାଇ ପକ୍ଷରୁ ଅଭିଯୋଗ ହୋଇଥିଲା।

# ବିଭିନ୍ନ ରାଜ୍ୟରେ ବର୍ଷା ତାଣ୍ଡବ

## ଗୋଟିଏ ଦିନରେ ୯ ମୃତ: ମୁମ୍ବାଇରେ ରେଡ୍ ଆଲର୍ଟ



ମୁମ୍ବାଇ,୪।୭(ଏଜେନ୍ସି): ସାରା ଦେଶରେ ମୌସୁମୀ ବାୟୁ ସକ୍ରିୟ ହେବା ସହିତ ବିଭିନ୍ନ ରାଜ୍ୟରେ ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ବିଶେଷ କରି ମହାରାଷ୍ଟ୍ର, ଗୁଜରାଟ, ହିମାଚଳ ଓ କର୍ଣ୍ଣାଟକ ରାଜ୍ୟ ଏଥିରେ ପ୍ରଭାବିତ ହୋଇଛନ୍ତି। ବର୍ଷା ଜନୀତ କ୍ଷୟକ୍ଷତିରେ ମୁମ୍ବାଇରେ ୨, କର୍ଣ୍ଣାଟକରେ ୨ ଓ ହିମାଚଳରେ ୫ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମହାରାଷ୍ଟ୍ରର ମୁମ୍ବାଇ ଏବଂ ଏହାର ଆଖପାଖ ଅଞ୍ଚଳରେ ଶନିବାର ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରହିଛି। ଆଇଏମ୍‌ଡି ପକ୍ଷରୁ ମୁମ୍ବାଇ ଏବଂ ଥାନେ ପାଇଁ ରେଡ୍ ଆଲର୍ଟ ଜାରି ହୋଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଅତ୍ୟଧିକ ବର୍ଷା ହେବାର ପୂର୍ବାନୁମାନ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ମୁମ୍ବାଇର ବିଭିନ୍ନ ଅଞ୍ଚଳରେ ହାରାହାରି ୨୦୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ପ୍ରବଳ ବର୍ଷା ଯୋଗୁଁ ଅନ୍ଧେରୀ ସବୱେ, ମାଟୁଙ୍ଗାର ସେନାପତି ବାପଟ ମାର୍ଗ ଏବଂ ସିୟନ ଭଳି ତଳୁଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଦେଖାଦେଇଛି। ଗୁଜରାଟ ଓ ହିମାଚଳରେ ମଧ୍ୟ ପ୍ରବଳ ବର୍ଷା ଯୋଗୁଁ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି। କିଛି ଦିନ ତଳେ ବର୍ଷା ପ୍ରଭାବରେ ଚେମ୍ବୁର ଅଞ୍ଚଳରେ ଏକ ଗଛ ସ୍କୁଲ ବସ୍ ଉପରେ ପଡ଼ିଯିବାରୁ ଜଣେ ୧୧ ବର୍ଷର ଛାତ୍ରର ମୃତ୍ୟୁ ଘଟିଛି। ଅନ୍ୟ ଏକ ଘଟଣାରେ, ସାକିନାକା ଅଞ୍ଚଳରେ ଜଣେ ୬୦ ବର୍ଷୀୟ ବ୍ୟକ୍ତି ଖୋଲା ମ୍ୟାନହୋଲରେ ପଡ଼ି ପ୍ରାଣ ହରାଇଛନ୍ତି। ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଏବଂ କଲେଜଗୁଡ଼ିକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅତି ଜରୁରୀ କାମ ନଥିଲେ ଘରୁ ନବାହାରିବାକୁ ଅନୁରୋଧ କରାଯାଇଛି।





ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲା ଖାମନେଇଙ୍କ ଅନ୍ତ୍ୟେଷ୍ଟି ଶୋଭାଯାତ୍ରାରେ ଭାବପ୍ରବଣ ମୁହୂର୍ତ୍ତ। ଏଥିରେ ଏକ କୋଟିରୁ ଅଧିକ ଲୋକ ସାମିଲ ହେବେ ବୋଲି କୁହାଯାଉଛି। ଭାରତ ସମେତ ବିଭିନ୍ନ ଦେଶରୁ ଅନେକ ସରକାରୀ ପ୍ରତିନିଧି ଦଳ ମଧ୍ୟ ଯୋଗଦେଉଛନ୍ତି।

## ଫିଲ୍ମ ପ୍ରସାରଣ ନେଇ ଟେଲିଗ୍ରାମ୍‌କୁ କେନ୍ଦ୍ରର ନୋଟିସ୍

**୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ତଲବ ନିର୍ଦ୍ଦେଶ**

ନୂଆଦିଲ୍ଲୀ,୪।୭(ଏଜେନ୍ସି): ପାଇରେଟେଡ୍ ଚଳଚ୍ଚିତ୍ର ଓ ଓଟିଟି ମଞ୍ଚର ବିଷୟବସ୍ତୁ ବେଆଇନ ଭାବେ ପ୍ରସାରଣ ହେଉଥିବା ଅଭିଯୋଗକୁ ନେଇ କେନ୍ଦ୍ର ସରକାର ଟେଲିଗ୍ରାମକୁ ନୋଟିସ ଜାରି କରିଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ୧୫ ଦିନ ମଧ୍ୟରେ ସଂଶୋଧନମୂଳକ ପଦକ୍ଷେପ ନେଇ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମନ୍ତ୍ରଣାଳୟ ଟେଲିଗ୍ରାମକୁ ପାଇରେଟେଡ୍ ଚଳଚ୍ଚିତ୍ର ଓ ଅନ୍ୟାନ୍ୟ ଦୃଶ୍ୟଶ୍ରାବ୍ୟ ବିଷୟବସ୍ତୁ ଚିହ୍ନଟ, ଅଭିଯୋଗ ଗ୍ରହଣ, ଅପସାରଣ ଏବଂ ପ୍ରବେଶ ବନ୍ଦ କରିବା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ କହିଛି। ଏଥିସହ ବାରମ୍ବାର ଏଭଳି ବେଆଇନ କାର୍ଯ୍ୟରେ ଲିପ୍ତ ଚ୍ୟାନେଲ, ଗୋଷ୍ଠୀ, ସ୍ୱୟଂଚାଳିତ ଖାତା, ପ୍ରଶାସକ ଓ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଚଳଚ୍ଚିତ୍ର ପ୍ରଯୋଜକ, ଓଟିଟି ମଞ୍ଚ ଓ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାମାନଙ୍କ ଅଭିଯୋଗର ସମାଧାନ ପାଇଁ ଥିବା ବ୍ୟବସ୍ଥାର ବିବରଣୀ ମଧ୍ୟ ମାଗିଛି। ସରକାର ସ୍ପଷ୍ଟ କରିଛନ୍ତି ଯେ କପିରାଇଟ୍ ଉଲ୍ଲଙ୍ଘନ ଭାରତରେ କେବଳ ଦେୱାନୀ ନୁହେଁ, ବରଂ ଏକ ଦଣ୍ଡନୀୟ ଅପରାଧ। ଦେଶର ସୃଜନଶୀଳ କ୍ଷେତ୍ର, ଚଳଚ୍ଚିତ୍ର ଶିଳ୍ପ, ପ୍ରସାରଣ ସଂସ୍ଥା ଏବଂ ଓଟିଟି ମଞ୍ଚର ସ୍ୱାର୍ଥ ସୁରକ୍ଷା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ସନ୍ତୋଷଜନକ ପଦକ୍ଷେପ ନ ନେଲେ ପ୍ରଚଳିତ ଆଇନ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ବିଚାର କରାଯାଇପାରେ।


## ୫୦ ବାଂଲାଦେଶୀଙ୍କୁ ସ୍ୱଦେଶ ଫେରାଇବ ତାମିଲନାଡୁ

ଚେନ୍ନଇ, ୪।୭ (ଏଜେନ୍ସି): ତାମିଲନାଡୁର ଏକ ସ୍ୱତନ୍ତ୍ର ଅଟକ ଶିବିରରେ ରହୁଥିବା ୫୦ ଜଣ ବାଂଲାଦେଶୀ ନାଗରିକଙ୍କୁ ସେମାନଙ୍କ ଦେଶକୁ ଫେରାଇ ଦେବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ସେମାନଙ୍କୁ କଡ଼ା ପୁଲିସ ସୁରକ୍ଷା ମଧ୍ୟରେ ତାମିଲନାଡୁରୁ ପଶ୍ଚିମବଙ୍ଗ ପଠାଯାଇଛି। ସେଠାରେ ସେମାନଙ୍କୁ ସୀମା ସୁରକ୍ଷା ବଳଙ୍କୁ ହସ୍ତାନ୍ତର କରାଯିବ, ଯିଏ କି ସମସ୍ତ ଔପଚାରିକତା ଶେଷ କରି ସେମାନଙ୍କୁ ବାଂଲାଦେଶ କର୍ତ୍ତୃପକ୍ଷଙ୍କ ପାଖକୁ ପଠାଇବେ। ପୁଲିସର ସୂଚନା ଅନୁଯାୟୀ, ଏହି ଦଳରେ ୪୪ ଜଣ ପୁରୁଷ ଏବଂ ୬ ଜଣ ମହିଳା ଅଛନ୍ତି, ଯେଉଁମାନଙ୍କୁ ସେଲମ ଜିଲ୍ଲାର ଆତୁର ତାଲୁକ କାର୍ଯ୍ୟାଳୟ ପରିସରରେ ଥିବା ସ୍ୱତନ୍ତ୍ର ଅଟକ ଶିବିରରେ ରଖାଯାଇଥିଲା। ସେମାନଙ୍କୁ ଦେଶରୁ ବାହାର କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି।

## ଗୃହବନ୍ଦୀ ରହିବେ ପୂର୍ବତନ ବ୍ରାଜିଲ୍ ରାଷ୍ଟ୍ରପତି

ବ୍ରାସିଲିଆ, ୪।୭ (ଏଜେନ୍ସି): ବ୍ରାଜିଲ୍‌ର ପୂର୍ବତନ ରାଷ୍ଟ୍ରପତି ଜାଇର ବୋଲସୋନାରୋଙ୍କ ଘରୋଇ ନଜରବନ୍ଦୀକୁ ଜାରି ରଖିବାକୁ ବ୍ରାଜିଲ୍‌ର ସର୍ବୋଚ୍ଚନ୍ୟାୟାଳୟରାୟଦେଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟଗତ ସ୍ଥିତିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ୨୦୨୨ ମସିହାର ରାଷ୍ଟ୍ରପତି ନିର୍ବାଚନରେ ଲୁଇଜ୍ ଇନାସିଓ ଲୁଲା ଦା ସିଲଭାଙ୍କ ନିକଟରେ ପରାଜିତ ହେବା ପରେ କ୍ଷମତା ଦଖଲ ଷଡ଼ଯନ୍ତ୍ର ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ବୋଲସୋନାରୋ ୨୭ ବର୍ଷର କାରାଦଣ୍ଡ ଭୋଗୁଛନ୍ତି। ତେବେ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଘରେ ଉତ୍ତମ ଚିକିତ୍ସା ସୁବିଧା ମିଳିବାର ଯୁକ୍ତିକୁ ଗ୍ରହଣ କରି ବିଚାରପତି ଆଲେକ୍ସାନ୍ଦ୍ରେ ଦେ ମୋରାଏସ୍ ଘରୋଇ ନଜରବନ୍ଦୀ ଜାରି ରଖିବାକୁ ଅନୁମତି ଦେଇଛନ୍ତି। ଗତ ମାର୍ଚ୍ଚରେ ନିମୋନିଆରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିବା ପରେ ତାଙ୍କୁ ଅସ୍ଥାୟୀ ଭାବେ ଘରୋଇ ନଜରବନ୍ଦୀରେ ରହିବାକୁ ଅନୁମତି ମିଳିଥିଲା।

## ସରକାରୀ ପାଠ୍ୟପୁସ୍ତକରେ ଆତଙ୍କବାଦୀଙ୍କୁ ପ୍ରଶଂସା!




**ଜମ୍ମୁ-କାଶ୍ମୀରରେ ତୀବ୍ର ପ୍ରତିକ୍ରିୟା**
**ଉପରାଜ୍ୟପାଳଙ୍କ ତଦନ୍ତ ନିର୍ଦ୍ଦେଶ**

ଶ୍ରୀନଗର,୪।୭(ଏଜେନ୍ସି): ଜମ୍ମୁ-କାଶ୍ମୀରର ସରକାରୀ ବିଦ୍ୟାଳୟ ପୁସ୍ତକାଳୟ ପାଇଁ ଅନୁମୋଦିତ ବୋଲି କୁହାଯାଉଥିବା ଏକ ପୁସ୍ତକକୁ ନେଇ ବଡ଼ ବିବାଦ ସୃଷ୍ଟି ହୋଇଛି। ପୁସ୍ତକରେ ଆତଙ୍କବାଦୀ ଏବଂ ବିଚ୍ଛିନ୍ନତାବାଦୀ ନେତାଙ୍କୁ ପ୍ରଶଂସା କରାଯାଇଥିବା ଏବଂ ଜମ୍ମୁ-କାଶ୍ମୀର ସମ୍ପର୍କରେ ଆପତ୍ତିଜନକ ଶବ୍ଦ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। 'ଜମ୍ମୁ-କାଶ୍ମୀରର ବ୍ୟକ୍ତିତ୍ୱ ଓ କିମ୍ବଦନ୍ତୀ' ନାମକ ଏହି ପୁସ୍ତକରେ ନିଷିଦ୍ଧ ସଂଗଠନ ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ସକାରାତ୍ମକ ଭାବେ ଉପସ୍ଥାପନ କରାଯାଇଥିବା ଏବଂ ଜମ୍ମୁ-କାଶ୍ମୀରକୁ ନେଇ ବିବାଦୀୟ ଶବ୍ଦ ପ୍ରୟୋଗ ହୋଇଥିବା ଅଭିଯୋଗ ଉଠିଛି। ପୁସ୍ତକରେ ସମଗ୍ର ଶିକ୍ଷା ଜମ୍ମୁ-କାଶ୍ମୀରର ପ୍ରତୀକ ଚିହ୍ନ ଥିବାରୁ ଏହା କିପରି ସରକାରୀ ବିଦ୍ୟାଳୟ ପୁସ୍ତକାଳୟ ପାଇଁ ଅନୁମୋଦନ ପାଇଲା, ତାହାକୁ ନେଇ ପ୍ରଶ୍ନ ଉଠିଛି। ବିରୋଧୀ ଦଳ ଏହି ପୁସ୍ତକକୁ ତୁରନ୍ତ ନିଷିଦ୍ଧ କରିବା ସହ ଏହାର ପ୍ରକାଶନ, ଅନୁମୋଦନ ଓ ବିତରଣ ସହ ଜଡ଼ିତ ସମସ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଇତିମଧ୍ୟରେ ଉପରାଜ୍ୟପାଳ ଏହି ପୁସ୍ତକକୁ ବ୍ୟାନ୍ କରିବା ସହିତ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ହାଇଦରାବାଦ୍‌ରେ ୧୨୨ ଟନ୍ ଭେଜାଲ ଖାଦ୍ୟ ଜବତ



ହାଇଦରାବାଦ୍,୪।୭(ଏଜେନ୍ସି): ହାଇଦରାବାଦ୍ ସହରରେ ଭେଜାଲ ଖାଦ୍ୟ ପ୍ରସ୍ତୁତ ଓ ବିକ୍ରି କରୁଥିବା ବ୍ୟବସାୟୀଙ୍କ ବିରୋଧରେ ପୋଲିସ ଏକ ବଡ଼ ଧରଣର ଅଭିଯାନ ଚଳାଇଛି। ମାତ୍ର ୧୦୦ ଦିନ ମଧ୍ୟରେ ସ୍ୱତନ୍ତ୍ର ପୋଲିସ ଦଳ (ଏଚ୍-ଫାଷ୍ଟ) ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୮୫ଟି ମାମଲା ରୁଜୁ କରିବା ସହ ପ୍ରାୟ ୧୨୨ ଟନ୍ ଅସୁରକ୍ଷିତ ଓ ନକଲି ଖାଦ୍ୟ ସାମଗ୍ରୀ ଜବତ କରିଛି। ଗତ ମାର୍ଚ୍ଚ ୧୯ ତାରିଖରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ପୋଲିସ ଦଳ ମହାନଗର ନିଗମ ଏବଂ ଖାଦ୍ୟ ସୁରକ୍ଷା ବିଭାଗ ସହ ମିଶି ସହରର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିଥିଲା। ଏହି ଚଢ଼ାଉ ସମୟରେ ଜବତ ହୋଇଥିବା ମୁଖ୍ୟ ସାମଗ୍ରୀଗୁଡ଼ିକ ହେଲା।୨୭ ଟନ୍ ଭେଜାଲ ଅଦା-ରସୁଣ ବଟା। ୨୫ ଟନ୍‌ରୁ ଅଧିକ କେମିକାଲ ଦ୍ୱାରା ପଚାଯାଇଥିବା ଫଳ। ୩୦ ଟନ୍‌ରୁ ଅଧିକ କୁକୁଡ଼ା ବର୍ଜ୍ୟବସ୍ତୁ ଏବଂ ୧୫ ଟନ୍ ନିମ୍ନମାନର ମାଂସ। ୪ ଟନ୍ ନକଲି ଖୋଆ, ୩.୯ ଟନ୍ ନକଲି ଚାହାର ଗୁଣ୍ଡ ଏବଂ ୧.୫ ଟନ୍ କୃତ୍ରିମ ପନୀର। ଏହା ବ୍ୟତୀତ ପ୍ରାୟ ୨୪୭ଟି ମାମଲାକୁ ଅଧିକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ହାଇଦରାବାଦ୍ ପୋଲିସ କମିଶନରଙ୍କ କହିବା ଅନୁଯାୟୀ, ଖାଦ୍ୟରେ ଭେଜାଲ ମିଶାଇବା କୌଣସି ସାଧାରଣ ଅପରାଧ ନୁହେଁ, ବରଂ ଏହା ହତ୍ୟା ଉଦ୍ୟମ ସହ ସମାନ।

## ସାହାରା ମରୁଭୂମିକୁ ରୋକିବ ପ୍ରକୃତିର ମହାପ୍ରାଚୀର

**ଆଫ୍ରିକାରେ ୮,୦୦୦ କିଲୋମିଟରର 'ଗଛର କାନ୍ଥ'**
**୨୦ରୁ ଅଧିକ ଦେଶ ଏହି ଅଭିଯାନରେ ସାମିଲ୍**



ନୂଆଦିଲ୍ଲୀ,୪।୭(ଏଜେନ୍ସି): ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ଏବଂ ମରୁଭୂମିର ସମ୍ପ୍ରସାରଣକୁ ରୋକିବା ପାଇଁ ଆଫ୍ରିକା ମହାଦେଶରେ ଏକ ଅଭୂତପୂର୍ବ ପରିବେଶ ଆନ୍ଦୋଳନ ଆରମ୍ଭ ହୋଇଛି। ଚୀନର ମହାପ୍ରାଚୀର ପରେ ବର୍ତ୍ତମାନ ପୃଥିବୀର ସବୁଠାରୁ ବଡ଼ ସବୁଜ ପ୍ରକଳ୍ପ ଭାବେ ଏକ ୮,୦୦୦ କିଲୋମିଟରର ଦୀର୍ଘ 'ଗଛର ପ୍ରାଚୀର' ନିର୍ମାଣ କରାଯାଉଛି। ଆଟଲାଣ୍ଟିକ୍ ମହାସାଗର ଉପକୂଳର ସେନେଗାଲ୍‌ଠାରୁ ଆରମ୍ଭ କରି ଲୋହିତ ସାଗର କୂଳରେ ଥିବା ଜିବୁଟି ପର୍ଯ୍ୟନ୍ତ ବ୍ୟାପିଥିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ନଷ୍ଟ ହୋଇଯାଇଥିବା ଜମିର ପୁନରୁଦ୍ଧାର କରିବା, ଜୀବିକା ଯୋଗାଇବା ଏବଂ ଲକ୍ଷ ଲକ୍ଷ ଲୋକଙ୍କୁ କ୍ଷୁଧାରୁ ମୁକ୍ତି ଦେବା। ଏହି ଐତିହାସିକ ପ୍ରକଳ୍ପ ଆଫ୍ରିକୀୟ ସଂଘ ଦ୍ୱାରା ୨୦୦୭ ମସିହାରେ ଆରମ୍ଭ କରାଯାଇଥିଲା। ସାହାରା ମରୁଭୂମିର ସୀମାନ୍ତରେ ଥିବା ଅର୍ଦ୍ଧ-ଶୁଷ୍କ ଅଞ୍ଚଳ 'ସାହେଲ୍'କୁ ବଞ୍ଚାଇବା ପାଇଁ ଏହି ଯୋଜନା ପ୍ରସ୍ତୁତ ହୋଇଛି। ଗତ କେତେ ଦଶନ୍ଧି ହେବ ଏହି ଅଞ୍ଚଳ କ୍ରମାଗତ ମରୁଡ଼ି, ଜଳବାୟୁ ପରିବର୍ତ୍ତନ ଏବଂ ଭୂମିର ଉର୍ବରତା ହ୍ରାସ ପାଇବା ଯୋଗୁଁ ସଙ୍କଟ ଦେଇ ଗତି କରୁଥିଲା। ଏହା ଦ୍ୱାରା ସ୍ଥାନୀୟ କୃଷି ଓ ଗୋପାଳନ ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ଲୋକ ଦାରିଦ୍ର୍ୟ ଏବଂ ଖାଦ୍ୟ ଅଭାବର ସମ୍ମୁଖୀନ ହୋଇଥିଲେ। ପ୍ରାରମ୍ଭିକ ପରିକଳ୍ପନାରେ ଏହା କେବଳ ୧୫ କିଲୋମିଟର ଓସାରର ଏକ ସରଳ ଗଛର ଧାଡ଼ି ହେବାର ଥିଲା। ମାତ୍ର ପରବର୍ତ୍ତୀ ସମୟରେ ବୈଜ୍ଞାନିକ ଓ ପରିବେଶବିତ୍‌ମାନେ ଅନୁଭବ କଲେ ଯେ କେବଳ ଗଛ ଲଗାଇବା ଅପେକ୍ଷା ସମ୍ପୂର୍ଣ୍ଣ ପ୍ରାକୃତିକ ପରିବେଶର ସୁଧାର କରିବା ଅଧିକ ପ୍ରଭାବଶାଳୀ ହେବ। ତେଣୁ ବର୍ତ୍ତମାନ ଏହି ଅଭିଯାନରେ ସ୍ଥାନୀୟ ଜଳବାୟୁ ଅନୁଯାୟୀ ଜଙ୍ଗଲ, ତୃଣଭୂମି, ଆର୍ଦ୍ରଭୂମି ଏବଂ ଚାଷଜମିର ପୁନରୁଦ୍ଧାର କରାଯାଉଛି। ଫଳରେ ମାଟିର ଆର୍ଦ୍ରତା ବୃଦ୍ଧି ପାଉଛି ଏବଂ ଭୂତଳ ଜଳସ୍ତରରେ ସୁଧାର ଆସୁଛି। ଏହି ପ୍ରକଳ୍ପର କେତେକ ପ୍ରମୁଖ ଲକ୍ଷ୍ୟଗୁଡ଼ିକ ହେଉଛି, ୧୦୦ ନିୟୁତ ହେକ୍ଟର ନଷ୍ଟ ହୋଇଯାଇଥିବା ଭୂମିକୁ ପୁଣି ଉର୍ବର କରିବା। ବାୟୁମଣ୍ଡଳରୁ ୨୫୦ ନିୟୁତ ଟନ୍ ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ୍ ଶୋଷଣ କରିବା। ଆଫ୍ରିକାର ସ୍ଥାନୀୟ ଅଞ୍ଚଳରେ ୧୦ ନିୟୁତ ସବୁଜ ରୋଜଗାର ସୃଷ୍ଟି କରିବା। ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୦ରୁ ଅଧିକ ଆଫ୍ରିକୀୟ ଦେଶ ଏହି ମହାନ କାର୍ଯ୍ୟରେ ସାମିଲ ହୋଇଛନ୍ତି। ସେନେଗାଲ୍ ଏବଂ ଇଥିଓପିଆ ଭଳି ଦେଶଗୁଡ଼ିକ ଏହି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ପ୍ରାୟ ୩୦ ନିୟୁତ ହେକ୍ଟର ଜମିକୁ ସବୁଜିମାରେ ପରିଣତ କରିସାରିଲେଣି। ଏହି ସବୁଜ ପ୍ରାଚୀର କେବଳ ଏକ ପରିବେଶ ପ୍ରକଳ୍ପ ନୁହେଁ, ବରଂ ଏହା ମାନବ ସମାଜ ଏବଂ ପ୍ରକୃତିର ମିଳନର ଏକ ମହାନ ପ୍ରତୀକ। ବିଭାଜନ ପାଇଁ ତିଆରି ହେଉଥିବା ଅନ୍ୟ ପ୍ରାଚୀରଗୁଡ଼ିକ ତୁଳନାରେ ଏହି ସବୁଜ ପ୍ରାଚୀର ସମାଜକୁ ଯୋଡ଼ିବା ଏବଂ ଜୀବନ ବଞ୍ଚାଇବା ପାଇଁ କାର୍ଯ୍ୟ କରୁଛି। ଆଫ୍ରିକାର ଏହି ସଫଳ ପ୍ରୟାସ ବିଶ୍ୱର ଅନ୍ୟାନ୍ୟ ମରୁଭୂମି ପ୍ରବଣ ଅଞ୍ଚଳ ପାଇଁ ଆଗାମୀ ଦିନରେ ଏକ ଅନନ୍ୟ ଉଦାହରଣ ଏବଂ ପ୍ରେରଣା ସାଜିବ।

**ଅଣସରରେ ଚାଲିଛି ଗୁପ୍ତ ସେବା**

# ଶ୍ରୀଅଙ୍ଗରେ ମାଲିସ୍ ହେଲା ଫୁଲୁରୀ ତେଲ, ଆଜି ଓଷୁଅ ଲାଗି



ପୁରୀ,୪।୭(ସମିସ): ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡ଼ୁ ସୁବାସିତ ଜଳରେ ଅତ୍ୟଧିକ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ଘରେ ଦାରୁବିଗ୍ରହଙ୍କ ଉପଚାର ପାଇଁ ଚାଲିଛି ଗୁପ୍ତ ସେବା। ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ସେବା କରୁଛନ୍ତି। ଶନିବାର ଦାରୁଦିଅଁଙ୍କୁ ଲାଗି ହୋଇଛି ଫୁଲୁରୀ ତେଲ। ରବିବାର ଠାକୁରଙ୍କୁ ଓଷୁଅ ଲାଗି କରାଯିବ। ତେବେ ମହାପ୍ରଭୁଙ୍କ ଗୁପ୍ତ ନୀତି ମଧ୍ୟରେ ଫୁଲୁରୀ ତେଲ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ବଡ଼ ଓଡ଼ିଆ ମଠ ପକ୍ଷରୁ ଚତୁର୍ଦ୍ଧାବିଗ୍ରହଙ୍କ ଲାଗି ଫୁଲୁରୀ ତେଲ ଯୋଗାଇ ଦିଆଯାଇଛି। ପ୍ରତିବର୍ଷ ଅଣସରରେ ମଠ ୬ ସେର ଏବଂ କେବଳ ନବକଳେବର ବର୍ଷରେ ୯ ସେର ଫୁଲୁରୀ ତେଲ ଯୋଗାଇଦେଇଥାଏ।

ବର୍ଷକ ଆଗରୁ ୨୪ ପ୍ରକାର ସାମଗ୍ରୀରେ ଏହାକୁ ପ୍ରସ୍ତୁତି କରାଯାଏ। ହେରାପଞ୍ଚମୀ ଦିନ ଘଣାପେଡ଼ା ରାଶିତେଲରେ କେତକୀ, ମଲ୍ଲୀ, ଚମ୍ପା, ଜୁଇ, ଜାଇ, ହେନା ଭଳି ୧୪ ପ୍ରକାର ଫୁଲ, ବେଣାଚେର, ଗୁଳୁଚି ଭଳି ୭ ପ୍ରକାର ଔଷଧୀୟ ଚେରମୂଳ ଏବଂ ସୁବାସିତ ଦ୍ରବ୍ୟ ପକାଇ ଏକ ପାତ୍ରରେ ରଖି ମାଟିତଳେ ପୋତାଯାଇଥାଏ। ଦେବସ୍ନାନ ପୂର୍ଣ୍ଣିମା ପୂର୍ବଦିନ ମାଟିତଳୁ ତେଲକୁ ବାହାର କରାଯାଇ ରଖାଯାଇଥାଏ। ପଞ୍ଚମୀ ଦିନ ତେଲକୁ ଛଣାଯାଇ ଅମୁଣିଆ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଲାଗି ପାଇଁ ପଠାଯାଇଥାଏ। ବୋଲି ବଡ଼ ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସଗୋସ୍ୱାମୀ କହିଛନ୍ତି। ମହାପ୍ରଭୁଙ୍କ ଏହି ଗୁପ୍ତ ନୀତି ପାଇଁ ଶନିବାର ଅପରାହ୍ନରେ ମଠର ଦୁଇଜଣ କର୍ମଚାରୀ ୨ଟି ହାଣ୍ଡିରେ ୬ ସେର ଫୁଲୁରୀ ତେଲ ନେଇ ଶ୍ରୀମନ୍ଦିର ଗାରଦରେ ପହଞ୍ଚାଇଥିଲେ। ସନ୍ଧ୍ୟାରେ ଦକ୍ଷିଣୀ ଘର ଭୋଗ ସମ୍ପନ୍ନ ହେବା ପରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଏହାପରେ ଅଣସର ଘର ଦ୍ୱାର ଖୋଲାଯାଇ ଅଣସର ନୀତି ଆରମ୍ଭ ହୋଇଥିଲା। ଫୁଲୁରୀ ତେଲକୁ ପତିମହାପାତ୍ର ସେବକ ତିନୋଟି ରୁପା ପିଙ୍ଗଣରେ ନେଇ ସଂସ୍କାର କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରାଇଥିଲେ।

ଫୁଲୁରୀ ତେଲ ଲାଗି ପରେ ପ୍ରଭୁଙ୍କୁ ଶୟନ ଅବସ୍ଥାରୁ ବସାଇବା ଉପକ୍ରମ ଆରମ୍ଭ ହୋଇଛି। ଲୌକିକ ମତରେ ଜ୍ୱରଗ୍ରସ୍ତ ଠାକୁରମାନଙ୍କ ଦେହରୁ ମଜରା ଛଡାଇବାକୁ କରାଯାଉଛି ଉପଚାର। ଶ୍ରୀଅଙ୍ଗକୁ ସୁସ୍ଥ କରିବାକୁ ମାଲିସ୍ ହୋଇଛି ଫୁଲୁରୀ ତେଲ। ଆୟୁର୍ବେଦ ଶାସ୍ତ୍ର ମୁତାବକ ଏଥିରେ ମିଶୁଥିବା ସମସ୍ତ ପ୍ରକାର ଫୁଲ ଏବଂ ବେଣା ଚେରରେ ରହିଛି ଦେହକୁ ଉଷ୍ମତା ପ୍ରଦାନ କରିବାର ଶକ୍ତି। ଏଣୁ ଦାରୁଦିଅଁମାନେ ଅତ୍ୟଧିକ ସ୍ନାନ ଯୋଗୁଁ ଅସୁସ୍ଥ ହୋଇପଡିଥିବା କଳ୍ପନା କରାଯାଇ ଏହି ତେଲ ମର୍ଦ୍ଦନ କରାଯାଇଥାଏ।



ବାମପନ୍ଥୀ ଉଗ୍ରବାଦ ଦମନ କ୍ଷେତ୍ରରେ ସଫଳତା ପାଇଁ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା ଓଡ଼ିଶା ପୁଲିସକୁ ଦେଇଥିବା ପ୍ରଶଂସାପତ୍ରକୁ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦର୍ଶନ କରୁଛନ୍ତି

# ରଘୁବାରୀ ଜଙ୍ଗଲରୁ ମାଓ ଡମ୍ପ୍ ଠାବ

ରାୟଗଡ଼ା, ୪।୭(ସମିସ): ରାୟଗଡ଼ ଜିଲ୍ଲା ଆମ୍ବୋଦଲା ଥାନା ଅଧୀନ ରଘୁବାରୀ ସଂରକ୍ଷିତ ଜଙ୍ଗଲରେ ଥିବା ଏକ ମାଓ ଡମ୍ପରୁ ବନ୍ଧୁକ, ଗୁଳିଗୋଳା ଓ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରାଯାଇଛି। ଆଜି ଜିଲ୍ଲା ପୁଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାୟଗଡ ଏସପି ରାଜପ୍ରସାଦ ଏହି ସୂଚନା ଦେଇଛନ୍ତି। ନିକଟ ଅତୀତରେ ଆତ୍ମସମର୍ପଣ କରିଥିବା ମାଓ କ୍ୟାଡରଙ୍କଠାରୁ ମିଳିଥିବା ଗୁଇନ୍ଦା ସୂଚନା ଆଧାରରେ ଗତ ୨ ଜୁଲାଇରେ ଡିଭିଏଫ୍ ଓ ଏସଓଜିର ମିଳିତ ଟିମ୍ ରଘୁବାରୀ ସଂରକ୍ଷିତ ଜଙ୍ଗଲରେ କମ୍ବିଂ ଓ ସର୍ଚ୍ଚ ଅପରେସନ୍ ଚଳାଇଥିଲେ। ଅଭିଯାନ ସମୟରେ ଜଙ୍ଗଲ ମଧ୍ୟରେ ଲୁଚାଇ ରଖାଯାଇଥିବା ଏକ ସନ୍ଦିଗ୍ଧ ମାଓ ଡମ୍ପ ଚିହ୍ନଟ ହୋଇଥିଲା। ସ୍ଥାନରେ ଆଇଇଡି କିମ୍ବା ବିସ୍ଫୋରକ ଥିବା ଆଶଙ୍କାରେ ଜିଲ୍ଲା ବୋମା ନିଷ୍କ୍ରିୟକରଣ ଦଳକୁ ନିୟୋଜିତ କରାଯାଇଥିଲା। ସମ୍ପୂର୍ଣ୍ଣ ଯାଞ୍ଚ ପରେ ସୁରକ୍ଷିତ ଭାବେ ଡମ୍ପରୁ ବିଭିନ୍ନ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଓ ଅନ୍ୟାନ୍ୟ ମାଓ ସାମଗ୍ରୀ ଜବତ କରାଯାଇଥିଲା। ଜବତ ସାମଗ୍ରୀ ମଧ୍ୟରେ ଏକ .୩୦୩ ରାଇଫଲ, ଷ୍ଟେନ୍ ଗନର ବିଭିନ୍ନ ଅଂଶ, ୩୭ ରାଉଣ୍ଡ .୩୦୩ ଗୁଳି, ୨୫ ରାଉଣ୍ଡ ୯ ଏମ୍ଏମ୍ ଗୁଳି, ଏକ ଦେଶୀ ବନ୍ଧୁକ, ଷ୍ଟେନ୍ ମାଗାଜିନ, ଆର୍‌ବିଜିଏଲ୍, କର୍ଡେକ୍ସ ତାର, ଗନ୍ ପାଉଡର, ମାଓ ସାହିତ୍ୟ ସହ ଦୈନନ୍ଦିନ ବ୍ୟବହାରର ବହୁ ସାମଗ୍ରୀ ରହିଛି।

ଜବତ ହୋଇଥିବା ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ନିଷିଦ୍ଧ ସିପିଆଇ (ମାଓବାଦୀ) ସଂଗଠନର ବଂଶଧାରା–ଘୁମୁସର–



ନାଗାବଳୀ (ବିଜିଏନ୍) ଡିଭିଜନର ଥିଲା। ଭବିଷ୍ୟତରେ ମାଓ କ୍ୟାଡରମାନଙ୍କ ବ୍ୟବହାର ପାଇଁ ଏହାକୁ ଜଙ୍ଗଲରେ ଲୁଚାଇ ରଖାଯାଇଥିଲା। ଏସପି ରାଜ ପ୍ରସାଦ କହିଛନ୍ତି ଯେ ରାୟଗଡ଼ ଜିଲ୍ଲା ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ନକ୍ସଲମୁକ୍ତ ଜିଲ୍ଲା ହୋଇଛି। ଜାନୁଆରୀ ୨୦୨୫ରୁ ମାର୍ଚ୍ଚ ୨୦୨୬ ମଧ୍ୟରେ ମୋଟ ୧୫ ଜଣ ମାଓ କ୍ୟାଡର ପୋଲିସ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି। ବର୍ତ୍ତମାନ ଜିଲ୍ଲାରେ ମାଓବାଦୀଙ୍କ କୌଣସି ସକ୍ରିୟ ଗତିବିଧି କିମ୍ବା କାର୍ଯ୍ୟକଳାପ ନାହିଁ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ଚଳିତ ମାସ ଗତ ୧୩ ଜୁନରେ ଢେପାଗୁଡ଼ା ସଂରକ୍ଷିତ ଜଙ୍ଗଲରୁ ଏକ ବଡ଼ ମାଓ ଡମ୍ପ ଠାବ କରାଯାଇଥିବା ବେଳେ, ରଘୁବାରୀରୁ ହୋଇଥିବା ଏହି ଜବତ ଗତ ଏକ ମାସ ମଧ୍ୟରେ ଦ୍ୱିତୀୟ ବଡ଼ ସଫଳତା। ରାୟଗଡ ପୁଲିସ, ଏସଓଜି, ଡିଭିଏଫ୍ ଓ ସିଆରପିଏଫ୍‌ର ମିଳିତ ସହଯୋଗରେ ଆଗାମୀ ଦିନରେ ମଧ୍ୟ କମ୍ବିଂ, ସର୍ଚ୍ଚ ଓ ଏରିଆ ଡୋମିନେସନ୍ ଅପରେସନ୍ ଜାରି ରହିବ ବୋଲି ଏସପି କହିଛନ୍ତି।

**ବନ୍ଧୁକ, ଗୁଳି ଓ ବିପୁଳ ସାମଗ୍ରୀ ଜବତ**

# ଟ୍ରେନ୍‌ରୁ ଖସି ଦାଦନ ଶ୍ରମିକଙ୍କ ମୃତ୍ୟୁ

ବେଲଗୁଣ୍ଠା,୪।୭(ସମିସ): ଟ୍ରେନ୍‌ରୁ ଖସି ପଡ଼ି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ୍ ଉଦ୍ଦୁରା ପଞ୍ଚାୟତ ଅନ୍ତର୍ଗତ କୋକଲୁଣ୍ଡା ଗ୍ରାମର ସୁରେନ୍ଦ୍ର ବେହେରାଙ୍କ ପୁଅ ଆଲୋକ ବେହେରା (୨୫)। ସୁରେନ୍ଦ୍ର ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ତାଙ୍କର ସମସ୍ତ ପରିବାର ସଦସ୍ୟ ବାହାରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ସୁରେନ୍ଦ୍ର ବହୁ ବର୍ଷ ହେବ ତାଳଚେରର ଏକ ରୋଟି କମ୍ପାନୀରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟକରୁଥିବା କରୁଥିବା ବେଳେ ସୁରେନ୍ଦ୍ରଙ୍କ ସାନ ପୁଅ ଆଲୋକ ଘରର ଦୁର୍ବଳ ଆର୍ଥିକ ଅବସ୍ଥା ଯୋଗୁଁ ପ୍ରାଥମିକ ବିଦ୍ୟାଳୟରୁ ହିଁ ପାଠରେ ଡୋରି ବାନ୍ଧି ୮ ବର୍ଷ ତଳେ ନିଜ ସାଙ୍ଗ ସାଥିଙ୍କ ସହିତ ସୁରତ ଚାଲି ଯାଇଥିଲେ। ସେ ସୁରତରେ ୭ ବର୍ଷ କାମ କରିବା ପରେ ୮ ମାସ ତଳେ ମୁମ୍ବାଇରେ ଆସି କାମ କରୁଥିଲେ। ଗତ ୨୯ ତାରିଖ ଦିନ ସେ ତାଳଚେର ଆସିବା ପାଇଁ ମୁମ୍ବାଇରୁ ଟ୍ରେନ୍ ରେ ଚଢ଼ିଥିଲେ। କିନ୍ତୁ ରାତି ୨ଟା ୩୦ ସମୟରେ ନାସିକ ପଖରେ ଆଲୋକ ଅସାବଧାନତା ବଶତଃ ଟ୍ରେନ୍‌ରୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ରେଳ ସୁରକ୍ଷା ବାହିନୀକୁ ଜଣାଇବା ପରେ ରେଲୱେ ପୋଲିସ ଆଲୋକଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ନାସିକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ନାସିକ ସିଟି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ଏକ ତାରିଖ ଦିନ ୧୨ ଘଣ୍ଟା ୨୦ ମିନିଟ୍ ସମୟରେ ଆଲୋକ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଖବର ପାଇ ଆଲୋକଙ୍କ ଭାଇ ଏବଂ ଭିଣୋଇ ନାସିକରେ ପହଞ୍ଚିଥିଲେ। ଏକ ତାରିଖରେ ହିଁ ଆଲିକଙ୍କ ଶବ ବ୍ୟବଚ୍ଛେଦ କରାଯାଇ ତାଙ୍କ ଭାଇଙ୍କୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ଆଲୋକଙ୍କ ଶବକୁ ଗ୍ରାମକୁ ଆଣିବା ନିମନ୍ତେ ତାଙ୍କ ପରିବାର ଲୋକଙ୍କ ପକ୍ଷେ ଅର୍ଥର ଅଭାବ ଥିବାରୁ ସେମାନେ ନାସିକରେ ହିଁ ଶବ ସତ୍କାର କରିଦେଇଥିଲେ। ଫଳରେ ଆଲୋକଙ୍କ ବାପା, ମା ଏବଂ ଭଉଣୀ ତାଙ୍କର ଶେଷ ଦର୍ଶନ ମଧ୍ୟ କରିପାରି ନ ଥିଲେ। ସେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଉଦ୍ଦୁରା ସମିତି ସଭ୍ୟ ସୁଧାଂଶୁ ଶେଖର ପୋଲାଇ ପ୍ରଶାସନ ନିକଟରେ ଦାବି କରିଛନ୍ତି।



**ଶେଷ ସମୟରେ ମୁହଁ ବି ଦେଖି ପାରିଲେନି ବାପାମାଆ**

## ୯ରେ ଓଡ଼ିଶା ଆସିବେ ଉପରାଷ୍ଟ୍ରପତି

ଭୁବନେଶ୍ୱର,୪।୭(ସମିସ): ଭାରତର ଉପରାଷ୍ଟ୍ରପତିଙ୍କ ଚଳିତ ଜୁଲାଇ ୯ ତାରିଖରେ ଓଡ଼ିଶା ଆସୁଛନ୍ତି। ଉପରାଷ୍ଟ୍ରପତିଙ୍କ ଗସ୍ତକୁ ସଫଳ ଓ ସୁଚାରୁ ଭାବେ ସମ୍ପନ୍ନ କରିବା ନିମନ୍ତେ ଆଜି ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗସ୍ତ କାର୍ଯ୍ୟସୂଚୀ ଅନୁଯାୟୀ, ଉପରାଷ୍ଟ୍ରପତି ୯ତାରିଖରେ ଭୁବନେଶ୍ୱର କୃଷି ଶିକ୍ଷା ସଦନ ଠାରେ ଗଭୀର ସମୁଦ୍ରରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ 'ଲେଟର ଅଫ୍ ଅଥରାଇଜେସନ୍'ର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାସହ ଖୋର୍ଦ୍ଧାସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ସଂସ୍ଥାନ(ନାଇଜର) ର ୧୫ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିଭାଷଣ ପ୍ରଦାନ କରିବେ। ଉପରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସୁରକ୍ଷା, ପ୍ରୋଟୋକଲ, ଯାତାୟତ, ଚିକିତ୍ସା, ମୌଳିକ ସୁବିଧା ଏବଂ ବିଭିନ୍ନ କାର୍ଯ୍ୟକ୍ରମର ସୁପରିଚାଳନା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଛି।

**ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ**

**୪ ଦିନ ରୋଗୀ ଦହଗଞ୍ଜ ପରେ ଆଲୋଚନାକୁ ଆସିଲେ ରାଜ୍ୟ ସରକାର**

# ଡାକ୍ତର ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର, ୪।୭ (ସମିସ): ଚାରି ଦିନ ହେଲା ଆନ୍ଦୋଳନରେ ଥିଲେ ଡାକ୍ତର। ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହୋଇ ସାରା ରାଜ୍ୟରେ ରୋଗୀମାନେ ଦହଗଞ୍ଜ ହେଲେ। କେଉଁଠି ବଞ୍ଚିଥିବା ରୋଗୀଙ୍କୁ ଠିକ୍ ଭାବେ ଚିକିତ୍ସା ମିଳିଲାନି ତ କେଉଁଠି ମୃତ୍ୟୁ ପରେ ବ୍ୟବଚ୍ଛେଦ ହୋଇ ନ ପାରି ପଡ଼ି ରହିଲା। ଶବ। ଆଉ କେତେକ ସ୍ଥାନରେ ଭୟରେ ରୋଗୀମାନେ ନ ଆସିବାରୁ ଡାକ୍ତରଖାନା ଶଯ୍ୟା ବି ଖାଲି ହୋଇଗଲା। ଏପଟେ ଡାକ୍ତରମାନଙ୍କୁ ଡରାଇବାକୁ ଯାଇ ସରକାର କାର୍ଯ୍ୟାନୁଷ୍ଠାନର ଧମକ ବି ଦେଲେ। ହେଲେ କିଛି ସୁଫଳ ମିଳିଲା ନାହିଁ, ଓଲଟା ଦିନକୁ ଦିନ ସମସ୍ୟା ବଢ଼ି ସ୍ଥିତି ବିଗିଡ଼ିବାରେ ଲାଗିଲା। ସ୍ୱାସ୍ଥ୍ୟ ସେବା ନ ମିଳିବା ଭଳି ଗୁରୁତର ସମସ୍ୟାରେ ସାରା ରାଜ୍ୟବାସୀ ଘାଣ୍ଟି ହେବା ପରେ ଶେଷରେ ସରକାର ଡାକ୍ତରମାନଙ୍କ ଦାବି ସଂପର୍କରେ ଆଲୋଚନା ପାଇଁ ରାଜି ହେଲେ। ଆଲୋଚନା ପରେ ଗତ ୧ ତାରିଖଠାରୁ ଆରମ୍ଭ ହୋଇଥିବା ଡାକ୍ତର ଆନ୍ଦୋଳନ ଶନିବାର ସ୍ଥଗିତ ହୋଇଛି।

ଶନିବାର ପୂର୍ବାହ୍ନରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ସହ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମ୍‌ସା)ର କର୍ମକର୍ତ୍ତା ପ୍ରାୟ ସାଢ଼େ ୩ ଘଣ୍ଟା ଆଲୋଚନା କରିଥିଲେ। ଆଲୋଚନାରେ ଡାକ୍ତରଙ୍କ ଦାବି ପୂରଣ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବା ସହ ଅନ୍ୟାନ୍ୟ କେତେକ ନିଷ୍ପତ୍ତି ପରେ ଡାକ୍ତରମାନେ ଆନ୍ଦୋଳନ ସ୍ଥଗିତ ନିଷ୍ପତ୍ତି ନେଇଛନ୍ତି। ଶନିବାରଠାରୁ ଡାକ୍ତରମାନେ ନିଜ କର୍ମକ୍ଷେତ୍ରରେ ଯୋଗ ଦେଇଥିବା ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆଲୋଚନା ପରେ ଗଣମାଧ୍ୟମକୁ ସୂଚନା ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ ଓମ୍‌ସା କାର୍ଯ୍ୟନିର୍ବାହୀ ପରିଷଦର କର୍ମକର୍ତ୍ତାଙ୍କ ସହ ସେମାନଙ୍କର ୧୦ ଦଫା ଦାବି ବିଷୟରେ ପୁଙ୍ଖନାପୁଙ୍ଖ ଆଲୋଚନା ହୋଇଛି। ସେମାନଙ୍କର ଦାବିଗୁଡ଼ିକୁ କେମିତି ଆଗାମୀ ଦିନରେ ସମୟ ଅନୁସାରେ କାର୍ଯ୍ୟକାରୀ କରାଯାଇ ପାରିବ, ସେନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ ହୋଇଛି। କମିଟିରେ ଅର୍ଥ ବିଭାଗର ସଚିବ ଅଧ୍ୟକ୍ଷ ଥିବାବେଳେ ସ୍ୱାସ୍ଥ୍ୟ, ଜିଏ, ଓ ଆଇନ ବିଭାଗର ସଚିବ ସ୍ଥାନ ପାଇଛନ୍ତି। ଆସନ୍ତା ୨୨ ତାରିଖରେ କମିଟିର ପ୍ରଥମ ବୈଠକ ବସିବ। ଓମ୍‌ସା ପକ୍ଷରୁ କମିଟି ସମ୍ମୁଖରେ ନିଜ ଦାବି ବାବଦରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରାଯିବ ବୋଲି ମନ୍ତ୍ରୀ ଡ. ମହାଲିଙ୍ଗ ସୂଚନା ଦେଇଛନ୍ତି।

**ଗଠନ ହେଲା ଉଚ୍ଚସ୍ତରୀୟ କମିଟି**
**ଆସନ୍ତା ୨୨ରେ ବସିବ ବୈଠକ**

ସଂଘର ୧୦ ଦଫା ଦାବି ମଧ୍ୟରେ ଡାକ୍ତରଖାନାରେ ଖାଲିପଡ଼ିଥିବା ଡାକ୍ତର ପଦବୀ ତୁରନ୍ତ ପୂରଣ, କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ, କ୍ୟାଡର ପୁନର୍ଗଠନ, ସ୍ୱଚ୍ଛ ବଦଳି ନୀତି, କେବିକେରେ ପାଞ୍ଚ ବର୍ଷରୁ ଅଧିକ ସମୟ କାର୍ଯ୍ୟରତ ଡାକ୍ତରମାନଙ୍କୁ ତୁରନ୍ତ ବଦଳି, ସରକାରୀ କ୍ୱାର୍ଟର୍ସ, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଆଦି ଅନ୍ତର୍ଭୁକ୍ତ ରହିଛି। ଏହି ପରିପ୍ରେକ୍ଷୀରେ ଓମ୍‌ସାର ରାଜ୍ୟ ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ସରକାରଙ୍କ ସହ ଆଲୋଚନା ଫଳପ୍ରଦ ହେବାରୁ ଆନ୍ଦୋଳନ ସ୍ଥଗିତ ରହିଲା। ସରକାର ଦାବି ପୂରଣ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିବା ବେଳେ ଆମେ ନିଜର ଦାବି କମିଟି ସାମ୍ନାରେ ଉପସ୍ଥାପନ କରିବୁ। ରାଜ୍ୟର ଚିକିତ୍ସା ସେବାର ଗୁଣାତ୍ମକ ମାନ ବୃଦ୍ଧି ହେବାର ଆମର ଲକ୍ଷ୍ୟ ଅଟେ। ଆସନ୍ତା ୧ରୁ ୨ ମାସ ମଧ୍ୟରେ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି ଡାକ୍ତର ମିଶ୍ର ଆଶାବ୍ୟକ୍ତ କରିଛନ୍ତି।

**ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଶୈକ୍ଷିକ ସଙ୍କଟ**

# ୫୬୦୦ ପଦ ଫାଙ୍କା; ଅତିଥି ଶିକ୍ଷକ ନିଯୁକ୍ତି ହେଉନି

ଭୁବନେଶ୍ୱର, ୪।୭(ସମିସ): ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ବହୁ ଶିକ୍ଷକ ପଦ ଫାଙ୍କା ପଡ଼ିଛି। ଶିକ୍ଷକମାନେ ଅବସର ନେବା ପରେ ନୂତନ ନିଯୁକ୍ତି ହେଉନାହିଁ। ଖାଲି ପଦରେ ଅତିଥି ଶିକ୍ଷକ ମଧ୍ୟ ଏବେଯାଏଁ ନିଯୁକ୍ତ ହୋଇନାହାନ୍ତି। ଶିକ୍ଷାବର୍ଷ ଆରମ୍ଭରୁ ଏପରି ଅବ୍ୟବସ୍ଥା ଲାଗି ରହିଥିବାବେଳେ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ପ୍ରଭାବିତ ହେଉଛି। ରାଜ୍ୟରେ ୨୦୦୪ ରୁ ଏବେଯାଏଁ ଅନୁଦାନ ପାଇଥିବା ବିଦ୍ୟାଳୟରେ ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ସଂଖ୍ୟା ପ୍ରାୟ ଶୂନ୍ୟ ହୋଇଗଲାଣି। ପ୍ରତିମାସରେ ଅବସର ନେଉଥିବା ଶିକ୍ଷକ ଓ କର୍ମଚାରୀଙ୍କ ସ୍ଥାନରେ ନୂତନ ନିଯୁକ୍ତି ବ୍ୟବସ୍ଥା ନାହିଁ। ଖାଲି ହୋଇଥିବା ପଦ ସଂଖ୍ୟା ଇତିମଧ୍ୟରେ ପ୍ରାୟ ୫,୬୦୦ରୁ ଅଧିକ ହେଲାଣି। ଅଧିକାଂଶ ବିଦ୍ୟାଳୟ ଜଣେ ବା ଦୁଇଜଣ ଶିକ୍ଷକରେ ଚାଲୁଛି। ଏସବୁ ବିଦ୍ୟାଳୟରେ ନିୟମିତ ଶିକ୍ଷକ ନିଯୁକ୍ତି ପାଇଁ ମଧ୍ୟ କୌଣସି ସରକାରୀ ବ୍ୟବସ୍ଥା ନାହିଁ। ଏଣୁ ଏସବୁ ବିଦ୍ୟାଳୟରେ ପଢୁଥିବା ରାଜ୍ୟର ମେଧାବୀ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ରାଜ୍ୟରେ ନୂତନ ଜାତୀୟ ଶିକ୍ଷା ନୀତି ଲାଗୁ କରିବାକୁ ସରକାର ତତ୍ପରତା ପ୍ରକାଶ କରିଥିଲେ ମଧ୍ୟ ଶିକ୍ଷକ ଅଭାବ ଦୂର କରିବାକୁ କୌଣସି ପଦକ୍ଷେପ ନେଇ ନାହାନ୍ତି। ଅତିଥି ଅଧ୍ୟାପକ ନିଯୁକ୍ତ କରି ପାଠପଢ଼ା ହେଉଥିଲେ ମଧ୍ୟ ଚଳିତବର୍ଷ ଏହା ବିଳମ୍ବ ହୋଇଛି। ଏଣୁ ଏସ୍ଏସ୍‌ବି ମାଧ୍ୟମରେ ସ୍ଥାୟୀ ଶିକ୍ଷକ ନିଯୁକ୍ତିର ବ୍ୟବସ୍ଥା କରିବା ସହ ଚଳିତବର୍ଷ ଅବିଳମ୍ବେ ଅତିଥି ଶିକ୍ଷକ ନିଯୁକ୍ତ କରିବାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଦାବି କରିଛି। ସଂଘର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି ଯେ ଶିକ୍ଷକ ଅଭାବରୁ ଭାଙ୍ଗିବାକୁ ବସିଥିବା ଏହି ବିଦ୍ୟାଳୟଗୁଡ଼ିକୁ ପୁନଃକ୍ଷମ କରିବାକୁ ସରକାର ଦୂରଦୃଷ୍ଟି ସମ୍ପର୍ଣ୍ଣ ପଦକ୍ଷେପ ନିଅନ୍ତୁ। ସରକାର +୩ ଏବଂ +୨ ରେ ଶିକ୍ଷାବର୍ଷ ଆରମ୍ଭରୁ ଅତିଥି ଅଧ୍ୟାପକ ନିଯୁକ୍ତି ଦେଇ ସାରିଥିବାବେଳେ ମାଧ୍ୟମିକ ବିଦ୍ୟାଳୟ ପ୍ରତି ବୈମାତୃକ ମନୋଭାବ କାହିଁକି ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି।

# କଙ୍ଗାରୁ କୋର୍ଟରୁ ବାଦ୍ ପଡ଼ିନାହାନ୍ତି ପୂର୍ବ ସାମରିକ କର୍ମଚାରୀ

ବ୍ରହ୍ମପୁର,୪।୭(ସମିସ): ଡିଜିଟାଲ ଯୁଗରେ ବି କୁସଂସ୍କାରରୁ ବାଦ ପଡିନାହାନ୍ତି ପୂର୍ବ ସାମରିକ କର୍ମଚାରୀ ଓ ସେମାନଙ୍କ ପରିବାର। ବ୍ୟକ୍ତିଗତ ତଥା ଗୋଷ୍ଠୀଗତ ସାମାନ୍ୟତମ ମନାନ୍ତରକୁ ନେଇ ସମାଜରେ ନିଆଁ ପାଣକୁ ବନ୍ଦ କରି ସାମାଜିକ ବାସନ୍ଦ କରାଯାଉଛି। ଯାହାଫଳରେ ସମାଜରେ ବଞ୍ଚିବା ଦୁର୍ବିସହ ହୋଇପଡୁଛି। ଯାହା ଜଣେ ବ୍ୟକ୍ତିର ମାନବିକ ଅଧିକାରକୁ ଖୋଲାଖୋଲି ଉଲଂଘନ ମଧ୍ୟ କରୁଛି। ଏଭଳି କଳୁଷିତ ପ୍ରଥାକୁ କେହି ପସନ୍ଦ କରୁନଥିଲେ ହେଁ ସେମାନଙ୍କ ଉପରେ ପ୍ରତିବନ୍ଧକ ଲାଗିବାର ଆଶଙ୍କା କରି ଏହାର ପ୍ରତିବାଦରେ କେହି ମୁହଁ ଖୋଲିବାକୁ କେହି ସାହାସ ମଧ୍ୟ କରୁନାହାନ୍ତି। ଯାହାର ସୁଯୋଗ ନେଇ କିଛି ବ୍ୟକ୍ତିବିଶେଷ ସମାଜରେ ନିଜର ପତିଆରା ଜାହିର କରୁଛନ୍ତି। ଏହା ଏକ ମାନସିକ ନିର୍ଯାତନା ଛଡା ଆଉ କିଛି ନୁହେଁ। ଏଭଳି ନିର୍ଯାତନାରୁ ବାଦ ପଡୁନାହାନ୍ତି ଖୋଦ୍ ଆମ ଦେଶର ସୁରକ୍ଷା ପାଇଁ ବଳିଦାନ ଦେଇଥିବା ତଥା ନିଜ ଜୀବନର ଅନେକ ସମୟ ଉତ୍ସର୍ଗୀକୃତ କରିଥିବା ପୂର୍ବ ସେନା କର୍ମଚାରୀ ଓ ସେମାନଙ୍କ ପରିବାର। ଏଭଳି ଘଟଣା ଦେଖିବାକୁ ମିଳିଛି ଗୋପାଳପୁର ଥାନା ଅନ୍ତର୍ଗତ ନାରାୟଣପୁର ପଞ୍ଚାୟତରେ। ଜଣେ ଜଣେ କରି ପର୍ଯ୍ୟାୟ କ୍ରମେ ୧୪ଟି ପରିବାରକୁ ସାମାଜିକ ବାସନ୍ଦ କରାଯାଇଛି। ବାସନ୍ଦ ହୋଇଥିବା ୧୪ଟି ପରିବାର ମଧ୍ୟରୁ ୭ଜଣ ହେଉଛନ୍ତି ପୂର୍ବ ସେନା କର୍ମଚାରୀ। ନିଜ ଉପରେ ତଥା ସେମାନଙ୍କ ପରିବାର ଉପରେ ହେଉଥିବା ସାମାଜିକ ନିର୍ଯାତନାକୁ ନେଇ ସେମାନେ ପ୍ରତିବାଦ କରିବାରୁ କାହାର ବିଦ୍ୟୁତ୍ ତ କାହାର ପାନୀୟ ଜଳ ଯୋଗାଣକୁ ବିଚ୍ଛିନ୍ନ କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ସେମାନଙ୍କ ଉପରେ ଆର୍ଥିକ ଜରିମାନା ସେପୁଣି ସର୍ବାଧିକ ଏକ ଲକ୍ଷ ପର୍ଯ୍ୟନ୍ତ କରାଯାଇଛି। ସାମାଜିକ ବାସନ୍ଦ ହୋଇଥିବା ପରିବାରର ସଦସ୍ୟଙ୍କ ସହିତ ସମ୍ପର୍କ ରଖିବା ଅଭିଯୋଗରେ ଅନ୍ୟମାନଙ୍କ ଉପରେ ୧୦ହଜାର ପର୍ଯ୍ୟନ୍ତ ଆର୍ଥିକ ଜରିମାନା ମଧ୍ୟ ଜାରି କରାଯାଇଛି। ସାମାଜିକ ବାସନ୍ଦର ଶିକାର ପରିବାର ସଦସ୍ୟଙ୍କୁ ଗ୍ରାମରେ ରହିବାରେ ନାନାଦି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି କଳୁଷିତ ପ୍ରଥାର ତଥା ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଏକଛତ୍ରବାଦ ତଥା ତାଲିବାନୀ ଶାସନକୁ ବିରୋଧ କରି ନ୍ୟାୟ ପାଇଁ ଥାନା ଓ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ହେଁ କେଉଁଠାରୁ ମଧ୍ୟ ସେମାନଙ୍କୁ ନ୍ୟାୟ ମିଳିବା ଦୂରେ ଥାଉ ସେମାନଙ୍କ ଅଭିଯୋଗକୁ କେହି ଶୁଣୁନଥିବା ଅଭିଯୋଗ ହୋଇଛି। ଏଭଳି ପରିସ୍ଥିତିରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁହଁ ଖୋଲିବା ସହିତ ସେମାନଙ୍କର ମାନବିକ ଅଧିକାର ଉଲ୍ଲଂଘନ ହେଉଥିବା ଅଭିଯୋଗ କରିଛନ୍ତି। ସମସ୍ୟା ନେଇ ସେମାନେ ରାଜ୍ୟ ମାନବାଧିକାର ଆୟୋଗଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ତଦନ୍ତ ଜାରି ରହିଥିବା ସେମାନେ କହିଛନ୍ତି। ଗ୍ରାମରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକେ ସମାଜର ଅର୍ଥ ଆତ୍ମସାତ ବା ହଡପ କରିବାକୁ ମସୁଧା କରିବା ସହିତ ନିଜର ଆଧିପତ୍ୟ ଜାହିର କରିବାକୁ ଯାଇ ଏଭଳି କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ସେମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ ସହିତ ସମାଜୋର ସେମାନଙ୍କୁ ନିଜ ପରିବାର ବର୍ଗଙ୍କ ସହିତ ବଞ୍ଚିବାର ସୁଯୋଗ ଦିଆନଗଲେ ଚରମ ନିଷ୍ପତ୍ତି ନେବାକୁ ସେମାନେ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।



- ସାମାନ୍ୟ ମତାନ୍ତରରୁ ନିଆଁପାଣି ବାସନ୍ଦ ସହିତ ଦେବାକୁ ପଡୁଛି ଆର୍ଥିକ ଜରିମାନା
- ଭୟରେ ନାରାୟଣପୁର ଗାଁର ୧୪ପରିବାର, ମାନବାଧିକାର ଉଲ୍ଲଂଘନ ଅଭିଯୋଗ

# ଶିମିଳିପାଳ ରିସର୍ଟ ପ୍ରକଳ୍ପରୁ ହଟିଲା ହୋଟେଲ ସୋନାର ବାଂଲା

**ବନ ବିଭାଗ ସତ୍ୟପାଠରେ କହିଲା; ଆମେ କିଛି ଜାଣିନୁ, କୌଣସି ସ୍ଥଳ ପରିଦର୍ଶନରେ ଯୋଗ ଦେଇନାହୁଁ**

ବାରିପଦା,୪।୭(ସମିସ): ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ଇକୋ-ସେନସିଟିଭ୍ ଜୋନ୍ (ଇଏସଜେଡ) ଭିତରେ ପ୍ରସ୍ତାବିତ ହୋଟେଲ ଓ ରିସର୍ଟ ପ୍ରକଳ୍ପ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପୂର୍ବାଞ୍ଚଳ ବେଞ୍ଚରେ ଚାଲୁଥିବା ମାମଲାରେ ଗୁରୁତ୍ୱପୂର୍ଣ୍ଣ ବିକାଶ ଘଟିଛି। ହୋଟେଲ ସୋନାର ବାଙ୍ଗଲା ତାହାର ସତ୍ୟପାଠରେ ପ୍ରକଳ୍ପରୁ ସମ୍ପୂର୍ଣ୍ଣ ହଟିବା ଘୋଷଣା କରିଛି। ସୋନାର ବାଙ୍ଗଲା ପକ୍ଷରୁ ଦାଖଲ ହୋଇଥିବା ସତ୍ୟପାଠରେ କୁହାଯାଇଛି ଯେ, ପ୍ରାରମ୍ଭରେ ଶାମାଖୁଣ୍ଟା ବ୍ଲକ୍ ଲକ୍ଷ୍ମୀପୋଷି ମୌଜାର ପ୍ରାୟ ୧୦୦ ଏକର ଜମିରେ ହସ୍‌ପିଟାଲିଟି ପ୍ରକଳ୍ପ ସ୍ଥାପନ ପାଇଁ ଇଚ୍ଛା ପ୍ରକାଶ କରାଯାଇଥିଲା ଓ କିଛି ପ୍ରାଥମିକ ପଦକ୍ଷେପ ନିଆଯାଇଥିଲା। ସ୍ଥାନ ପରିଦର୍ଶନ ମଧ୍ୟ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସ୍ଥାନ ପରିଦର୍ଶନ ଓ ବିଭିନ୍ନ ଦିଗର ସମୀକ୍ଷା ପରେ ପ୍ରକଳ୍ପ ଆଗକୁ ନେବାକୁ ନିଷ୍ପତ୍ତି ନିଆଯାଇନାହିଁ। ବର୍ତ୍ତମାନ ଉକ୍ତ ଜମି ସହ କୌଣସି ପ୍ରକାରର ସମ୍ପର୍କ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଏଥିସହିତ ମାମଲାରୁ ନିଜର ନାମ ବାଦ୍ ଦେବାକୁ ମଧ୍ୟ ଅନୁରୋଧ କରାଯାଇଛି।

ଅନ୍ୟପକ୍ଷରେ ବାରିପଦା ବନଖଣ୍ଡ ଅଧିକାରୀଙ୍କ ପକ୍ଷରୁ ଆଇନଜୀବୀ ସଚିଦାନନ୍ଦ ଆଚାର୍ଯ୍ୟଙ୍କ ସତ୍ୟପାଠରେ ସମ୍ପୂର୍ଣ୍ଣ ଭିନ୍ନ ଚିତ୍ର ଉପସ୍ଥାପିତ ହୋଇଛି। ସେ କହିଛନ୍ତି, ଡିଆଇପିଏ, ଆଇପିଆଇସିଓଏଲ କିମ୍ବା ହୋଟେଲ ସୋନାର ବାଙ୍ଗଲା ପକ୍ଷରୁ କଥିତ ସ୍ଥଳ ପରିଦର୍ଶନ ସମ୍ପର୍କରେ ବନ ବିଭାଗର କୌଣସି ଜ୍ଞାନ ନ ଥିଲା। ବନ ବିଭାଗକୁ ପରାମର୍ଶ କରାଯାଇ ନ ଥିଲା ଓ ଏଥିରେ ବନ ବିଭାଗର କୌଣସି ଭୂମିକା ନ ଥିଲା। ତାଙ୍କ ସତ୍ୟପାଠରେ ଉଲ୍ଲେଖ ଅଛି ଯେ, ଖାତା ନମ୍ବର ୧୨୩, ପ୍ଲଟ ନମ୍ବର ୧୩୮ (ପାହାଡ଼ କିସମ) ର ଜମି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଇକୋ ସେନସିଟିଭ ଜୋନ୍ ସୀମା ଭିତରେ ଅଛି ଓ ବାଲଡିହା ରିଜର୍ଭ ଫରେଷ୍ଟରୁ ମାତ୍ର ୬୮୦ ମିଟର ଦୂରରେ ଅବସ୍ଥିତ। ଏହି ଜମି ପାଇଁ କୌଣସି ପ୍ରକାରର ବାଣିଜ୍ୟିକ ପ୍ରକଳ୍ପ ପାଇଁ କୌଣସି ଅନୁମତି ବା କ୍ଲିୟରାନ୍ସ ଦିଆଯାଇନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଏହି ପ୍ରକଳ୍ପ ନେଇ ପରିବେଶବିତଙ୍କ ଅଭିଯୋଗ ପରେ ଏନଜିଟି ଅନ୍ତରୀଣ ଆଦେଶ ଜାରି କରି ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଡିଆଇପିଏ, ଆଇପିଆଇସିଓଏଲ/ଡିଆଇପିଏ ଓ ହୋଟେଲ ସୋନାର ବାଙ୍ଗଲାକୁ ବିବାଦୀୟ ଜମିରେ କୌଣସି ନିର୍ମାଣ କାର୍ଯ୍ୟ ନ କରିବାକୁ ବାରଣ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାପାଳ ଓ ଜିଲ୍ଲା ପୁଲିସ ଆରକ୍ଷୀ ଅଧୀକ୍ଷକଙ୍କୁ ମଧ୍ୟ ଏହା ସୁନିଶ୍ଚିତ କରିବାକୁ କୁହାଯାଇଛି। ଆବେଦନକାରୀଙ୍କ ଆଇନଜୀବୀ ଆକାଶ ଶର୍ମା କହିଛନ୍ତି, ପ୍ରତିପକ୍ଷଙ୍କ ନିଜ ସତ୍ୟପାଠରୁ ସ୍ପଷ୍ଟ ଯେ, ଇକୋ-ସେନସିଟିଭ୍ ଜୋନ୍ ଭିତରେ ବାଣିଜ୍ୟିକ ପ୍ରକଳ୍ପ ପାଇଁ ପ୍ରାରମ୍ଭିକ ପଦକ୍ଷେପ ନିଆଯାଇଥିଲା। ପରିବେଶ ସୁରକ୍ଷା ଦୃଷ୍ଟିରୁ ଏନଜିଟିଙ୍କ ହସ୍ତକ୍ଷେପ ସମ୍ପୂର୍ଣ୍ଣ ନ୍ୟାୟ ସଙ୍ଗତ। ବର୍ତ୍ତମାନ ମାମଲାଟି ଏନଜିଟିରେ ବିଚାରାଧୀନ ରହିଛି। ଏହି ଘଟଣା ଶିମିଳିପାଳ ପରି ସମ୍ବେଦନଶୀଳ ଇକୋ-ସେନସିଟିଭ୍ ଅଞ୍ଚଳରେ ପର୍ଯ୍ୟଟନ ଓ ବାଣିଜ୍ୟିକ ପ୍ରକଳ୍ପ ପାଇଁ ଥିବା କଡ଼ା ନିୟମ ଓ ପରିବେଶ ସୁରକ୍ଷାର ଗୁରୁତ୍ୱକୁ ପୁନଃ ସ୍ମରଣ କରାଇଦେଇଛି।

# କଲେଜ ବସ୍ ଉପରେ ପଡ଼ିଲା ବିଦ୍ୟୁତ୍ ଖୁଣ୍ଟ

## ଅଳ୍ପକେ ବର୍ତ୍ତିଲେ ଛାତ୍ରଛାତ୍ରୀ

କୁକୁଡ଼ାଖଣ୍ଡି, ୪।୭ (ସମିସ)



ଅବହେଳା କେତେ ଭୟାବହ ପରିଣତି ଆଣିପାରେ, ତାହାର ଏକ ଜ୍ୱଳନ୍ତ ଉଦାହରଣ କୁକୁଡ଼ାଖଣ୍ଡି ବ୍ଲକର ଲାଠି ଗ୍ରାମରେ ଦେଖିବାକୁ ମିଳିଛି। ଦୀର୍ଘଦିନ ଧରି ବିପଦଜନକ ଅବସ୍ଥାରେ ଥିବା ଏକ ବିଦ୍ୟୁତ ଖୁଣ୍ଟକୁ ପରିବର୍ତ୍ତନ କରିବା ପାଇଁ ଗ୍ରାମବାସୀ ବାରମ୍ବାର ଟିପିଏସଓଡିଏଲ୍ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କରାଯାଇଥିବାରୁ ଏକ ବଡ଼ ଦୁର୍ଘଟଣା ଘଟିବାରୁ ଅଳ୍ପକେ ରକ୍ଷା ପାଇଛନ୍ତି କଲେଜ ଛାତ୍ରଛାତ୍ରୀ। ସୂଚନା ଅନୁଯାୟୀ, କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠି–ଚିକିଟି ମୁଖ୍ୟ ସଡ଼କରେ ଶନିବାର ଅପରାହ୍ଣ ପ୍ରାୟ ୫ଟା ସମୟରେ ମହୁଡ଼ା ଫାର୍ମାସିଷ୍ଟ କଲେଜର ଏକ ବସ୍ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ଲାଠି ଗ୍ରାମ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ପହଞ୍ଚିବାବେଳେ ରାସ୍ତା ପାର୍ଶ୍ୱରେ ଥିବା ଜରାଜୀର୍ଣ୍ଣ ବିଦ୍ୟୁତ ଖୁଣ୍ଟଟି ହଠାତ୍ ବସ୍ ଉପରେ ପଡ଼ିଯାଇ ଥିଲା। ସୌଭାଗ୍ୟବଶତଃ ଠିକ୍ ସମୟରେ ବିଦ୍ୟୁତ ସରବରାହ ବନ୍ଦ କରାଯାଇଥିବାରୁ ଏକ ସମ୍ଭାବ୍ୟ ଅଘଟଣ ଏଡ଼ାଇ ଯାଇଥିଲା ଏବଂ ବସ୍‌ରେ ଥିବା ଛାତ୍ରଛାତ୍ରୀ ସୁରକ୍ଷିତ ଭାବେ ବର୍ତ୍ତି ଯାଇଥିଲେ।ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଉକ୍ତ ବିଦ୍ୟୁତ ଖୁଣ୍ଟଟି ବହୁଦିନ ଧରି ବିପଦଜନକ ଅବସ୍ଥାରେ ଥିଲା।

ଏହାକୁ ପରିବର୍ତ୍ତନ କରିବା ସହ ରାସ୍ତା ପାର୍ଶ୍ୱରେ ବିଦ୍ୟୁତ ତାରକୁ ସ୍ପର୍ଶ କରୁଥିବା ଗଛ ଡାଳଗୁଡ଼ିକ କାଟିବା ପାଇଁ ଗ୍ରାମବାସୀ ବାରମ୍ବାର ଟିପିଏସଓଡିଏଲ୍ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ। କିନ୍ତୁ ଏହାକୁ ଗୁରୁତ ନେଦେବାରୁ ଆଜି ଏଭଳି ଅଘଟଣ ଘଟିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଘଟଣା ପରେ ଅଞ୍ଚଳରେ ଟିପିଏସଓଡିଏଲ୍‌ର କାର୍ଯ୍ୟକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଲୋକଙ୍କ ଅଭିଯୋଗ ହେଉଛି, କେବଳ ଦୁର୍ଘଟଣା ଘଟିବା ପରେ ନୁହେଁ, ବରଂ ଆଗୁଆ ସତର୍କତା ଓ ନିୟମିତ ରକ୍ଷଣାବେକ୍ଷଣ ମାଧ୍ୟମରେ ଏପରି ବିପଦକୁ ଏଡ଼ାଇବା ଆବଶ୍ୟକ ବୋଲି ସଚେତନ ମହଲ ମତ ପ୍ରକାଶ କରିଛନ୍ତି। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଦୁର୍ବଳ ବିଦ୍ୟୁତ ଖୁଣ୍ଟଗୁଡ଼ିକର ପରିବର୍ତ୍ତନ, ରାସ୍ତା ପାର୍ଶ୍ୱରେ ବିଦ୍ୟୁତ ତାରକୁ ବାଧା ସୃଷ୍ଟି କରୁଥିବା ଗଛ ଡାଳଗୁଡ଼ିକର କାଟିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଲଡୁ ମହାପାତ୍ରଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି



ଗଞ୍ଜାମ,୪।୭ (ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ମାଲାଡ଼ ଗ୍ରାମ ପଞ୍ଚାୟତର ବରଦା ଗ୍ରାମର ସମାଜସେବୀ ସ୍ୱର୍ଗତ ଲଡୁ ମହାପାତ୍ରଙ୍କ ଦ୍ୱାଦଶାହ ଦିବସରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ସମେତ ବହୁ ବରିଷ୍ଠ ଲୋକେ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସମିତିସଭ୍ୟ ପ୍ରତିନିଧି ଲିଙ୍ଗରାଜ ମହାପାତ୍ର, ପୂର୍ବତନ ସରପଞ୍ଚ ପ୍ରଭାତ କୁମାର ସେଠି, ସନ୍ତୋଷପୁର ମଣ୍ଡଳ ସଭାପତି ଟୁକୁନା ସାହୁ, ସମାଜସେବୀ ବି. ବନମାଳି ପ୍ରମୁଖଙ୍କ ସହ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ମୃତି ଚାରଣ କରିବା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ। ଏହି ଅବସରରେ ପୁତ୍ର କୃଷ୍ଣ ଚନ୍ଦ୍ର ମହାପାତ୍ର, ସୁବାସ ଚନ୍ଦ୍ର ମହାପାତ୍ର, ନାତି ଅରୁଣ ମହାପାତ୍ର ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଗଞ୍ଜାମ,୪।୭ (ସମିସ): କରପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ ଚନ୍ଦ୍ର ପଣ୍ଡାଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବଂଶୀଧର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବରାଜ ବେହେରା, ଗୋପାଳ ବେହେରା, ବସନ୍ତ କୁମାର ବେହେରା, ପୂର୍ଣ୍ଣ ଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ରବୀନ୍ଦ୍ର ସେଠୀ ସଂଯୋଜନା କରିଥିବା ବେଳେ ତାଙ୍କୁ ସହଯୋଗ କରିଥିଲେ ଶିକ୍ଷକ ଡମ୍ବରୁ ପ୍ରଧାନ, ଜଗବନ୍ଧୁ ଗୌଡ଼, ଶିକ୍ଷୟିତ୍ରୀ ଅନୁରାଧା ନାୟକ, ପୁଷ୍ପାଞ୍ଜଳି ସେଠୀ, ସନ୍ତୋଷୀ ଜେନା। ଶିକ୍ଷକ ସତ୍ୟବ୍ରତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କୃଷକ ପଞ୍ଜୀକରଣ ସଚେତନତା ପାଇଁ ବୈଠକ



ଧରାକୋଟ,୪।୭ (ସମିସ): ଧରାକୋଟ ତହସିଲ କାର୍ଯ୍ୟାଳୟରେ କୃଷକ ପଞ୍ଜୀକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତହସିଲଦାର ଲମ୍ବୋଦର ମାରାଣ୍ଡି, ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ବେହେରା, ବ୍ଲକ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଶିବାନୀ ମହାନ୍ତି, ରାଜସ୍ୱ ନିରୀକ୍ଷକ ଏସ ଜଗେୟା, ଆଦିତ୍ୟ ସେନାପତି ଉପସ୍ଥିତ ରହିଥିଲେ। କୃଷକ ପଞ୍ଜୀକରଣ ପାଇଁ ଆଧାର କାର୍ଡ, ଜମିଜମା, ମାଲିକାନାର ସଠିକ ତଥ୍ୟ ଦେଇ ଜନସେବା କେନ୍ଦ୍ର, ଗ୍ରାମପଞ୍ଚାୟତ ସହାୟକ, କୃଷକ ପଞ୍ଜୀକରଣ ଶିବିର କିମ୍ବା ନିଜେ ନିଜ ମୋବାଇଲ ଦ୍ୱାରା ନାମ ପଞ୍ଜୀକରଣ କରିବା ନେଇ ଆଲୋଚନା ହୋଇଥିଲା।

## କଇଠାରେ କ୍ଲଷ୍ଟରସ୍ତରୀୟ ଶିବିର ଓ ବନ ମହୋତ୍ସବ



ପାତ୍ରପୁର,୪।୭ (ସମିସ): ପାତ୍ରପୁର ବ୍ଲକ ଗୁଣ୍ଡୁରା ପଂଚାୟତ କଇଠା ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ଶନିବାର କ୍ଲଷ୍ଟରସ୍ତରୀୟ ବୈଠକ ସହ ବନ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଇଓ ସୀତାରାମ ପାତ୍ର, ସମ୍ମାନନୀୟ ଅତିଥି ଭାବେ ଫରେଷ୍ଟର ଅବିନାଶ ଚୌଧୁରୀ, ଏବିଇଓ ଜଗନ୍ନାଥ ଭୂୟାଁ ଓ ସିଆରସିସି ଏସ. ଭକ୍ତସିହ୍ନା ଉପସ୍ଥିତ ଥିବା ବେଳେ ପ୍ରଧାନ ଶିକ୍ଷକ କେ. ଦାସେୟା ସଭାପତିତ୍ୱ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନୂତନ ଶିକ୍ଷା ନୀତି, ପାଠ୍ୟ ପୁସ୍ତକ, ମୌଳିକ ସଂଖ୍ୟା ଜ୍ଞାନ ଓ ସ୍ୱାକ୍ଷରତା ଓ ସମୟ ନିର୍ଘଣ୍ଟ ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ ହୋଇଥିଲା। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ବେଣୁଗୋପାଳ ପାଢ଼ୀ ପରିଚାଳନା କରିଥିବା ବେଳେ ଗୁଣ୍ଡୁରା କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

## ଲଘୁଚାପ ବର୍ଷା ଆଣିଲା ଚାଷୀଙ୍କ ମୁହଁରେ ହସ

# ୟୁରିଆ ୩ ଗୁଣା ଅଧିକା ଦରରେ ବିକ୍ରି ଅଭିଯୋଗ

ପୋଲସରା,୪।୭ (ସମିସ): ଲଘୁଚାପ ବର୍ଷା ଆଣିଲା ଚାଷୀ ମନରେ ଖୁସି। ଯଦିବା ଚଳିତ ବର୍ଷ ବିଳମ୍ବରେ ମୌସୁମୀ ଆସିଛି କିନ୍ତୁ ପୋଲସରା ଅଞ୍ଚଳରେ ଗତ ଦୁଇଦିନ ଧରି ଲାଗିରହିଥିବା ବର୍ଷା ପାଇଁ ଏକ ବଡ ବିପର୍ଯ୍ୟୟରୁ ବର୍ତ୍ତିଯାଇଛି ଚାଷୀକୁଳ। ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ବର୍ଷା ଅଭାବରୁ ଅନେକ ସ୍ଥାନରେ ଧାନ ତଳି ପୋଡିଯାଇଛି। କିଛି ସ୍ଥାନରେ ତାତି ଯାଇଥିବାରୁ ସମଗ୍ର ଚାଷୀକୁଳ ବ୍ୟସ୍ତବିବ୍ରତ ହୋଇପଡିଥଲେ। ପୋଲସରା ବ୍ଲକର ମୋଟ ୨୬ ଟି ପଞ୍ଚାୟତରେ ଏବେ ତଳି ପୋଡିବା ଆଶଙ୍କା ରେ ଦିନକଟୁଥିଲେ। କିନ୍ତୁ ଗୁରୁବାର ଠାରୁ ଆରମ୍ଭ ହୋଇଥିବା ଲଘୁଚାପ ପ୍ରଭାବର ଲଗାଣ ବର୍ଷାରେ ଚାଷୀ ଦିନରାତି ଏକ କରି ଜମି ସଜାଡିବାରେ ଲାଗୁଛନ୍ତି। ବିଭିନ୍ନ ପଞ୍ଚାୟତରେ ତଳି ପକା, ଜମିକୁ କାଦୁଅ କରିବା ଓ ରୁଆ କାର୍ଯ୍ୟ ପାଇଁ ସବୁଠି ଚାଷୀମାନେ ବର୍ତମାନ ବିଲ ଅଭିମୁଖେ ବାହାରିଛନ୍ତି। ପୋଲସରା ବ୍ଲକ ର ପ୍ରାୟ ୭୦ ଭାଗ ଚାଷୀ ବର୍ଷା ପାଇଁ ଚାତକ ଭଳି ଚାହିଁ ବସିଥିବା ବେଳେ ଲଘୁଚାପ ଜନିତ ବର୍ଷା ସେମାନଙ୍କ ପାଇଁ ଆଶ୍ୱସ୍ତ ଆଣିବା ସହ କିଛିମାତ୍ରାରେ ଚାଷୀଙ୍କ ଚିନ୍ତା ଦୁରକରିପାରିବ ବୋଲି କୃଷି ବିଶେଷଜ୍ଞ ମତ ଦେଇଛନ୍ତି। ଚଳିତ ବର୍ଷର ଖରିଫ ଫସଲ ପାଇଁ ଏଭଳି ଝିପି ଝିପି ବର୍ଷା ଲାଭଦାୟକ ହେବ ଏବଂ ଚାଷ କାମ ଆଗକୁ ଯାଇପାରିବ ବୋଲି ଚାଷୀ ଶିବପ୍ରସାଦ ସାହୁ ଓ ଅନ୍ତର୍ଯ୍ୟାମୀ ପ୍ରଧାନ କହିଛନ୍ତି। ଅନ୍ୟପଟେ କିନ୍ତୁ ଚାଷ ଋତୁ ଆରମ୍ଭରୁ ଅଞ୍ଚଳର କିଛି ଅସାଧୁ ସାର ବ୍ୟବସାୟୀ ଚାଷୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏବେଠାରୁ ୟୁରିଆ ପିଡ଼ିଆ ବସ୍ତା ପିଛା ସରକାରୀ ଦର ଠାରୁ ୩ଗୁଣା ଅଧିକ ନେଉଥିବା ଅଭିଯୋଗ ଆସିଛି। ଗୋଟିଏ ପଟେ ଲଗାଣ ବର୍ଷା ଚାଷୀ ମନରେ ଟିକେ ଖୁସୀ ଆଣିଥିବା ବେଳେ ସାର ବିକ୍ରିରେ ଏବେଠୁ କଳାବଜାରୀ ଆରମ୍ଭ ହେବା ଜାଣି ଚାଷୀଙ୍କ ମନରେ ଛନକା ପଶିଥିବା ମନେହେଉଛି।



## ଗୁପ୍ତେଶ୍ୱର ମନ୍ଦିର-ଷଣ୍ଢମୂଳ ଭଣ୍ଡାରି ସାହି ରାସ୍ତା ଶୋଚନୀୟ



ବେଗୁନିଆପଡ଼ା,୪।୭ (ସମିସ): ଗଞ୍ଜାମ ଜିଲ୍ଲା ବେଗୁନିଆପଡା ବ୍ଲକ ଷଣ୍ଢମୂଳ ପଂଚାୟତର ରାହାଡା ଗୁପ୍ତେଶ୍ୱର ମନ୍ଦିର ଠାରୁ ଷଣ୍ଢମୂଳ ଭଣ୍ଡାରି ସାହି ପର୍ଯ୍ୟନ୍ତ ରାସ୍ତା ସାମାନ୍ୟ ବର୍ଷାରେ ପାଣି କାଦୁଅରେ ଭରପୁର। ଫଳରେ ଜନସାଧାରଣ ତଥା ଭକ୍ତ ବୃନ୍ଦ ଉକ୍ତ ରାସ୍ତା ଦେଇ ଯିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଏହି ରାସ୍ତା ଦେଇ ଦୈନନ୍ଦିନ ରାହାଡା ମେଡିକାଲ, ହଂସତୂଳୀ, ତାଳସର, ତାଳଗାଁ, ଗୋପାଳପୁର ଆଦି ଗ୍ରାମକୁ ଶହଶହ ଲୋକ ମାନେ ଯିବା ଆସିବା କରନ୍ତି। ବର୍ତ୍ତମାନ ଏହି ରାସ୍ତା ଦେଇ ଯିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ସ୍ୱାଧୀନତାର ବହୁ ବର୍ଷ ପରେ ମଧ୍ୟ ଏହି ପ୍ରକାର ରାସ୍ତା ଅବସ୍ଥା ଦେଖି ଜନସାଧାରଣ ମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଜେଡି ସରକାର ପରେ କଥାକଥିତ ଲୋକଙ୍କ ସରକାର ମଧ୍ୟ ଏଥିପ୍ରତି ଦୃଷ୍ଟି ନଦେବା ଦୁଃଖର କଥା। ଅତିଶିଘ୍ର ଏହି ରାସ୍ତା ନିର୍ମାଣ କରିବା ପାଇଁ ଜନ ସାଧାରଣ ଅନୁରୋଧ କରିଛନ୍ତି ନତୁବା ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସାଧାରଣ ରେ ଦାବୀ ହୋଇଛି।

## ତାଲୁକ ଆଇନ ସେବା କମିଟି ପକ୍ଷରୁ ବନ ମହୋତ୍ସବ



ଛତ୍ରପୁର, ୪।୭ (ସମିସ): ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ବନ ମହୋତ୍ସବ କାର୍ଯ୍ୟକ୍ରମ ସ୍ଥାନୀୟ ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ପରିସର ରେ କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ଛତ୍ରପୁର) ପ୍ରଦୀପ କୁମାର ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିନିୟର ସିଭିଲ ଜଜ୍ ପୂଜା ଦେ, ଏସ୍‌ଡିଜେଏମ୍ ବିଷ୍ଣୁପ୍ରିୟା ସାମନ୍ତରାୟ, ଜେଏମ୍‌ଏଫସି ସ୍ୱାଗତିକା ସ୍ୱାଇଁ, କମିଟିର ସଭ୍ୟ ମନୋଜ କୁମାର ପାଢ଼ୀ ଓ ସୁରଜିତ ସାମନ୍ତରାୟ, ସରକାରୀ ଓକିଲ ପ୍ରଦୀପ କୁମାର ପାଢ଼ୀ, ବ୍ରଜ ମୋହନ ଆଚାର୍ଯ୍ୟ ଓ ପି. ଧର୍ମା ରେଡ୍ଡୀ, ଛତ୍ରପୁର ଓକିଲ ସଂଘର ସଭାପତି ଏଲ. ଗୋପାଳ ରାଓ, ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଅଜୟ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ବୃକ୍ଷ ଚାରାରୋପଣ କରିଥିଲେ।

## ବନ ମହୋତ୍ସବ ସଚେତନତାଧର୍ମୀ ନାଟକ 'ଗଛର ଡାକ'



ଭଞ୍ଜନଗର,୪।୭ (ସମିସ): ମୁଜାଗଡ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭୭ତମ ବନ ମହୋତ୍ସବ ଅବସରରେ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା "ଗଛର ଡାକ' ଶୀର୍ଷକ ଏକ କ୍ଷୁଦ୍ର ସଚେତନତାଧର୍ମୀ ନାଟକ ପରିବେଷଣ କରାଯାଇଥିଲା। ଆୟୋଜିତ ସଚେତନତା ସଭାରେ ଅଧ୍ୟକ୍ଷତା କରିଥିଲେ ଅଧ୍ୟକ୍ଷା ପି. କୁନିଆମା ଦୋରା। ମୁଖ୍ୟ ଅତିଥି ରୂପେ ମୁଜାଗଡ ବନାଞ୍ଚଳର ଫରେଷ୍ଟର ରାଜେନ୍ଦ୍ର ନାରାୟଣ ଦଳେଇ ଓ ଅନ୍ୟ ବନ କର୍ମଚାରୀ ମାନେ ଯୋଗ ଦେଇ ବୃକ୍ଷ ରୋପଣର ମହତ୍ୱ ସଂପର୍କରେ ଉଲ୍ଲେଖ କରିଥିଲେ।ମୁଖ୍ୟବକ୍ତା ରୂପେ ଜାଇକା ପ୍ରକଳ୍ପ ଏନଜିଓ ସଦସ୍ୟ ଶଙ୍କର ପ୍ରଧାନ ଯୋଗ ଦେଇ ଚାରାରୋପଣର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କର୍ଯ୍ୟକ୍ରମକୁ ଅଧ୍ୟାପକ ତ୍ରିନାଥ ବେହେରା ସଂଯୋଜନା କରିଥିବା ବେଳେ ଇକୋ କ୍ଲବ୍ ସଂଯୋଜିକା ତଥା ବରିଷ୍ଠ ଶିକ୍ଷୟିତ୍ରୀ ଉଷାରାଣୀ ଦାସ୍, ଅଧ୍ୟାପିକା ସଙ୍ଗୀତା ସ୍ୱାଇଁ, ବରିଷ୍ଠ ଶିକ୍ଷୟିତ୍ରୀ ବୈଜୟନ୍ତିମାଳା ପ୍ରିୟଦର୍ଶିନୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ଶତାଧିକ ଚାରରୋପଣ କରଯାଇଥିଲା। ପରେ "ମାଆ ଙ୍କ ପାଇଁ ଗଛଟିଏ' କାର୍ଯକ୍ରମ ଅଧୀନରେ ଛାତ୍ରଛାତ୍ରୀଙ୍କୁ ଚାରା ବଣ୍ଟନ କରାଯାଇଥିଲେ। ପୂର୍ବରୁ ଅନୁଷ୍ଠିତ ବନ ମହୋତ୍ସବ ସମ୍ବନ୍ଧୀୟ କୁଇଜ୍, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାର କୃତୀ ଶିକ୍ଷାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବିଦ୍ୟାଳୟରେ ବନ ମହୋତ୍ସବ



କୁକୁଡାଖଣ୍ଡି, ୪।୭ (ସମିସ): କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ପୁରୁଣାପାଟଣା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆଜି ୭୭ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ସୁନନ୍ଦା ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଗୋକୁଳ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଜିର ଏହି ଅବସରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ତାମଣା ରେଞ୍ଜର ବନ କର୍ମଚାରୀମାନେ ବିଭିନ୍ନ ପ୍ରକାରର କୃତି ଚାରା ସହ ଉପସ୍ଥିତ ରହି ଏହି ସାରସ୍ୱତ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। କାର୍ଯ୍ୟକ୍ରମରେ ବୃକ୍ଷରୋପଣ ସାଙ୍ଗକୁ ଗ୍ରାମରେ ସଚେତନତା ରାଲି ତଥା ସଭା ମଧ୍ୟ ଆୟୋଜନ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ କର୍ମଚାରୀ ଯଥା- ନିରଞ୍ଜନ ନାୟକ, ପ୍ରମୋଦ ଶବର, ଗଜେନ୍ଦ୍ର ଶବର, ଦିଗମ୍ବର ମଣ୍ଡଳ, ଚନ୍ଦ୍ର ଶବର, ଅର୍ଣ୍ଣପୂର୍ଣ୍ଣା ପଣ୍ଡା, ସିମାଞ୍ଚଳ ଦାସ, ବି. ରାଜେୟା ରେଡ୍ଡୀ, ସାନ୍ତନୁ ପାତ୍ର, ଅମିତ୍ ମଲ୍ଲିକ, ସତ୍ୟବାନ ସାହୁ ଓ ଅନ୍ୟମାନେ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ପ୍ରକାଶ ଥାଉକି, ଏହି ବିଦ୍ୟାଳୟଟି ବିଭିନ୍ନ ପ୍ରକାର କୃତି ସଂରକ୍ଷଣ କରିବାରେ ଅଗ୍ରଣୀ କାର୍ଯ୍ୟ ସମ୍ପାଦନ କରୁଛି।

## କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ବନ ମହୋତ୍ସବ




ଛତ୍ରପୁର, ୪।୭ (ସମିସ): କେନ୍ଦ୍ରୀୟ ବିଦ୍ୟାଳୟ ଛତ୍ରପୁରର ନିର୍ମାଣାଧୀନ ଆର୍ଯ୍ୟପଲ୍ଲୀ ପରିସରରେ ଏକ ବିଶାଳ ବୃକ୍ଷରୋପଣ (ବନ ମହୋତ୍ସବ) ଅଭିଯାନ ଦେଶବ୍ୟାପୀ ଚାଲିଥିବା 'ଏକ ପେଡ୍ ମା କେ ନାମ' ୩.୦ ପଦକ୍ଷେପ ଅଧୀନରେ ଆୟୋଜିତ ହୋଇଥିଲା। ଗଞ୍ଜାମ କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଭି. କୀର୍ତ୍ତି ଭାସନ ଅଭିଯାନର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଓଡ଼ିଶା ପରିବେଶ ସମାଜ ସହିତ ସକ୍ରିୟ ସମନ୍ୱୟରେ ଅନୁଷ୍ଠିତ ହୋଇଥିଲା। ସ୍କୁଲର ଭାରପ୍ରାପ୍ତ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପଣ୍ଡା, ଭାରତୀୟ ତଟରକ୍ଷୀ ବାହିନୀର କମାଣ୍ଡିଂ ଅଧିକାରୀ ଉତ୍କର୍ଷ ଗୌତମ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁମନ ଜୀ, ଗୋପାଳପୁର ପୋର୍ଟସ୍ ଲିମିଟେଡ୍ର ବ୍ୟବସାୟ ମୁଖ୍ୟ ପ୍ରସାନ୍ତ ପାତ୍ର, ଓଡ଼ିଶା ପରିବେଶ ସମାଜର ସଚିବ, ଭୁବନେଶ୍ୱର ମନୋରଞ୍ଜନ ମିଶ୍ର, ଡକ୍ଟର ଜେ.କେ. ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମାଜ, ଭୁବନେଶ୍ୱର ସୁକାନ୍ତ ପଟ୍ଟନାୟକ, ସଦସ୍ୟ ସଂଯୋଜକ ଓଡ଼ିଶା ପରିବେଶ ସମାଜ ଉପସ୍ଥିତ ଥିଲେ। ସ୍କୁଲ ପିଲାମାନେ ପ୍ଲାକାର୍ଡ ଏବଂ ବ୍ୟାନର ଧରି ପରିବେଶ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ ସ୍ଲୋଗାନ ଦେଇ ଥିଲେ। ସମ୍ମାନିତ ବ୍ୟକ୍ତିମାନେ ଛାତ୍ରଛାତ୍ରୀମାନଙ୍କୁ "ପରିବେଶ ଚାମ୍ପିଅନ" ହେବାକୁ ଏବଂ ବ୍ୟାପକ ସମାଜରେ ସ୍ଥାୟୀତ୍ୱର ବାର୍ତ୍ତା ପହଞ୍ଚାଇବାକୁ ଅନୁରୋଧ କରିଥିଲେ।

# ଶେଷ ହେଉନି ସ୍ମାର୍ଟ ମଶାଣି କାମ

କୋଦଳା,୪।୭ (ସମିସ)



ମୃତ ବ୍ୟକ୍ତିଙ୍କ ଆତ୍ମୀୟ ସ୍ୱଜନଙ୍କ ପାଇଁ ଏକ ସକାରାତ୍ମକ ପରିବେଶ ମଧ୍ୟରେ ସ୍ମାର୍ଟ ଶ୍ମଶାନ କାମ ଚାଲିଛି। ତେବେ ଦୁର୍ଭାଗ୍ୟର କଥା ହେଉଛି ଏହି କାମ ଏଯାବତ ସମ୍ପୂର୍ଣ୍ଣ ହୋଇ ପାରୁନି। ଗଞ୍ଜାମ କୋଦଳା ଏନଏସିରେ ୨୦୨୧/୨୨ ଆର୍ଥିକ ବର୍ଷରେ ପୂର୍ବ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା ସ୍ମାର୍ଟ ଶ୍ମଶାନ। ତେବେ ଏହି କାମ କେବେ ସରିବ ତାକୁ ନେଇ କୋଦଳା ବାସିଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଛି। ଗୋଟିଏ ପର୍ଯ୍ୟାୟରେ ଟେଣ୍ଡର ହୋଇ ପାଚେରୀ କାମ ଶେଷ ହୋଇଥିବା ବେଳେ ପୁଣି ଆଉ ଏକ ପର୍ଯ୍ୟାୟରେ ପ୍ରାୟ ୫୦ ଲକ୍ଷ ଟଙ୍କାର ଟେଣ୍ଡର ହୋଇଛି। କିନ୍ତୁ ଦୁଃଖର ବିଷୟ ଆଜି ପର୍ଯ୍ୟନ୍ତ ଶ୍ମଶାନ କାର୍ଯ୍ୟ ଶେଷ ହୋଇନି ଓ ଲୋକଙ୍କ କାମରେ ଆସି ପାରିଲା ନାହିଁ। ଶୁଣିବାକୁ ମିଳୁଛି ଯେ, କିଛି କାଉନସିଲର ମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ବିଭିନ୍ନ ଆଳ ଦେଖାଇ ବିଭାଗୀୟ ଯନ୍ତ୍ରୀଙ୍କୁ ଖୋସାମଦ କରି ୨ ଲକ୍ଷ ଟଙ୍କିଆ ସର୍ଟ ଟେଣ୍ଡର ମାଧ୍ୟମରେ କାମ ଯୋଗାଇ ଦିଆଯାଉଛି। ତେବେ ଏତେ ପରିମାଣର ଅର୍ଥ ବରାଦ ସତ୍ତ୍ୱେ କାହିଁକି କାମ ହେଉନି, କଣ ରହିଛି ଏହାର ଉଦ୍ଦେଶ୍ୟ, ତାକୁ ନେଇ ସହରର ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

ସାମାଜିକ-ସାଂସ୍କୃତିକ ଏବଂ ଧାର୍ମିକ ଆବଶ୍ୟକତା ପୂରଣ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ସାମୂହିକ ସ୍ମାର୍ଟ ଶ୍ମଶାନ ପାଇଁ ଆନ୍ତରାକତାର ଅଭାବ ନା ରାଜନୈତିକ ଇଚ୍ଛାଶକ୍ତିର ଅଭାବ ତାକୁ ନେଇ ପ୍ରଶ୍ନ ଉଠିଛି। ନିରାପଦ ଏବଂ ଉପଭୋକ୍ତା-ଅନୁକୂଳ ସେବା ପ୍ରଦାନର ଆଶା ପୂରଣ କରିବା ପାଇଁ ଶ୍ମଶାନ ଭିତ୍ତିଭୂମିର ବିକାଶ ଜରୁରୀ ଥିବା ବେଳେ ଅର୍ଥ ବରାଦ ସତ୍ତ୍ୱେ କାମ ଶେଷ ନହେବା ଦୁର୍ଭାଗ୍ୟର ବିଷୟ ବୋଲି କହିଛନ୍ତି ଏନଏସି ଉପାଧ୍ୟକ୍ଷା। ଏ ସମ୍ପର୍କରେ ତଦନ୍ତ କରାଯିବାକୁ ଦାବି କରିଛନ୍ତି କୋଦଳା ଏନଏସି ଉପାଧ୍ୟକ୍ଷା ରଞ୍ଜିତା ସେଠୀ। ଏନେଇ ବିଭାଗୀୟ ଅଧିକାରୀଙ୍କ ସହ ବାରମ୍ବାର ଅଭିଯୋଗ କରିଥିବା ସେ କହିଛନ୍ତି। ସେପଟେ ଏନ ଏ ସି କାର୍ଯ୍ୟ ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ କହିଛନ୍ତି ଖୁବ ଶୀଘ୍ର କାମ ଶେଷ ହେବ ଏବଂ ଲୋକାର୍ପଣ କରାଯିବ। ତେବେ ଏହା କେବେ ସମ୍ପୂର୍ଣ୍ଣ ହେବ ତାହା ଦେଖିବାକୁ ବାକି ରହିଲା।

## ଆର୍‌ଡିସିଙ୍କ ଦ୍ୱାରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିରୀକ୍ଷଣ



ଛତ୍ରପୁର,୪।୭ (ସମିସ): ଦକ୍ଷିଣାଞ୍ଚଳ ଆରଡିସି ସଂଗ୍ରାମ କେଶରୀ ମହାପାତ୍ର ଶନିବାର ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିରୀକ୍ଷଣ କରିଛନ୍ତି। ଜିଲ୍ଲାପାଳଙ୍କ ନିଜସ୍ୱ ପ୍ରକୋଷ୍ଠରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଦେବଦତ୍ତ ପଣ୍ଡା ଏବଂ ସୁନିଲ କୁମାର କେର୍କଟାଙ୍କ ଉପସ୍ଥିତରେ ବିଭିନ୍ନ ବିଭାଗର କାର୍ଯ୍ୟଗୁଡିକ ଟିକନୀଖି ଯାଞ୍ଚ କରିଛନ୍ତି। ଏସ ଆଇ ଆର କାର୍ଯ୍ୟ, ରାଜସ୍ୱ ଆଦାୟ, ରାସନ ବଣ୍ଟନ,"ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ' ଯୋଗାଣ, ଡିଏସଡବ୍ଲୁ, ୱେଲଫର, ଡ଼ିଏସଓଓ, ଜିଏନଏମ, ଜୁଡ଼ିସୀଆଲ, ଡ଼ିଏସଓ, ଶ୍ରମ, ସଂସ୍କୃତି ବିଭାଗ ଠାରୁ ଆରମ୍ଭ କରି ସମସ୍ତ ବିଭାଗର ତଦାରଖ କରିଛନ୍ତି।

**ପୀତବାସ ହତ୍ୟା ମାମଲା**

# ବଦଳିଲା ଠିକଣା; ମେଡିକାଲରୁ ଜେଲ୍ ଗଲେ ମଦନ

ବ୍ରହ୍ମପୁର,୪।୭ (ସମିସ)



ବଦଳିଲା ଅଭିଯୁକ୍ତ ତଥା ଆଇନଜୀବୀ ମଦନ ଦଳେଇଙ୍କ ଠିକଣା। ଦୀର୍ଘ ୩ମାସରୁ ଉର୍ଦ୍ଧ୍ବ ଦିନ ପରେ ମଦନଙ୍କୁ ପୁଣି ଥରେ ଏମକେସିଜି ମେଡିକାଲରୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ସ୍ଥାନାନ୍ତର କରାଯାଇଛି। ମଦନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ବେଳେ ତାଙ୍କର ଓ ତାଙ୍କ ପରିବାର ସଦସ୍ୟଙ୍କ ସହମତି ସହିତ ଉପସ୍ଥିତି ଜରୁରୀ ବୋଲି କୋର୍ଟ ଓ ଖୋଦ୍ ଜେଲ କର୍ତ୍ତୃପକ୍ଷ ଲିଖିତ ଜଣାଇଛନ୍ତି। ତେବେ ଏକ୍ଷେତ୍ରରେ କୋର୍ଟ ଓ ଜେଲ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଖିଲାପ କରି ତରବରିଆ ଭାବେ ମଦନଙ୍କୁ ମେଡିକାଲରୁ ଡିସଚାର୍ଜ କରାଯାଇଥିବା ଅଭିଯୋଗ ହୋଇଛି। ଗତକାଲି ଯଦିଓ କୋର୍ଟ ମଦନଙ୍କୁ ତାଙ୍କ ନିଜ ରିସ୍କରେ ଜେଲକୁ ଯିବାକୁ ନିର୍ଦ୍ଦେଶ ଦେଇଥିଲେ ତେବେ ଚିକିତ୍ସା ପାଇଁ ଦିର୍ଘ ୩ମାସରୁ ଉର୍ଦ୍ଧ୍ବ କାଳ ମେଡିକାଲରେ ରହିବା ପରେ ବିନା ଚିକିତ୍ସା ଓ ଅସ୍ତ୍ରୋପଚାରରେ ମଦନ ନିଜ ରିସ୍କରେ ଡାକ୍ତରଖାନା ଛାଡିବାକୁ ମନା କରିଥିଲେ। ଯଦିଓ ସେ ଅସ୍ତ୍ରୋପଚାର ପାଇଁ ନିଜର ସହମତି ପ୍ରକାଶ କରିଛନ୍ତି। ଏଭଳି ପରିସ୍ଥିତିରେ ଆଜି ଅପରାହ୍ନରେ ମଦନଙ୍କୁ କଡା ସୁରକ୍ଷା ଭିତରେ ମେଡିକାଲରୁ ଡିସଚାର୍ଜ କରି ହ୍ୱିଲ ଚେୟାରରେ ୩ମହଲା ଉପରୁ ତଳକୁ ଅଣାଯାଇ ପୁଣି ଚେୟାରରେ ଆମ୍ବୁଲାନ୍ସରେ ଭର୍ତ୍ତି କରାଯାଇ ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ମଦନଙ୍କୁ ମେଡିକାଲରୁ ସୁରକ୍ଷିତ ତଥା ବିନା ଦ୍ୱିଧାରେ ଜେଲକୁ ସ୍ଥାନାନ୍ତର କରିବା ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ଅପରପକ୍ଷେ ନ୍ୟାୟ ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି ମୃତ ପିତବାସଙ୍କ ପରିବାର ସଦସ୍ୟ। ମଦନଙ୍କୁ ଯଦିଓ ପୁଲିସ କୋର୍ଟଙ୍କ ନିର୍ଦ୍ଦେଶକୁ ଖିଲାପ କରି ଜେଲକୁ ତରବରିଆ ସ୍ଥାନାନ୍ତର ସମ୍ପୂର୍ଣ୍ଣ ଭୂଲ ବୋଲି ଦର୍ଶାଇ ମଦନଙ୍କ ଓକିଲ ଏହାକୁ କୋର୍ଟରେ ଚାଲେଞ୍ଜ କରିବା ସହ ଆବଶ୍ୟକ ସ୍ଥଳେ ହାଇକୋର୍ଟର ଦ୍ୱାରସ୍ଥ ହେବେ ବୋଲି ମଧ ସ୍ପଷ୍ଟ ସୂଚନା ଦେଇଛନ୍ତି। ତେବେ ଅପରାହ୍ନରେ ମଦନଙ୍କୁ ହ୍ୱିଲ ଚେୟାରରେ ବସାଇ ୩ମହଲା ଉପରୁ ତଳକୁ ଅଣାଯାଇ ଆମ୍ବୁଲାନ୍ସ ଯୋଗେ କଟକ ଏସସିବିକୁ ସ୍ଥାନାନ୍ତର କରାଯାଇଥିଲା। ସ୍ଥାନାନ୍ତର ବେଳେ ମଦନ ଯନ୍ତ୍ରଣାରେ କଷ୍ଟ ଅନୁଭବ କରୁଥିବା ବେଳେ ସେଠାରେ ନିୟୋଜିତ ମାଜିଷ୍ଟ୍ରେଟଙ୍କୁ ସେ ନିଜର ଯନ୍ତ୍ରଣା ସହିତ ତାଙ୍କ ପ୍ରତି କରାଯାଉଥିବା ନିର୍ଯାତନା ସମ୍ପର୍କରେ ଅବଗତ କରିଥିଲେ। ଆସନ୍ତା ୧୩ତାରିଖରେ ହାଇକୋର୍ଟରେ ମଦନଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ଆନ୍ତରୀଣ ଜାମିନ ଆବେଦନ ଉପରେ ଶୁଣାଣି ରହିଥିବା ଜଣାପଡିଛି।

## ଡିସଚାର୍ଜ ପିଟିସନ ଉପରେ ପରବର୍ତ୍ତୀ ଶୁଣାଣି ୧୦ରେ



ବ୍ରହ୍ମପୁର,୪।୭ (ସମିସ): ବହୁ ଚର୍ଚ୍ଚିତ ପିତବାସ ପଣ୍ଡା ହତ୍ୟା ମାମଲାରେ ଆଜି ବିଚାରଣା ହୋଇଛି। ତେବେ ବିଭିନ୍ନ କାରଣରୁ ଉଭୟ ସରକାରୀ ଓ ପ୍ରତିପକ୍ଷଙ୍କ ଓକିଲଙ୍କ ପକ୍ଷରୁ ସମୟ ମଗାଯିବାରୁ କୋର୍ଟ ଆସନ୍ତା ୧୦ତାରିଖରେ ଏହି ମାମଲାର ପରବର୍ତ୍ତି ଶୁଣାଣି କରିବାକୁ ଦିନ ଧାର୍ଯ୍ୟ କରିଛନ୍ତି। ମାମଲାରେ ଗିରଫ ସମସ୍ତ ୧୬ଜଣ ଅପରାଧିଙ୍କ ପାଇଁ ସେମାନଙ୍କ ଓକିଲ ଡିସଚାର୍ଜ ପିଟିସନ ଦାଖଲ କରିସାରିଛନ୍ତି। ଯାହାର ବିଚାରଣା ମଧ୍ୟ ଚାଲିଛି। ପ୍ରଥମେ ପୁଲିସ ପକ୍ଷରୁ କୋର୍ଟରେ ୧୬୬୭ପୃଷ୍ଠାର ପ୍ରାଥମିକ ଚାର୍ଜସିଟ ଦାଖଲ କରିଥିବା ବେଳେ ବର୍ତ୍ତମାନ ଅତିରିକ୍ତ ୩୯୬ପୃଷ୍ଠାର ଚାର୍ଜସିଟ ଦାଖଲ କରି ଏହା ଚୂଡାନ୍ତ ରିପୋର୍ଟ ବୋଲି ଦର୍ଶାଇଛି। ମାମଲାରେ ପୁଲିସ ପୂର୍ବରୁ ୧୨୨ଜଣ ସାକ୍ଷ୍ୟଙ୍କୁ ରଖିଥିବା ବେଳେ ବର୍ତ୍ତମାନ ଅଧିକ ୨୭ଜଣଙ୍କୁ ସାକ୍ଷ୍ୟ ଭାବେ ଗ୍ରହଣ କରି ସେମାନଙ୍କ ଠାରୁ ବୟାନ ରେକର୍ଡ କରିଥିବା ଜଣାପଡିଛି। ସେପଟେ ଅଦାଲତରେ ମାମଲା ଚାଲିଥିବା ବେଳେ ପ୍ରତିପକ୍ଷ ଓକିଲଙ୍କ ଠାରୁ ସୂଚନା ପାଇ ପୁଲିସ ତଥା ତଦନ୍ତକାରୀ ଅଧିକାରୀ ରିପୋର୍ଟରେ ସଂଶୋଧନ ସହିତ ନୂତନ ତଥ୍ୟ ସଂଯୋଗ କରୁଥିବା ନେଇ ପ୍ରତିପକ୍ଷ ଓକିଲ କପିଳେଶ୍ୱର ପଟ୍ଟନାୟକ କୋର୍ଟକୁ ଜଣାଇଥିଲେ। ଯାହାକୁ କୋର୍ଟ ଗୁରୁତ୍ୱର ସହିତ ନେଇଥିବା ଜଣାପଡିଛି। ଯେକୌଣସି ମାମଲାରେ ପୁଲିସ ପକ୍ଷରୁ ସମ୍ପୂର୍ଣ୍ଣ ଦଲିଲ ବା ତଥ୍ୟ ଚାର୍ଜସିଟ ଜରିଆରେ ଉପସ୍ଥାପନ କରିବାର ୬୦ଦିନ ମଧ୍ୟରେ ଡିସଚାର୍ଜ ଫ୍ରେମ ସମ୍ପର୍କିତ ଶୁଣାଣି ହେବ ଓ ତାହା ପରେ ହିଁ ଅଭିଯୁକ୍ତଙ୍କ ବିରୁଦ୍ଧରେ ଚାର୍ଜଫ୍ରେମ ହୋଇପାରିବ ବୋଲି ଜଣାପଡିଛି। ଫଳରେ ପୂର୍ବରୁ ତଦନ୍ତକାରୀ ପୁଲିସ ଅଧିକାରୀ ପ୍ରାଥମିକ ଚାର୍ଜସିଟ ଦାଖଲ କରିଥିବା ବେଳେ ନିକଟରେ ୩୯୬ପୃଷ୍ଠାର ଚୂଡାନ୍ତ ବା ଅତିରିକ୍ତ ଚାର୍ଜସିଟ ଦାଖଲ କରିଛି। ଫଳରେ ପ୍ରତିପକ୍ଷଙ୍କୁ ଅଧିକ ୬୦ଦିନର ସମୟ ମିଳିପାରିଛି।

## ଜନମତ ସଂଗ୍ରହ ଆଳରେ ଅବୈଜ୍ଞାନିକ ପାଠ୍ୟକ୍ରମ ପ୍ରଚଳନ ଚକ୍ରାନ୍ତ ବନ୍ଦ କରିବାକୁ ଦାବି

ବ୍ରହ୍ମପୁର,୪।୭ (ସମିସ): ପ୍ରଥମରୁ ଚତୁର୍ଥ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ସଂଶୋଧିତ ପାଠ୍ୟପୁସ୍ତକ ଗୁଡିକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ରାଜ୍ୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦ (ଏସସିଇଆରଟି) ଏବଂ 'ଓସେପା'ର ୱେବସାଇଟରେ ଅପଲୋଡ୍ ହୋଇଛି। ଉକ୍ତ ପୁସ୍ତକଗୁଡିକ ସମ୍ବନ୍ଧରେ ସୁଚିନ୍ତିତ ମତାମତ ଜନସାଧାରଣ ୭ଦିନ ମଧ୍ୟରେ ଦେବେ କୁହାଯାଇଛି। ବିଭାଗର ଏଭଳି ବିଜ୍ଞପ୍ତିକୁ ନେଇ ଏଆଇଡିଏସଓ ଓଡ଼ିଶା ରାଜ୍ୟ ପରିଷଦର ସଭାପତି ସୋମନାଥ ବେହେରା ଓ ସମ୍ପାଦକ ସିଦ୍ଧାର୍ଥ ରଥ ଦୃଢ଼ ସମାଲୋଚନା କରି କହିଛନ୍ତି। ଜନମତ ସଂଗ୍ରହ ଆଳରେ ସରକାର ଅବୈଜ୍ଞାନିକ ଓ ଅଯୌକ୍ତିକ ପାଠ୍ୟକ୍ରମ ପ୍ରଚଳନ କରିବାକୁ ଚକ୍ରାନ୍ତ କରୁଛନ୍ତି। ପ୍ରଥମତଃ ପାଠ୍ୟ ପୁସ୍ତକରେ ସଂଶୋଧନ କେବଳ କିଛି ବନାନଗତ ବା ବ୍ୟାକରଣଗତ କିମ୍ବା ତଥ୍ୟଭିତ୍ତିକ କରାଯିବ ସେତିକି ନୁହେଁ, ଆହୁରି ମଧ ବିଜ୍ଞାନସମ୍ମତ ଓ ଯୁକ୍ତିସଙ୍ଗତ ଏବଂ ମୌଳିକ ଧାରଣା ଭିତ୍ତିକ ବିଷୟବସ୍ତୁ ପାଠ୍ୟ ପୁସ୍ତକରେ ସ୍ଥାନ ପାଇବା ଆବଶ୍ୟକ ଓ ଏହା ଏକ ସମୟସାପେକ୍ଷ କାର୍ଯ୍ୟ ବୋଲି ଏଆଇଡିଏସଓ ଦାବି କରିଛି। ପୁଣି ପ୍ରଥମରୁ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବହିପଢ଼ି ୭ ଦିନ ମଧ୍ୟରେ ଏ ବିଷୟରେ ମତାମତ ଦେବା ବାସ୍ତବରେ ସମ୍ଭବ ନୁହେଁ। ଏହି ପାଠ୍ୟ ପୁସ୍ତକ ବିଭ୍ରାଟର ମୂଳ କାରଣ ହେଉଛି ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି ବୋଲି ସଂଗଠନ ଦାବି କରିଛି। ନୂତନ ଶିକ୍ଷାନୀତି ବାତିଲ ହେବା ଜରୁରୀ ହୋଇଥିବା ବେଳେ ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବାକୁ ଦାବି ହୋଇଛି।

## ଏନ୍‌ସିସି କ୍ୟାଡେଟ୍ ଓ ରୋଟାରୀ ଇଷ୍ଟ ପକ୍ଷରୁ ବନ ମହୋତ୍ସବ

ବ୍ରହ୍ମପୁର,୪।୭ (ସମିସ): ରୋଟାରୀ କ୍ଲବ ଅଫ୍ ବ୍ରହ୍ମପୁର ଇଷ୍ଟ ଓ ବିଭିନ୍ନ ବିଦ୍ୟାଳୟ ଏବଂ ସ୍କୁଲର ଏନସିସି କ୍ୟାଡ଼େଟଙ୍କ ମିଳିତ ସହଯୋଗରେ ବନ ମହୋତ୍ସବ ଆୟୋଜିତ ହୋଇଯାଇଛି। ଏ ଅବସରରେ ସହର ଉପକଣ୍ଠ ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟ ପରିସରରେ ଏକ ସଚେତନତା ସଭାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ 'କ୍ଲିନ ଆଣ୍ଡ ଗ୍ରୀନ୍' ଶୀର୍ଷକ ବିଷୟ ଏକ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମାରେ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ଔଷଧୀୟ ଚାରା ସମେତ ଅନ୍ୟାନ୍ୟ ଚାରା ରୋପଣ କରିଥିଲେ। କ୍ଲବର ସଭାପତି ରୋଟାରିଆନ୍ ହୃଷିକେଶ ପ୍ରଧାନ, ପୂର୍ବତନ ସଭାପତି କାମରାଜୁ ମହାରଣା, ଅଜିତ୍ କୁମାର ପୃଷ୍ଟି, ବି. କୁଶ ପାତ୍ର, ସମ୍ପାଦକ ଶାନ୍ତନୁ କୁମାର ପାତ୍ର, ଉପ ସଭାପତି ପ୍ରଦୀପ କୁମାର ନାୟକ, କ୍ଲବର ପ୍ରୋଜେକ୍ଟ ଡାଇରେକ୍ଟର ସିଏଚ୍. ରାମାରାଓ, କମାଣ୍ଡେଣ୍ଟ ମେଜର୍ ଇକ୍ଷିତ ଶର୍ମା, ଡେପୁଟି କମାଣ୍ଡେଣ୍ଟ ଲେଫ୍ଟନାଣ୍ଟ ମେଘନାଦ ପ୍ରଧାନ, ଲେଫ୍ଟନାଣ୍ଟ ସନ୍ଦୀପ ଭୋଇ, ଫାଷ୍ଟ ଅଫିସର ସୁଧାକର ବଳୀତଙ୍କ ସମେତ କ୍ୟାଡ଼େଟ୍ କେଦାର ମେହେର, ବିକାଶ ପାଣିଗ୍ରାହୀ, ସୁରେଷ କୁମାର ପାତ୍ର ଓ ବନ୍ଦନା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



**ବଡ଼ମେଡ଼ିକାଲର ବଡ଼ ଅବ୍ୟବସ୍ଥା**

## ସେଣ୍ଟ୍ରାଲ ଆଇସିୟୁରେ ଗୁରୁତର ରୋଗୀଙ୍କ ହେଉନି ଡାଏଲିସିସ୍

ବ୍ରହ୍ମପୁର,୪।୭ (ସମିସ)

କିଡନୀ ରୋଗୀଙ୍କ ନିମନ୍ତେ ଡ଼ାଏଲିସିସ ବେଶ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏମକେସିଜି ମେଡିକାଲର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି। ଫଳରେ ଏମକେସିଜି ମେଡ଼ିକାଲର ଆଇସିୟୁରେ ଚିକିତ୍ସା ହେଉଥିବା ରୋଗୀ ବିଭିନ୍ନ ସମୟରେ ଡାଏଲିସିସ ସେବା ସୀମାନ୍ତ ଅଞ୍ଚଳରୁ ବହୁ କିଡନୀ ରୋଗୀ ଉନ୍ନତ ଚିକିତ୍ସା ସେବା ପାଇଁ ଏମକେସିଜି ମେଡିକାଲର ନେଫ୍ରୋଲୋଜି ବିଭାଗ ଉପରେ ନିର୍ଭର କରିଥାନ୍ତି। ଅନେକ ରୋଗୀଙ୍କର କିଡନୀ ଅକାମୀ ହୋଇଯାଇଥିବା ବେଳେ ସେମାନଙ୍କୁ ଡାକ୍ତର ଡ଼ାଏଲିସିସ ନିମନ୍ତେ ପରାମର୍ଶ ଦେଇଥାନ୍ତି। ଆବଶ୍ୟକତା ଦୃଷ୍ଟିରୁ ମେଡିକାଲର ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ୧୨ଟି ଡାଏଲିସିସ ମେସିନ ସ୍ଥାପନ କରାଯାଇଛି। ଏଣେ ବିଭିନ୍ନ ସମୟରେ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେଲେ ସେମାନଙ୍କୁ ଆଇସିୟୁ ଓ ଭେଣ୍ଟିଲେଟରରେ ରଖି ଚିକିତ୍ସା କରାଯାଇଥାଏ।

ଏହାକୁ ଦୃଷ୍ଟିରେ ରଖି ମେଡ଼ିକାଲ ପକ୍ଷରୁ ସେଣ୍ଟ୍ରାଲ ଆଇସିୟୁର କୋଠାରେ ଡାଏଲିସିସ ମେସିନ ଓ "ଆରୋ ପ୍ଲାଣ୍ଟ'ର ସ୍ଥାପନ କରାଯାଇଛି। କିନ୍ତୁ ଉକ୍ତ ମେସିନ ରୋଗୀଙ୍କ ସେବାରେ ଲାଗିପାରିଲା ନାହିଁ। ଫଳରେ ଗୁରୁତର ରୋଗୀଙ୍କୁ ସେଣ୍ଟ୍ରାଲ ଆଇସିୟୁରୁ ନେଫ୍ରୋଲୋଜି ବିଭାଗ ଅଧିନରେ ଥିବା ଡାଏଲିସିସ ସେଣ୍ଟର ନେବାକୁ ପଡୁଛି। ତେବେ ୬୦୦ମିଟରରୁ ଉର୍ଦ୍ଧ୍ବ ରାସ୍ତା ଏଭଳି ଗୁରୁତର ରୋଗୀଙ୍କୁ ନେବା ଆଣିବା




### ଉଚିତ ସେବା ନପାଇ ମୃତ୍ୟୁମୁଖରେ ଏମ୍‌କେସିଜି ରୋଗୀ

ସେଣ୍ଟ୍ରାଲ ଆଇସିୟୁରେ ଚିକିତ୍ସିତ ଥିବା ରୋଗୀଙ୍କ ଆବଶ୍ୟକ ସ୍ଥଳେ ଡାଏଲିସିସ ହୋଉନଥିବା ଅଭିଯୋଗ ହୋଇଛି। ଦୀର୍ଘ ବର୍ଷ ହେବ ଏଭଳି ଅବ୍ୟବସ୍ଥା ଚାଲିଥିବା ବେଳେ ଏହାର ସମାଧାନ ନିମନ୍ତେ ମେଡ଼ିକାଲ କର୍ତ୍ତୃପକ୍ଷ ନପାଇ ମୃତ୍ୟୁ ମୁଖରେ ପଡୁଥିବା ନଜିର ରହିଛି। ଏନେଇ ବ୍ରହ୍ମପୁର ସାଂସଦଙ୍କ ସ୍ୱାସ୍ଥ୍ୟ ପ୍ରତିନିଧି ରାଜୀବ କୁମାର ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲା ସମେତ ପଡ଼ୋଶୀ ଆନ୍ଧ୍ରପ୍ରଦେଶର କରିବା ଓ ଡାଏଲିସିସ ସେଣ୍ଟରରେ ଘଣ୍ଟା ଘଣ୍ଟା ଧରି ଡାଏଲେସିସ କରିବା ଦ୍ୱାରା ରୋଗୀଙ୍କ ଜୀବନ ପ୍ରତି ବିପଦ ରହିଛି। ଏଭଳି କ୍ଷେତ୍ରରେ ଅନେକ ରୋଗୀ ଅକାଳରେ ଜୀବନ ଯାଉଥିବା ଅଭିଯୋଗ ହୋଇଛି।

## ଉପଖଣ୍ଡସ୍ତରୀୟ ରଥଯାତ୍ରା ସମନ୍ୱୟ ବୈଠକ



ବ୍ରହ୍ମପୁର,୪।୭ (ସମିସ): ଚଳିତ ବର୍ଷ ହେବାକୁ ଥିବା ରଥଯାତ୍ରା ନିମନ୍ତେ ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରଥଯାତ୍ରାର ସୁପରିଚାଳନା ନିମନ୍ତେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ତତ୍ତ୍ୱାବଧାନରେ ଆରକ୍ଷୀ ବାହିନୀଙ୍କ ଦ୍ୱାରା ଆଇନଶୃଙ୍ଖଳା ରକ୍ଷା, ରଥଯାତ୍ରା ପରିଚାଳନାରେ ତହସିଲଦାରଙ୍କ ଦାୟିତ୍ୱ, ଟ୍ରାଫିକ୍ ପରିଚାଳନା, ଇଣ୍ଟେଲିଜେନ୍ସ ବ୍ୟୁରୋ ସହାୟତା, ସିସିଟିଭି ନିରୀକ୍ଷଣ, ପରିମଳ ବ୍ୟବସ୍ଥା, ସମ୍ଭାବିତ ଅଧିକ ଜନସମାବେଶ ତଥା ସମ୍ବେଦନଶୀଳ ସ୍ଥାନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା, ପରିଚୟ ପତ୍ର ସହ ସ୍ୱୟଂସେବକ ମୁତୟନ, ପାର୍କିଂ ବ୍ୟବସ୍ଥା, ଭିଡ ନିୟନ୍ତ୍ରଣ ପାଇଁ ବ୍ୟାରିକେଡ଼ ନିର୍ମାଣ, ଅଗ୍ନି ନିରାପତ୍ତା, ସର୍ବୋପରି ସନ୍ଧ୍ୟା ପରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଉପରେ ବିଶେଷ ଧାନ ଦେବାକୁ ସେ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଉପସ୍ଥିତ ପୂଜା କମିଟିର ସଭାପତି ଓ ସମ୍ପାଦକ ଏବଂ ବିଭାଗୀୟ ଅଧିକାରୀଙ୍କ ଠାରୁ ରଥନିର୍ମାଣ ଫିଟନେସ୍, ରଥଯାତ୍ରାକାଳୀନ ସତର୍କତା, ରଥ ପଥରେ ଥିବା ଅବ୍ୟବସ୍ଥିତ ବିଦ୍ୟୁତ୍ ତାର ଗୁଡିକର ସାମୟିକ ଅପସାରଣ ପୂର୍ବକ ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରାର ସୁସମାପନ ନିମନ୍ତେ ଆବଶ୍ୟକତାର ପରିପୂରଣ ଉପରେ ସେ ଜୋର୍ ଦେଇଥିଲେ। ଅନୁଷ୍ଠିତ ବୈଠକରେ ବ୍ରହ୍ମପୁର ମହାନଗର ନିଗମ, ପୁଲିସ, ରଥଯାତ୍ରା ଆୟୋଜନ କମିଟିର ସଭାପତି ଏବଂ ସମ୍ପାଦକ, ରେଳବାଇ ଓ ଟିପିଏସ୍‌ଓଡିଏଲ୍‌ର ଅଗ୍ନିଶମ ଅଧିକାରୀ ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

**ଛାତ୍ରୀ ଆତ୍ମହତ୍ୟା ଘଟଣା**

## ଭିସିରେ ହାଜର ହେଲେ ମନ୍ତ୍ରୀଙ୍କ ପୁତୁରା

ବ୍ରହ୍ମପୁର,୪।୭ (ସମିସ)



**ପରବର୍ତ୍ତୀ ଶୁଣାଣି ୧୫ରେ**

ଗୋଳନ୍ଥରା ସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଜନୈକା ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାକୁ ଇତି ମଧ୍ୟରେ ବିତିଯାଇଛି ଦିର୍ଘ ଦୁଇ ସପ୍ତାହ। ଗତ ୨୦ତାରିଖରେ ଘଟଣା ଘଟିଥିବା ବେଳେ ଏଥିରେ ସମ୍ପୃକ୍ତ ଉକ୍ତ ଶିକ୍ଷାନୁଷ୍ଠାନର ଛାତ୍ର ବିଶ୍ୱଜିତ ଜେନାଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବିଶ୍ୱଜିତ ଜେନା ହେଉଛନ୍ତି ରାଜ୍ୟ ଇସ୍ପାତ, ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିଜ ପୁତୁରା। ଘଟଣାରେ ଯଦିଓ ପୁଲିସ ବିଶ୍ୱଜିତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଦାବି କରିଥିଲା ତେବେ ଅନ୍ୟ ଘଟଣାର ଅଭିଯୁକ୍ତଙ୍କ ଭଳି ପୁଲିସ ଅଭିଯୁକ୍ତ ବିଶ୍ୱଜିତର ଫଟୋକୁ ସାର୍ବଜନୀନ କରିନଥିବାରୁ ମୃତ ଛାତ୍ରୀଙ୍କ ପରିବାର ଏପରିକି ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଘଟଣାକୁ ଦିର୍ଘ ଦୁଇ ସପ୍ତାହ ବିତି ଯାଇଥିଲେ ହେଁ ପୁଲିସ ଜିଦିରେ ଅଭିଯୁକ୍ତର ଫଟୋକୁ ସାର୍ବଜନୀନ କରିନଥିବାରୁ ପୁଲିସ ଚାପରେ ଥିବା ଅଭିଯୋଗ ହୋଇଛି। ସେପଟେ ଘଟଣାରେ ଗିରଫ ମନ୍ତ୍ରୀ ବିଭୂତିଙ୍କ ପୁତୁରା ବିଶ୍ୱଜିତଙ୍କ ବିରୁଦ୍ଧରେ ପୁଲିସ ବିଏନଏସର ଧାରା ୧୦୮ରେ ମାମଲା ରୁଜୁ କରିଥିବା ଜଣାପଡିଛି। ଯାହା ମୃତ ଛାତ୍ରୀଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଭଳି ମାମଲା। ତେବେ ବର୍ତ୍ତମାନ ସମ୍ପୃକ୍ତ ମୃତ ଛାତ୍ରୀଙ୍କ ପରିବାର ପକ୍ଷରୁ ନ୍ୟାୟ ଦାବିରେ ଆଇଜିଙ୍କୁ ଶୁକ୍ରବାର

### ବିଶ୍ୱଜିତଙ୍କ ବିରୁଦ୍ଧରେ ଲାଗିଛି ବିଏନ୍‌ଏସ୍‌ର ୧୦୮ ଧାରା, ୧୦୩ଧାରା ଯୋଡ଼ିବାକୁ ଦାବି

ଦାବି ଜଣାଯାଇଥିବା ବେଳେ ତାଙ୍କ ଓକିଲଙ୍କ ପକ୍ଷରୁ ବିଶ୍ୱଜିତଙ୍କ ବିରୁଦ୍ଧରେ ବିଏନଏସର ଧାରା ୧୦୩ ଯାହା ହତ୍ୟା ମାମଲା କାହିଁକି ଲାଗୁ ହେବ ନାହିଁ ବୋଲି ମଧ ପ୍ରଶ୍ନ କରାଯାଇଛି। ଏନେଇ ଖୁବ୍‌ଶୀଘ୍ର କୋର୍ଟରେ ପିଟିସନ ଦାଖଲ ହେବ ବୋଲି କହିଛନ୍ତି ମୃତ ଛାତ୍ରୀଙ୍କ ଓକିଲ ସୌଭାଗ୍ୟ ମିଶ୍ର। ଆଜି ଏହି ମାମଲାରେ ୧୪ଦିନର ବିଚାର ବିଭାଗୀୟ ହାଜତକୁ ଯାଇଥିବା ଅଭିଯୁକ୍ତ ବିଶ୍ୱଜିତଙ୍କୁ ଭିସି ମାଧ୍ୟମରେ କୋର୍ଟରେ ହାଜର କରାଯାଇଥିଲା। ମାମଲାର ପରବର୍ତ୍ତି ଶୁଣାଣି ଆସନ୍ତା ୧୫ତାରିଖରେ ହେବାକୁ ଦିନ ଧାର୍ଯ୍ୟ ହୋଇଥିବା ଜଣାପଡିଛି।

## ଡିପ୍‌ଲ ସ୍କୁଲ୍ ପକ୍ଷରୁ ବନ ମହୋତ୍ସବ

ବ୍ରହ୍ମପୁର,୪।୭ (ସମିସ): ଇଞ୍ଜିନିୟରିଂ ସ୍କୁଲ ରୋଡସ୍ଥିତ ଡିପଲ୍ ସ୍କୁଲ ପକ୍ଷରୁ ଶନିବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଡିଏଫଓ ସନି ଖୋକର ଓ ସମ୍ମାନୀତ ଅତିଥି ଭାବେ ଇକୋ କ୍ଲବ ସଂଯୋଜକ ଡ. ଶଙ୍କର ନାରାୟଣ ବେଜ୍ ଯୋଗଦେଇ ବୃକ୍ଷ ରୋପଣ କାଯ୍ୟକ୍ରମର ଶୁଭାରମ୍ଭ କରି ଛାତ୍ରଛାତ୍ରୀଙ୍କୁ ବନ୍ ମହୋତ୍ସବ ପାଳନ ନେଇ ସଚେତନ କରାଇଥିଲେ। ସ୍କୁଲ ଅଧକ୍ଷ ରେଭରେଣ୍ଡ ଫାଦର ସୁଭାଶିଷ ମଣ୍ଡଳ, ସିଏମ୍ ଉପାଧକ୍ଷ ରେଭରେଣ୍ଡ ଫାଦର ଯୋଷ ସିଏମ୍, ଇକୋ କ୍ଲବ ଶିକ୍ଷୟତ୍ରୀ ସୁରଜିତା ରାଜ୍, ପ୍ରଜ୍ଞା ନାୟକ ଓ ଏନସିସି ଶିକ୍ଷକ ପରମାନନ୍ଦ ପଣ୍ଡାଙ୍କ ସମେତ ବହୁ ଅଭିଭାବକ ଉପସ୍ଥିତ ଥିଲେ।



# ପୂରୁଛି ଜଳଭଣ୍ଡାର; ଫୁଲୁଛି ନଦୀ

ବ୍ରହ୍ମପୁର,୪।୭ (ସମିସ)



- ବର୍ଷାରେ ଜୀବନ୍ତ ହେଲା ଗଞ୍ଜାମ
- ଖରିଫ୍ ଚାଷକୁ ନୂଆ ଆଶା
- ଅପଚୟ ରୋକିବା ଜରୁରୀ

ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ପ୍ରଭାବରେ ଓଡ଼ିଶାରେ ମୌସୁମୀ ପୁଣି ସକ୍ରିୟ ହୋଇଛି। ଏହାର ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ଗତ ତିନି ଦିନ ଧରି ଲଗାଣ ବର୍ଷା ଜାରି ରହିଛି। ଗୁରୁବାରଠାରୁ ଆରମ୍ଭ ହୋଇଥିବା ବର୍ଷା ଶୁକ୍ରବାର ଓ ଶନିବାର ପ୍ରବଳ ରୂପ ନେଇଥିବାରୁ ଜିଲ୍ଲାର ଜଳଭଣ୍ଡାର ଗୁଡ଼ିକରେ ଜଳସ୍ତର ଦ୍ରୁତ ବୃଦ୍ଧି ପାଇଛି। ଦୀର୍ଘଦିନ ଧରି ବର୍ଷା ଅଭାବରେ ଚିନ୍ତାରେ ଥିବା ଚାଷୀଙ୍କ ମୁହଁରେ ଏବେ ହସ ଫୁଟିଛି। ଜଳଭଣ୍ଡାର ଭରିବା ସହ ଖରିଫ୍ ଚାଷକୁ ନେଇ ନୂଆ ଆଶା ସଞ୍ଚାର ହୋଇଛି। ଗତ ତିନି ଦିନର ବର୍ଷାରେ କେବଳ ଜମିରେ ଆର୍ଦ୍ରତା ବୃଦ୍ଧି ପାଇନି, ଜଳଭଣ୍ଡାର ଗୁଡ଼ିକରେ ମଧ ପର୍ଯ୍ୟାପ୍ତ ପାଣି ସଞ୍ଚିତ ହେବା ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ, ଜିଲ୍ଲାର ପ୍ରମୁଖ ଜଳଭଣ୍ଡାର ଗୁଡ଼ିକରେ ଜଳସ୍ତର ସନ୍ତୋଷଜନକ ଭାବେ ବୃଦ୍ଧି ପାଇଛି। ବାଘଲଟି ଜଳଭଣ୍ଡାରରେ ୭୭.୧ ପ୍ରତିଶତ ପାଣି ଥିବାବେଳେ ବାଘୁଆରେ ୬୨.୪ ପ୍ରତିଶତ ଜଳ ସଞ୍ଚିତ ହୋଇଛି। ଭଞ୍ଜନଗର ଜଳଭଣ୍ଡାରରେ ୮୫ ପ୍ରତିଶତ, ଡହରରେ ୫୪.୪ ପ୍ରତିଶତ, ଧନେଇରେ ୭୯.୩ ପ୍ରତିଶତ ଜଳ ରହିଛି। ଘଟକେଶ୍ୱର ଜଳଭଣ୍ଡାରରେ ଏବେ ମଧ କେବଳ ୧୯.୧ ପ୍ରତିଶତ ପାଣି ରହିଥିବାରୁ ଏହାକୁ ଅଧିକ ବର୍ଷାର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ଘୋଡ଼ାହାଡ଼ ଜଳଭଣ୍ଡାର ପ୍ରାୟ ପୂର୍ଣ୍ଣ ହେବାକୁ ବସିଛି। ଏଠାରେ ୯୬.୨ ପ୍ରତିଶତ ଜଳ ସଞ୍ଚିତ ହୋଇଥିବା ବେଳେ ସୋରଡ଼ା ଜଳଭଣ୍ଡାରରେ ୭୭.୬ ପ୍ରତିଶତ ପାଣି ରହିଛି। ବର୍ଷା ଏଭଳି ଜାରି ରହିଲେ ଆସନ୍ତା କିଛି ଦିନ ମଧ୍ୟରେ ଅଧିକାଂଶ ଜଳଭଣ୍ଡାର ପୂର୍ଣ୍ଣ କ୍ଷମତାରେ ପହଞ୍ଚିବାର ସମ୍ଭାବନା ରହିଛି। ଗତ ଦୁଇ ଦିନରେ ଜିଲ୍ଲାର ବିଭିନ୍ନ ବ୍ଲକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ରେକର୍ଡ ହୋଇଛି। ସର୍ବାଧିକ ୧୪୫ ମିଲିମିଟର ବର୍ଷା ଗଞ୍ଜାମ ବ୍ଲକରେ ରେକର୍ଡ ହୋଇଥିବା ବେଳେ ଛତ୍ରପୁରରେ ୧୩୪.୬ ମିଲିମିଟର ବର୍ଷା ହୋଇଛି। ଖଲ୍ଲିକୋଟରେ ୯୪ ମିଲିମିଟର, ଗୋପାଳପୁରରେ ୮୫ ମିଲିମିଟର, କୋଦଳାରେ ୮୦ ମିଲିମିଟର, ପୋଲସରାରେ ୭୩ ମିଲିମିଟର, ବୁଗୁଡ଼ାରେ ୬୯ ମିଲିମିଟର, ରଙ୍ଗେଇଲୁଣ୍ଡାରେ ୬୩ ମିଲିମିଟର, ଚିକିଟିରେ ୫୯.୮ ମିଲିମିଟର, ପାତ୍ରପୁରରେ ୫୯.୪ ମିଲିମିଟର, ଶେରଗଡ଼ରେ ୫୯ ମିଲିମିଟର, ହିଞ୍ଜିଳିରେ ୫୮ ମିଲିମିଟର, ଆସିକାରେ ୫୨ ମିଲିମିଟର, କବିସୂର୍ଯ୍ୟନଗରରେ ୫୧ ମିଲିମିଟର, କୁକୁଡ଼ାଖଣ୍ଡିରେ ୪୯.୫ ମିଲିମିଟର, ଦିଗପହଣ୍ଡିରେ ୪୭.୫ ମିଲିମିଟର, ବେଲଗୁଣ୍ଠାରେ ୪୬ ମିଲିମିଟର, ସାନଖେମୁଣ୍ଡିରେ ୪୦ ମିଲିମିଟର, ଭଞ୍ଜନଗର ଓ ଧରାକୋଟରେ ୩୭ ମିଲିମିଟର, ଜଗନ୍ନାଥପ୍ରସାଦରେ ୩୨ ମିଲିମିଟର, ସୋରଡ଼ାରେ ୩୧ ମିଲିମିଟର ଏବଂ ପୁରୁଷୋତ୍ତମପୁରରେ ୨୦ ମିଲିମିଟର ବର୍ଷା ରେକର୍ଡ ହୋଇଛି। ବ୍ରହ୍ମପୁର ସହରର ଗାନ୍ଧୀନଗର ଓ ବ୍ରଜରାଜନଗର ବର୍ଷାମାପନ କେନ୍ଦ୍ରରେ ଯଥାକ୍ରମେ ୭୫ ମିଲିମିଟର ଓ ୭୪.୩ ମିଲିମିଟର ବର୍ଷା ହୋଇଥିବା ସୂଚନା ମିଳିଛି। ଶନିବାର ମଧ ବ୍ରହ୍ମପୁର ସମେତ ଜିଲ୍ଲାର ଅଧିକାଂଶ ଅଞ୍ଚଳରେ ବର୍ଷା ଲାଗି ରହିଥିଲା। ପାଣିପାଗ ପରିସ୍ଥିତିକୁ ଦେଖି ଆସନ୍ତା କିଛି ଦିନ ଯାଏ ବର୍ଷାର ପରିମାଣ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଫଳରେ ଜଳଭଣ୍ଡାର ଗୁଡ଼ିକରେ ଆହୁରି ଅଧିକ ଜଳ ସଞ୍ଚିତ ହେବା ସହ ଭୂତଳ ଜଳସ୍ତରରେ ମଧ ଉନ୍ନତି ଆସିବ ବୋଲି ଆଶା କରାଯାଉଛି। କୃଷି କ୍ଷେତ୍ର ପାଇଁ ଏହି ବର୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୃଷି ବିଶେଷଜ୍ଞମାନେ କହିଛନ୍ତି। ଧାନ ତଳି ରୋଇବା, ବିହନ ବୁଣିବା ଏବଂ ଅନ୍ୟାନ୍ୟ ଖରିଫ୍ ଫସଲ ପାଇଁ ଏହି ବର୍ଷା ଉପଯୋଗୀ ପରିବେଶ ସୃଷ୍ଟି କରିଛି। ଗୋଟିଏ ପଟେ ଜଳଭଣ୍ଡାର ଗୁଡ଼ିକ ଭରୁଥିବା ବେଳେ ଅନ୍ୟପଟେ ଚାଷ କାର୍ଯ୍ୟ ଗତିଶୀଳ ହେବାର ଆଶା ବଢ଼ିଛି।

# ସୃଜନିକା

ସକାଳ
THE SAKALA
www.sakalaepaper.com



ଡ. ସ୍ମୃତି ପଟ୍ଟନାୟକ



## ଉଡ଼ାଣ

ନିରୋଦ ବାବୁ ରବିବାର ଦିନ ସଂଧ୍ୟାରେ ମହାନଦୀ ବିହାରର ଜଗନ୍ନାଥ ଉଦ୍ୟାନରେ ବୁଲୁଥାନ୍ତି, ସୋହମ୍ ତା' ସାଙ୍ଗ ରବିନ୍ ସହ ସିମେଣ୍ଟ ବେଞ୍ଚ ଉପରେ ବସି ଗପସପ କରୁଥାଏ। ନିରୋଦ ବାବୁଙ୍କୁ ଦେଖି ଅଙ୍କଲ୍ ନମସ୍କାର କହି ପୁଣି ଗପସପରେ ମନ ଦେଲା। କିଛି ସମୟ ପାର୍କରେ ଚାଲିବା ପରେ ନିରୋଦ ବାବୁ ଜଗନ୍ନାଥ ମନ୍ଦିର ଗଲେ। ମନ୍ଦିରରେ ଆଳତି ହେଉଥାଏ। ଲୋକଗହଳି ଥାଏ। ନିରୋଦ ବାବୁ ଗୋଟାଏ କୋଣକୁ ଛିଡ଼ା ହେଇଥିଲେ।

ଆଳତି ସରିଲା ପରେ ଠାକୁରଙ୍କ ଚନ୍ଦନ ତୁଳସୀ ପାଇ ଆସିଲା ବେଳକୁ ଗେଟ୍ ସାମ୍ନାରେ ଚାହା ଦୋକାନୀ ରାମୁ କହିଲା "ସାର୍ ନମସ୍କାର, ଆପଣଙ୍କୁ ଦେଖି ଅଦା ପକା ଚା' କରିଛି।" ରାମୁର ଚା' ସ୍ୱାଦ ନିଆରା, ଯିଏ ଥରେ ପିଇଛି ସେ ତା' ଚା' ପ୍ରେମରେ ପଡ଼ିବା ଥୟ। ସୋହମ୍ କେତେବେଳେ ଏକୁଟିଆ ଆସି ତାଙ୍କ ପାଖରେ ଛିଡ଼ା ହୋଇ ସବୁ କଥା ଶୁଣୁଥିଲା,ରାମୁ ଖୁସିରେ କହୁଥାଏ "ସାର୍ ଜାଣିଛନ୍ତି ଗୋଟିଏ ଭଲ ଖବର ଆପଣ ଶୁଣିଲେ ବହୁତ ଖୁସି ହେବେ। ଆପଣ ତ ଆସୁନଥିଲେ କିଛିଦିନ ହେଲାଣି, ମୁଁ ଆପଣଙ୍କୁ ବହୁତ ମନେ ପକାଉଥିଲି।"

ନିରୋଦ ବାବୁ କହିଲେ "ଚାକିରିରୁ ଅବସର ନେଲା ପରେ ମୁଁ ଏଠି ନଥିଲି କିଛିଦିନ ହେଲାଣି ଗାଁକୁ ଯାଇଥିଲି ମାସେ ରହିକି ଆସିଲି। ଗାଁରୁ ଆସିବାକୁ ଇଚ୍ଛା ହଉନଥିଲା। ବହୁତ ଭଲ ଲାଗୁଥିଲା ଗାଁର ପରିବେଶ ତା' ସହ ଗାଁ ଲୋକଙ୍କ ଅକୁଣ୍ଠିତ ସ୍ନେହ ଶ୍ରଦ୍ଧା, କିନ୍ତୁ ତମମାନଙ୍କ କଥା ସବୁ ମନେ ପଡ଼ିବାରୁ ଆସିଲି, ପୁଣି ଫେରିଯିବି, ଗାଁରେ ଗୋଟିଏ ବୈଷୟିକ ବିଦ୍ୟାଳୟ ଖୋଲିଛି। ତାଲିମପ୍ରାପ୍ତ ଶିକ୍ଷକମାନଙ୍କୁ ନିଯୁକ୍ତି ଦେଇଛି। କିଛି ଗୋଟାଏ ନୂଆ କାମ କଲେ ଭଲ ଲାଗିବ।" ନିରୋଦ ବାବୁ ଖୁବ୍ ପ୍ରଗଲ୍‌ଭ ହୋଇ ପଡୁଥିଲେ। ପ୍ରକୃତିସ୍ଥ ହେଲା ପରେ ପଚାରିଲେ "ଆରେ ରାମୁ କ'ଣ ଖୁସି ଖବର କହିବ କହୁଥିଲ, ଏବେ କୁହ।" ରାମୁ କହିଲା "ସାର୍ ମୋ ସାନ ଭାଇ ଏଥର କ୍ଲାଟ୍ ପରୀକ୍ଷାରେ କୃତକାର୍ଯ୍ୟ ହେଇଛି। ଏବେ ସେ ନ୍ୟାସନାଲ୍ ଲ' ବିଶ୍ୱବିଦ୍ୟାଳୟରେ ଆଡ୍‌ମିସନ ନେଇପାରିବ।"

"ଆରେ ବାଃ ବହୁତ ଖୁସି ଖବର।"

ରାମୁ କହିଲା "ସାର୍! କରୋନାରେ ଆକ୍ରାନ୍ତ ହୋଇ ବାପା ଓ ବୋଉ ଦୁହେଁ ଆଗ ପଛ ହୋଇ ଚାଲିଗଲେ, ରହିଗଲୁ ସାନ ଭାଇ ଓ ମୁଁ।"

"ତମର ପରିଶ୍ରମ ଓ ସଚ୍ଚୋଟପଣିଆ ଯୋଗୁଁ ସବୁ ସମ୍ଭବ ହେଇପାରିଲା।"

ରାମୁ କହିଲା "ସାର୍ ମୋର ଗୋଟିଏ ଛୋଟିଆ ଅନୁରୋଧ ରଖିବେ। ଦୁଇ ବର୍ଷ ହେବ ମୋ' ବାହାଘର ହେଇଛି ବେଟର୍ ହାଫ୍ ଲିଲିମାର ଭାରି ଇଚ୍ଛା, ଏଇ ଖୁସିରେ ଆମର ଶୁଭାକାଂକ୍ଷୀମାନଙ୍କୁ ଘରକୁ ଡାକି ଏକ ଟି' ପାର୍ଟି ଦେବା ପାଇଁ। ଆପଣ ଯଦି କିଛି ନ ଭାବନ୍ତି ଆସନ୍ତାକାଲି ସଂଧ୍ୟାବେଳେ ମ୍ୟାଡାମ୍‌ଙ୍କୁ ନେଇ ଆମ ଘରକୁ ନିଶ୍ଚୟ ଆସିବେ। ସାନଭାଇକୁ ଆଶୀର୍ବାଦ କରିବେ।" ରାମୁ ଇମୋସନାଲ୍ ହେଇଯାଉଥିଲା। ଆଖିରୁ ଆନନ୍ଦାଶ୍ରୁ ବୋହି ଯାଉଥିଲା।

ନିରୋଦ ବାବୁ କହିଲେ "ଏତେ ବଡ଼ ଖୁସି କଥା, ମୁଁ ମ୍ୟାଡାମ୍‌ଙ୍କ ସହ ଆସିବି, କଥା ଦେଲି ତମକୁ।"

ସୋହମ୍ ନୀରବ ହୋଇ ସେମାନଙ୍କ କଥୋପକଥନ ଶୁଣୁଥିଲା, ସେ କହିଲା "ଅଙ୍କଲ୍ ମୋର କ'ଣ ଇଚ୍ଛା ଅଛି ଜାଣନ୍ତି? ମୁଁ ଚାହୁଁଛି ପରିବେଶ ବିଜ୍ଞାନ ବିଷୟ ନେଇ ପଢ଼ିବି, ଭବିଷ୍ୟତରେ ଗବେଷଣା କରି ଲୋକମାନଙ୍କ ମନ ଭିତରେ ପରିବେଶ ପ୍ରତି ସଚେତନତା ଭାବ ସୃଷ୍ଟି କରିବି।"

"ବହୁତ ଭଲ କଥା।"

"ହେଲେ ଅଙ୍କଲ୍ ମୋ ମମି ଓ ପାପାଙ୍କର ଲକ୍ଷ୍ୟ ମୁଁ ନିଟ୍ ପରୀକ୍ଷାରେ କେମିତି ଭଲ ନମ୍ବର ରଖି ସରକାରୀ ମେଡିକାଲ୍ କଲେଜରେ ସିଟ୍‌ଟିଏ ପାଇବି। ବୋର୍ ହେଇଗଲିଣି, ଆଉ ପାରିବିନି, ଏଥର ମୋର ସେକେଣ୍ଡ ଚାନ୍‌ସ ଥିଲା। ହେଲେ ପ୍ରଶ୍ନ ପତ୍ର ଲିକ୍ ହେବା କାରଣରୁ ଆଉ ଥରେ ପରୀକ୍ଷା ହେବ। ମୋର ଆଉ ଥରେ ଦେବାକୁ ଜମାରୁ ଇଚ୍ଛା ନାହିଁ, ହେଜିଟେସନ୍ ଆସୁଛି, ମେଣ୍ଟାଲ୍ ଡିପ୍ରେସନ୍‌ରେ ରହୁଛି, କ'ଣ କରିବି ଜାଣି ପାରୁନି?"

ନିରୋଦ ବାବୁ କହିଲେ, "ଆଚ୍ଛା ଯାହା ତୋର ଲକ୍ଷ୍ୟ ତୁ ସେଇଆ କରିବୁ।"

"ଅଙ୍କଲ୍ ଆପଣ ବହୁତ ଭଲ, ଆପଣ ଆମ ଘରକୁ ନିଶ୍ଚିତ ଆସିବେ।"

ନିରୋଦ ବାବୁ ତାକୁ ପ୍ରତିଶ୍ରୁତି ଦେଲେ, ଗୋଟିଏ ଗଳିରେ ଦୁହିଁଙ୍କ ଘର। ତାପରେ ସୋହମ୍ ତାଙ୍କ ଘରକୁ ଗଲା। ରାତି ନଅଟା ହେଇଯାଇଥିଲା। ପତ୍ନୀ ବୀଣାଙ୍କୁ ଡିନର୍ ବେଳେ ସବୁ କହିଲେ। ରାତିରେ ଭଲ ନିଦ ହେଇନଥିଲା ନିରୋଦ ବାବୁଙ୍କୁ ସୋହମ୍ କଥା ଭାବୁଥିଲେ, ଆଜିକାଲି ବାପାମାଆମାନେ ନିଜପିଲାର ଇଚ୍ଛା ଅନିଚ୍ଛାକୁ ଚିନ୍ତା ନକରି ହାଇଲି ଆମ୍ବିସିଅସ୍ ହେଉଛନ୍ତି। ତା'ର ଫଳାଫଳ ପ୍ରତିଦିନ ଦେଖିବାକୁ ପଡୁଛି। ସକାଳୁ ଟିକିଏ ନିଦ ଲାଗିଯାଇଥିଲା,ବୀଣାଙ୍କ ପାଟିରେ ଉଠି ବସିଲେ। "କ'ଣ ହେଲା ?" ବ୍ୟସ୍ତ ହେଇ ପଚାରୁ ଥିଲେ ନିରୋଦ ବାବୁ।

"ସୋହମ୍ କାଲି ରାତିରେ ଅଧିକ ସ୍ଲିପିଂ ଟାବ୍‌ଲେଟ୍ ଖାଇ ଶୋଇ ପଡ଼ିଥିଲା। ତା'ର ପାପା ଜାଣିଲା ପରେ ତାକୁ ଆମ୍ବୁଲାନ୍ସରେ ଏବେ ହସ୍‌ପିଟାଲ୍ ନେଇକି ଗଲେ।

"କୋଉ ହସ୍‌ପିଟାଲ୍?"

"ଶକ୍ତି ହସ୍‌ପିଟାଲ୍।"

ନିରୋଦ ବାବୁ ମୁହଁ ଧୋଇ ପ୍ୟାଣ୍ଟ ସାର୍ଟ ଗଳାଇ ସ୍କୁଟିରେ ଯାଇ ପହଞ୍ଚିଲେ ହସ୍‌ପିଟାଲ୍‌ରେ। ସେତେବେଳକୁ ସୋହମ୍‌ର ଚେତା ଆସି ଯାଇଥିଲା, ଡାକ୍ତରଙ୍କ ଅକ୍ଳାନ୍ତ ଚେଷ୍ଟା ଯୋଗୁଁ ବିପଦ ସମୟ ଟଳି ଯାଇଥିଲା। ସାଲାଇନ୍ ଓ ଇଞ୍ଜେକ୍ସନ୍ ଚାଲିଥାଏ। ସୋହମ୍ ଜୁଳୁଜୁଳୁ କରି ଅନାଇଲା। କଥା କହି ପାରୁନଥାଏ। ନିରୋଦ ବାବୁ ତା' ପାଖରେ ବସିଲେ ତା' ମୁଣ୍ଡ ଉପରେ ହାତ ରଖିଲେ। ଧୀର ସ୍ୱରରେ କହିଲେ "ତୋର ଯାହା ଲକ୍ଷ୍ୟ ଅଛି ତାହା ନିଶ୍ଚୟ ପୂରଣ ହେବ। ଏଥିରେ କେହି ବାଧା ଦେବେନି। ମୁଁ ତୋତେ କଥା ଦେଉଛି।"

ସୋହମ୍ ମୁହଁରେ ହସର ରେଖାଚିତ୍ର ଫୁଟି ଉଠୁଥିଲା। ଦିନସାରା ବିତି ଯାଇଥିଲା ନିରୋଦ ବାବୁ ସୋହମ୍ ପାଖରେ ଥିଲେ। ସଂଧ୍ୟା ସାତଟାରେ ମୋବାଇଲ୍‌ରେ ରାମୁର ମେସେଜ୍ "ସାର୍ ଆସନ୍ତୁ ପ୍ଲିଜ୍। ସମସ୍ତେ ଆସିଗଲେଣି। ଆପଣଙ୍କ ଅପେକ୍ଷାରେ।" ନିରୋଦ ବାବୁ ଉତ୍ତର ରଖିଲେ "ରାମୁ ତୁମେ ଆରମ୍ଭ କର ପାର୍ଟି, ମୋର ଶୁଭେଚ୍ଛା ଓ ଶୁଭକାମନା ରହିଲା, ଉଡ଼ାଣ ଜାରି ରହୁ ଦେଖା କରି ସବୁ ଘଟଣା କହିବି।"

ସୋହମ୍ କଥା କହୁଥିଲା। ପାଣି ପିଇବ ବୋଲି କହୁଥିଲା। ନିରୋଦ ବାବୁ ତା' ମୁଣ୍ଡ ଆଉଁଷି ଦେଉଥିଲେ। କହିଲେ ସୋହମ୍ "Whatever you are, be a good one"। ପାଖ ମନ୍ଦିରର ଘଣ୍ଟ ଧ୍ୱନି ଶୁଭୁଥିଲା। ତା'ର ମମି, ପାପା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରୁଥିଲେ...। ■

ମହାନଦୀ ବିହାର, କଟକ
ମୋ: ୯୯୩୮୪୪୦୯୪୯

## ପୁଅ ଫେରିଚି



ପ୍ରେମାନନ୍ଦ ଖଣ୍ଡୁଆଳ

କିଛି ପଚାରନି ପୁଅକୁ
ଧାନଉଁଷା ହାଣ୍ଡି ପରି ଏଡ଼େ ମୁହଁକରି
ବସିଥାଉ ବାରିପିଣ୍ଡାରେ
ଯା ଯେଝା କାମରେ ଯିଏ।

କିଏ କହୁଥିଲାକି ହରିଣ ଧରିବାକୁ
ଧାଁ ବଡ଼ ଖରା
ନିଦ ଖର୍ଚ୍ଚ କରି ଗଢ଼ ଇନ୍ଦ୍ରପୁରୀକୁ ରାସ୍ତା
ଡେଇଁ ଛିଣ୍ଡେଇ ଅଣ୍ଟି ଭର୍ତ୍ତି କର
ଆକାଶ କଇଁଆ!
ଏବେ କହିବୁ ଭାଗ୍ୟ ଦୋଷ
କାହିଁକି କଷ୍ଟ ଦଉଚ ଜଗନ୍ନାଥ
ଗଲା ଜନ୍ମରେ ବାପ, ମା'ଙ୍କ ନାଇଁ କର୍ମଫଳ
ଏ ଜନ୍ମରେ ଜୀବନ ଯାବତ ଜଞ୍ଜାଳ।

ଏବେ ମନକୁ ବୁଝା ବୁଝା ନୁର ବୋଉ
ବାରଣା ପଛକେ ଚାରଣା ହଉ
ପୁଅ ତ ଫେରିଚି ଘରକୁ,
ବିଲ୍ ପଇସା ନପାଇ ବିଜୁଳି କାଟିଚି
ଇଲେକ୍ଟ୍ରି ବାଲା କାଟୁ
ଛ' ମାସ ହେଲା ରାସନ କାର୍ଡ
ବନ୍ଧା ପଡ଼ିଚି ରତନା ଗୁଡ଼ିଆ ଘରେ ପଡ଼ିଥାଉ
ଦଶଥର ଦୁଆରକୁ ଆସି
ଧାର୍ ଟଙ୍କା ମାଗିଲାଣି ବିଶିଆ ରାଉତ

କୋଉ ଗୁଣିଆ ଫୁଙ୍କାରେ
ଗାଈ ଦୁଧ ବଦଳରେ ଦଉଚି ନହୁ
ମାଈ ବାଛୁରୀଟା ଝଡ଼ି ହେଲାଣି କଣ୍ଟା,
କବାଟକୁ ଆଉଜି ବସିଚି ପାଚିଲା ତାଳ
ବାପା ଗଲାଦିନରୁ ଆମ ମୁଣ୍ଡରେ ପାହାଡ଼।

ଯା' ନୁର ଉଠ୍
ଭଲ ବୋଲି ଯା' ସାଙ୍ଗରେ ଗଲୁ ସୁରଟ
ସିଏ ନିଗାଡ଼ି ପିଇଲା ତୋ ଝାଳ
ଛାଡ଼ ଛାଡ଼,
ଏବେ ହିଡ଼କୁ ଛୁଇଁ ନାଚୁଛି ପାଣି
ହାଣ୍ଡି ଫଟେଇ ସପ୍ନ ମାରିବ ଗଜା
କମରରେ ଗାମୁଛା କଷିଲେ
ଲାଉ ହେବେ ଲକ୍ଷ୍ମୀ ସା'ନ୍ତାଣୀ
ବାଦଲ ଫାଙ୍କରୁ ତୋ ଆଡ଼େ
କଣେଇ ଚାହିଁଲାଣି ସୂର୍ଯ୍ୟ ଦେବତା। ■

ବାର୍ହାପୁର, ରାଜନଗର, କେନ୍ଦ୍ରାପଡ଼ା
ମୋ: ୯୩୩୭୩୧୩୭୬୫

## ମୁଁ ଡେରି କରେନା



ଅୟସ୍‌କାନ୍ତ

ମୁଁ ଡେରି କରେନା
ଡେରି ହୋଇଯାଏ
ମୋତେ ସତେ ରୋକେ କିଏ?
କମା, ଆଶ୍ଚର୍ଯ୍ୟଜନକ ଚିହ୍ନ କିଏ?
ମୁଁ ଯେ ଘାୟଲ କମା
କି ପଙ୍ଗୁ ପୂର୍ଣ୍ଣଚ୍ଛେଦକୁ ଡରେନା
ସ୍ୱୟଂ ସମ୍ପୂର୍ଣ୍ଣ ବାକ୍ୟ ହେବାକୁ
ଚେଷ୍ଟା କରୁଥାଏ
ସମୟର ତାଳ ମାନ ଲୟ ସହ
ତାଳ ମିଳେଇବାକୁ ମୋର ସାମର୍ଥ୍ୟ କାହିଁ!
ତମେ ବ୍ୟସ୍ତ
ଅନ୍ୟମାନେ ବି
ହେଲେ ମୋ ପାଇଁ ଅପେକ୍ଷା କରନା
ମୁଁ ନିଶ୍ଚିତ ପହଞ୍ଚିଯିବି
କେହି ହୁଏତ ନଥିବେ
କୁଆ କୋଇଲି କେହିବି
ତଥାପି ପହଞ୍ଚିବି
ତମେ ଦୋଷ ଦବନି ମୋତେ
ଏମିତି ହିଁ ହୁଏ
ମୁଁ ଡେରି କରେନା ମ'
ଡେରି ହୋଇଯାଏ

ମୋତେ ଛକିଥିବ ଢୁଙ୍ଗଢୁଙ୍ଗ ଗୁଣ୍ଡୁଚି
କୁନି କଉତୁକିଆ ବାଛୁରୀ
ଆମ୍ବଗଛରୁ ଖତେଇ ହେଉଥିବା
ପୋଡ଼ା ମୁହାଁ ହନୁ
ହଠାତ୍ ସାଇକେଲରୁ ଖସି ପଡ଼ିଥିବା
କୁନି ପିଲା
ହଁ ସେ ସବୁ ଛାଡ଼ି ଯିବି କେମିତି
ଏଣେ ଖରା ସହ ତାଳଦେଇ

ଧାଇଁ ପାରୁନି ମେଘର ଛାଇ
ବରଗଛ ତଳେ ବିଶ୍ରାମ କରୁଛି
ଅନେକ ଜୀବର ହାଇ
ମୁଁ କେମିତି ଯିବି ଏ ସବୁ ଏଡ଼େଇଯାଇ
ମୋ ଛାଇ ସହ ଏ ସବୁ ବିଷୟରେ
ଆଳାପ ଚାଲୁଥାଏ
ମୁଁ ଡେରି କରେନା, ଡେରି ହୋଇଯାଏ

ଆସ୍ତେ ଚାଲେ
ପାଦ ତଳେ ମକଚି ହୁଏ କଣ୍ଟା ଝଟା
ଫୁଲ ପାଖୁଡ଼ା ପ୍ରଜାପତି ପର
କିଛି ଫିକା ପଡ଼ିଥିବା ଦସ୍ତଖତ
ଏ ସବୁ ଥରେ ନିରେଖି ନିଏ

ତମେ ଭାବନା ମୁଁ ଭୁଲିଗଲି
ନା ଭୁଲିବି କେମିତି
ଜୀବନର ଶ୍ରେଷ୍ଠ ଭୁଲ୍‌କୁ
ଭଲ ପାଇବାର ଭୁଲ୍
ଯୁଗ ଯୁଗ ପାଇଁ ମଣିଷ ଏ
ଭୁଲ୍ କରେ ଓ କରୁଥାଏ
ବିଶ୍ୱାସ କର
ମୁଁ ଡେରି କରେନା ମ'
ଡେରି ହୋଇଯାଏ! ■

ମୋ: ୮୭୬୩୩୯୩୧୧୬

## ପୁସ୍ତକ ପରିଚୟ

### କୀର୍ତ୍ତିକଥା

ଶ୍ରୁତକୀର୍ତ୍ତି ତ୍ରିପାଠୀ





ଶବ୍ଦସ୍ପର୍ଶ
ଆଇ.ଆର୍.ସି. ଭିଲେଜ୍
ନୟାପଲ୍ଲୀ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୩୫୦ ଟଙ୍କା

ସାଂପ୍ରତିକ ସମାଜର ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗକୁ ନେଇ ପ୍ରକାଶ ପାଇଛି ଶ୍ରୁତକୀର୍ତ୍ତି ତ୍ରିପାଠୀଙ୍କ 'କୀର୍ତ୍ତିକଥା' ପୁସ୍ତକ। ଏହି ପୁସ୍ତକରେ ସଂକଳିତ 'କ୍ଷୁଧା ଓ ଖାଦ୍ୟ ଅପଚୟ', 'ମହତ୍ତ୍ୱ ହରାଉଛି ପର୍ବପର୍ବାଣି', 'ଜହର ଜାଲରେ ଯୁବପିଢ଼ି', 'ବଢୁଛି ଅସମାନତାର ଗ୍ରାଫ୍', 'ନିଜ ଅଧିକାର ପ୍ରତି ସଚେତନତା', 'ସ୍ୱାଧୀନତା ପ୍ରାପ୍ତିର ସ୍ୱପ୍ନ ଏବେ ବି ଅପୂରଣୀୟ', 'ପୁରୁଷ ଭଳି ହେବ କାହିଁକି?', 'କାହିଁକି ବଢୁଛି ବିଦ୍ୟାର୍ଥୀଙ୍କ ଆତ୍ମହତ୍ୟା?' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର, ତଥ୍ୟ ଭିତ୍ତିକ ଓ ସଚେତନତାଧର୍ମୀ ହୋଇଛି। ମାନବିକତାର ଅବକ୍ଷୟ, ଲିଙ୍ଗଗତ ବୈଷମ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟପେୟ, ଆଧୁନିକ ଜୀବନ ଶୈଳୀ, ଭାଷା,ସାହିତ୍ୟ, ସଂସ୍କୃତି ଆଦି ପ୍ରସଙ୍ଗକୁ ଭିତ୍ତି କରି ଶ୍ରୁତକୀର୍ତ୍ତିଙ୍କ ପ୍ରବନ୍ଧଗୁଡ଼ିକ ରଚିତ। ପ୍ରତିଟି ପ୍ରବନ୍ଧରେ ରହିଛି ଏକ ସାମାଜିକ ବାର୍ତ୍ତା। ବିଭିନ୍ନ ସାମାଜିକ ପ୍ରସଙ୍ଗ, ଦୈନନ୍ଦିନ ଜୀବନର ସମସ୍ୟା ଓ ସମାଧାନକୁ ନେଇ ରଚିତ 'କୀର୍ତ୍ତିକଥା'ର ପ୍ରବନ୍ଧଗୁଡ଼ିକ ପାଠକମାନଙ୍କୁ ଭଲ ବୋଲି ଆଶା କରାଯାଏ। ■

### ଜୀବନ ସଞ୍ଜ

ଡକ୍ଟର ମାନସୀ କର




ଅପୂର୍ବା
ୟୁନିଟ୍ -୩, ଖାରବେଳ ନଗର
ଭୁବନେଶ୍ୱର-୭୫୧୦୦୧
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୨୦୦ ଟଙ୍କା

ନିକଟରେ ପ୍ରକାଶ ପାଇଛି ଡକ୍ଟର ମାନସୀ କରଙ୍କ 'ଜୀବନ ସଞ୍ଜ' କବିତା ପୁସ୍ତକ। ଏହି ପୁସ୍ତକରେ ସଂକଳିତ 'ପିତୃତ୍ୱ', 'ହଜି ଯାଇଛି ମାଆ', 'ଗାଁ ମାଟି ମାଆ', 'ଏକାକୀତ୍ୱ', 'ଏକଲାପଣ', 'ଅବ୍ୟକ୍ତ', 'ଜୀବନ ସଞ୍ଜ', 'ଜଗନ୍ନାଥ ପ୍ରାଣ', 'ବାର୍ଦ୍ଧକ୍ୟର ବେଦନା', 'ସମର୍ପିତା ନାରୀ', 'ସ୍ମୃତିରେ ଅତୀତ', 'ବର୍ଷା', 'ଶୀତ', 'ପିତା ଈଶ୍ୱର', 'ଘର', 'ଠିକଣା', 'ମାଟିର ବାସ୍ନା', ମାଟି ମାଆର ଠିକଣା', 'ଆବେଗ', 'ବାପା' ଆଦି କବିତା ମନଛୁଆଁ ହୋଇଛି। 'ଜୀବନ ସଞ୍ଜ' ପୁସ୍ତକର କବିତାଗୁଡ଼ିକରେ ଜୀବନର ନାନା ଦୁଃଖ, ଯନ୍ତ୍ରଣା, ଆଶା, ନିରାଶା, ଈଶ୍ୱର ବିଶ୍ୱାସ, ପ୍ରକୃତି ପ୍ରୀତି, ମାନବୀୟ ଭାବାବେଗ, ସାମାଜିକ ବାସ୍ତବତା ଅତି ମାର୍ମିକ ଭାବେ ପ୍ରସ୍ଫୁଟିତ ହୋଇଉଠିଛି। ସେହିପରି ନାରୀ ଜୀବନର ଅନେକ ଅକୁହା କଥା, ବ୍ୟଥା ଓ ଆବେଗ କେତେକ କବିତାରେ ହୃଦୟସ୍ପର୍ଶୀ ଭାବେ ପ୍ରତିଫଳିତ ହୋଇଛି। କବିତାଗୁଡ଼ିକର ଛଳ ଛଳ ଭାବ, ସରଳ ଓ ବୋଧଗମ୍ୟ ଭାଷା, ଉପସ୍ଥାପନା ଶୈଳୀ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

ମୁଁ କାହିଁକି ଲେଖେ

## "ତରଙ୍ଗାୟିତ ଜୀବନର ପରିଣତି ମୋ କବିତାର କାନ୍‌ଭାସ୍"



ସୁଶାନ୍ତ କୁମାର ନାୟକ

ଅନେକ ପ୍ରଶ୍ନର ଉତ୍ତର ଅମୀମାଂସିତ। ଜୀବନ ପାଇଁ ଜୀବନର ପ୍ରଶ୍ନ ଯେତିକି ଦୁରୂହ, ପ୍ରେମ ପାଇଁ ପ୍ରେମର ପ୍ରଶ୍ନ ସେତିକି ଗୋଲକଧନ୍ଦାର ବିଷୟ। କାହିଁକି ନିଦାଘରେ କୃଷ୍ଣଚୂଡ଼ା ଫୁଟେ, ଗହୀର ମଝିରେ ଏକଲା ତାଳଗଛରେ କାହିଁକି ବାଇ ଚଢ଼େଇ ତା' ବସାରେ ଦୋଳି ଖେଳେ, ବଣ ପାରିହେଲେ ବେଣାପାଟ ସେପାଖେ କାହିଁକି ସବୁଜିମା ଦେଖାଯାଏ, ନିରନ୍ତର ଚଞ୍ଚଳ ଗତିରେ ତଟିନୀ ସମୁଦ୍ରକୁ ଛୁଇଁବାକୁ ପ୍ରୟାସ କରେ, କାହିଁକି ଫୁଲଟି ବୃନ୍ତରୁ ଝଡ଼ି ମାଟିରେ ମିଶିଯାଏ, କାହିଁକି ମେଘକୋଳରେ ବିଜୁଳିର ସ୍ଫୁରଣ ହୁଏ, କାହିଁକି ଶୂନ୍ୟ ପାଇଁ ପୂର୍ଣ୍ଣଟିଏ ଝୁରିହୁଏ, ବିଦେଶରେ ରହିଥିବା ପୁଅ ପାଇଁ ମାଆଟିଏ କାହିଁକି ଘାରିହୁଏ; ଏହି ଘାରିହେବା ଏବଂ ଘୂରିବା ମୋ ଭିତରେ ଆନ୍ଦୋଳିତ ସୃଜନ ଶକ୍ତିର ଆଧାର।

ବିଧବା ଆଖିର ଲୁହରେ ମୁଁ ଦେଖେ ସାତ ଦରିଆର କୋହ, ଅନୁଢ଼ା କିଶୋରୀର ମୁହଁରେ ମୁଁ ଦେଖେ ଭସା ମେଘରେ ଲୁଚକାଳି ଖେଳୁଥିବା ଜହ୍ନକୁ, 'ନାଆ ବାହି ସେ ପାଖକୁ ବଜାରି ନେଇ ଯାଉଥିବା ଡଙ୍ଗାକୁ ମୁଁ ପଚାରେ ସମୁଦ୍ରର ଠିକଣା। ମାଛ କାତିଆ ଆକାଶ ତଳେ ଲୁଚକାଳି ଖେଳୁଥିବା ପବନକୁ ମୁଁ ପଚାରେ ଖଣ୍ଡିଉଡ଼ା ପକ୍ଷୀର ଠିକଣା। ବାଟବଣା ବାଟୋଇର ଆଖିରେ ମୁଁ ଦେଖେ ନିଦାଘର ମରୀଚିକା। ଗାଁ ମଝି ମନ୍ଦିରରେ ଯେତେବେଳେ ଘଣ୍ଟଘଣ୍ଟା ଆଳତିର ଶବ୍ଦ ଶୁଭେ, ସେତେବେଳେ ମନେପଡ଼େ ବୋଉ। କ୍ଷେତରୁ ଫସଲ ଉଠିଲା ଦିନ ପେଟେ ଖାଇ ଘରକୁ ଫେରିଲା ପରେ ମନେ ପଡ଼ନ୍ତି ବାପା। କାର୍ତ୍ତିକର କାକର ଭିଜା ସକାଳେ ମୁରୁଜ ପକାରେ ମନେ ପଡ଼େ ବୁଢ଼ୀମାଆ। ଭୋକର ଭୂଗୋଳ ଭିତରେ ଲୁଚକାଳି ଖେଳିବା ଭିତରେ ଯୌବନର ଯବକାଚରେ ନିଜକୁ ଦେଖିଲାବେଳେ କେହିଜଣେ ପଛରୁ ଆସି ମୁଦିଦିଏ ଆଖି। ସେତେବେଳେ ମନେପଡ଼େ ପ୍ରେମିକା।

କାଉ କୋଇଲିର ଶବ୍ଦରେ ରାତି ନିଦ ଭାଙ୍ଗେ, ଆଖି ମଳିମଳି ଉଠିଲାବେଳକୁ ଜୀବନ ମତେ ଅଲେଖା କାଗଜ ଖଣ୍ଡେ ଧରାଇ ଦିଏ; ସେଥିରେ ବଣି, ବାଣୁଆ ଆଉ ବାଣର ଚିତ୍ର ଆଙ୍କେ। ଚିତ୍ର ଆଙ୍କିଲା ବେଳେ ମୁଁ ମୋତେ ଭୁଲିଯାଏ। ସେଇଠୁ ଆରମ୍ଭ ହୁଏ ମୋର କବିତା। ସେ ମୋର କଳ୍ପନାର ଚିତା।

ବୁଦୁବୁଦୁକିଆ ପତ୍ର ଗହଳରେ ମଳା ମଲ୍ଲିଫୁଲକୁ ଦେଖି ମୁଁ ହୁଏ ଆତ୍ମବିଭୋର। ଖରାବେଳେ ଗଛଛାଇରେ ଧକଉଥିବା କୁକୁର ମୁହଁକୁ ଦେଖି ମୁଁ ଯେତିକି ବିଷଣ୍ଣ, ଅଚିହ୍ନା ଯୋଗୀର କେନ୍ଦରାରେ ମୁଁ ସେତିକି ଆଚ୍ଛନ୍ନ। ସୃଜନର ନଈଟିଏ ଅନବରତ ବୋହି ଚାଲିଥାଏ। ମୋ ଭିତରେ ତା'ର ଖିଅ ଖୋଜିଲା ବେଳକୁ ମୁଁ ଭୁଲିଯାଏ ମୋର ପରିଚୟ ଓ ମୋର ପରିବାର। ବେଳେବେଳେ ଭୁଲ୍ ଠିକଣାରେ ଚିଠିଟିଏ ଉପଯୁକ୍ତ ପ୍ରାପକକୁ ନ ପାଇ ଯେମିତି ଫେରିଆସେ ପ୍ରେରକ ପାଖକୁ, ଠିକ୍ ସେହିପରି ମୋ ଠିକଣା ଖୋଜିଖୋଜି ବାଟବଣା ହୋଇ ଫେରିଆସେ ଅଚିହ୍ନା ଯାଗାକୁ। ପ୍ରିୟ ପରିଜନ, ଆତ୍ମୀୟସ୍ୱଜନ ସବୁବେଳେ ଅଭିନୟ ପରିଧି ଭିତରେ ବ୍ୟସ୍ତ ଓ ବିବ୍ରତ। ବୃତ୍ତ ଭିତରେ ବିନ୍ଦୁର ଠିକଣା ପରି ମୁଁ ନିଜକୁ ବାରମ୍ବାର ଆବିଷ୍କାର କରେ- ମୁଁ କିଏ? କେଉଁଠି ମୋର ଘର? ଆଉ ଯିବାକୁ ଅଛି କେତେ ଦୂର? ମାଟିର ମଲାଟ ଉପରେ ମଳିଚିଆ ହାତକୁ ଦେଖିଲେ ଖାଙ୍କଡ଼ା ପେଟର କଥା ମନେପଡ଼େ। ଭାତ ପାଇଁ ଭାଇର ବେକରେ ଭଗାରି ଛୁରୀ ମାରିଲାବେଳେ ହାଡ଼ର ହିଡ଼ ଉପରେ ଠିଆ ହୋଇ ଭାଇଭାଗର ଭାଗ ବଣ୍ଟନ ବେଳେ ମୋ ଲେଖନୀ ଅଟକିଯାଏ। ଆଖିରେ ଆସେ ଲୁହ, ମୁଁ ଲେଖେ କବିତା।

ଶୁଖି ଯାଇଥିବା ନଈରେ ତରଙ୍ଗ, ଫୁଟା ଡଙ୍ଗାର ମଙ୍ଗ, ଅନ୍ଧ ନାଉରୀର କାତ, ବେଣାପାଟର କଣ୍ଟେଇକୋଳି, ସୋରିଷ କ୍ଷେତରେ ସୁନାର ଫସଲ, ନିରବତା ଭିତରେ ହଜିଯାଇଥିବା ଗାଈଆଳର ଗୀତ, ସଦ୍ୟ ବିଧବା କପାଳରେ ଲେଖାଯାଇଥିବା ନିୟତି, ଦୃଶ୍ୟଅଦୃଶ୍ୟ ଭିତରେ ତରଙ୍ଗାୟିତ ଜୀବନର ପରିଣତି ମୋ କବିତାର କାନ୍‌ଭାସ୍। ଶିଉଳି ଲଗା ପଥରରେ ଅଚିହ୍ନା ନାରୀ ପାଦର ପାହୁଡ଼, ଅବାଟରେ ପଡ଼ିଚି ଅଚିହ୍ନା ଶବର ହାଡ଼, ଗାଆଁ ଶେଷ ମଶାଣିରେ କୁଡ଼କୁଡ଼ ମଡ଼, ଆସ ଶୀଘ୍ର ଯିବା ପଡ଼ିଯିବ ମନ୍ଦିର ପହଡ଼, ଭଙ୍ଗା ଦେଉଳର ଦିଅଁ, ଅକ୍ଷର ଅରଣ୍ୟ ଭିତରେ ଲୁଚିଥିବା କବିତାର ଧାଡ଼ିଟିଏ, ତାକୁ ଆବିଷ୍କାର କଲାବେଳକୁ ଦିନସବୁ ସରିଯାଏ।

ସାଧବବୋହୂକୁ ଦିନେ ପଚାରିଲି- ମାଟିର ରଙ୍ଗରେ ଏତେ ରଙ୍ଗାୟିତ କାହିଁକି? ନିରବରେ ଉତ୍ତର ଦେଲା- ଅଦୃଶ୍ୟ ଯେମିତି ମତେ ସଜେଇଲା ସେମିତି ମୁଁ ମାଟିର କୋଳରେ ଉଭା ହେଲି। ଆକଟର ଫାଟକ ପାଖରେ ଠିଆ ହେଇଥିବା ମଣିଷଟି ପରିଧି ବାହାରକୁ ଯାଇପାରେନା, ଯିବାକୁ ଚେଷ୍ଟା କଲେବି ଅଦୃଶ୍ୟ ବନ୍ଧନରେ ବାନ୍ଧି ହୋଇଯାଏ। ପ୍ରତ୍ୟେକ ବ୍ୟକ୍ତି ଅଦୃଶ୍ୟ ବନ୍ଧନରେ ବନ୍ଧା। ମନମୁକ୍ତ ଆକାଶର ବିହଙ୍ଗର ଦେହ, ଗୋଟିଏ ଜାଗାରେ ଥିଲାବେଳେ ମନ ଆଉ ଗୋଟିଏ ଜାଗାରେ ଥାଏ। ମନର ମାନସିକତା ଓ ଦେହର ଦୈହିକତା ଏକାକଥା ନୁହେଁ। ମନକୁ ଜାଣେ ମାନସୀ। ମାନସୀର ପେଡ଼ିରେ ପୂଜା ପାଉଥିବା ମଇନା ଦିନେ ପେଡ଼ି ଭାଙ୍ଗି ଅଜାଣତରେ ଚାଲିଯିବ, ଏକଥା ମନର ମାନସୀ ଜାଣେନା, ବିଶ୍ୱାସ ଥାଏ ନିଃଶ୍ୱାସ ନଥାଏ। ନିଆଁର ନଈ ଭିତରେ ନାବିକ ନାଆ ଧରି ଚାଲିଥାଏ। କେଉଁଠି କାହାକୁ ଭେଟିବ ସେ ଜାଣେନା। ହେଣ୍ଟାଳ ବନରେ ବାଘ, ଅଗାଧ ଜଳରେ କୁମ୍ଭୀର, ପରିବେଶ ଭୟଙ୍କର, ତଥାପି କାବ୍ୟନାୟକକୁ ବାହିବାକୁ ହେବ ନାଆ। ନାଆ ଟଳମଳ, ଅଗାଧ ଜଳ। ଜଣାପଡୁ ନାହିଁ ଥଳକୂଳ। ସେ ପାଖରେ ଘର, ଏ ପାଖରେ ମନ୍ଦିର, ମଝିରେ ଶ୍ମଶାନ ସୁନ୍ଦର। ମଶାଣି ଫେରା ମଣିଷମାନଙ୍କୁ ପଚାର ଜୀବନ ଜୀଇଁବାର ଉତ୍ତର।

ଶବ୍ଦ ଖେଳର ସବୁଜ ସନ୍ନ୍ୟାସୀଟି ମୁଁ। ଭାବକୁ ନେଇ ଶବ୍ଦ ଖୋଜୁଖୋଜୁ ଭୋକକୁ ଭୋକରେ ମାରି ଲୁହ ବତୁରା ଆକାଶରେ ମୁଁ ଶ୍ରାବଣକୁ ଦେଖେ। କେଉଁଠି ଚିଲ, କେଉଁଠି ଛଞ୍ଚାଣ ସବୁକଥା ଭୁଲିଯାଏ। ନିରୀହ ଚାତକର ଶୋଷକଥା ମନେପଡ଼େ। କବିତା ଲେଖିବସେ। ସେ ଆସିଲାବେଳେ ମୋ ଭିତରେ ମୁଁ ନଥାଏ। ଆକାଶକୁ ପାଦଟେକି ବାଉଳା ପବନରେ ଗୀତ ବୋଲୁଥାଏ। ଘୂର୍ଣ୍ଣିଟିଏ ଝଡ଼ର ରୂପନେଲା ପରି ଭାବଟିଏ କବିତାରେ ରୂପନିଏ। କବିତା ମୋ ପ୍ରେୟସୀ, କବିତା ମୋ ମାନସୀ। ଯାହା ପାଇଁ ମୁଁ ଭୁଲିଯାଏ, ଦିନରାତି ଦୁଃଖରାଶି। ସେ ମୋ ହାତରେ ଧରେଇଦିଏ ବଂଶୀ, ବଂଶୀରେ ଧୂନ୍ ଦେଲାବେଳକୁ ସେ ନ ଥାଏ ମୋ ପାଖରେ। ମୁଁ ସତର୍କ ହେଲାବେଳକୁ କେହି ଜଣେ ଆସିଥିଲା, ବଂଶୀଟିଏ ନେଇଗଲା ମୁଁ ଜାଣେନା- ସେ ନ ଜାଣିବା ସୂତ୍ରଟି ମୋର କବିତା।

ତାରା ଭର୍ତ୍ତି ଆକାଶ ଭିତରେ ସଞ୍ଜୁଆ ତାରାକୁ ଖୋଜିବାକୁ ଚେଷ୍ଟା କରେ। ସଞ୍ଜୁଆ ତାରାଟି ଗୋଠ ବାହୁଡ଼ା ଗାଈ ପଛେପଛେ ଆସିଥାଏ। ଗାଈ ଖୁରାରୁ ଛିଟିକି ପଡ଼ିଥିବା ଧୂଳିରେ ମୋ ପୃଥିବୀକୁ ମୁଁ ଆବିଷ୍କାର କରେ। ଘାସଫୁଲର ଲୁହ ଭିତରେ ଅଗଣିତ ଜନତାର ଦୁଃଖକୁ ମୁଁ ଚିହ୍ନେ, ରଫ୍‌ଖାତାରେ ଲୁଚିଯାଇଥିବା ପେନ୍‌ସିଲ୍‌ର ଗାର ମୋର ଅତୀତ। ଭଙ୍ଗାକାଚ ବିଛା ରାସ୍ତାରେ ଚାଲୁଥିବା ଜୀବନ ବର୍ତ୍ତମାନ। ପରିତ୍ୟକ୍ତ କୂଅର ଅନ୍ଧାର ପରି ମୋର ଭବିଷ୍ୟତ। ଯୁଦ୍ଧର ଘନଘଟା ବିଭୀଷିକା ଭିତରେ ଛିଣ୍ଡା ଦଉଡ଼ିରେ ଦୋଳି ଖେଳୁଥିବା ଜୀବନ, ଶୂନ୍‌ଶାନ ମଶାଣିରେ ଜଳୁଥିବା ଜୁଇକୁ ପଚାରେ ଜୀବନ କ'ଣ ସୁନ୍ଦର? ସବୁବେଳେ ପଢ଼ିପାରେନା ମୋ ନିଜ ହାତଲେଖା ଅକ୍ଷର। କବିତାରେ ସମୟର ସ୍ୱାକ୍ଷର।

ନିରବଚ୍ଛିନ୍ନ ଅବସୋସ ମୋର ଭାବକୁ ଶବ୍ଦରେ ପ୍ରକାଶ କରେ। ଶବ୍ଦ ସବୁ ହୋଇଯାଏ ଅଦୃଶ୍ୟ ଈଶ୍ୱରୀ। ଦେହ ଭୁଲିଯାଏ ପାଟ ପୀତାମ୍ବରୀ । ଲେଖନୀ ହୃଦୟରେ ସଂଚାର କରେ ଚେତାବନୀ। ମୋର ଧମନୀରେ ସ୍ପନ୍ଦିତ ହୁଏ ସୃଜନର ସଞ୍ଜୀବନୀ। ■

ପଞ୍ଚବଟୀ ନଗର, ୨ୟ ଲେନ୍
ରାୟଗଡ଼-୭୬୫୦୦୧
ମୋ: ୭୬୦୮୦୨୫୬୧୬

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି ୯ ଜିଲ୍ଲାରେ...

ସୋନପୁରରେ ୫୨ ମିଲିମିଟର, ଭଦ୍ରକରେ ୪୦.୨ ମିଲିମିଟର ବର୍ଷା ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତାକାଲି ଅର୍ଥାତ୍ ରବିବାର ବରଗଡ଼, ସମ୍ବଲପୁର ଓ ନୂଆପଡ଼ାରେ ପ୍ରବଳରୁ ଅତିପ୍ରବଳ ସ୍ଥଳବିଶେଷରେ ମାତ୍ରାଧିକ ପ୍ରବଳ ବର୍ଷା ହେବ। ସେଥିପାଇଁ ସଂପୃକ୍ତ ଜିଲ୍ଲାଗୁଡ଼ିକୁ ରେଡ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସୋନପୁର, ବଲାଙ୍ଗୀର, କଳାହାଣ୍ଡିରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏତଦବ୍ୟତୀତ ବାଲେଶ୍ୱର, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧ, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ବର୍ଷାର ପ୍ରଭାବରୁ ବିଭିନ୍ନ ନଦୀଗୁଡ଼ିକରେ ଜଳସ୍ତର ସାମାନ୍ୟ ବୃଦ୍ଧି ପାଇଥିବା ବେଳେ ପାଣିପାଗ ବିଜ୍ଞାନୀମାନେ ସ୍ଥିତି ପ୍ରତି ଦୃଷ୍ଟି ରଖିଛନ୍ତି। ପାଣିପାଗ ବିଜ୍ଞାନୀ ଡ. ଉମାଶଙ୍କର ଦାସଙ୍କ ଅନୁଯାୟୀ ଗତ ୪ ଦିନର ବର୍ଷା ଫଳରେ ରାଜ୍ୟରେ ନିଅଣ୍ଟିଆ ବର୍ଷାର ୨୯ ପ୍ରତିଶତ ପୂରଣ ହୋଇଛି। ଗତ ଜୁନ ୧ ତାରିଖରୁ ୩୦ ତାରିଖ ମଧ୍ୟରେ ରାଜ୍ୟରେ ମୋଟ ୧୧୦.୩ ମିଲିମିଟର ବର୍ଷା ହୋଇଥିବା ବେଳେ ଏହା ସ୍ୱାଭାବିକଠାରୁ ୪୭ ପ୍ରତିଶତ କମ୍ ଅଟେ।

### ମୁକାବିଲା ପାଇଁ...

୬ଟି ବ୍ଲକରେ ୧୦୦ ମିଲିମିଟରରୁ ଅଧିକ ଏବଂ ୩୮ ଟି ବ୍ଲକ ସହ ୩ଟି ସହରାଞ୍ଚଳର ୪ଟି କେନ୍ଦ୍ରରେ ୫୦ରୁ ୧୦୦ ମିଲିମିଟର ମଧ୍ୟରେ ବର୍ଷା ରେକର୍ଡ ହୋଇଛି। ଜୁଲାଇ ୧ରୁ ୪ ତାରିଖ ମଧ୍ୟରେ ରାଜ୍ୟରେ ମୋଟ ୯୪.୨ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ଏହା ସ୍ୱାଭାବିକ ହାର ୪୩.୭ ମିଲିମିଟର ତୁଳନାରେ ୧୧୫.୮ ପ୍ରତିଶତ ଅଧିକ ରହିଛି। ରାଜ୍ୟର ସମସ୍ତ ପ୍ରମୁଖ ନଦୀ ବର୍ତ୍ତମାନ ସତର୍କ ସ୍ତରରୁ ତଳେ ପ୍ରବାହିତ ହେଉଛନ୍ତି ଏବଂ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇନାହିଁ। ରେଡ୍, ଅରେଞ୍ଜ ଏବଂ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ସମସ୍ତ ଜିଲ୍ଲାରେ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନିକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସଜାଗ ରଖିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ଭାବେ ଜଳବନ୍ଦୀ, ତଳିଆ ଅଞ୍ଚଳରେ ଜଳଜମା, ସହରାଞ୍ଚଳର ଅଣ୍ଡରପାସ୍ ବନ୍ଦ, କଚ୍ଚା ରାସ୍ତା ଓ ଦୁର୍ବଳ ସଂରଚନାର କ୍ଷୟକ୍ଷତି, ଫସଲର ସମ୍ଭାବ୍ୟ କ୍ଷତିକୁ ଦୃଷ୍ଟିରେ ରଖି ଆବଶ୍ୟକ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନକୁ କୁହାଯାଇଛି। ସେହିପରି ବଜ୍ରପାତ ସମୟରେ ସୁରକ୍ଷିତ ସ୍ଥାନରେ ରହିବା, ପାଣିପାଗ ସମ୍ବନ୍ଧୀୟ ସରକାରୀ ସୂଚନା ଉପରେ ନଜର ରଖିବା ଏବଂ ସମସ୍ତ ପରାମର୍ଶକୁ ପାଳନ କରିବା ପାଇଁ ଲୋକମାନଙ୍କୁ ଅନୁରୋଧ କରାଯାଇଛି। ଜୁଲାଇ ୪ରୁ ୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଏବଂ ସମୁଦ୍ର ମଧ୍ୟକୁ ମତ୍ସ୍ୟଜୀବୀମାନଙ୍କୁ ମାଛ ଧରିବା ପାଇଁ ନଯିବାକୁ ପରାମର୍ଶ ଦିଆଯାଇଛି। ଷ୍ଟେଟ୍ ଇମର୍ଜେନ୍ସି ଅପରେସନ୍ ସେଣ୍ଟର୍ ସମସ୍ତ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି ପରିସ୍ଥିତି ଉପରେ ସତତ ନଜର ରଖିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ସାମଗ୍ରିକ ପରିସ୍ଥିତି ସ୍ୱାଭାବିକ ରହିଛି ଏବଂ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ରହିଛନ୍ତି ବୋଲି କୁହାଯାଇଛି।

### ଜୁଲାଇ ୨୦ରୁ...

ଅଭାବ ରହିଛି। ସଂସଦକୁ ସରଗରମ କରିବାକୁ ଥିବା ଦ୍ୱିତୀୟ ପ୍ରସଙ୍ଗଟି ହେଉଛି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ। ସଂସଦରେ ସେ କହିଥିଲେ ଯେ ଅପରେସନ ସିନ୍ଦୂରରେ ଭାରତର କୌଣସି ଯବାନ ପ୍ରାଣ ହରାଇ ନାହାନ୍ତି। କିନ୍ତୁ ସରକାର ଏବେ ୬ ଯବାନ ସହିଦ ହୋଇଥିବା ସ୍ୱୀକାର କରିଛନ୍ତି। ରାଜନାଥ ସଂସଦକୁ ବିଭ୍ରାନ୍ତ କରିଥିବାରୁ ତାଙ୍କୁ ବହିଷ୍କାର କରିବା ଲାଗି ବିରୋଧୀ ଦଳ ନୋଟିସ ଦେଇଛନ୍ତି। ଏହାସହିତ ମମତାଙ୍କ ଟିଏମସି ସମେତ ବିଭିନ୍ନ ଦଳରେ ଚାଲିଥିବା ବିଭାଜନ ଓ ଦଳବଦଳ ଘଟଣାକୁ ନେଇ ମଧ୍ୟ ବିରୋଧୀ ଦଳ ସରକାରଙ୍କୁ ଟାର୍ଗେଟ କରିପାରନ୍ତି। ଏଥିପାଇଁ ସେମାନେ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରୁଥିବା ଜଣାପଡ଼ିଛି।

### ରାଜଧାନୀ ଡ୍ରେନ୍‌ରେ...

ଯାଇଛନ୍ତି। ଡ୍ରେନରେ ଥିବା ଅଳିଆରେ ଯୁବକ ଜଣକ ପୋତି ହୋଇଯାଇଥିବା ଆଶଙ୍କା କରାଯାଉଛି ବୋଲି ରାଜ୍ୟ ଫାୟାର ଆଣ୍ଡ ଏମର୍ଜେନ୍ସି ସର୍ଭିସେସ କମାଣ୍ଡ ସେଣ୍ଟର ପକ୍ଷରୁ ସୂଚନା ଦିଆଯାଇଛି। । ସ୍ଥିତି ଅନୁଧ୍ୟାନ କରିବାକୁ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଏମ୍‌ସି କମିସନର ଚଞ୍ଚଳ ରଣା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଭୁବନେଶ୍ୱର ମେୟର ସୁଲୋଚନା କହିଛନ୍ତି, ଖବର ପାଇ କର୍ପୋରେଟର, ଅଧିକାରୀଙ୍କ ସମେତ ଆମେ ଘଟଣାସ୍ଥଳରେ ପହଞ୍ଚିଛୁ। ଏହି ଡ୍ରେନ ସଫା ମଧ୍ୟ ହୋଇଥିଲା। ବର୍ଷା ଯୋଗୁ ଡ୍ରେନ-୪ର ସବୁ ଅଳିଆ ଘଟଣାସ୍ଥଳରେ ହିଁ ଜମିଯାଇଛି।

ସୂଚନାଯୋଗ୍ୟ ଯେ ଏହି ଡ୍ରେନ୍‌ରେ ୩ବର୍ଷ ହେବ ଲେକ୍ ନ୍ୟୁଟ୍ରାଲ ପ୍ରୋଜେକ୍ଟ କାମ ଚାଲିଛି। ପ୍ରକଳ୍ପ କାର୍ଯ୍ୟ ଶେଷ ହେବାର ନାମ ଧରୁନି। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢ଼ି ପାରୁନାହିଁ। ନିର୍ମାଣାଧୀନ ପ୍ରକଳ୍ପ ସ୍ଥାନରେ ପୂର୍ବରୁ ସୁରକ୍ଷାକର୍ମୀ ମୁତୟନ ହୋଇଥିଲେ। ଏହି ବିପଦସଙ୍କୁଳ ସ୍ଥାନକୁ କାହାରିକୁ ଯିବାକୁ ଅନୁମତି ଦିଆଯାଉ ନଥିଲା। ହେଲେ ଏବେ ଡ୍ରେନ୍ ମୁକୁଳା ଏବଂ ବିଶାଳ ବିପଦଜନକ ସ୍ଥାନରେ ସୁରକ୍ଷାକର୍ମୀଙ୍କ ଅଭାବ ଲୋକଙ୍କୁ ବିପଦ ମୁହଁକୁ ଠେଲି ଦେଇଛି। ମୁକୁଳା ଡ୍ରେନ୍‌ରେ କେତେ ମୁଣ୍ଡ ଗଲେ ପ୍ରଶାସନ ଏବଂ ସରକାର ଚେତିବେ ବୋଲି ପ୍ରଶ୍ନ କରାଯାଇଛି।

### ଥାନା କ୍ୱାର୍ଟର୍ସରେ...

ସମ୍ପର୍କରେ ଜୋନ୍ ଏସିପି ସୁଧାଂଶୁ ଜେନାଙ୍କୁ ସୂଚନା ଦିଆଯାଇଥିଲା। ପରେ ଏସିପିଙ୍କ ଉପସ୍ଥିତିରେ କବାଟ ଭଙ୍ଗା ଯିବାରୁ ବିୟୁଟିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ପୁଲିସ ପକ୍ଷରୁ ଉକ୍ତ ରୁମକୁ ସିଲ୍ କରାଯାଇଛି। ପୁଲିସ କମିସନର ଦେବଦତ୍ତ ସିଂ ଏବଂ କଟକ ଡିସିପି ଖିଲାରୀ ଋଷିକେଶଙ୍କ ସମେତ ମୃତ ଆଇଆଇସିଙ୍କ ସ୍ୱାମୀ ଓ ପରିବାର ଲୋକେ ଏସସିବିରେ ପହଞ୍ଚିଥିଲେ। ସାଇଣ୍ଟିଫିକ ଟିମ୍ ସାହାଯ୍ୟରେ ଘଟଣାସ୍ଥଳରୁ ତଥ୍ୟ ପ୍ରମାଣ ସଂଗ୍ରହ କରାଯାଇଛି। ଗତ କିଛି ମାସ ତଳେ ଇନ୍ସପେକ୍ଟର ବିଉଟି ମହାନ୍ତି ଚାଉଳିଆଗଞ୍ଜ ଥାନାରେ ଦାୟିତ୍ୱ ନେଇଥିଲେ। ଏହା ପୂର୍ବରୁ ସେ କଟକ ମହିଳା ଥାନା, ଭୁବନେଶ୍ୱର ପାହାଳ ଥାନା, କଟକ ମର୍କତନଗର ଥାନାରେ ଇନ୍ସପେକ୍ଟର ଭାବେ ଦାୟିତ୍ୱ ତୁଲାଇଥିଲେ। ତାଙ୍କର ଗୋଟିଏ ପୁଅ ଅଛି। କଟକ ସଦର ଥାନା ଅଞ୍ଚଳରେ ଥିବା ବାପ ଘରେ ନିକଟରେ ସେ ପୁଅର ଜନ୍ମଦିନ ପାଳନ କରିଥିଲେ। ବେସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରୀମତୀ ମହାନ୍ତିଙ୍କ ସ୍ୱାମୀ ମୁମ୍ବଇରେ ରହନ୍ତି। ତେବେ ଆତ୍ମହତ୍ୟା ପଛର ସଠିକ କାରଣ ଜଣାପଡିନାହିଁ। ଇନ୍ସପେକ୍ଟର ବିଉଟି ମହାନ୍ତି ମୁଣ୍ଡ ବିନ୍ଧା ରୋଗରେ ପୀଡ଼ିତ ଥିଲେ ବୋଲି କିଛି ସହକର୍ମୀ କହିଛନ୍ତି। ପ୍ରାୟ ସମୟ ସେ ମୁଣ୍ଡ ବିନ୍ଧା ଔଷଧ ମଧ୍ୟ ଖାଉଥିଲେ। ମୁଣ୍ଡ ବିନ୍ଧା ଉପରେ ଅତ୍ୟଧିକ କାମ ଚାପ ଯୋଗୁଁ ସେ ବ୍ୟତିବ୍ୟସ୍ତ ହୋଇପଡୁଥିଲେ। ଏମିତିକି ନିଜର ଶାରୀରିକ ଅସୁସ୍ଥତା ପାଇଁ ସେ ଚାଉଳିଆଗଞ୍ଜ ଥାନାରୁ ଅନ୍ୟତ୍ର ବଦଳି ପାଇଁ ଡିସିପିଙ୍କୁ ଆବେଦନ ମଧ୍ୟ କରିଥିଲେ ବୋଲି ସୂଚନା ମିଳିଛି। ଅନ୍ୟପଟେ, ପାରିବାରିକ ବିବାଦ ଉପରେ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି।

### ଦୁର୍ଘଟଣାରେ ୩...

ଦୁର୍ଘଟଣାର ଶିକାର ହୋଇଥିବା ଜଣାପଡ଼ିଛି। ଏକ ଅଜଣା ଗାଡି ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଏହା ଏକ ଘରୋଇ ବସ ବୋଲି ଆନୁମାନ କରାଯାଉଛି। ତେବେ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ତାହା ବାଲିଗୁଡ଼ା ପୋଲିସ ତଦନ୍ତ କରୁଥିବା ଜଣାପଡିଛି। ମୃତକ ଶୁଭମଙ୍କ ପରିବାର ଲୋକ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ଆସି ଶବ ଚିହ୍ନଟ କରିଥିବା ବେଳେ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରାଯିବ ବୋଲି ସୂଚନା ରହିଛି।

### "ଅଟକାଇବାକୁ ହେଲେ...

ତାଙ୍କ ଦଳର କର୍ମୀ ଓ ନିର୍ବାଚିତ ପ୍ରତିନିଧିଙ୍କୁ ପ୍ରଶାସନ ଧମକଚମକ ଦେବା ସହିତ ମିଥ୍ୟା ମାମଲାରେ ଫସାଉଛି। ଏହା ଆଦୌ ଗ୍ରହଣୀୟ ନୁହେଁ ଏବଂ ଏହା ବିରୋଧରେ ସେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଆସନ୍ତା ୨୧ ତାରିଖରେ ଟିଏମ୍‌ସି ସମାବେଶ ହେବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ ନିର୍ବାଚନ ପରେ ଟିଏମ୍‌ସିର ବନିର୍ବାଚିତ ୮୦ ଜଣ ବିଧାୟକଙ୍କ ମଧ୍ୟରୁ ୬୦ ଜଣ ବିଧାୟକ ଦଳରୁ ଅଲଗା ହୋଇଯାଇଥିବା ବେଳେ ୨୦ ଜଣ ଦଳୀୟ ସାଂସଦ ଅନ୍ୟ ଏକ ଛୋଟ ଦଳରେ ସାମିଲ ହୋଇ ଏନ୍‌ଡିଏକୁ ସମର୍ଥନ ଘୋଷଣା କରିଛନ୍ତି। ଏହାକୁ ନେଇ ମମତା ଭୀଷଣ କ୍ଷୁବ୍ଧ ହୋଇଛନ୍ତି।

### ଦାନ ସୁନାକୁ...

ପାଖରୁ ସବୁଠାରୁ ଅଧିକ ନଗଦ ଟଙ୍କା ଜବତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୮ ଜଣଙ୍କୁ ଗିରଫ କରାଯାଇସାରିଲାଣି। ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ଗତ ୫ ବର୍ଷର ଆକାଉଣ୍ଟ ଏବଂ ନିର୍ମାଣ ଖର୍ଚ୍ଚର ପୁନଃ ଅଡିଟ୍ କରାଯିବ। ପୂର୍ବରୁ ଟ୍ରଷ୍ଟ ବୈଠକରେ କେବଳ ନଗଦ ଟଙ୍କାର ସମୀକ୍ଷା ହେଉଥିଲା, ସୁନା-ରୁପାର ଷ୍ଟକ୍ ଉପରେ ନିୟମିତ ଆଲୋଚନା ହେଉନଥିଲା।

ଭକ୍ତମାନଙ୍କଠାରୁ ମିଳିଥିବା ମୂଲ୍ୟବାନ ଧାତୁର ଗୁଣବତ୍ତା ପରୀକ୍ଷା ପାଇଁ ପ୍ରଥମ ପର୍ଯ୍ୟାୟରେ ୯୪୪ କିଲୋଗ୍ରାମ ରୁପା ସରକାରୀ ଟଙ୍କଶାଳକୁ ପଠାଯାଇଥିଲା। ଏହି କାରବାରର ସମସ୍ତ ସରକାରୀ ରେକର୍ଡକୁ ମଧ୍ୟ ଏସଆଇଟି ଯାଞ୍ଚ କରୁଛି। କଂଗ୍ରେସ ଏହି ମାମଲାରେ ସୁପ୍ରିମକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ କରିବାକୁ ଦାବି କରିବାରୁ ଏହାକୁ ନେଇ ଏବେ ରାଜନୀତି ମଧ୍ୟ ସରଗରମ ହୋଇଛି। ଗିରଫଦାରୀ ଏବଂ ଇସ୍ତଫା ପରେ ଆସନ୍ତା ଜୁଲାଇ ୬ ତାରିଖ ବୈଠକରେ ଟ୍ରଷ୍ଟ ଏକ ବଡ଼ ନିଷ୍ପତ୍ତି ନେଇପାରେ।

### ବଦ୍ରିନାଥରେ ବି...

ଆଣିବା ସହ ନିରପେକ୍ଷ ତଦନ୍ତ ଦାବି କରିଥିଲା। ଏହି ଘଟଣା ଉପରେ ସ୍ପଷ୍ଟୀକରଣ ଦେଇ ମନ୍ଦିର ସମିତିର ଅଧ୍ୟକ୍ଷ ହେମନ୍ତ ଦ୍ୱିବେଦୀ କହିଛନ୍ତି ଯେ, ଅଭିଯୋଗ ଆସିଥିବା ସଂପୃକ୍ତ କର୍ମଚାରୀମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏକ ଆଭ୍ୟନ୍ତରୀଣ ତଦନ୍ତ କମିଟି ଗଠନ କରାଯାଇଛି ଏବଂ ଦୋଷୀ ସାବ୍ୟସ୍ତ ହେଲେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମନ୍ଦିରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୋହନ ସିଂହ ରଙ୍ଗାଡ଼ କହିଛନ୍ତି ଯେ ଅଭିଯୋଗ ପରେ ମନ୍ଦିର ପରିସରର ସୁରକ୍ଷା କାମେରା (ସିସିଟିଭି) ଯାଞ୍ଚ କରାଯାଇଛି। କିନ୍ତୁ ସେହି ଭିଡିଓ ସେତେଟା ସ୍ପଷ୍ଟ ନଥିବାରୁ ସମସ୍ତ ତଥ୍ୟ, ପ୍ରମାଣ ଏବଂ ପକ୍ଷମାନଙ୍କ ବୟାନ ଆଧାରରେ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯିବ।

### ଇ-୨୦ ପେଟ୍ରୋଲକୁ...

ସାରୋଗୀ ଭାରତର ଜୈବ ଇନ୍ଧନ କାର୍ଯ୍ୟକ୍ରମ ଏବଂ ଇ-୨୦ ପେଟ୍ରୋଲ ପ୍ରସଙ୍ଗରେ ବିସ୍ତୃତ ଭାବରେ ଆଲୋଚନା କରି କହିଛନ୍ତି ଯେ, ପେଟ୍ରୋଲ ରେ ଇଥାନଲ୍ ମିଶ୍ରଣ ହେବା ଫଳରେ ଗାଡ଼ିର ମାଇଲେଜ୍ ହ୍ରାସ ପାଉଛି।

ଏକ ରିପୋର୍ଟରେ ଏହା ମଧ୍ୟ ପ୍ରକାଶ ପାଇଛି ଯେ କିଛି ବୀମା କମ୍ପାନୀ ଇଥାନଲ୍-ମିଶ୍ରିତ ଇନ୍ଧନ ଦ୍ୱାରା ହୋଇଥିବା ଇଞ୍ଜିନ୍ କ୍ଷତି କ୍ଷେତ୍ରରେ କ୍ଷତିପୂରଣ ଦେବାକୁ ମନା କରିଦେଇଛନ୍ତି। ତଥାପି, ସରକାର ପରେ ସ୍ପଷ୍ଟ କରିଥିଲେ ଯେ ଏହା ସତ୍ୟ ନୁହେଁ। ମନ୍ତ୍ରଣାଳୟ ସ୍ପଷ୍ଟ ଭାବରେ କହିଛି ଯେ ଇ-୨୦ ପେଟ୍ରୋଲ ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ ଏହାର ବ୍ୟବହାର ମୋଟର ବୀମା କ୍ଲେମ୍ ଉପରେ ନକାରାତ୍ମକ ପ୍ରଭାବ ପକାଇବ ନାହିଁ। ଏଭଳି ପ୍ରସଙ୍ଗ ଏବେ ଗାଡ଼ି ମାଲିକଙ୍କ ଚିନ୍ତାକୁ ଆହୁରି ବଢ଼ାଇଦେଇଛି। ଯାହାଫଳରେ ଇ-୨୦ ପେଟ୍ରୋଲ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ବର୍ତ୍ତମାନ ଅନିଶ୍ଚିତତା ଜାରି ରହିଛି।

ଏସବୁ ବ୍ୟତୀତ ଇ-୨୦ ଇନ୍ଧନକୁ ନେଇ ସାରା ଦେଶରେ ବିତର୍କ ଚାଲିଛି। ମୁଖ୍ୟ ବିରୋଧୀ ଦଳ କଂଗ୍ରେସର ଯୁକ୍ତି ହେଉଛି ଇ-୨୦ ଇନ୍ଧନ ପର୍ଯ୍ୟାପ୍ତ ପରୀକ୍ଷଣ ବିନା କୋଟି କୋଟି ନାଗରିକଙ୍କ ଉପରେ ଲାଗୁ କରାଯାଇଥିବା ଏକ ପରୀକ୍ଷଣ। ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା, ଯେଉଁଠାରେ ସରକାର କହିଥିଲେ ଯେ ଏହି ନୀତିକୁ ବୈଜ୍ଞାନିକ ଭାବରେ ଯାଞ୍ଚ କରାଯାଇଛି ଏବଂ ଜାତୀୟ ଶକ୍ତି ସୁରକ୍ଷା ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ। ଅପରପକ୍ଷେ ଆମ ଆଦମୀ ପାର୍ଟି (ଆପ୍)ର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜରିୱାଲ୍ ଲୋକଙ୍କ ଉପରେ ଇ-୨୦ ପେଟ୍ରୋଲ୍ ବାଧ୍ୟତାମୂଳକ ଭାବେ ଲାଗୁ କରାଯିବାକୁ କଡ଼ା ବିରୋଧ କରିଛନ୍ତି। ସେ କହିଛନ୍ତି ଯେ ସମଗ୍ର ଦେଶ ମୋଦି ସରକାରଙ୍କ ପାଇଁ ଏକ ପ୍ରୟୋଗଶାଳା। ଏବେ, ସରକାର ଜୋରଜବରଦସ୍ତି ୨୦ ପ୍ରତିଶତ ଇଥାନଲ୍ ମିଶ୍ରିତ ପେଟ୍ରୋଲକୁ ଜନସାଧାରଣଙ୍କ ଉପରେ ଲଦି ଦେଉଛନ୍ତି। ଏଥିରେ ଗାଡ଼ିର ମାଇଲେଜ୍ ୩୦% ହ୍ରାସ ପାଉଛି। ମଧ୍ୟ ପ୍ରାଚ୍ୟ ସଙ୍କଟ ମଧ୍ୟରେ ଯେତେବେଳେ ଭାରତ ଏହାର ନିକଟତମ ଏବଂ ସବୁଠାରୁ ବିଶ୍ୱସ୍ତ ବନ୍ଧୁ ଭୁଟାନକୁ ଏହି ନୂତନ, ସବୁଜ ଇନ୍ଧନ ଇ-୨୦ ପେଟ୍ରୋଲ ଅଫର କଲା, ସେତେବେଳେ ଭୁଟାନର ବାଣିଜ୍ୟ ବିଭାଗ ଏହାକୁ ନବୋକୁ ରୋକ୍‌ଠୋକ୍ ମନା କରିଦେଇଛି। ଭୁଟାନ ଜୋର ଦେଇ କହିଛି, ଯେ ପର୍ଯ୍ୟନ୍ତ ସମ୍ଭବ ସେ କେବଳ ପୁରୁଣା ଏବଂ ସାଧାରଣ ପେଟ୍ରୋଲ ଭାରତଠାରୁ ନେବ।


**GOVERNMENT OF ODISHA**
**PANCHAYAT SAMITI, PADMAPUR**
19001/134/2627

E-Mail: ori-rpadmapur@nic.in

**INVITATION FOR BIDS (IFB)**
**e-Procurement Notice**

IDENTIFICATION NO. 03/2025-26 OF PANCHAYAT SAMITI, PADMAPUR
No. 2256/IX-74/2026 (S&ME, Tender) Dev Dated: 01.07.2026

1. The Panchayat Samiti, Padmapur invites **Percentage Rate Bids** in **Single Cover System** in **ONLINE MODE** for construction of **Building Works (Civil + Electrification)** as detailed in the **Detailed Tender Call Notice (D.T.C.N.)** from eligible class of contractors.
2. **No. of Works:** 03 (Three) Nos.
3. **Cost of Tender Paper:** Rs. 6,000/- (Rupees Six Thousand) only.
4. **Class of Contractor: "D" & "C" Class.**
5. **Date & Time of availability in website & receipt online:** 11:30 Hrs. of **06.07.2026 to** 17:00 Hrs. of **21.07.2026**
6. **Date of Opening of Technical Bid: 24.07.2026 at 11:30 Hrs.**
7. The bidder has to participate in **ONLINE** bidding only. Further details can be seen from the State Government Portal website: https://tendersodisha.gov.in
8. Any **Corrigendum/Addendum** will be displayed on the website https://tendersodisha.gov.in only.

Sd/- Kuresh Chandra Jani, OAS-A (JB)
Block Development Officer, Padmapur
OIPR-19001/19430/1/26-27/0001



यूनियन बैंक ऑफ इंडिया Union Bank of India

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର**
୩/୧୯, ସିଭିକ୍ ସେଣ୍ଟର, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଗାଡ଼ି ନିଲାମ ନୋଟିସ୍**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ଦଖଲ ନିଆଯାଇଥିବା ନିମ୍ନଲିଖିତ ଗାଡ଼ିଗୁଡ଼ିକୁ ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୧.୦୭.୨୦୨୬ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ସର୍ବସାଧାରଣରେ ନିଲାମ କରାଯିବ।

| କ୍ର. ନଂ. | ଶାଖାର ନାମ | ଋଣଗ୍ରହୀତାମାନଙ୍କ ନାମ | ଗାଡ଼ିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା |
|---|---|---|---|---|
| ୧. | ଆଚାର୍ଯ୍ୟ ବିହାର ଶାଖା | ପ୍ରୀତିମୟୀ ଷଡଙ୍ଗୀ | HYUNDAI GRAND i10 NIOS, Regd. No.: 23BH5684H | ଟ.୩,୦୦,୦୦୦/- (ଜିଏସ୍‌ଟି ବ୍ୟତୀତ) /ଟ.୩୦,୦୦୦/- |
| ୨. | ବୁଦ୍ଧେଶ୍ୱରୀ କଲୋନୀ ଶାଖା | ପରମଜିତ୍ ସିଂ | JCB NEW 3 DX 2WD/ BACKHOE LOADER, Regd. No.: OD33AJ3471 | ଟ.୧୯,୧୨,୦୦୦/- (ଜିଏସ୍‌ଟି ବ୍ୟତୀତ) / ଟ.୧,୯୧,୨୦୦/- |

ଗାଡ଼ିଗୁଡ଼ିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ତା.୨୦.୦୭.୨୦୨୬ରିଖ ସୁଦ୍ଧା ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ସମୟ ମଧ୍ୟରେ

ଗାଡିର ଯାଞ୍ଚ ଏବଂ ଅନ୍ୟ କୌଣସି ସୂଚନା ପାଇଁ ଇଚ୍ଛୁକ ନିଲାମଧାରୀମାନେ ସମ୍ପୃକ୍ତ ଶାଖା ମୁଖ୍ୟ (ଆଚାର୍ଯ୍ୟ ବିହାର ଶାଖା, ମୋ.: ୯୦୦୨୯୨୪୪୦୮ ଏବଂ ବୁଦ୍ଧେଶ୍ୱରୀ କଲୋନୀ ଶାଖା, ମୋ.: ୯୮୩୬୭୩୮୯୪୩)ଙ୍କ ସହ ଯୋଗାଯୋଗ କରନ୍ତୁ।

**ନିୟମ ଏବଂ ସର୍ତ୍ତାବଳୀ:**

୧. ଗାଡ଼ିଗୁଡ଼ିକ "ଯେଉଁଠାରେ ଯେପରି ଅଛି", "ସେଠାରେ ଯାହା ଅଛି" ଏବଂ "ବିନା ଆଇନଗତ ସହାୟତା" ଭିତ୍ତିରେ ୱାରେଣ୍ଟି ଏବଂ ଇଣ୍ଡେମିନିଟିକ୍ ବିନା ବିକ୍ରୟ କରାଯିବ।
୨. ବିକ୍ରୟ ମୂଲ୍ୟ ନିମିତ୍ତ ପ୍ରଯୁଜ୍ୟ ଜିଏସ୍‌ଟି ସଫଳ ନିଲାମଧାରୀଙ୍କ ଦ୍ୱାରା ବହନ କରାଯିବ।
୩. ଆଗ୍ରହୀ କ୍ରେତାମାନେ ସେମାନଙ୍କର ପ୍ରସ୍ତାବ ମୁଦ ଲଫାପାରେ ରଖି ଲଫାପା ଉପରେ "ଗାଡି ନଂ............ କ୍ରୟ ନିମନ୍ତେ କୋଟେସନ୍" ଉଲ୍ଲେଖ କରି ତତ୍‌ସହିତ ସଂରକ୍ଷିତ ମୂଲ୍ୟର ୧୦% ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ ପୃଥକ୍ ଲଟ୍‌ରେ "ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ" ସପକ୍ଷରେ ଡ୍ର କରାଯାଇ ଏବଂ ଭୁବନେଶ୍ୱରଙ୍କୁ ପେଠ ଦର୍ଶାଇ ନିମ୍ନସ୍ୱାକ୍ଷରକାରୀଙ୍କ ଠାରେ ତା.୨୦.୦୭.୨୦୨୬ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଦାଖଲ କରିବା ଆବଶ୍ୟକ।
୪. ନିର୍ଦ୍ଦିଷ୍ଟ ଗାଡ଼ିର ଟେଣ୍ଡରଗୁଡ଼ିକ ସମସ୍ତ ଟେଣ୍ଡରଦାତାଙ୍କ ଉପସ୍ଥିତିରେ ଖୋଲାଯିବ ଏବଂ ନିଲାମ ପାଇଁ ସର୍ବୋଚ୍ଚ ବିଡ୍‌କୁ ଫ୍ଲୋର୍ ପ୍ରାଇସ୍ ଭାବେ ବିବେଚନା କରାଯିବ।
୫. ସଂରକ୍ଷିତ ମୂଲ୍ୟ ଠାରୁ କମ୍ ମୂଲ୍ୟର ପ୍ରସ୍ତାବର ଟେଣ୍ଡରକୁ ଗ୍ରହଣ କରାଯିବ ନାହିଁ।
୬. ସଫଳ ନିଲାମଧାରୀଙ୍କୁ ନିଲାମ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ଚୂଡ଼ାନ୍ତ ନିଲାମ ରାଶିର ୨୫% ସଙ୍ଗେ ସଙ୍ଗେ ଜମା କରିବାକୁ ପଡ଼ିବ ଏବଂ ଅବଶିଷ୍ଟ ରାଶି ନିଲାମ ତାରିଖ ଠାରୁ ୭ଦିନ ମଧ୍ୟରେ ଜମା କରିବାକୁ ପଡ଼ିବ।
୭. ଯଦି ବିଡ୍ ରାଶିର ୨୫% (ଅମାନତ ରାଶି ବାଦ୍ ଦେଇ) ନିଲାମ ତାରିଖ ଦିନ ଏବଂ/କିମ୍ବା ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ୭୫% ବିଡ୍ ରାଶି ପୈଠ କରିବାକୁ ବିଫଳ ହୁଅନ୍ତି, ତେବେ ନିମ୍ନସ୍ୱାକ୍ଷରକାରୀଙ୍କ ସ୍ୱତନ୍ତ୍ର କ୍ଷମତା ବଳରେ ପୂର୍ବରୁ ଜମା ହୋଇଥିବା ସମ୍ପୂର୍ଣ୍ଣ କିମ୍ବା ଆଂଶିକ ରାଶିକୁ ବାଜ୍ୟାପ୍ତ କରାଯିବ।
୮. ଟେଣ୍ଡର ଅର୍ଥ ଦାଖଲ ହେବା ପରେ ନିଲାମ ସମ୍ପୂର୍ଣ୍ଣ ନହେବା ଯାଏଁ କୌଣସି ପ୍ରକାରେ ଫେରସ୍ତ କରାଯିବ ନାହିଁ।
୯. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବଗୁଡ଼ିକୁ ଗ୍ରହଣ/ପ୍ରତ୍ୟାଖ୍ୟାନ/ପରିବର୍ତ୍ତନ କରିବାର ଅଧିକାର ସଂରକ୍ଷିତ ରଖିଅଛି। ସମସ୍ତ ପ୍ରସଙ୍ଗରେ ବ୍ୟାଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଅଟେ।
୧୦. ଯେଉଁମାନେ କେବଳ ଅମାନତ ରାଶି ଦାଖଲ କରିଛନ୍ତି ସେମାନଙ୍କୁ ଟେଣ୍ଡର ତଥା ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ।
୧୧. ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନିମନ୍ତେ ଏହା ଏକ ନୋଟିସ୍ ଭାବେ ବିବେଚନା କରାଯିବ।
୧୨. ଗାଡି ସମ୍ବନ୍ଧୀୟ ସମସ୍ତ ବୈଧାନିକ ଦେୟ / ଅଣ-ବୈଧାନିକ ଦେୟ / ବକେୟା ଦେୟ ଯଦି କିଛି ଥାଏ, ତାହା ସଫଳ ନିଲାମଧାରୀଙ୍କ ଦ୍ୱାରା ବହନ କରାଯିବ।
୧୩. ବିକ୍ରୟର ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ୱେବସାଇଟ୍ www.unionbankofindia.bank.in ଦେଖନ୍ତୁ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୪.୦୭.୨୦୨୬ | କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**ପଶ୍ଚିମ ରେଳବାଇ – ରତଲାମ ମଣ୍ଡଳ**
**ଇ-ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ନଂ.: GEM/2026/B/7741538 • ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: 30.07.2026, ଅପରାହ୍ନ 3.00 ଘଣ୍ଟା, କାର୍ଯ୍ୟର ନାମ ଓ ସ୍ଥାନ: କୋଟି ଡିପୋ, ଇନ୍ଦୋର ଏବଂ DADN ସହିତ ରତଲାମ ମଣ୍ଡଳର ଅନ୍ୟାନ୍ୟ ଡିପୋରୁ ବିଭିନ୍ନ ୱର୍କସପ୍, ଡିପୋ ଓ ଷ୍ଟୋରକୁ ଭାରତୀୟ ରେଳବାଇ ନେଟୱର୍କ ମାଧ୍ୟମରେ ବୋଗି, ହ୍ୱିଲ୍ ସେଟ୍ ଏବଂ ଅନ୍ୟାନ୍ୟ ରେଳ ସାମଗ୍ରୀର ସଡ଼କ ପରିବହନ କାର୍ଯ୍ୟ, ଏବଂ ଏହାର ବିପରୀତ ଦିଗରେ କିମ୍ବା ଯେକୌଣସି ସ୍ଥାନରୁ ଯେକୌଣସି ସ୍ଥାନକୁ 3 ବର୍ଷ ପାଇଁ ପରିବହନ। କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ.73,891,243.22/-। ଜମା କରିବାକୁ ଥିବା ଅମାନତ ଜମା: ଟ.519,460/-। କାର୍ଯ୍ୟ ସମାପ୍ତି ଅବଧି: କାର୍ଯ୍ୟାଦେଶ (LOA) ଜାରି ତାରିଖଠାରୁ 03 ବର୍ଷ। ଟେଣ୍ଡର ଖୋଲାଯିବା କାର୍ଯ୍ୟାଳୟର ଠିକଣା: ବରିଷ୍ଠ CDO/INDଙ୍କ କାର୍ଯ୍ୟାଳୟ, ପଶ୍ଚିମ ରେଳବାଇ, ରତଲାମ ମଣ୍ଡଳ। ଟେଣ୍ଡର ଦାଖଲ କରିବାର ଶେଷ ତାରିଖ ଓ ସମୟ: 30.07.2026 ତାରିଖ ଅପରାହ୍ନ 3.00 ଘଣ୍ଟା। ୱେବସାଇଟ୍ ଓ ନୋଟିସ୍ ବୋର୍ଡ ସମ୍ବନ୍ଧୀୟ ସୂଚନା: ଟେଣ୍ଡର ଦସ୍ତାବିଜଗୁଡ଼ିକ GEM ୱେବସାଇଟ୍ (www.gem.gov.in) ରୁ ଡାଉନଲୋଡ୍ କରାଯାଇପାରିବ। ଟେଣ୍ଡରଦାତାଙ୍କୁ ଆବଶ୍ୟକ ହେଉଥିବା ଅନ୍ୟାନ୍ୟ ସୂଚନା କାର୍ଯ୍ୟ ସମୟ ମଧ୍ୟରେ ବରିଷ୍ଠ CDO/INDଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ କରାଯାଇପାରିବ। CRY/06/129

Like us on: facebook.com/WesternRly



**DISTRICT WELFARE OFFICE, RAYAGADA**
Notice No.: 3556, Date: 24.06.26

**QUOTATION CALL NOTICE** 26001/28/2627

Sealed Quotations are invited with following term & conditions from interested reputed Private Manpower Service Provider for providing services of Manpower on contractual (Outsourced) Basis to District Welfare Office, Rayagada.

For details visit: **www.rayagada.odisha.nic.in**

Sd/-
District Welfare Officer,
Rayagada

OIPR-26001/26045/1/26-27/0002



GOVT. OF ODISHA

**Government of Odisha "e" procurement Notice** 34001/443/2627
**Bid Identification No. PWDK- 10/2026-27**
No. G2/6243, Dt. 30.06.2026
e-mail : eepwdkeonjhar@yahoo.com

| | | |
|---|---|---|
| 1 | No. of the work :- | 01 No. Road & 01 No. Building Work |
| 2 | Estimated cost :- | From 33.84 Lakhs to ₹. 61.57 Lakh |
| 3 | Period of completion :- | From 02 (Two) to 03 (Three) Calendar Months. |
| 4 | Date and Time of availability of Bid document in the portal:- | From 10.00 Hr 08.07.2026 to 17.00 HR of 23.07.2026 |
| 5 | Last date / Time for receipt of bids in the portal :- | 17.00 Hr of 23.07.2026. |
| 6 | Date of opening of Bid from Portal :- | 10.30 Hr of 24.07.2026. |
| 7 | Name and address of the officer inviting Bid :- | Superintending Engineer, Keonjhar (R&B) Division, Keonjhar |

Further details can be seen from the e-procurement portal "http://tendersodisha.gov.in"

Superintending Engineer
Keonjhar (R&B) Division

OIPR-34001/34004/1/26-27/0005



GOVERNMENT OF ORISSA 25001/642/2627
OFFICE OF THE SUPERINTENDING ENGINEER
RURAL WORKS DIVISION KARANJIA (MAYURBHANJ)
E-mail ID: - eerwkaranjia@yahoo.com
Letter No.4377 / WE // Date:-.29.06.2026
"E-Procurement Noticefor Special Repair of Building works for year 2026-27.
Bid Identification No – RWDKNJ– 06 / 2026-27.

1. Name of the work : Building Works (As per Annexure)
2. Estimated Cost : Rs. 1.69 toRs.5.08 LakhsApproximately (As per Annexure).
3. Class of Contractor : 'D' &'C' Class, (As per Annexure)
4. Period of Completion : As per Annexure
5. Tender Paper Cost : Rs.4,000/-&Rs.2, 000/-towards cost of bid as mentioned in Annexure of Building Works.

Further details can be seen from the website www.tendersodisha.gov.in

| Procurement Officer | Bid Identification No. | Availability of tender On-line for bidding: From | Availability of tender On-line for bidding: To | Last Date & Time of seeking Tender Clarification. | Date & Time of Opening of Tender in O/O S.E. R.W. Division, Karanjia Technical & Financial Bid Financial Bid |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Karanjia | Online RWDKNJ-06/ 2026-27 | Dt. 07.07.26 at 11.00 A.M | Dt.15.07.26 up to 5.00 P.M | Dt.14.07.26 up to 1.00 P.M. | Dt.17.07.26 at 11.00 P.M |

Executive Engineer
R.W. Division, Karanjia

OIPR-:25001/25086/1/26-27/0008



GOVERNMENT OF ODISHA 32001/489/2627
DEPARTMENT OF WATER RESOURCE
OFFICE OF THE SUPERINTENDING ENGINEER
NABARANGPUR IRRIGATION DIVISION
NABARANGPUR, DIST-NABARANGPUR (ODISHA)
Email ID: senidivision@gmail.com

Lr. No.: 1100, Dated: 02.07.2026

**E-PROCUREMENT NOTICE**
**BID IDENTIFICATION NO. SE-NID-01/2026-27 (01-02)**

1. **Nature of the work:** Bank Protection Work.
2. **Total No. of works:** 02 (Two) Nos.
3. **Tender cost of the works:** ₹43.41 Lakhs to ₹31.51 Lakhs (excluding GST).
4. **Class of Contractor:** 'C' & 'B' Class.
5. **Period of completion:** 02 (Two) Months.
6. **Other details as follows:**

| Procurement Officer | Bid Identification No. | Availability of Bid Online: From | Availability of Bid Online: To | Last Date & Time of Seeking Tender Clarification | Date, Time & Place of Opening of Tender |
|---|---|---|---|---|---|
| Superintending Engineer, Nabarangpur Irrigation Division, Nabarangpur | SE-NID-01/2026-27 (01-02) | 08.07.2026 (10.00 AM) | 22.07.2026 (up to 05.00 PM) | 10.07.2026 up to 5.00 PM | 23.07.2026 at 11.00 AM in the Office of the Superintending Engineer, Nabarangpur Irrigation Division, Nabarangpur |

Further details can be seen from the Government website: www.tendersodisha.gov.in
**Addendum/Corrigendum/Cancellation**, if any, will be published on the Government website only.

Sd/- Superintending Engineer
Nabarangpur Irrigation Division
Nabarangpur

OIPR-32001/32361/1/26-27/0001



**GOVERNMENT OF ODISHA** 25001/639/2627
**OFFICE OF THE SUPERINTENDINGENGINEER**
**RURAL WORKS DIVISION: GUNUPUR**

Lr.No.3219, Dated.30.06.2026 e-mail id: eerwgunupur@gmail.com

**GEPNIC e-Procurement Notice**
**(Bid Identification No.-SERWGNP-Online-08/2026-27)**

| | | |
|---|---|---|
| 1 | Name of the Work | : Construction & Maintenance of Road Works |
| 2 | Total No. of Works | : 63Nos (Percentage rate tender) |
| 3 | Estimated Cost | : As mentioned in Col. 3 of TCN Annexure |
| 4 | Class of Contractor | : As mentioned in Col. 5 of TCN Annexure |
| 5 | Period of Completion | : As mentioned in Col. 4 of TCN Annexure |
| 6 | EMD | : As mentioned in Col. 6 of TCN Annexure |
| 7 | Paper Cost | : As mentioned in Col. 7 of TCN Annexure |
| 8 | Other details: | |

| Procurement Officer | Bid Identification No. | Availability of Tender online for Bidding: From | Availability of Tender online for Bidding: To | Date & Time of opening of tender |
|---|---|---|---|---|
| 1 | 2 | 3 | 4 | 5 |
| Executive Engineer, Rural Works Division, Gunupur | SERWGNP-Online-08/2026-27 | 06.07.2026 at 11.00 A.M. | 15.07.2026 up to 5.00 P.M. | 17.07.2026 at 11.00 A.M |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.

Other details can be seen in the bidding documents, which is available in website www.tendersodisha.gov.in Any subsequent addendum or corrigendum will be made available in the above website.

Superintending Engineer,
Rural Works Division, Gunupur

OIPR-25001/25170/1/26-27/0006



**AFFIDAVIT**

I, LAXMIKANTA PANIGRAHI, S/O - JAYA KRUSHNA PANIGRAHI resident of At - Shastri Nagar, Ranikona, PO/PS - Semiliguda, Dist - Koraput - 764036, Odisha declare by this Affidavit No.2975, Dated 03/07/2026, that now onwards I shall be known as **LAKSHMI KANTA PANIGRAHI** for all future purposes.

**AFFIDAVIT**

I Barsharani Swain D/o- Susanta Swain residing, At-Abdalpur, Po-Baidyarajpur Ps-Jajpur Dist-Jajpur, Odisha, Pin-755007, declare by Court Affidavit vide no 9665 Dt-03/07/2026 that my father real name susanta swain in my adhhar-804760405467 but my father name spelling is sushanta Swain recorded in my HSC certificate. That I hereby declare Susanta Swain and Sushanta Swain is one and same person.

Barsharani Swain

**AFFIDAVIT**

By virtue of an affidavit sworn before Executive Magistrate, Soumya Ranjan Pradhan, (O.R.S.) Puri dated-04/07/2026. I, Deepti Ranjan Maharana (new name), At/P.O.- Chhaitana, P.S.- Puri Sadar, Dist. Puri, Pin-752004 declare that I have changed my name from Diptiranjan Ojha (old name) to Deepti Ranjan Maharana (new name). Henceforth, I shall be known as **Deepti Ranjan Maharana** (new name) for all purposes.

**AFFIDAVIT**

By virtue of an affidavit no. 3398 before the Executive Magistrate, Sambalpur, Dtd 29-06-2026, I, Jayaram Kisan, S/o Gopa Kisan, resident of Sargipali, P.O. Jhankarpali, P.S. Katarbaga, Dist. Sambalpur, Odisha, do hereby declare that my minor daughter's name has been changed from Sanjukta Dhurua to Ankita Kisan. Henceforth, she shall be known and identified as **Ankita Kisan** for all purposes.

Jayaram Kisan

**AFFIDAVIT**

By virtue of an affidavit No. 1502, dtd- 25/06/2026 sworn before The Executive Magistrate, Khordha. I, **Bhagirathi Biswal,** S/o- Jagannath Biswal, permanent resident of At: Ogalapur, Po: Olasingh, Ps: Begunia, Dist: Khordha, PIN-752020, Odisha declare that I have changed my minor daughter's name from **Prabhashi Bhagirathi Biswal** to **Pravasini Biswal.** Henceforth, she shall be known as **Pravasini Biswal** (new name) for all purposes.

**Bhagirathi Biswal**

**AFFIDAVIT**

By virtue of an affidavit sworn before the Executive Magistrate Koksara on Dated 23 March 2026, I, **Mr. Balaram Satanami,** Address: Village-Chikili, Post Office- Chikili, Police Station- Kokasara, Block- Kokasara, Dist - Kalahandi, State- Odisha, Pin-766019, Odisha have changed my name from **"Laxmikant"** to **"Balaram Satanami"**. Henceforth, I shall be known as **"Balaram Satanami"** for all purposes.

**Balaram Satanami**



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-29-26

**କାର୍ଯ୍ୟର ବିବରଣୀ :** ପୂର୍ବ ତଟ ରେଳପଥର ରାୟଗଡ଼ା-ଟିଟିଲାଗଡ଼ ସେକ୍ସନରେ ମଲ୍ଟି ସେକ୍ସନ ଡିଜିଟାଲ ଏକ୍ସେଲ କାଉଣ୍ଟରର ବ୍ୟବସ୍ଥା ସହ ଅବଶିଷ୍ଟ ବିଦ୍ୟୁତୀକରଣ କାର୍ଯ୍ୟ (ରାୟଗଡ଼ା, ସିଙ୍ଗପୁର ରୋଡ୍, କେରାମଣ୍ଡଳ, ଦୁର୍ଗାପଙ୍ଗ ଏବଂ ଟିଟିଲାଗଡ଼)।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1,45,88,352.81, **EMD :** ₹ 2,91,800/-, **ଶେଷ ହେବା ଅବଧି : 06 ମାସ।**

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.24.07.2026ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ କାଗଜିଆ ପତ୍ର ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦିଓ ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ସିଧାସଳଖ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନଗୁଡ଼ିକପ୍ରତି ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ଖୋର୍ଦ୍ଧା ରୋଡ୍
PR-280/R/26-27

ସକାଳ
THE SAKALA



www.sakalaepaper.com

### ଘୋଡାହାଡ଼ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି

# ଛଡ଼ାଯିବ ପାଣି, ନଦୀତଟ ଗ୍ରାମବାସୀଙ୍କୁ ସତର୍କ ସୂଚନା ଜାରି

ଦିଗପହଣ୍ଡି,୪।୭ (ସମିସ)



ଗତ ଦୁଇଦିନ ଧରି ଲଘୁଚାପ ପ୍ରଭାବରେ ଦିଗପହଣ୍ଡି ସମେତ ଆଖପାଖ ଅଞ୍ଚଳରେ ବର୍ଷା ଲାଗିରହିଛି । ଦିଗପହଣ୍ଡି ବ୍ଲକ ଖମାରୀ ଗାଁ ନିକଟ ଘୋଡାହାଡ ଜଳଭଣ୍ଡାରର ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଜଳଭଣ୍ଡାରକୁ ବିଭିନ୍ନ ନଦୀର ଜଳ ଆସୁଥିବା କାରଣରୁ ଜଳସ୍ତର ଧିରେ ଧିରେ ବୃଦ୍ଧି ପାଉଛି । ଲଘୁଚାପ ଜନିତ ବର୍ଷା ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଲାଗି ରହିବା ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଯାହାକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗ ଅଧୀନ ଦିଗପହଣ୍ଡି ସ୍ଥିତ ଘୋଡାହାଡ ଜଳସେଚନ ଉପ ବିଭାଜନ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଯେକୌଣସି ମୁହୂର୍ତ୍ତରେ ଘୋଡାହାଡ ଜଳଭଣ୍ଡାର ରୁ ସ୍ପିଲୱେ ମୁଖ୍ୟ ଫାଟକ ଦେଇ ଘୋଡ଼ାହାଡ଼ ନଦୀ ମଧ୍ୟକୁ ପାଣି ଛଡ଼ା ଯାଇପାରେ ବୋଲି ନଦୀ ତଟବର୍ତ୍ତୀ ଗ୍ରାମବାସୀଙ୍କୁ ସତର୍କ ସୂଚନା ଜାରି କରାଯାଇଛି । ଡ୍ୟାମର ଜଳଧାରଣ କ୍ଷମତା ୧୧୭.୮୦ ମିଟର ରହିଥିବା ବେଳେ ଶନିବାର ଅପରାହ୍ନ ସୁଦ୍ଧା ଜଳଭଣ୍ଡାରରେ ୯୬.୩୯ ପ୍ରତିଶତ ଅର୍ଥାତ ୧୧୭.୩୩ ମିଟର ପାଣି ଗଚ୍ଛିତ ରହିଥିବା ଘୋଡାହାଡ ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଗଙ୍ଗାଧର ଦାସ ଜଣାଇଛନ୍ତି । ଜଳଭଣ୍ଡାରରେ ଶୁକ୍ରବାର ସନ୍ଧ୍ୟାରେ ୧୧୭.୨୮ ମିଟର ପାଣି ରହିଥିବା ବେଳେ ଶନିବାର ସକାଳୁ ତାହା ୧୧୭.୩୦ ମିଟରରେ ପହଞ୍ଚିଥିଲା । ତେଣୁ ଜଳଭଣ୍ଡାରର ସୁରକ୍ଷା ଦୃଷ୍ଟିରୁ ନଦୀ ମଧ୍ୟକୁ ଯେ କୌଣସି ମୁହୂର୍ତ୍ତରେ ପାଣି ଛଡା ଯାଇପାରେ ବୋଲି ନଦୀ ତଟବର୍ତ୍ତି ଗୋଲଣ୍ଡା, ମଧୁବନ, ସେବକ ଟିକରପଡ଼ା , କଇଠଖଣ୍ଡି , ବୋରିପଦର, ପେଣ୍ଠା, ତଲାସିଙ୍ଗି, ଗୁମ୍ମା, ପନାଡ, ଜକମେରି ପଲ୍ଲୀ , ଜଲମେରି ପଲ୍ଲୀ, ଧେରେଣ୍ଡୀ, ମଳାଭଞ୍ଜା, ଆମ୍ବ ଗାଁ, ତିଳେଶ୍ୱର, ମହାନଳା, ପଳାଶପୁର, ନୂଆଗଡ, ଖୁଲଡି, ଜଲମରା, ଭୁଇପଲ୍ଲୀ, ପାଟପୁର ଗ୍ରାମବାସୀଙ୍କୁ ସତର୍କ ସୂଚନା ଜାରି କରାଯାଇଛି । ଲୋକେ ନଦୀ ମଧ୍ୟକୁ ନଯିବା ସହ ଗୃହପାଳିତ ପ୍ରାଣୀମାନଙ୍କୁ ନ ଛାଡ଼ିବା ପାଇଁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଥିବା ଜଣାପଡିଛି ।

## ପୁଳାପୁଳା ଅଳଙ୍କାର ଜବତ; ସିନ୍ଧି ଚୋର ଗ୍ୟାଙ୍ଗର ୪ ଗିରଫ



ଭଞ୍ଜନଗର,୪।୭ (ସମିସ): ଭଞ୍ଜନଗର ପୋଲିସକୁ ମିଳିଛି ବଡ ସଫଳତା । ପୁଳା ପୁଳା ଅଳଙ୍କାର ସହ ସିନ୍ଧି ଚୋର ଗ୍ୟାଙ୍ଗର ୪ ଜଣକୁ ଗିରଫ କରିଛି ପୁଲିସ । ଗତ କିଛିଦିନ ହେଲା ଭଞ୍ଜନଗର, ବୁଗୁଡା, ତାରା ସିଂ, ଜଗନ୍ନାଥ ପ୍ରସାଦ ଇତ୍ୟାଦି ଅଞ୍ଚଳରେ ବାରମ୍ବାର ଚୋରି ହେବାର ଖବର ପୁଲିସ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଥିଲା । ଶେଷରେ ଗଞ୍ଜାମ ଏସପିଙ୍କ ନିର୍ଦ୍ଦେଶକ୍ରମେ ଭଞ୍ଜନଗର ପୋଲିସ ଓ ଅନ୍ୟାନ୍ୟ ଥାନାର ପୋଲିସ ଅଧିକାରୀ ମାନେ ତଦନ୍ତ ସହ ସର୍ଚ୍ଚ ଅପେରେସନ ଜାରି ରଖିଥିଲେ । ଭଞ୍ଜନଗର ଥାନା ଅଧିକରୀ ଜୀବନାନନ୍ଦ ଜେନାଙ୍କ ନେତୃତ୍ୱରେ ଏକ ଟିମ ଗଠନ ହୋଇଥିଲା । ବିଭିନ୍ନ ସ୍ଥାନରେ ସର୍ଚ୍ଚ ଅପେରସନ ସମୟରେ ୪ ଜଣ କୁଖ୍ୟାତ ଚୋରଙ୍କୁ ଧରି ଥିଲା ପୋଲିସ । ସେମାନଙ୍କ ଠାରୁ ବହୁ ପରିମାଣର ସୁନା ରୁପା ଅଳଙ୍କାର ସବୁକୁ ଜବତ କରାଯାଇଛି ।ସିନ୍ଧି ଚୋର ମାନଙ୍କ ଠାରୁ ୬୬.୭୦ ଗ୍ରାମ ସୁନା ଓ ୨.୮୮୦ କିଲୋ ର ରୁପା ଅଳଙ୍କାର ଜବତ କରିଛି । ଶନିବାର ଏନେଇ ଏକ ପ୍ରେସ ମିଟ୍‌ରେ ଭଞ୍ଜନଗର ଏସଡିପିଓ ଡକ୍ଟର ଦୀପକ କୁମାର ମିଶ୍ର ସୂଚନା ଦେବା ସହ ଏଥିରେ ସଂପୃକ୍ତ ଅନ୍ୟ ସହଯୋଗୀମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି । ଏହି ଚୋରମାନେ ଅନେକ ସମୟରେ ଘର କବାଟ ଭାଙ୍ଗି ଘରେ ପଶି ଚୋରି କରୁଥିଲେ । ଗିରଫ ଅଭିଯୁକ୍ତମାନେ ହେଲେ ଆସିକା ଥାନା ପାକଲାପଲ୍ଲୀ ଗ୍ରାମର ଏମ୍ ମୁନା ଓରଫ ଗୁନା, କୋଟିନଡା ଥାନା ନୂଆ ସାହାପୁର ଗ୍ରାମର ଏ.ପୁଟୁରାଜୁ, ଏ.ନାଗରାଜୁ ଓ କବିସୂର୍ଯ୍ୟ ନଗର ଥାନା ଜେନାପୁର ଗ୍ରାମର ଜିତୁ ନାହକ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭଞ୍ଜନଗର ଥାନା ଅଧିକାରୀ ଜୀବନାନନ୍ଦ ଜେନା, ଏସଆଇ ସମୀର କୁମାର ସେଠୀ, ଜ୍ୟୋସ୍ନାରାଣୀ ସାହୁ, ଏଏସଆଇ ସତ୍ୟ ନାରାୟଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହିଥିଲେ । ଶନିବାର ଅପରାହ୍ଣରେ ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ଭୀଷ୍ମଗିରି ପିଏମଶ୍ରୀ ବିଦ୍ୟାଳୟରେ ବନ ମହୋତ୍ସବ



ଦିଗପହଣ୍ଡି,୪।୭ (ସମିସ): ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ୭୭ ତମ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ମନୋଜ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଚନ୍ଦ୍ରଗିରି ବନାଞ୍ଚଳ ଅଧୀନସ୍ଥ ଭୀଷ୍ମଗିରି ସେକ୍ସନର ବନପାଳ ଦେବାଶିଷ ଶତପଥି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଇକୋ କ୍ଲବ୍ , ଶକ୍ତି କ୍ଲବ୍ ଏବଂ ଜୁନିଅର ରେଡ୍ କ୍ରସର ମିଳିତ ଉଦ୍ୟମରେ ଆୟୋଜିତ ସଭାରେ ଛାତ୍ରୀଛାତ୍ରଙ୍କୁ ବୃକ୍ଷ ରୋପଣର ଆବଶ୍ୟକତା ସମ୍ପର୍କରେ ସଚେତନ କରାଯାଇଥିଲା । ବିଦ୍ୟାଳୟ ଚତୁଃପାର୍ଶ୍ୱରେ ବିଭିନ୍ନ କିସମର ଔଷଧୀୟ ଚାରା ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବନରକ୍ଷୀ ଗିରିଜା ଶଙ୍କର ଦୋରା, ସରୋଜ ମଲ୍ଲିକ, ଲକ୍ଷ୍ୟପତି ଗମାଙ୍ଗ, ପାରା ବନ କର୍ମଚାରୀ ଗୋପାଳ ମଲ୍ଲିକ, ବିରୁ ଗୌଡ, ହରିହର ବେହେରଦଳେଇ, ପବିତ୍ର ରଣା ପ୍ରମୁଖ ପରିଚାଳନା କରିଥିଲେ । ସେହିପରି ଭୀଷ୍ମଗିରି ବାଳିକା ବିଦ୍ୟାଳୟ, କେଶପୁର ପ୍ରାଥମିକ ବିଦ୍ୟାଳୟ, ସହଦେବ ଟିକରପଡ଼ା ହାଇସ୍କୁଲ, କନ୍ୟାସାହି ପ୍ରାଥମିକ ଉଚ୍ଚ ବିଦ୍ୟାଳୟ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବ୍ୟାପକ ଚାରା ରୋପଣ କରାଯାଇଥିବା ଫରେଷ୍ଟର କହିଛନ୍ତି ।

## ସୁବଳୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ବନ ମହୋତ୍ସବ



ଗଞ୍ଜାମ,୪।୭ (ସମିସ): ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ସୁବଳୟା ଠାରେ ଅବସ୍ଥିତ ଗୋପାଳ କୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭୭ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ଼ ସିଏଚ୍ ସୁଧାକର ସଭାପତିତ୍ୱ କରିଥିଲେ । ଓଡ଼ିଆ ବିଭାଗ ଅଧ୍ୟାପିକା ଜ୍ୟୋତ୍ସ୍ନା କୁମାରୀ ପ୍ରଧାନ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଡ଼ ବସନ୍ତ ନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଖଲ୍ଲିକୋଟ ବନାଞ୍ଚଳ ଭାରପ୍ରାପ୍ତ ଅଧିକାରୀ ତଥା ସହକାରୀ ବନ ସଂରକ୍ଷକ ଦିବ୍ୟ ଶଙ୍କର ବେହେରା ଯୋଗ ଦେଇ ବନ ମହୋତ୍ସବର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଅନ୍ୟାନ୍ୟ ଅତିଥି ମାନଙ୍କ ମଧ୍ୟରେ ପ୍ରକୃତି ବନ୍ଧୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ବିଶ୍ୱାଳ, ପ୍ରକୃତି ବନ୍ଧୁ ଅବସରପ୍ରାପ୍ତ ଶିକ୍ଷକ ଜବାହାରଲାଲ ନାୟକ, ଅବସରପ୍ରାପ୍ତ ବନ ବିଭାଗ ସେକ୍ସନ ଅଧିକାରୀ ଅଶୋକ ସାହୁ, ଅଧ୍ୟାପିକା ସନ୍ତୋଷୀ ନାହାକ, ଅଧ୍ୟାପିକା ଡ଼ ଅନୀତା ମିଶ୍ର ଯୋଗ ଦେଇଥିଲେ ।

## ଶିକ୍ଷା ପ୍ରତିଷ୍ଠାନ ପରିସରରେ ବନମହୋତ୍ସବ



ରଙ୍ଗେଇଲୁଣ୍ଡା,୪/୭ (ସମିସ): ଶନିବାର କନିସି ହାଟ ସ୍ଥିତ ଦିବାକର ପଟ୍ଟନାୟକ ଉଚ୍ଚତର ଶିକ୍ଷା ଗବେଷଣା ପ୍ରତିଷ୍ଠାନ ପରିସରରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ସେଠି, ଜାତୀୟ ସେବା ଯୋଜନା ପିଓ ଡ଼. ରଶ୍ମିତା ପାତ୍ରଙ୍କ ସହଯୋଗରେ ପ୍ରତିଷ୍ଠାନ ପରିସରରେ ୫୦ଟି ଅଧିକ ବୃକ୍ଷ ଚାରା ରୋପଣ କରାଯାଇଥିଲା ।

## ବୁଗୁଡ଼ା କୋର୍ଟ ପରିସରରେ ବନ ମହୋତ୍ସବ

ବୁଗୁଡ଼ା,୪।୭ (ସମିସ): ପରିବେଶକୁ ସୁରକ୍ଷିତ ରଖିବା ପାଇଁ ବୃକ୍ଷ ରୋପଣର ଆବଶ୍ୟକ ରହିଥିବା ବେଳେ ବୁଗୁଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ପରିସରରେ ତାଲୁକା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ଦିନ ୭୭ ତମ ବନମହୋତ୍ସବ ସପ୍ତାହ ପାଳନ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।



ବୁଗୁଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ତଥା ତାଲୁକା ଆଇନ ସେବା ପ୍ରାଧିକରଣ ଚେୟାରମେନ ସୁଧାଶ୍ରୀ ସୁର୍‌ଝଲିଆ ବୃକ୍ଷ ରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏଥିରେ ବିଚାରପତିଙ୍କ ସମେତ ଆଇନଜୀବୀ ମାନସ ରଞ୍ଜନ ଦାସ, ହରପ୍ରସାଦ ଦାସ, ସାଇ ସନ୍ତୋଷିନୀ ପ୍ରଧାନ, ନିବେଦିତା ଚୌଧୁରୀ, ବିଭୁଦତ୍ତ ନାୟକ, ଶ୍ୟାମସୁନ୍ଦର ବିଷୋୟୀ, ସୁଶାନ୍ତ ସେଠୀ, ଅମର କୁମାର ପଟ୍ଟନାୟକ, ରବିନ୍ଦ୍ର କୁମାର ପଣ୍ଡା, ପ୍ରଭାତ କୁମାର ଜେନା, ବୁଗୁଡ଼ା ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁଙ୍କ ସମେତ ଅନ୍ୟ ଆଇନଜୀବୀ ଓ ବନ ବିଭାଗ କର୍ମଚାରୀ ଗଣ ଏହି କାର୍ଯ୍ୟକ୍ରମରେ ବୃକ୍ଷ ରୋପଣ କରିଥଲେ ।

## କୋର୍ଟ ପରିସରରେ ଚାରାରୋପଣ କଲେ ଦୁଇ ମାଜିଷ୍ଟ୍ରେଟ୍



ଦିଗପହଣ୍ଡି,୪।୭ (ସମିସ): ଦିଗପହଣ୍ଡି ତାଲୁକ ଆଇନ ସେବା କମିଟି ପକ୍ଷରୁ ଶନିବାର ପୋଡ଼ାମାରି ରାସ୍ତାକଡ ରେ ନବନିର୍ମିତ ଦିଗପହଣ୍ଡି କୋର୍ଟ କମ୍ପ୍ଲେକ୍ସ ପରିସରରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସିଭିଲ ଜଜ ସିନିୟର ଡିଭିଜନ କୋର୍ଟର ମାଜିଷ୍ଟ୍ରେଟ ମହାଶ୍ୱେତା ପରିଜା, ଜେଏମଏଫସି କୋର୍ଟର ମାଜିଷ୍ଟ୍ରେଟ ନିଳିମା ଷଡଙ୍ଗୀଙ୍କ ସମେତ କୋର୍ଟ କର୍ମଚାରୀ ବୃନ୍ଦ ଏବଂ ଖେମୁଣ୍ଡି ଓକିଲ ସଂଘର ସଦସ୍ୟ ବୃନ୍ଦ ବିଭିନ୍ନ କିସମର ଚାରା ରୋପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ରେଞ୍ଜର ଦିବ୍ୟ ରଞ୍ଜନ ସାହୁ, ଫରେଷ୍ଟର ସନ୍ତୋଷ ବିଷୋୟୀରତ୍ନ, କୋର୍ଟ ଏସଆଇ ସୁବଳ କଅଁର, ସରକାରୀ ଓକିଲ ହେମନ୍ତ କୁମାର ପାଣିଗ୍ରାହୀ, ସନ୍ତୋଷ କୁମାର ସାହୁ, ବିଜୟ କୁମାର ପ୍ରଧାନ, ଆଇନଜୀବି ହର ପ୍ରସାଦ ରଥ, ରସାନନ୍ଦ ରାଉତ, ଗିରିଜା ମେକାପ, କିଶୋର ଗୌଡ଼, ରାଜେନ୍ଦ୍ର ସାହୁ, କୋର୍ଟ କର୍ମଚାରୀ ପ୍ରଦୀପ ଶତପଥୀ, ଶିବରାମ ସାହୁ, ସସ୍ମିତା ମହାରଣା, ଅଞ୍ଜଳି ମହାରଣା, ଅଶ୍ୱିନୀ ପଟ୍ଟନାୟକ, ସଂଗ୍ରାମ କେଶରୀ ପଣ୍ଡା, ପ୍ରଦୀପ ପୁରୋହିତ, ପିଲଟୁ ହେମ୍ବ୍ରମ, ରୁଦ୍ର ପ୍ରସାଦ ତାଣ୍ଡିଆ, ପପୁନ ମହାରଣା, ଆକାଶ କୁମାର ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ପାତ୍ର, କେ. ନକିଆ, ନିରଞ୍ଜନ ଶବର, କାଳିଆ ନାୟକ, ବିକ୍ରମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ୱାଟର୍ ସର୍ଭିସିଂ ସେଣ୍ଟରରୁ ଲୁଟ୍: ୨ ଆନ୍ତଃଜିଲ୍ଲା ଲୁଟେରା ଗିରଫ

- ବୋଲେରୋ ସହ ବିପୁଳ ସାମଗ୍ରୀ ଜବତ

ଦାରିଙ୍ଗବାଡ଼ି, ୪।୭ (ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ସିମନବାଡ଼ି କାରୀପାଙ୍ଗା ଗ୍ରାମରେ ଏକ ସର୍ଭିସିଂ ସେଣ୍ଟରରୁ ସନ୍ତର୍କତାର ସହ ଚୋରି କରୁଥିବା ୨ ଜଣ ଦୁର୍ବୃତ୍ତଙ୍କୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଗଞ୍ଜାମ ଜିଲ୍ଲା ନିମଖଣ୍ଡି ଥାନା ଲୋଛାପଡ଼ା ଅଞ୍ଚଳର ଜଗନ୍ନାଥ ସାହୁ ଏବଂ ବଡ଼ବଜାର ଥାନା ପାଣିଗ୍ରାହୀ ନଗରର ରବି ପ୍ରଧାନ । ପୋଲିସ ସେମାନଙ୍କ ନିକଟରୁ ଚୋରିରେ ବ୍ୟବହୃତ ବୋଲେରୋ ଗାଡ଼ି ସହ ବିପୁଳ ପରିମାଣର ସାମଗ୍ରୀ ଜବତ କରିଛି । ରିପୋର୍ଟ ଅନୁଯାୟୀ, କାରୀପାଙ୍ଗା ଗ୍ରାମର ଅରୁଣ ପ୍ରଧାନ ସେଠାରେ ଏକ ୱାଟର ସର୍ଭିସିଂ ସେଣ୍ଟର ଖୋଲିଛନ୍ତି । ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଏକ ବୋଲେରୋ ଗାଡ଼ି ନେଇ ଆସି ଦୋକାନର କବାଟ ତାଲା ଭାଙ୍ଗି ଲୁଟପାଟ କରୁଥିଲେ । ଏହି ସମୟରେ ଦୋକାନ ମାଲିକ ଅରୁଣ କୌଣସି କାରଣରୁ ଘର ବାହାରକୁ ଆସିଥିବା ବେଳେ, ଏକ ବୋଲେରୋ ଗାଡ଼ି ଦୋକାନ ସମ୍ମୁଖରୁ ଦ୍ରୁତ ଗତିରେ ଯାଉଥିବା ଦେଖିବାକୁ ପାଇଥିଲେ । ସନ୍ଦେହ ହେବାରୁ ସେ ଦୋକାନ ନିକଟକୁ ଯାଇ ତାଲା କଟାଯାଇଥିବା ଏବଂ ସମସ୍ତ ସାମଗ୍ରୀ ଚୋରି ହୋଇଥିବା ଦେଖିଥିଲେ । ଅରୁଣ ତୁରନ୍ତ ବାଲିଗୁଡ଼ା ଏସଡିପିଓଙ୍କୁ ଫୋନ୍ ଯୋଗେ ଘଟଣା ଓ ଗାଡ଼ି ବିଷୟରେ ସୂଚନା ଦେଇଥିଲେ । ଏସଡିପିଓଙ୍କ ନିର୍ଦ୍ଦେଶକ୍ରମେ କ. ନୂଆଗାଁ ପୋଲିସ ସଜାଗ ହୋଇ ସିର୍ତ୍ତିଗୁଡ଼ାଠାରେ ଉକ୍ତ ବୋଲେରୋ ଗାଡ଼ିକୁ ଅଟକାଇବା ସହ ୨ ଜଣ ଚୋରଙ୍କୁ ଗିରଫ କରିଥିଲା । ଏନେଇ ଅରୁଣ ଦାରିଙ୍ଗବାଡ଼ି ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ, କ. ନୂଆଗାଁ ପୋଲିସ ଜବତ ଗାଡ଼ି ଓ ଅଭିଯୁକ୍ତମାନଙ୍କୁ ଦାରିଙ୍ଗବାଡ଼ି ପୋଲିସକୁ ହସ୍ତାନ୍ତର କରିଛି ।ଦାରିଙ୍ଗବାଡ଼ି ପୋଲିସ ଏକ ମାମଲା ରୁଜୁ କରି ଚୋରି ହୋଇଥିବା ସାମଗ୍ରୀ ମଧ୍ୟରୁ ୧୮ ଟି ବାଇକ୍ ଓ ଅଟୋ ଟାୟାର, ୪ଟି ଅଟୋ ଓ ବାଇକ୍ ଟ୍ୟୁବ୍, ୨ଟି ଗ୍ୟାସ୍ ସିଲିଣ୍ଡର, ଗୋଟିଏ ଗ୍ୟାସ୍ ଚୁଲା, ୱାଟର ସର୍ଭିସିଂ ମେସିନ୍, ମୋଟର କମ୍ପ୍ରେସର, ଜ୍ୟାକ୍ ସମେତ ବିପୁଳ ପରିମାଣର ଡିଜେଲ, ପେଟ୍ରୋଲ ଏବଂ ଇଞ୍ଜିନ ଅଏଲ୍ ଜବତ କରିଛି । ଏ ସମ୍ପର୍କରେ ଥାନା ଅଧିକାରୀ ସଂଗ୍ରାମ କେଶରୀ ଜେନା ସୂଚନା ଦେଇଛନ୍ତି । ଅପରପକ୍ଷରେ, ଚୋରି ହୋଇଥିବା ସମସ୍ତ ସାମଗ୍ରୀ ଏପର୍ଯ୍ୟନ୍ତ ମିଳିନଥିବା ଦୋକାନ ମାଲିକ ଅରୁଣ ପ୍ରଧାନ ଅଭିଯୋଗ କରିଛନ୍ତି । ବାକି ସାମଗ୍ରୀଗୁଡ଼ିକୁ ଦୁର୍ବୃତ୍ତମାନେ ଅନ୍ୟ ଏକ ଗାଡ଼ିରେ ନେଇଯାଇଥିବା ସେ ସନ୍ଦେହ ପ୍ରକାଶ କରିଛନ୍ତି । ଏଣୁ ପୋଲିସ ଘଟଣାର ସଠିକ୍ ଅନୁସନ୍ଧାନ କରି ତାଙ୍କୁ ସମ୍ପୂର୍ଣ୍ଣ ନ୍ୟାୟ ପ୍ରଦାନ କରିବାକୁ ଅରୁଣ ଅନୁରୋଧ କରିଛନ୍ତି ।



## ବାହାଘର ଶୋଭାଯାତ୍ରାରେ କନେଷ୍ଟବଳଙ୍କୁ ଆକ୍ରମଣ; ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୪।୭ (ସମିସ) ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ପଞ୍ଚାୟତ ଝରିପଦର ଗ୍ରାମର ଏକ ବିବାହ ଶୋଭାଯାତ୍ରା ରେ ଶୁକ୍ରବାର ମଧ୍ୟାହ୍ନରେ ଜଣେ କନଷ୍ଟେବଲଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି । ଏନେଇ ବ୍ରହ୍ମପୁର ରେ କନେଷ୍ଟବଳ ଥିବା ଦିଗପହଣ୍ଡି ବ୍ଲକ କୁଶପଡ଼ା ପଞ୍ଚାୟତ କେଦାରପୁର ଗ୍ରାମର ନିରଞ୍ଜନ ଗୌଡ଼ ଶନିବାର ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ଆଇଆଇସି କିଶୋର କୁମାର ସାମଲ ରୁଜୁ କରିବା ସହ ଘଟଣାର ତଦନ୍ତ କରି ପଦ୍ମନାଭପୁର ପଞ୍ଚାୟତ ଚୈତନ୍ୟପୁର ଗ୍ରାମର ଅଭିଯୁକ୍ତ ବଳରାମ ଗୌଡ଼ ଓରଫ ବଳିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି । ଶୁକ୍ରବାର କନେଷ୍ଟବଳ ଜଣକ ବ୍ରହ୍ମପୁର କୋର୍ଟରେ ଡ୍ୟୁଟି ସାରି ତାଙ୍କ ସମ୍ପର୍କୀୟଙ୍କ ବିବାହ ଶୋଭାଯାତ୍ରାରେ ଯୋଗ ଦେବାକୁ ଝରିପଦର ଗ୍ରାମକୁ ଯାଇଥିଲେ । ଶୋଭାଯାତ୍ରା ଚାଲିଥିବା ବେଳେ ତାଙ୍କ ଶାଳକ ଏବଂ ଶ୍ରୀକାନ୍ତ ଗୌଡ଼ ନାମକ ଜଣେ ଯୁବକ ଠେଲା ପେଲା ହେଉଥିଲେ । ସେ ପ୍ରାୟ ୩୦ ମିଟର ଦୂରରେ ଠିଆ ହୋଇଥିଲେ । ବାହାଘର ଭୋଜିକୁ ଯାଇଥିବା ତାଙ୍କ ସମ୍ପର୍କୀୟ ଭାଇ ବଳରାମ ସେଠାରେ ପହଞ୍ଚି କୌଣସି କାରଣରୁ ଏକ ପଥର ଖଣ୍ଡରେ ତାଙ୍କ ମୁଣ୍ଡ ପଛ ଭାଗକୁ ମାରିବାରୁ ସେ ତଳେ ପଡ଼ିଯାଇଥିଲେ । କିଛି ସମ୍ପର୍କୀୟ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସା ହେବାପରେ ଶନିବାର ସେ ଏନେଇ ଏତଲା ଦେଇଥିଲେ । ଆକ୍ରମଣ ରେ ବ୍ୟବହୃତ ପଥର ଖଣ୍ଡକୁ ଜବତ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଆଇଆଇସି କହିଛନ୍ତି ।

## ଦେଶୀ-ବିଦେଶୀ ମଦ ଜବତ; ମହିଳାଙ୍କ ସମେତ ଅନ୍ୟ ଜଣେ ଗିରଫ

ଦିଗପହଣ୍ଡି,୪।୭ (ସମିସ): ସାନଖେମୁଣ୍ଡି ବ୍ଲକ ଜିଉରା ଗ୍ରାମ ରାସ୍ତାରୁ ଶୁକ୍ରବାର ସକାଳେ ସାନୁ ସାହୁ(୩୪)ଙ୍କ ନିକଟରୁ ୪୦ ଟି ବିଦେଶୀ ମଦ ବୋତଲ ଜବତ କରାଯାଇଛି । ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ ଇନ୍ସପେକ୍ଟର ନମ୍ରତା ନାହାକ, କନେଷ୍ଟବଳ ପ୍ରବୀର ସାମଲ, ବଳରାମ ସ୍ୱାଇଁ, ସନ୍ତୋଷ ନାହାକ, ଲୋକନାଥ ପ୍ରଧାନ, ଦମୟନ୍ତୀ ସିଂ ପ୍ରମୁଖ ସଦଳବଳେ ପାଟ୍ରୋଲିଂ କରୁଥିବା ବେଳେ ସାନୁ ଏକ ବ୍ୟାଗ ଧରି ସନ୍ଦେହଜନକ ଅବସ୍ଥା ରେ ରାସ୍ତାରେ ଯାଉଥିଲେ । ତାଙ୍କୁ ଅଟକାଇ ଖାନ ତଲାସି କରାଯିବାରୁ ସେଥିରେ ବିଦେଶୀ ମଦ ବୋତଲ ଥିବା ଜଣାପଡିଥିଲା । ଅବକାରୀ ଇନ୍ସପେକ୍ଟର ଅଭିଯୁକ୍ତଙ୍କୁ ଗିରଫ କରିଥିଲେ । ଅଭିଯୁକ୍ତ ଜଣକ ଗ୍ରାମାଞ୍ଚଳରେ ମଦ ବିକ୍ରି ପାଇଁ ନେଉଥିବା ସ୍ୱୀକାର କରିବା ପରେ ତାଙ୍କୁ ଅବକାରୀ ମାମଲା ନଂ.୨୨୬/୨୬-୨୭ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଥିଲା ।ସେହିପରି ସାନଖେମୁଣ୍ଡି ବ୍ଲକ ଟି. ଗୋବିନ୍ଦପୁର ଗାଁ ଛକ ରୁ ଇନ୍ଦୁ ନାୟକ ନାମ୍ନୀ ଜଣେ ମହିଳାଙ୍କ ନିକଟରୁ ଶୁକ୍ରବାର ୧୮ ଲିଟର ରନ୍ଧା ଦେଶୀ ମଦ ଜବତ କରାଯାଇ ଅବକାରୀ ମାମଲା ନଂ.୨୨୭/୨୬-୨୭ ଅନୁଯାୟୀ ମକଦ୍ଦମା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଗୋଇନ୍ଦା ବିଭାଗ ଇନ୍ସପେକ୍ଟର ଜଣାଇଛନ୍ତି ।

## ଅବସରପ୍ରାପ୍ତ ଯବାନଙ୍କୁ ନିଜ ଗ୍ରାମରେ ସ୍ୱାଗତ ସମ୍ବର୍ଦ୍ଧନା

ପୋଲସରା,୪।୭ (ସମିସ): ପୋଲସରା ବ୍ଲକ ଅନ୍ତର୍ଗତ କେନ୍ଦୁବାଡି ଗ୍ରାମର ଗଙ୍ଗାଧର ଭୂୟାଁ ଭାରତୀୟ ସେନାରେ ଦୀର୍ଘ ୨୪ ବର୍ଷ ଧରି ଦେଶ ସେବାରେ ନିଜକୁ ନିୟୋଜିତ କରି ଅବସର ଗ୍ରହଣ କରି ଜୁଲାଇ ୩ରେ ନିଜ ଗ୍ରାମ କେନ୍ଦୁବାଡିରେ ପହଞ୍ଚିଥିଲେ । ନିଜ ଗ୍ରାମରେ ଅଭୁତପୂର୍ବ ସମ୍ବର୍ଦ୍ଧନା ଦିଆଯାଇଥିଲା । ଗଙ୍ଗାଧର ଗ୍ରାମରେ ପହଁଞ୍ଚିବା ପରେ ତାଙ୍କୁ ସ୍ୱାଗତ ଜଣାଇବା ପାଇଁ ଏକ ସ୍ୱାଗତ ରଥର ଆୟୋଜନ କରାଯାଇ କେନ୍ଦୁବାଡି ଗ୍ରାମର ପ୍ରତ୍ୟେକ ସାହି ପରିକ୍ରମା କରିଥିଲେ । ଏହାପରେ ଗ୍ରାମର ପାଠାଗାର ଠାରେ ପୂର୍ବତନ ସରପଞ୍ଚ ବିଜୟ ସ୍ୱାଇଁ, ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ ଡକ୍ଟର ସ୍ଥିତଧୀ ରଥ, ସିଆରପିଏଫ ଯବାନ କୃଷ୍ଣ ଭୂୟାଁ, ଯବାନ ମଣ୍ଟୁ ବିଷୋୟୀ, ସମାଜସେବୀ ଭଗବାନ ମହାନ୍ତି, ମୁନା ଭୂୟାଁ, ପପୁ ବିଷୋୟୀ ପ୍ରମୁଖ ଅବସରପ୍ରାପ୍ତ ଯବାନ ଗଙ୍ଗାଧରଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । କାର୍ଯ୍ୟକ୍ରମରେ ଗ୍ରାମବାସୀ ତଥା ଯୁବ ଗୋଷ୍ଠୀ ସହଯୋଗ କରିଥିଲେ । ଜଣେ ଭାରତୀୟ ସେନା ଭାବେ ଚାକିରୀ ସମୟର ଅନୁଭୂତି, ଅଭିଜ୍ଞତା ଓ ସାହାସିକତା ଗ୍ରାମବାସୀଙ୍କୁ ଜଣାଇବା ସହ ଦେଶର ସୁରକ୍ଷା ପାଇଁ ଯୁବଗୋଷ୍ଠୀ ଭାରତୀୟ ସେନାରେ ଯୋଗଦେଇ ଦେଶ ରକ୍ଷାରେ ନିଜକୁ ସାମିଲ କରାଇବା ପାଇଁ ଗଙ୍ଗାଧର ଭୂୟାଁ ଆହ୍ୱାନ ଦେଇଥିଲେ ।



## ଗଜପତିରେ ୨୪ ଘଣ୍ଟାରେ ୨୮୫.୮ ମିମି ବର୍ଷା

ପାରଳାଖେମୁଣ୍ଡି, ୪।୭ (ସମିସ) : ପାଣିପାଗ ବିଭାଗର ପୂର୍ବାନୁମାନ ପ୍ରକାରେ ଦକ୍ଷିଣ ଓଡିଶାର ବିଭିନ୍ନ ପ୍ରାନ୍ତରେ ଲଗାଣ ବର୍ଷା ଜାରି ରହିଛି । ବିଗତ ଦୁଇ ଦିନ ଧରି ଗଜପତି ଜିଲ୍ଲାରେ ଲଗାଣ ବର୍ଷା ଜାରି ରହିଛି । ଜିଲ୍ଲାରେ ୨୪ ଘଣ୍ଟା ମଧ୍ୟରେ ମୋଟ ୨୮୫.୮୦ ମିମି ବର୍ଷା ରେକଡ ହୋଇଥିବା ଜଣାପଡିଛି । ଯାହାକି ଜିଲ୍ଲାର ୭ଟି ବ୍ଲକ ସମେତ ପାରଳାଖେମୁଣ୍ଡି ସହରାଞ୍ଚଳରେ ହାରାହାରି ୩୫.୭୩ ମିମି ପରିମାଣର ବର୍ଷା ହୋଇଛି । ନୂଆଗଡ ବ୍ଲକରେ ସର୍ବାଧିକ ୬୧.୪ ମିମି ବର୍ଷା, ଗୁମ୍ମା ବ୍ଲକରେ ୫୨.୦୦ ମିମି, ମୋହନା ବ୍ଲକରେ ୪୧.୬୦ ମିମି, ରାୟଗଡ ଓ ଆର୍.ଉଦୟଗିରି ବ୍ଲକରେ ୩୯.୨୦ ମିମି, ପାରଳାଖେମୁଣ୍ଡି ସହରାଞ୍ଚଳରେ ୨୩.୬୦ ମିମି, ଗୋଷାଣି ବ୍ଲକରେ ୨୧.୦୦ ମିମି ଏବଂ କାଶୀନଗର ବ୍ଲକରେ ସର୍ବ ନିମ୍ନ ୭.୮୦ ମିମି ବର୍ଷା ହୋଇଥିବା ଜିଲ୍ଲା ଜରୁରିକାଳୀନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ଗଜପତି ଜିଲ୍ଲାର ପାହାଡିଆ ଅଞ୍ଚଳ ଗୁଡିକ ଭୂସ୍ଖଳନ ପ୍ରବଣ ଅଞ୍ଚଳ ହୋଇଥିବାରୁ ଏପରି ଲଗାଣ ବର୍ଷା ଆଉ ଦୁଇ ତିନିଦିନ ଧରି ଜାରି ରହିଲେ ଭୂସ୍ଖଳନ ଆଶଙ୍କାକୁ ଏଡାଇ ଦିଆଯାଇନପାରେ ।

## ଲଗାଣ ବର୍ଷା; ଭୁଶୁଡ଼ିଲା ଭିଜିଲାନ୍ସ କାର୍ଯ୍ୟାଳୟ ପାଚେରି

ଛତ୍ରପୁର, ୪।୭ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପରେ ସମଗ୍ର ଗଞ୍ଜାମ ଜିଲ୍ଲା ବେହାଲ ହୋଇପଡ଼ିଛି । ଇତିମଧ୍ୟରେ ଛତ୍ରପୁର ପୌରପରିଷଦ ଅନ୍ତର୍ଗତ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଭିଜିଲାନ୍ସ ବା ଦୁର୍ନୀତି ନିବାରଣ କାର୍ଯ୍ୟାଳୟର ପାଚେରି ଭୁଶୁଡ଼ି ଯାଇଛି । ଶୁକ୍ରବାର ଦ୍ୱିପହରରୁ ଲଗାଣ ବର୍ଷା ଲାଗିରହିଛି । ଫଳରେ ଶନିବାର ପୂର୍ବାହ୍ନରେ ଉକ୍ତ କାର୍ଯ୍ୟାଳୟର ପାଚେରି ଭାଙ୍ଗି ଯାଇଥିବା ଜଣାପଡ଼ିଛି । କାର୍ଯ୍ୟାଳୟ ପାର୍ଶ୍ୱରେ ନୂତନ ଭାବେ ନାଳ ନିର୍ମାଣ ନିମନ୍ତେ ଖୋଳା ଯାଇଥିବାରୁ ମାଟି ସୁକ୍ଷ୍ମ ହୋଇଥାଇପାରେ ଏବଂ ବର୍ଷା ଯୋଗୁଁ ମାଟି ଦବି ପାଚେରି ଭୁଶୁଡ଼ିଥିବା ଅନୁମାନ କରାଯାଉଛି । ତେବେ ଭିଜିଲାନ୍ସ କାର୍ଯ୍ୟାଳୟ ଏକ ଅତି ଗୁରୁତ୍ୱପୂର୍ଣ୍ଣ ବିଭାଗ ମାନଙ୍କ ମଧ୍ୟରେ ଗୋଟେ ଏବଂ ଏହାକୁ ଅତି ଶୀଘ୍ର ପୁନଃ ନିର୍ମାଣ କରାଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।





## ଲଗାଣ ବର୍ଷାରେ ଘର ଉପରେ ପଡ଼ିଲା ତେନ୍ତୁଳି ଗଛ

### ଅଳ୍ପକେ ବର୍ତ୍ତିଲେ ୩ଟି ପରିବାରର ସଦସ୍ୟ

ନୂଆଗଡ଼,୪।୭ (ସମିସ): ଲଘୁଚାପ ଲଗାଣ ବର୍ଷା ଫଳରେ ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ଖଜୁରୀପଦା ପଞ୍ଚାୟତ ଅନ୍ତର୍ଗତ ପାହାଡ଼ କଡ଼ରେ ରହିଥିବା ଆଦିବାସୀ ତେଡୁଗୁ ଗ୍ରାମର ତିନୋଟି ଘର ଉପରେ ପଡିଲା ତେନ୍ତୁଲି ଗଛ । ଅଳ୍ପକେ ବର୍ତିଲେ ଯାଇଛନ୍ତି ତିନି ପରିବାର ସଦସ୍ୟ । ଗତ ଦୁଇଦିନ ହେଲା ଲଘୁଚାପ ଲଗାଣ ବର୍ଷା ଲାଗି ରହିଛି । ଗଜପତି ଜିଲ୍ଲା ରେ ଲଗାଣ ବର୍ଷା ଜାରିରହିଚି । ସୂଚନା ପ୍ରକାରେ ବର୍ଷା ଫଳରେ ଶୁକ୍ରବାର ବିଳମ୍ବିତ ରାତି ରେ ବିରାଟକାୟ ତେନ୍ତୁଳି ଗଛ ତିନୋଟି ଘର ଉପରେ ପଡିଥିଲା । ଗଛ ପଡି ଏନୁସ ରଇତ, ଯହୋନ ରଇତ, ଗାତନି ମଣ୍ଡଳଙ୍କ ଘର କ୍ଷତି ଗ୍ରସ୍ତ ହୋଇଛି । ୱାର୍ଡ ମେମ୍ବର ସୋମନାଥ ରଇତଙ୍କୁ ଜଣାଇବା ପରେ ସରପଞ୍ଚ ସଣ୍ଡୁ ମଣ୍ଡଳଙ୍କୁ ସୂଚନା ଦେଇଥିଲେ । ସରପଞ୍ଚ ଅଗ୍ନିଶମ ବିଭାଗ ଏବଂ ରାଜସ୍ୱ ବିଭାଗକୁ ଜଣାଇବା ପରେ ଅଗ୍ନିଶମ ବିଭାଗ ଆସି ଘର ଉପରେ ପଡ଼ିଥିବା ଗଛକୁ କାଟି ବାହାର କରିଥିଲେ । ପରେ ରାଜସ୍ୱ ବିଭାଗ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ବର୍ତ୍ତମାନ ତିନି ଘର ପରିବାରଙ୍କୁ ଜରି ପାଲ ସହିତ କିଛି ଶୁଖିଲା ଖାଦ୍ୟ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସୂଚନା ମିଳିଛି । କ୍ଷୟକ୍ଷତି ଆକଳନ ପରେ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ତହସିଲଦାର ମୋନାଲିସା ଆଚାର୍ଜି କହିଛନ୍ତି ।

## ଫିରିଙ୍ଗିଆ ବ୍ଲକରେ ବର୍ଷା ବିଭ୍ରାଟ

# ଗଛ ପଡ଼ି ରାସ୍ତା ଅବରୋଧ; ଯାତାୟତ ବାଧାପ୍ରାପ୍ତ





**ଦବିଲା ବାଦେଦ୍ରାଗା ରାସ୍ତା କାମ**

**ବୁରେମୁଣ୍ଡାରେ ଧୋଇଗଲା ରାସ୍ତା**



ଫିରିଙ୍ଗିଆ, ୪।୭(ସମିସ): ଫିରିଙ୍ଗିଆ ବ୍ଲକ ରେ ୪ ଦିନ ହେବ ପ୍ରବଳ ବର୍ଷା ଘଡଘଡି ଲାଗି ରହିଛି। ଗୋଟାଏ ପଟେ ଚାଷୀ କୁଳ ବର୍ଷା ହେବାରୁ ଚାଷ କାମ ପାଇଁ ଲାଗିପଡ଼ିଥିବା ବେଳେ ଅନ୍ୟପଟେ ପ୍ରବଳ ବର୍ଷାରେ କିଛି ମାଟି ଘର କାନ୍ଥ ନଷ୍ଟ ହୋଇଥିବା ବେଳେ ଶୁକ୍ରବାର ଲୁଇସିଂ ପଞ୍ଚାୟତର ବୁରେ ମୁଣ୍ଡା ଗାଁନିକଟରେ ପ୍ରବଳ ବର୍ଷାରେ ରାସ୍ତା ଧୋଇ ହୋଇ ଯିବା ଫଳରେ ଗାଁରେ ଥିବା ୧୫ରୁ ଉର୍ଦ୍ଧ୍ୱ ପରିବାର ପାଇଁ ଯାତାୟତ ବାଧାପ୍ରାପ୍ତ ହୋଇଛି। ସେହିଭଳି କାଶିନୀ ପଦର ପଞ୍ଚାୟତର ଭୁଙ୍ଗୀବାଲିର ମୁଖ୍ୟରାସ୍ତା ଉପରେ ବିରାଟ ଆମ୍ବ ଗଛ ପଡି ଯିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଛି ଏବଂ ଫିରିଙ୍ଗିଆ ଦମକଳ ବାହିନୀ ପହଞ୍ଚି ଗଛ କାଟି ରାସ୍ତା ସଫା କରିବା ସହ ଯାତାୟତ ସ୍ୱାଭାବିକ କରିଛନ୍ତି। ସେହିଭଳି ପାଙ୍ଗା ଉପର ସାହି ପଞ୍ଚାୟତର ମାଲା ଗାଁରୁ ମାର୍କାଲି ରାସ୍ତା ଯାଇଥିବା ବାଦେଦ୍ରାଗା ନୂତନ ବ୍ରିଜ ହୋଇଥିବା କାମ ରେ ରାସ୍ତାରେ ପିଚୁ ଉପୁଡି ପଡିବା ସହ ରାସ୍ତା ଦବି ଯାଇଛ। କିଛି ସ୍ଥାନରେ ଖାଲ ହୋଇ ରାସ୍ତା ନଷ୍ଟ ହୋଇଥିବା ମଧ୍ୟ ଦେଖିବାକୁ ମିଳିଛି। ବର୍ତ୍ତମାନ ବି ପ୍ରବଳ ବର୍ଷା ଲାଗି ରହିଛି ଏବଂ ବ୍ଲକ ପ୍ରଶାସନ ସମସ୍ୟାକୁ ଦୃଷ୍ଟି ଦେଇ ସଜାଗ ରହିଥିବା ବିଭାଗ ତରଫରୁ ସୂଚନା ମିଳିଛି।

# ଶୁଣିଲାନି ପ୍ରଶାସନ; ନିଜେ ରାସ୍ତା ନିର୍ମାଣ କଲେ ଗ୍ରାମବାସୀ

କାଶୀନଗର, ୪।୭ (ସମିସ):



ବର୍ଷ ବର୍ଷ ଧରି ସରକାରୀ କାର୍ଯ୍ୟାଳୟର ଦ୍ୱାରସ୍ଥ ହେବା, ଦାବିପତ୍ର ଦେବା, ରାସ୍ତାରୋକ କରି ପ୍ରତିବାଦ ଜଣାଇବା ଏବଂ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପାଇବା ପରେ ମଧ୍ୟ ସମସ୍ୟାର ସମାଧାନ ନ ହେବାରୁ ଶେଷରେ ଗ୍ରାମବାସୀ ନିଜେ ହାତକୁ କୋଦାଳ ଓ ଗଇଁତି ଧରି ରାସ୍ତା ନିର୍ମାଣ କରିଛନ୍ତି। ଗଜପତି ଜିଲ୍ଲା କାଶୀନଗର ବ୍ଲକ୍‌ର ମିନିଗାଁଗୁଡା ଗ୍ରାମର ଆଦିବାସୀ ଲୋକଙ୍କ ଏହି ପଦକ୍ଷେପ ବର୍ତ୍ତମାନ ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣା କେବଳ ଗୋଟିଏ ଗାଁର ଯାତାୟାତ ସମସ୍ୟାର କାହାଣୀ ନୁହେଁ; ବରଂ ଗ୍ରାମାଞ୍ଚଳର ମୌଳିକ ସୁବିଧା ପ୍ରତି ପ୍ରଶାସନିକ ଅବହେଳାର ଏକ ନଗ୍ନ ଚିତ୍ର ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ମିନିଗାଁଗୁଡା ଗ୍ରାମକୁ ରାଜ୍ୟ ରାଜପଥ ସହ ସିଧାସଳଖ ସଡ଼କ ସଂଯୋଗ ନଥିବାରୁ ଦୀର୍ଘଦିନ ଧରି ଗ୍ରାମବାସୀ ଅସହ୍ୟ ଦୁର୍ଦ୍ଦଶା ଭୋଗୁଥିଲେ। ବର୍ଷା ଦିନରେ ଗାଁ ପ୍ରାୟ ବିଚ୍ଛିନ୍ନ ହୋଇଯାଉଥିଲା। ରୋଗୀଙ୍କୁ ହସ୍ପିଟାଲକୁ ନେବା, ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟ ଯାତାୟାତ, ଚାଷଜାତ ଦ୍ରବ୍ୟ ବଜାରକୁ ନେବା ସହ ପ୍ରତ୍ୟେକ ଦୈନନ୍ଦିନ କାମରେ ଗ୍ରାମବାସୀଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସେମାନେ ବହୁବାର ବ୍ଲକ୍ ଓ ଜିଲ୍ଲା ପ୍ରଶାସନଙ୍କ ନିକଟରେ ଦାବି ଜଣାଇଥିଲେ। ଗ୍ରାମବାସୀଙ୍କ କହିବାନୁସାରେ, ଦୁଇ ଦୁଇଥର ରାସ୍ତାରୋକ ଆନ୍ଦୋଳନ କରାଯାଇଥିଲା। ଆନ୍ଦୋଳନ ପରେ ପୂର୍ବତନ ଜିଲ୍ଲାପାଳ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। କିନ୍ତୁ ସମୟ ବିତିଯାଇଥିଲେ ମଧ୍ୟ ପ୍ରତିଶ୍ରୁତି କେବଳ କାଗଜକଲମରେ ସୀମିତ ରହିଗଲା। ଏଥିରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ପ୍ରଶାସନ ପ୍ରତି ବିଶ୍ୱାସ ମଧ୍ୟ କମିଯାଇଥିଲା। ରାସ୍ତା ନିର୍ମାଣରେ ପ୍ରମୁଖ ବାଧା ସାଜିଥିଲା ଅଞ୍ଚଳର କିଛି ବ୍ୟକ୍ତିଙ୍କ ଘରୋଇ ଜମି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଉକ୍ତ ଜମିମାଲିକମାନେ ରାସ୍ତା ପାଇଁ ଆବଶ୍ୟକ ଅଳ୍ପ ପରିମାଣର ଜମି ସ୍ୱେଚ୍ଛାକୃତ ଭାବେ ଦେବାକୁ ରାଜି ହୋଇନଥିଲେ। ଏପରିକି ଗ୍ରାମବାସୀ ମୂଲ୍ୟ ଦେଇ କିଣିବାକୁ ଚାହିଁଥିଲେ ମଧ୍ୟ ସେମାନେ ବିକ୍ରି କରିବାକୁ ମନା କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ପ୍ରଶାସନ ମଧ୍ୟ ଜନସ୍ୱାର୍ଥ ଦୃଷ୍ଟିରୁ ଆଇନଗତ ପ୍ରକ୍ରିୟାରେ ଜମି ଅଧିଗ୍ରହଣ କରି ରାସ୍ତା ନିର୍ମାଣ ପାଇଁ କୌଣସି ଦୃଢ଼ ପଦକ୍ଷେପ ନେଇନଥିବାରୁ ସମସ୍ୟା ଦିନକୁ ଦିନ ଜଟିଳ ହୋଇପଡ଼ିଥିଲା। ଶେଷରେ ଗ୍ରାମର ଆଦିବାସୀ ପରିବାରମାନେ ଏକତ୍ରିତ ହୋଇ ଅଖିଳ ଭାରତ କିଶାନ ମଜଦୁର ସଭାର ନେତୃତ୍ୱରେ ସମ୍ପୃକ୍ତ ଜମି ଉପରେ ରାସ୍ତା ନିର୍ମାଣ କାମ ଆରମ୍ଭ କରିଥିଲେ। ଶହଶହ ଗ୍ରାମବାସୀ ବର୍ଷାରେ କୋଦାଳ, ଗଇଁତି ଓ ଅନ୍ୟାନ୍ୟ ସାମଗ୍ରୀ ଧରି ଶ୍ରମଦାନ ମାଧ୍ୟମରେ ରାସ୍ତା ପ୍ରସ୍ତୁତ କରିଥିଲେ। ଏହି ସମୟରେ ଗ୍ରାମରେ ଉତ୍ସାହର ପରିବେଶ ଦେଖିବାକୁ ମିଳିଥିଲା। ଦୀର୍ଘ ବର୍ଷର ଅପେକ୍ଷା ପରେ ଶେଷରେ ଗାଁକୁ ଯାତାୟାତ ପାଇଁ ରାସ୍ତା ମିଳିଥିବାରୁ ଗ୍ରାମବାସୀ ଆଶ୍ୱସ୍ତ ହୋଇଛନ୍ତି। ତେବେ ଏହି ଘଟଣା ଅନେକ ପ୍ରଶ୍ନ ସୃଷ୍ଟି କରିଛି। ସରକାର ଗ୍ରାମାଞ୍ଚଳରେ ମୌଳିକ ସୁବିଧା ପହଞ୍ଚାଇବା ନେଇ ବଡ଼ ବଡ଼ ଘୋଷଣା କରୁଥିବା ବେଳେ ଆଜି ମଧ୍ୟ ଏକ ଆଦିବାସୀ ଗ୍ରାମକୁ ରାସ୍ତା ଭଳି ମୌଳିକ ସୁବିଧା ପାଇଁ ବର୍ଷ ବର୍ଷ ଅପେକ୍ଷା କରିବାକୁ ପଡୁଛି। ପ୍ରଶାସନିକ ଉଦାସୀନତା ଯୋଗୁଁ ଲୋକେ ନିଜେ ଆଇନକୁ ହାତକୁ ନେବାକୁ ବାଧ୍ୟ ହେଲେ କି ନାହିଁ, ତାହା ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶାସନର ଭୂମିକାକୁ ନେଇ ତୀବ୍ର ସମାଲୋଚନା ହେଉଛି।

# ମହେନ୍ଦ୍ରତନୟା ଆଶ୍ରମ ସ୍କୁଲ୍‌ରେ ବନମହୋତ୍ସବ



ରାୟଗଡ (ଗଜପତି) ୪।୭ (ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅଧୀନ ମହେନ୍ଦ୍ରତନୟା ଆଶ୍ରମ ବିଦ୍ୟାଳୟରେ ବନମହୋତ୍ସବ ଅବସରରେ ବୃକ୍ଷରୋପଣ, ସଚେତନତା କାର୍ଯ୍ୟକ୍ରମ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଶନିବାର ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ରାମଗିରି ରେଞ୍ଜର ପୀୟୂଷ ପ୍ରତୀକ ପଟ୍ଟନାୟକ ବୃକ୍ଷରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଫରେଷ୍ଟର ଜୀରାଙ୍ଗ ଶିବରାମ ସଓବତ, ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ଜେନା, ଜିଲ୍ଲା ପରିଷଦ ସଦସ୍ୟ ପୀତାମ୍ବର ନାୟକ, ସରପଞ୍ଚ ଜୟନ୍ତୀ ସବର, ପୂର୍ବତନ ସରପଞ୍ଚ କୈଳାଶ ଶବର, ମହେନ୍ଦ୍ରଗିରି ଉନ୍ନୟନ କମିଟିର ସଦସ୍ୟ ଭାସ୍କର ମଣ୍ଡଳ ପ୍ରମୂଖ ମଞ୍ଚାସୀନ ଥିଲେ। ବୃକ୍ଷ ରୋପଣ ସମ୍ପର୍କିତ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ପୂର୍ବରୁ ଆୟୋଜିତ ହୋଇଥିବା ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ମୁଖ୍ୟ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ଜେନା ବନମହୋତ୍ସବର ଉଦ୍ଦେଶ୍ୟ ଉପରେ ବିସ୍ତୃତ ଆଲୋଚନା କରି ବୃକ୍ଷରୋପଣ, ବନ ସଂରକ୍ଷଣ ଏବଂ ପରିବେଶ ସୁରକ୍ଷାର ଗୁରୁତ୍ୱ ବିଷୟରେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ଅତିଥିମାନେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଅଧିକରୁ ଅଧିକ ବୃକ୍ଷରୋପଣ କରି ସେଗୁଡ଼ିକର ଯତ୍ନ ନେବାକୁ ଆହ୍ୱାନ କରିଥିଲେ। ଛାତ୍ରଛାତ୍ରୀମାନେ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷାକୁ ଆଧାର କରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ବନକର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ଆଦର୍ଶ ମନ୍ତ୍ରୀ ପରିଚାଳନା କରିଥିବା ବେଳେ ଶିକ୍ଷକ ଅଜୟ କୁମାର ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଟେଣ୍ଡର ବାତିଲକୁ ନେଇ ବଢ଼ିଲା ଅସନ୍ତୋଷ

# ନିରପେକ୍ଷ ତଦନ୍ତ ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ପାରଳାଖେମୁଣ୍ଡି, ୪।୭(ସମିସ): ଗଜପତି ଜିଲ୍ଲାରେ ପୂର୍ତ୍ତ ବିଭାଗ ପକ୍ଷରୁ ପରିଚାଳିତ ଏକ ଟେଣ୍ଡର ପ୍ରକ୍ରିୟାକୁ ବାତିଲ କରାଯିବା ଘଟଣାକୁ ନେଇ ବି-ଶ୍ରେଣୀର ଠିକାଦାରମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହାକୁ ନେଇ ଶନିବାର ଠିକାଦାରମାନେ ପାରଳାଖେମୁଣ୍ଡିସ୍ଥିତ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ଅଧୀକ୍ଷଣ ଯନ୍ତ୍ରୀ ଅଭିଶେକ ସେଠୀଙ୍କ ସହ ଆଲୋଚନା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି।



ଠିକାଦାରମାନଙ୍କ କହିବା ଅନୁଯାୟୀ, ଟେଣ୍ଡର ଆଇଡି ଏସ୍‌ଇ-୨୪/୨୦୨୫-୨୬ରେ ଗଜପତି ଓ ଗଞ୍ଜାମ ଜିଲ୍ଲାର ଅନେକ ବି-ଶ୍ରେଣୀ ଠିକାଦାର ଅଂଶଗ୍ରହଣ କରିଥିଲେ। ବୈଷୟିକ ବିଡ୍ ଖୋଲିବା ପରେ ପ୍ରାୟ ୯୦ ଦିନ ଧରି ମୂଲ୍ୟାଙ୍କନ ପ୍ରକ୍ରିୟା ଚାଲିଥିଲା। ଶେଷରେ ଚାରିଜଣ ଠିକାଦାରଙ୍କୁ ବୈଷୟିକ ଭାବେ ଯୋଗ୍ୟ ଘୋଷଣା କରାଯାଇଥିଲେ ମଧ୍ୟ ପରେ ସମ୍ପୂର୍ଣ୍ଣ ଟେଣ୍ଡରକୁ ବାତିଲ କରାଯାଇଥିବାରୁ ସେମାନେ ପ୍ରଶ୍ନ ଉଠାଇଛନ୍ତି। ସେମାନଙ୍କ ଅଭିଯୋଗ ହେଉଛି, ଦୀର୍ଘ ସମୟ ଧରି ମୂଲ୍ୟାଙ୍କନ ସରିବା ପରେ ହଠାତ୍ ଟେଣ୍ଡର ବାତିଲ କରାଯିବା ପଛରେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ହସ୍ତକ୍ଷେପ ରହିଥାଇପାରେ। ଫଳରେ ୨୦ରୁ ଅଧିକ ଠିକାଦାର ଟେଣ୍ଡର ପ୍ରକ୍ରିୟାରେ ଖର୍ଚ୍ଚ କରିଥିବା ଲକ୍ଷାଧିକ ଟଙ୍କା କ୍ଷତି ସହିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ କ୍ଷତିଗ୍ରସ୍ତ ଠିକାଦାରଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ଏହି ପ୍ରସଙ୍ଗରେ ଅଧୀକ୍ଷଣ ଯନ୍ତ୍ରୀ ଅଭିଶେକ ସେଠୀ କହିଛନ୍ତି, ଟେଣ୍ଡର ପେପର ବାବଦରେ ଜମା ହୋଇଥିବା ଅର୍ଥ ଫେରସ୍ତ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ। ସେହିପରି ସମସ୍ତ ବୈଷୟିକ ମୂଲ୍ୟାଙ୍କନ ପରେ ନିୟମ ଅନୁଯାୟୀ ଟେଣ୍ଡର ବାତିଲ କରାଯାଇଥିବା ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପଟେ କେ ଚକ୍ରବର୍ତ୍ତୀ ନାମକ ଜଣେ ଠିକାଦାର ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି ଯେ ତାଙ୍କୁ ରାଜନୈତିକ ଚାପ ଓ ଧମକ ମିଳିଥିବା ଅଭିଯୋଗ କରିଥିଲେ। ତେବେ ସେ ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ କରିନଥିବା ଜଣାପଡ଼ିଛି।

## ବନମହୋତ୍ସବ ଅବସରରେ ମାଝିପଡ଼ାରେ ବୃକ୍ଷରୋପଣ



ଫିରିଙ୍ଗିଆ, ୪।୭ (ସମିସ): ବନମହୋତ୍ସବ ଅବସରରେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ମାଝିପଡ଼ାଠାରେ ଫିରିଙ୍ଗିଆ ବନାଞ୍ଚଳ ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଗୁରୁବାର ଆରମ୍ଭ ହୋଇଛି। ଫିରିଙ୍ଗିଆ ବନାଞ୍ଚଳ ଅଧିକାରୀ ପ୍ରଦୋଶ କୁମାର ମହାରଣା ଏହି କାର୍ଯ୍ୟକ୍ରମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ। ପ୍ରତ୍ୟେକ ନାଗରିକ ଅତି କମରେ ଗୋଟିଏ ଗଛ ଲଗାଇ ତାହାର ସୁରକ୍ଷା କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବନପାଳ ଦିଲିପ କୁମାର ବିଷୋୟୀ, ବନପାଳ ସତ୍ୟବ୍ରତ ମଣ୍ଡଳ, ବ୍ରଜ ସୁନ୍ଦର ଦାସ, ବନରକ୍ଷୀ ସୁଜିତ କୁମାର ପ୍ରଧାନ, ସଂଗ୍ରାମ କେଶରୀ ଦିଗାଲ, ବିଷ୍ଣୁ ପ୍ରସାଦ ରାୟଙ୍କ ସମେତ ବନ ବିଭାଗର ଅନ୍ୟାନ୍ୟ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ମା ଓ ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ। ଶେଷରେ ବୃକ୍ଷରୋପଣ ସହ ଲଗାଯାଇଥିବା ଚାରାଗୁଡ଼ିକର ନିୟମିତ ଯତ୍ନ ଓ ସୁରକ୍ଷା ନେବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ।

## ଗୋଛାପଡ଼ା ଥାନାରେ ନିଶା ମୁକ୍ତ ଓଡ଼ିଶା ଅଭିଯାନ



ଫିରିଙ୍ଗିଆ, ୪।୭ (ସମିସ): କନ୍ଧମାଳ ଜିଲ୍ଲାର ଗୋଛାପଡ଼ା ଥାନା ତରଫରୁ ମଧ୍ୟ ଏହି ନିଶା ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଛାପଡା ଥାନା ପରିସରରେ ଥିବା ଶୁଭ୍ରଜିତ ସାମନ୍ତରାୟ ଥାନା ଅଧିକାରୀଙ୍କ ଅଧକ୍ଷତାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀ ଅନନ୍ତ କୁମାର ପ୍ରଧାନ ଓ ଅଶୋକ କୁମାର ପରିଡା ଓ ଅଜୟ କୁମାର ବଳବନ୍ତରାୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ରାଜ୍ୟ ସ୍ତରରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମକୁ ଭରଚୁଲା ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା।

# ରାସ୍ତାକଡ଼କୁ ଖସିଲା ବସ୍; ଅଳ୍ପକେ ବର୍ତ୍ତିଲେ ୫୦ ଯାତ୍ରୀ

ରାୟଗଡ଼ (ଗଜପତି) ୪।୭ (ସମିସ): ଏକ ବଡ଼ଧରଣର ସଡ଼କ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ବସ୍ ରେ ଥିବା ସମସ୍ତ ଯାତ୍ରୀ। ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକକୁ ସାଇଡ୍ ଦେବା



ସମୟରେ 'ବିକ୍ରାନ୍ତ' ନାମକ ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଖସି ପଡ଼ିଛି। ତେବେ ସୌଭାଗ୍ୟବଶତଃ ଏହି ଦୁର୍ଘଟଣାରେ କୌଣସି ପ୍ରାଣହାନି ଘଟିନାହିଁ ଏବଂ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, 'ବିକ୍ରାନ୍ତ' ନାମକ ଯାତ୍ରୀବାହୀ ବସଟି ବ୍ରହ୍ମପୁରରୁ ପାରଳାଖେମୁଣ୍ଡି ଅଭିମୁଖ୍ୟ ଯାଉଥିବା ବେଳେ ରାୟଗଡ ନିକଟରେ ବିପରୀତ ଦିଗ ଆଡୁ ଆସୁଥିବା ଏକ ଟ୍ରକକୁ ସାଇଡ ଦେବା ବେଳେ ବସ୍ ଟି ବାମପଟ ରାସ୍ତା କଡ଼ରେ ମାଟି ନରମ ଥିବାରୁ ଏବଂ ନିୟନ୍ତ୍ରଣ ହରାଇବା ଯୋଗୁଁ ବସଟି ହଠାତ୍ ରାସ୍ତା ତଳକୁ ଖସି ପଡ଼ିଥିଲା। ଦୁର୍ଘଟଣା ସମୟରେ ବସରେ ପ୍ରାୟ ୪୦ରୁ ୫୦ ଜଣ ଯାତ୍ରୀ ଥିଲେ। ଗାଡ଼ିଟି ରାସ୍ତା ତଳକୁ ଖସିବା ମାତ୍ରେ ଯାତ୍ରୀମାନଙ୍କ ମଧ୍ୟରେ ଭୟ ଓ ଚିତ୍କାର କରିଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀଙ୍କୁ ଉଦ୍ଧାର କରିଥିବା ଜଣାପଡ଼ୁଛି।

# ଜିଲ୍ଲାସ୍ତରୀୟ ମହିଳା ସାଇକଲ ରାଲି

ପାରଳାଖେମୁଣ୍ଡି, ୪।୭ (ସମିସ) : ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଠାରେ ଜିଲ୍ଲାସ୍ତରୀୟ ମହିଳା



ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ମହିଳା ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ଯାହାକି ଓଡ଼ିଶା ସାଇକଲିଂ ଆସୋସିଏସନ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୁଲ୍ୟରେ ଆୟୋଜିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଫଲାଗୁନି ମାଝୀ, ଭାରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ତ୍ରିନାଥ ସାହୁ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ପାତ୍ର ଏବଂ ଓଡିଶା ସାଇକେଲିଙ୍ଗ ଆସୋସିଏସନର ସଦସ୍ୟ ପ୍ରଦ୍ୟୁମ୍ନ କୁମାର ବିଶୋଇ ଯୋଗ ଦେଇଥିଲେ। ଦିନ ତମାମ ବର୍ଷା ଲାଗିରହିଥିବା ସତ୍ତ୍ୱେ ବିଭିନ୍ନ ଅନୁଷ୍ଠାନରୁ ପ୍ରାୟ ୧୦୦ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଏହି ସାଇକେଲ ରାଲିରେ ଓଡିଶା ସାଇକଲିଂ ଆସୋସିଏସନ ପକ୍ଷରୁ ସମସ୍ତ ପ୍ରକାର ଅନୁସଙ୍ଗିକ ବ୍ୟବସ୍ଥା କରାଯାଇଥିଲା।

## ପାଞ୍ଚଶହ ଲିଟର ଦେଶୀମଦ ଜବତ; ମହିଳା ଗିରଫ

ପାରଳାଖେମୁଣ୍ଡି, ୪।୭ (ସମିସ) : ପାରଳାଖେମୁଣ୍ଡି ଆଦର୍ଶ ଥାନା ପକ୍ଷରୁ ଶୁକ୍ରବାର ବିଳମ୍ବିତ ରାତିରେ ସହରର ସୁଭାଷ ନଗର, ଜାଗିଲି ସାହି ଆଦି ଠାରେ ଚଢ଼ଉ କରି ପୋଲାକି ଶାନ୍ତମ୍ମା ନାମକ ଜଣେ ମହିଳାଙ୍କ ଘରୁ ପ୍ରାୟ ୫୦୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏନେଇ ଜଣେ ମହିଳା ଦେଶୀ ମଦ ବିକ୍ରେତାଙ୍କୁ ଗିରଫ କରିଛି ପୁଲିସ। ତେବେ ଜବତ ହୋଇଥିବା ଏହି ମଦ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ଓ ଅପରିଷ୍କାର ପରିବେଶରେ ପ୍ରସ୍ତୁତ ହେଉଥିବାର ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ଏହି ଘଟଣାରେ



ବେଆଇନ ଭାବେ ଦେଶୀ ମଦ ରଖିବା, ପ୍ରସ୍ତୁତ ଓ ବିକ୍ରି କରିବା ସହ ସଂଗଠିତ ଅପରାଧ ସମ୍ବନ୍ଧୀୟ ଆଇନ ଧାରାରେ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରହିଥିବାର ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ସୂଚନା ପ୍ରଦାନ କରିଛନ୍ତି।

**ଅବ୍ୟବସ୍ଥାରେ ବଉପାଙ୍ଗା ପ୍ରାଥମିକ ବିଦ୍ୟାଳୟ**

# ଜଳ ପ୍ରକଳ୍ପ ଅଚଳ, ୭୫ ପିଲାଙ୍କ ପାଇଁ ଜଣେ ଶିକ୍ଷୟିତ୍ରୀ

ଫିରିଙ୍ଗିଆ, ୪।୭ (ସମିସ):

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ଥିବା ଅନେକ ବିଦ୍ୟାଳୟରେ ଅବ୍ୟବସ୍ଥା ଲାଗି ରହିଛି। ଏଭଳି ଏକ ବିଦ୍ୟାଳୟ ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକ ବାଳନ୍ଦା ପଡା ପଞ୍ଚାୟତ ବଉପଙ୍ଗା ପ୍ରାଥମିକ ବିଦ୍ୟାଳୟରେ। ଏହି ବିଦ୍ୟାଳୟ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ହୋଇଥିବା ବେଳେ ଅନ୍ତେବାସୀ ଭାବରେ ରହି ୪୦ ଜଣ ଛାତ୍ରୀ ଏବଂ ଯିବା ଆସିବା କରି ୩୫ ଜଣ ଛାତ୍ରଛାତ୍ରୀ ସର୍ବମୋଟ ୭୫ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଗତ ୪ ମାସ ପୂର୍ବରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଚାକିରିରୁ ଅବସର ପରେ ବିଦ୍ୟାଳୟରେ





ମିନତୀ ସାହୁ ନାମକ ଶିକ୍ଷୟିତ୍ରୀ ପ୍ରଧାନ ଶିକ୍ଷୟତ୍ରୀ ଦାୟିତ୍ୱରେ ଅଛନ୍ତି। ଜଣେ ମାତ୍ର ଶିକ୍ଷୟିତ୍ରୀରେ ବର୍ତ୍ତମାନ ବିଦ୍ୟାଳୟରେ ଶିଶୁ ବାଟିକା ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ଚାଲିଛି। ପାଞ୍ଚଟି କୋଠରିରୁ ଦୁଇଟି ନଷ୍ଟ ହୋଇଥିବା ବେଳେ ମାତ୍ର ତିନୋଟି କୋଠରିରେ ୭୫ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ବିଦ୍ୟାଳୟରେ ପାଣି ପାଇଁ ସୋଲାର ବ୍ୟବସ୍ଥା ଅଛି। କିନ୍ତୁ ବର୍ଷା ଦିନ ହୋଇଥିଲେ ମଧ୍ୟ ବର୍ତ୍ତମାନ ଖରାପ ଥିବାରୁ ପାଣି ଉଠୁ ନଥିବାରୁ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅନ୍ତେବାସୀ। ବିଦ୍ୟାଳୟରେ ରୋଷେଇ ପାଇଁ ପାଣି ମିଳୁ ନ ଥିବାରୁ ବହୁ ଦୂରରୁ ବଡ଼ କଷ୍ଟରେ ପାଣି ଆଣି ରୋଷେଇ କରୁଥିବା ଦେଖିବାକୁ ମିଳିଛି। ତେବେ ପୂର୍ବରୁ ସରପଞ୍ଚ, ବିଡ଼ିଓ ଓ ଆଦିବାସୀ ଉନ୍ନୟନ ସଂସ୍ଥା ଫୁଲବାଣୀକୁ ବାରମ୍ବାର ଲିଖିତ ଭାବରେ ଜଣାଇଥିଲେ ମଧ୍ୟ କୌଣସି ସମାଧାନ ହୋଇ ପାରି ନ ଥିବା କହିଛନ୍ତି ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ। ଏଭଳି ଅଭିଯୋଗକୁ ନେଇ ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ଦିଗାଲଙ୍କୁ ପଚାରିବାରୁ ମୁଁ ନିକଟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବରେ ଦାୟିତ୍ୱ ନେଇଛି। ବିଦ୍ୟାଳୟର ଶିକ୍ଷକ ସମସ୍ୟା ନେଇ ମୋ ପାଖକୁ ଅଭିଯୋଗ ଆସିନାହିଁ କି ପାଣି ସମସ୍ୟା ନେଇଁ ଅଭିଯୋଗ ଆସିନାହ। କିଭଳି ପାଣି ସମସ୍ୟାର ସମାଧାନ ହୋଇ ପାରିବ ସେ ନେଇଁ ଲିଖିତ ଭାବରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ସହ ତୁରନ୍ତ ବିଦ୍ୟାଳୟରେ ଶିକ୍ଷକ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।


## ସରକାରୀ ଦୃଷ୍ଟି ଆଢୁଆଳରେ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ

ଜି ଉଦୟଗିରି, ୪।୭ (ସମିସ): ହବାକ୍ ଉଚ୍ଚ ବିଦ୍ୟାଳୟ ଦୀର୍ଘ ୯୦ ବର୍ଷ ତଳର ହୋଇଥିବା ବେଳେ ବହୁବିଧ ସମସ୍ୟା ଲାଗି ରହିଥିବା ଦେଖିବାକୁ ମିଳିଛି। ଏବେ ପିଏମଶ୍ରୀରେ ସାମିଲ



ହେଲାଣି। ତଥାପି ପଦଳୁନି ଚିତ୍ର। ବିବରଣୀରୁ ପ୍ରକାଶ ଯେ ରାଜ୍ୟରେ ଉକ୍ତ ବିଦ୍ୟାଳୟର ବହୁ ସୁନାମ ଧନ୍ୟ ପଦାଧିକାରୀ ରାଜନେତା ସୃଷ୍ଟି କରି ସୁନାମ ଅର୍ଜନ କରିଥିଲେ ମଧ୍ୟ ସାମ୍ପ୍ରଦିକ ପରିସ୍ଥିତି ରେ ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମ ଉକ୍ତ ବିଦ୍ୟାଳୟରେ କରାଯାଉଥିଲେ ମଧ୍ୟ ସମ୍ମିଳନୀ କକ୍ଷ ଟିଏ ନାହିଁ, ଯୋଗ କକ୍ଷ ନାହିଁ ଯାହାଦ୍ୱାରା ବିଭିନ୍ନ ସାମୁହିକ କାର୍ଯ୍ୟକ୍ରମ କରାଯିବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ବିଦ୍ୟାଳୟ ପଛ ପାଖରେ ଥିବା ଖେଳ ପଡିଆର ଶେଷ ଭାଗରେ ଅର୍ଦ୍ଧ ନିର୍ମିତ ଡ୍ରେନକୁ ଅଧା ପନ୍ତରିଆ ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ ଛାଡ଼ି ଦେଇଥିବାରୁ ବର୍ଷା ଦିନେ ଖେଳପଡ଼ିଆ ଦେଇ ଶ୍ରେଣୀ କୋଠରୀ ଭିତରେ ବର୍ଷା ପାଣି ପଶି ଆସିଥିବାରୁ ମାଟି, କାଦୁଅରେ ଶ୍ରେଣୀ କକ୍ଷରେ ବସି ଅଧ୍ୟୟନ କରିବା ଅସମ୍ଭବ ହୋଇ ପଡୁଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୪୦ ● ପାଉଣ୍ଡ ୧୨୫.୭୦
- ୟୁରୋ ୧୦୯.୨୧ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୪,୫୦୦ (ଭୁବନେଶ୍ୱର)
- ରୁପା : ୨,୬୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୭,୭୬୩.୦୦
- ନିଫ୍ଟି ୨୪,୨୭୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦




### ବିଶ୍ୱ ବଜାରରେ କମୁଛି ଅଶୋଧିତ ତୈଳ ଦର; ଦେଶରେ କମୁନି ପେଟ୍ରୋଲ୍ ଡିଜେଲ୍

# ୧୦ ଟଙ୍କା ଲାଭ କରୁଛନ୍ତି ତେଲ କମ୍ପାନୀ

**ନୂଆଦିଲ୍ଲୀ,୪।୭(ଏଜେନ୍ସି):** ପଶ୍ଚିମ ଏସିଆରେ ଶାନ୍ତି ଆଶା ମଧ୍ୟରେ ସମ୍ପ୍ରତି ଅନ୍ତରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ଯଥେଷ୍ଟ ହ୍ରାସ ଘଟିଛି। ଫଳ ସ୍ୱରୂପ ତେଲ ଦର ବ୍ୟାରେଲ ପିଛା ପାଖାପାଖି ୭୦ ଡଲାରକୁ ଖସିଆସିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ପରେ ଘରୋଇ ବଜାରରେ ତେଲ ଦର କମିବାର ନାଁ ଧରୁନାହିଁ। ହେଲେ ଏଥିଯୋଗୁ ଦେଶରେ ଗ୍ରାହକମାନଙ୍କୁ ସେମିତି କିଛି ଆଶ୍ୱସ୍ତି ମିଳିବ ନାହିଁ। ଏହି ସମୟରେ, ଅନେକ ଦେଶ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ହ୍ରାସ କରି ସେମାନଙ୍କ ନାଗରିକମାନଙ୍କୁ ମୁଦ୍ରାସ୍ଫୀତିରୁ ମୁକ୍ତି ଦେବା ଆରମ୍ଭ କରିଥିବାବେଳେ ଭାରତରେ କିନ୍ତୁ, ସ୍ଥିତି ଭିନ୍ନ। ଭାରତରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକଏହି ପରିସ୍ଥିତିରୁ ମୁନାଫା କମାଇବାରେ ବ୍ୟସ୍ତ। ଯାହା ଫଳରେ ଭାରତରେ ଖାଉଟିଙ୍କୁ ବିଶ୍ୱ ବଜଶରରେ ଅଶୋଧିତ ତୈଳ ଦର ହ୍ରାସରୁ କୌଣସି ଲାଭ ମିଳୁନାହିଁ। ବର୍ତ୍ତମାନ ଅନ୍ତରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ଯଥେଷ୍ଟ ହ୍ରାସ ଘଟିଛି। ଫଳ ସ୍ୱରୂପ ତେଲ ଦର ବ୍ୟାରେଲ ପିଛା ପାଖାପାଖି ୭୦ ଡଲାରକୁ ଖସିଆସିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ହ୍ରାସର ଲାଭ କେବଳ ସରକାରୀ ତେଲ କମ୍ପାନୀଙ୍କୁ ମିଳୁଛି। ବର୍ତ୍ତମାନ ତୈଳ ମାର୍କେଟିଂ କମ୍ପାନୀ(ଓଏମ୍‌ସି) ଗୁଡିକ ପ୍ରତି ଲିଟର ପେଟ୍ରୋଲ ଏବଂ ଡିଜେଲରେ ୧୦ ଟଙ୍କା ଲାଭ କରୁଛନ୍ତି।

ନିକଟରେ ଅନ୍ତରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ପରେ ଘରୋଇ କମ୍ପାନୀ ନାୟରା ଏନର୍ଜି ପେଟ୍ରୋଲ ଲିଟର ପିଛା ୫ ଟଙ୍କ ଏବଂ ଡିଜେଲରେ ୩ ଟଙ୍କା ହ୍ରାସ କରିଛି। ଏହାସତ୍ତ୍ୱେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କୌଣସି ହ୍ରାସ କରିନାହାଁନ୍ତି। ଅନେକ ଦେଶ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ହ୍ରାସ କରିବା ଆରମ୍ଭ କରିଛନ୍ତି। ପାକିସ୍ତାନ କ୍ରମାଗତ ଭାବେ ୬ ଥର ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ହ୍ରାସ କରିଛି। ତେବେ ଶ୍ରୀଲଙ୍କା ଏବଂ ନେପାଳ ମଧ୍ୟ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ କମ୍ କରିଛନ୍ତି। ଭାରତଠାରୁ ତେଲ କିଣୁଥିବା ନେପାଳ ତେଲ ଦରରେ ୧୭% ପର୍ଯ୍ୟନ୍ତ ହ୍ରାସ କରିଛି। ହେଲେ ଭାରତରେ ସରକାର ପେଟ୍ରୋ ଏବଂ ଡିଜେଲ ଦର




କମାଇବାକୁ ସମ୍ପୂର୍ଣ୍ଣ ଅରାଜି। ଏଠାରେ ସୂଚନାଯୋଗ୍ୟ ଯେ, ଭାରତର ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ମେ' ମାସରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ମାତ୍ର ୧୦ ଦିନରେ ଚାରି ଥରରେ ପାଖାପାଖି ୮ ଟଙ୍କା ବୃଦ୍ଧି ଘଟାଇଥିଲେ। ଯାହାଫଳରେ ପେଟ୍ରୋଲ ଲିଟର ପିଛା ୧୦୯.୧୫ ଟଙ୍କା ଏବଂ ଡିଜେଲ ୧୦୦.୮୦ ଟଙ୍କାରେ ପହଞ୍ଚିଛି।

ଏହା ଉପରେ ଯୁକ୍ତି ଦର୍ଶାଇ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ମଧ୍ୟ କହିଛନ୍ତି ଯେ ଆଜି ବିକ୍ରି ହେଉଥିବା ପେଟ୍ରୋଲ ଏବଂ ଡିଜେଲ ପ୍ରାୟ ଦୁଇ ମାସ ପୂର୍ବେ ସେତେବେଳର ବର୍ତ୍ତମାନର ମୂଲ୍ୟରେ କିଣାଯାଇଥିବା ଅଶୋଧିତ ତୈଳରୁ ତିଆରି। ତଥାପି, ତୈଳ ବିଶୋଧନ କ୍ଷେତ୍ରର ବରିଷ୍ଠ ଅଧିକାରୀମାନେ କୁହନ୍ତି ଯେ ଭାରତରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ସିଧାସଳଖ ଅଶୋଧିତ ତୈଳ ମୂଲ୍ୟ ଦ୍ୱାରା ନିର୍ଣ୍ଣୟ କରାଯାଏନାହିଁ। ବରଂ, ଏହା ଅନ୍ତର୍ଜାତୀୟ ବଜାରରେ ସମାପ୍ତ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ଉପରେ ଆଧାରିତ। ଯେ ପର୍ଯ୍ୟନ୍ତ ଏହି ସମାପ୍ତ ଇନ୍ଧନର ଅନ୍ତର୍ଜାତୀୟ ମୂଲ୍ୟ ହ୍ରାସ ନହୁଏ, ତେଲ ମାର୍କେଟିଂ କମ୍ପାନୀଗୁଡ଼ିକ ରାଜସ୍ୱ କ୍ଷତି ସହିବେ। ଅଧିକାରୀଙ୍କ ଅନୁଯାୟୀ, ତୈଳ କମ୍ପାନୀଗୁଡ଼ିକ ଏକ ଜଟିଳ ସୂତ୍ର ଉପରେ ଆଧାରିତ ଖର୍ଚ୍ଚ ନିର୍ଣ୍ଣୟ କରିଥାନ୍ତି। ଏଥିରେ ଦୁବାଇ ଏବଂ ସିଙ୍ଗାପୁରରେ ଉତ୍ପାଦିତ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ, ଅନ୍ତର୍ଜାତୀୟ ସମୁଦ୍ର ପରିବହନର ମୂଲ୍ୟ ଏବଂ ଟଙ୍କା-ଡଲାର ବିନିମୟ ହାର ଅନ୍ତର୍ଭୁକ୍ତ। ତେଣୁ, ଯଦିଓ ପେଟ୍ରୋଲ ଏବଂ ଡିଜେଲ ଭାରତରେ ଉତ୍ପାଦିତ ହୁଏ, ତଥାପି ଅନ୍ତର୍ଜାତୀୟ ବଜାର ଏବଂ ଡଲାର ତୁଳନାରେ ଟଙ୍କାର ଦୁର୍ବଳତା ସେମାନଙ୍କ ମୂଲ୍ୟ ନିର୍ଦ୍ଧାରଣ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଥାଏ। ଶ୍ରୀ ପୁରୀଙ୍କ ଯୁକ୍ତି ହେଉଛି, ଯେହେତୁ ଅଶୋଧିତ ତୈଳ ଦର ବ୍ୟାରେଲ ପ୍ରତି ୧୨୮ ଡଲାରରୁ ପ୍ରାୟ ୭୦ ଡଲାରକୁ ହ୍ରାସ ପାଇଛି, ତେଣୁ ପେଟ୍ରୋଲ ଏବଂ ଡିଜେଲ ମଧ୍ୟ ଶସ୍ତା ହେବା ଉଚିତ। ଶ୍ରୀ ପୁରୀଙ୍କ ମତରେ ଏପରି ତୁଳନା ସମ୍ପୂର୍ଣ୍ଣ ଚିତ୍ରକୁ ପ୍ରତିଫଳିତ କରେନାହିଁ। ସେ ସ୍ପଷ୍ଟ କରିଛନ୍ତି ଯେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସର ପ୍ରଭାବ ଭାରତୀୟ ବଜାରରେ ତୁରନ୍ତ ଦେଖାଯାଏନାହିଁ। ତେଣୁ, ହ୍ରାସ ହୋଇଥିବା ବିଶ୍ୱ ମୂଲ୍ୟର ଲାଭ ଗ୍ରାହକମାନଙ୍କ ପାଖରେ ପହଞ୍ଚିବା ପାଇଁ କିଛି ସମୟ ଲାଗିପାରେ।

## ପେଟ୍ରୋଲ ପରେ ଡିଜେଲରେ ୧୫% ଆଇସୋବୁଟାନଲ୍ ମିଶ୍ରଣ ଯୋଜନା

**ନୂଆଦିଲ୍ଲୀ,୪।୭(ଏଜେନ୍ସି):** ପେଟ୍ରୋଲ ପରେ କେନ୍ଦ୍ର ସରକାର ଏବେ ଡିଜେଲରେ ୧୫% ପର୍ଯ୍ୟନ୍ତ ଆଇସୋବୁଟାନଲ୍ ମିଶ୍ରଣ କରିବାକୁ ପ୍ରସ୍ତୁତ ହେଉଛନ୍ତି। କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ କହିଛନ୍ତି ଯେ ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଭାରତର ଜୀବାଶ୍ମ ଇନ୍ଧନ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ସ୍ୱଚ୍ଛ ଇନ୍ଧନ ବ୍ୟବହାରକୁ ପ୍ରୋତ୍ସାହିତ କରିବା। ଇଥାନଲ୍ ସିଧାସଳଖ ଡିଜେଲ ସହିତ ମିଶ୍ରିତ ହୋଇପାରିବନାହିଁ। ତେଣୁ, ସରକାର ଡିଜେଲ ବିକଳ୍ପ ଭାବରେ ବ୍ୟବହାର କରିବା ପାଇଁ ଇଥାନଲ୍‌ରୁ ଆଇସୋବୁଟାନଲ୍ ଉତ୍ପାଦନ ଉପରେ କାମ କରୁଛନ୍ତି।



ଶ୍ରୀ ଗଡକରୀ କହିଛନ୍ତି, ଇଥାନଲ୍ ସିଧାସଳଖ ଡିଜେଲ ସହିତ ମିଶ୍ରିତ ହୋଇପାରିବ ନାହିଁ, ତେଣୁ ଆମେ ଇଥାନଲ୍ ରୁ ଆଇସୋବୁଟାନଲ୍ ଉତ୍ପାଦନ କରୁଛୁ। ଆଇସୋବୁଟାନଲ୍ ଡିଜେଲର ବିକଳ୍ପ ହୋଇପାରେ। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ସରକାର ଡିଜେଲରେ ୧୫% ପର୍ଯ୍ୟନ୍ତ ଆଇସୋବୁଟାନଲ୍ ମିଶ୍ରିତ କରିବାକୁ ଅନୁମତି ଦେବା ପାଇଁ କାର୍ଯ୍ୟ କରୁଛି। ତାଙ୍କ ଅନୁସାରେ, ଏହି ପଦକ୍ଷେପ ଭାରତକୁ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ଏବଂ ସ୍ୱଚ୍ଛ ପରିବହନ ଇନ୍ଧନ ବ୍ୟବହାରକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହେବ। ନୀତିନ ଗଡକରୀ କହିଛନ୍ତି ଯେ ଆଇସୋବୁଟାନଲ୍ ସହିତ ପରିଚାଳିତ ପାଇଲଟ୍ ପ୍ରୋଜେକ୍ଟଗୁଡ଼ିକର ଫଳାଫଳ ବହୁତ ସକାରାତ୍ମକ ହୋଇଛି। ଏହା ସରକାରଙ୍କ ଆତ୍ମବିଶ୍ୱାସକୁ ବୃଦ୍ଧି କରିଛି ଯେ ଭବିଷ୍ୟତରେ ଏହି ଇନ୍ଧନକୁ ବଡ଼ ପରିମାଣରେ ବ୍ୟବହାର କରାଯାଇପାରିବ। ଗଡକାରୀ କହିଛନ୍ତି, ଆମେ ୧୦୦% ଇଥାନଲ୍ ଏବଂ ଆଇସୋବୁଟାନଲ୍ ଉପରେ ଦୁଇଟି ଜେନେରେଟର ସଫଳତାର ସହ ଚଳାଇଛୁ। ଏହା ପ୍ରମାଣ କରେ ଯେ ଏହି ଇନ୍ଧନରେ ସୁଗମ ଭାବରେ କାର୍ଯ୍ୟ କରିପାରିବ ଏପରି ଇଞ୍ଜିନ୍ ତିଆରି କରାଯାଇପାରିବ। ଆଇସୋବୁଟାନଲ୍ କୁ ପରବର୍ତ୍ତୀ ପିଢ଼ିର ଜୈବ ଇନ୍ଧନ ଭାବରେ ବିବେଚନା କରାଯାଏ। ଏହାର ଶକ୍ତିକ୍ଷମତା ଅନେକ ପାରମ୍ପରିକ ଜୈବ ଇନ୍ଧନ ଅପେକ୍ଷା ଅଧିକ। ଏହା ସହିତ, ଏହା ଇଞ୍ଜିନ ସହିତ ଭଲ ଭାବରେ କାମ କରେ ଏବଂ ଅପେକ୍ଷାକୃତ କମ୍ ପ୍ରଦୂଷଣ ସୃଷ୍ଟି କରେ। ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ପେଟ୍ରୋଲରେ ସରକାରଙ୍କ ଇ-୨୦ ଇଥାନଲ୍ ମିଶ୍ରଣ କାର୍ଯ୍ୟକ୍ରମକୁ ସମର୍ଥନ କରିବାର କିଛି ଦିନ ପରେ ଗଡକରୀଙ୍କ ଘୋଷଣା ଆସିଛି।

## ମାଲାବାର ଗୋଲ୍ଡର 'ଡାଇମଣ୍ଡ ଶୋ'

**ଭୁବନେଶ୍ୱର,୪।୭(ସମିସ):** ବିଶ୍ୱ ଅଳଙ୍କାର ଖୁଚୁରା ବିକ୍ରେତା ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଏହାର ଲୋକପ୍ରିୟ ଉପ-ବ୍ରାଣ୍ଡ, ମାଇନ୍ ଡାଇମଣ୍ଡସ୍ ରୁ ଉତ୍କୃଷ୍ଟ ହୀରା ଅଳଙ୍କାରର ଏକ ଉତ୍କୃଷ୍ଟ ପ୍ରଦର୍ଶନୀ 'ଡାଇମଣ୍ଡ ଶୋ' ଉନ୍ମୋଚନ କରିଛି। ଏହି ଅତ୍ୟନ୍ତ ପ୍ରତୀକ୍ଷିତ ଅଭିଯାନ ଜୁଲାଇ ୩ରୁ ୧୨ ପର୍ଯ୍ୟନ୍ତ କେବଳ ଭୁବନେଶ୍ୱରର ସମସ୍ତ ସହୀଦ-ନଗର ଷ୍ଟୋରରେ ଅନୁଷ୍ଠିତ ହେବ। ଡାଇମଣ୍ଡ ଶୋ'ରେ, ଗ୍ରାହକମାନେ ସଲିଟାୟାର, ପାର୍ଟି ପୋଷାକ, କାଜୁଆଲ୍ ପିକ୍ସ ଏବଂ ବ୍ରାଇଡାଲ୍ ପସନ୍ଦ ସମେତ ବିଭିନ୍ନ ପ୍ରକାରର ହୀରା ଅଳଙ୍କାର ଅନୁସନ୍ଧାନ କରିପାରିବେ। କଲେକ୍‌ସନ୍‌ରେ ଷ୍ଟେଟମେଣ୍ଟ ନେକପିସ୍, ଚମତ୍କାର କାନଫୁଲ, ସୂକ୍ଷ୍ମ ଷ୍ଟଡ୍ ଏବଂ ଅଙ୍ଗୁଠି ଅନ୍ତର୍ଭୁକ୍ତ। ଏହି ଶୋ'କୁ ଓଲିଉଡ ଅଭିନେତ୍ରୀ ନିକିତା ମିଶ୍ର ଏବଂ ମାଲାବାର



ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଅନ୍ୟାନ୍ୟ ପରିଚାଳନା କର୍ମଚାରୀଙ୍କ ଉପସ୍ଥିତିରେ

**'ନୁଓ୍ୱା' କଲେକ୍‌ସନ୍ ଉନ୍ମୋଚିତ**

ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଏକ ନୂତନ ପ୍ରାକୃତିକ ହୀରା ଅଳଙ୍କାରର କଲେକ୍‌ସନ୍ 'ନୁଓ୍ୱା' ମଧ୍ୟ ଉନ୍ମୋଚନ କରିଛି। ଏହା ଉପରେ ମାଲାବାର ଗ୍ରୁପ୍ ଅଧ୍ୟକ୍ଷ ଏମ୍. ପି. ଅହମ୍ମଦ କହିଛନ୍ତି, ଏହି କଲେକ୍‌ସନ୍‌ର ମୂଳରେ ପ୍ୟାଟର୍ଣ୍ଣ ପ୍ଲେ - ଜଟିଳ ଟେକ୍ସଚର୍, ଗଠନ ଏବଂ ବିବରଣୀ ପାଇଁ ପ୍ରଶଂସା ଅଛି, ଯାହା ଆମ ଚାରିପାଖର ବିଶ୍ୱକୁ ନୀରବରେ ଆକାର ଦିଏ। ନୁଓ୍ୱା ସହି, ଆମେ ସେହି ସୌନ୍ଦର୍ଯ୍ୟକୁ ଏକ ସମସାମୟିକ ହୀରାରେ ଅନୁବାଦ କରିବାକୁ ଚାହୁଁଥିଲୁ। ଏହି କଲେକ୍‌ସନ୍, ଯାହା ଆଜିର ମହିଳାଙ୍କ ପାଇଁ ସୁସଂସ୍କୃତ, ବହୁମୁଖୀ ଏବଂ ପ୍ରାସଙ୍ଗିକ ଅନୁଭବ କରେ।

## ଭାରତକୁ 'ମୃତ ଅର୍ଥନୀତି' କହିଥିବା ଟ୍ରମ୍ପଙ୍କ ୟୁ-ଟର୍ଣ୍ଣ

**ନୂଆଦିଲ୍ଲୀ,୪।୭(ଏଜେନ୍ସି):** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁ-ଟର୍ଣ୍ଣ ନେଇଛନ୍ତି। ସେ ଭାରତର ଅର୍ଥନୀତିର ପ୍ରଦର୍ଶନକୁ ପ୍ରଶଂସା କରି କହିଛନ୍ତି ଯେ, ଦେଶ ବହୁତ ଭଲ କରୁଛି। ଏହା ଗତ ବର୍ଷ ସେ ଦେଇଥିବା ତାଙ୍କର ମନ୍ତବ୍ୟଠାରୁ ସମ୍ପୂର୍ଣ୍ଣ ଭିନ୍ନ। ସେ ବାଣିଜ୍ୟ ଉତ୍ତେଜନା ମଧ୍ୟରେ ସେତେବେଳେ ଟ୍ରମ୍ପ୍ ଭାରତକୁ ଏକ 'ମୃତ ଅର୍ଥନୀତି' ବୋଲି କହିଥିଲେ। ଗୁରୁବାର ଦିନ ଆମେରିକାର ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ଏକ ସାକ୍ଷାତକାରରେ, ଟ୍ରମ୍ପ ଭାରତକୁ ଏକ ଉଦାହରଣ ଭାବରେ ଉଲ୍ଲେଖ କରିଥିଲେ। ଟ୍ରମ୍ପ କହିଛନ୍ତି, କିଛି ଦେଶ ଅଛି - ଭାରତ ଗୋଟିଏ - ଯେଉଁମାନେ ବହୁତ ଭଲ କରୁଛନ୍ତି। ସେମାନଙ୍କର ଅଭିବୃଦ୍ଧି ହାର ୭-୮%। ସେ ଭାରତର ଅଭିବୃଦ୍ଧି ହାରକୁ ଆମେରିକା ସହିତ ତୁଳନା କରିଛନ୍ତି। ଆମେରିକାର ଅର୍ଥନୀତିକୁ ମଧ୍ୟ ବହୁତ ଦ୍ରୁତ ଗତିରେ ଅଭିବୃଦ୍ଧି କରିବାକୁ ଦିଆଯିବା ଉଚିତ ବୋଲି ସେ କହିଛନ୍ତି। ଜୁଲାଇରେ ସେ ବାଣିଜ୍ୟ ଏବଂ ରୁଷ ସହିତ ସମ୍ପର୍କକୁ ନେଇ ଭାରତକୁ କଡ଼ା ସମାଲୋଚନା କରିଥିଲେ। ଟ୍ରମ୍ପ୍ ତାଙ୍କର ଟ୍ରୁଥ୍ ସୋସିଆଲରେ ଲେଖିଥିଲେ, ଭାରତ ରୁଷ ସହିତ କ'ଣ କରେ ତାହା ମୋତେ ଚିନ୍ତା ନାହିଁ। ସେମାନେ ଚାହିଁଲେ ସେମାନଙ୍କର 'ମୃତ ଅର୍ଥନୀତି'କୁ ଏକାଥରେ ବୁଡ଼ାଇ ଦେଇପାରିବେ, ମୁଁ ଚିନ୍ତା କରେ ନାହିଁ। ସେହି ସମୟରେ ଟ୍ରମ୍ପ୍ ଆମେରିକାରେ ଭାରତୀୟ ଆମଦାନୀ ଉପରେ ୨୫% ଶୁଳ୍କ ଘୋଷଣା ମଧ୍ୟ କରିଥିଲେ।

## ଜୁଏଲର୍ସଙ୍କ ପାଖରେ ଜମା ରହିବ ସୁନା

**ନୂଆଦିଲ୍ଲୀ,୪।୭(ଏଜେନ୍ସି):** ଏବେ ଘରେ ରଖିବା ପରିବର୍ତ୍ତେ ଲୋକେ ସୁନା ଅଳଙ୍କାରକୁ ବ୍ୟାଙ୍କ ପରି ଡିଲରଙ୍କ ପାଖରେ ଜମା କରିପାରିବେ। ଏହି ଜମା ବାବଦ ମିଳିବ ସୁଧ ଅର୍ଥ। କାରଣ କେନ୍ଦ୍ର ସରକାର ଦେଶରେ ଏକ 'ଗୋଲ୍ଡ ମନିଟାଇଜେସନ୍ ସ୍କିମ୍' ଆରମ୍ଭ କରିବାକୁ ଯାଉଛନ୍ତି। ଏହି ନୂତନ ଯୋଜନାରେ ସାରା ଦେଶର ସୁନା ବ୍ୟବସାୟୀଙ୍କୁ କଲେକ୍‌ସନ୍ ପାର୍ଟନର ଭାବରେ ସାମିଲ କରାଯିବ। ସେମାନେ ସାଧାରଣ ଲୋକଙ୍କଠାରୁ ସୁନା ସଂଗ୍ରହ କରିବେ। ପୂର୍ବରୁ କେବଳ ବ୍ୟାଙ୍କଗୁଡ଼ିକୁ ସୁନା ଜମା ଗ୍ରହଣ କରିବାକୁ ଅନୁମତି ଦିଆଯାଇଥିଲା। ଏବେ ଜୁଏଲର୍ସମାନେ ଏହି ସ୍କିମ୍‌ରେ ସରକାରଙ୍କ ସହ ପାର୍ଟନର ଭାବେ ରହି କାର୍ଯ୍ୟ କରିବେ। ତେବେ ୨୦୧୫ ମସିହାରେ ସୁନା ଆମଦାନୀ ହ୍ରାସ କରିବା ପାଇଁ ସରକାର ଏପରି ଏକ ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନା ଅଧୀନରେ, ଲୋକମାନେ ସେମାନଙ୍କର ସୁନା ବ୍ୟାଙ୍କରେ ଜମା କରି ବାର୍ଷିକ ୨.୨୫% ରୁ ୨.୫% ସୁଧ ପାଇବେ ବୋଲି କୁହାଯାଇଥିଲା। ହେଲେ ଶେଷରେ ଏହି ଯୋଜନା ସମ୍ପୂର୍ଣ୍ଣ ବିଫଳ ହୋଇଥିଲା।

'ଗୋଲ୍ଡ ମନିଟାଇଜେସନ୍ ସ୍କିମ୍' ଅନୁଯାୟୀ, ଏହି ଯୋଜନାରେ ସୁନା ବ୍ୟବସାୟୀ ନିକଟରେ ସୁନା ଜମା ବାବଦ ଲୋକେ ୨.୫% ପର୍ଯ୍ୟନ୍ତ ସୁଧ ପାଇପାରିବ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ସରକାର ଆଗାମୀ ଦୁଇ ସପ୍ତାହ ମଧ୍ୟରେ ଏହି ନୂଆ ଯୋଜନା ପ୍ରଚଳନ କରିବାକୁ ଯୋଜନା କରୁଛନ୍ତି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନାଗରିକମାନଙ୍କୁ ଗୋଟିଏ ବର୍ଷ ପାଇଁ ସୁନା କିଣିବା ବନ୍ଦ କରିବାକୁ ଅନୁରୋଧ କରିଥିଲେ। ଏହାପରେ ଏବେ ଉପରୋକ୍ତ ନୂଆ ପଦକ୍ଷେପ ନିଆଯାଇଛି।ଅଲ୍ ଇଣ୍ଡିଆ ଜୁଏଲର୍ସ ଆଣ୍ଡ ଗୋଲ୍ଡସ୍ମିଥ୍ ଫେଡେରେସନ୍ (ଏଆଇଜେଜିଏଫ୍) କହିଛି ଯେ ନୂତନ ନିୟମ ଅନୁଯାୟୀ, ଅଳଙ୍କାର ବ୍ୟବସାୟୀମାନଙ୍କୁ ସେମାନଙ୍କର କଲେକ୍‌ସନ୍ ବାଣ୍ଟିବାକୁ ଅନୁମତି ଦିଆଯିବନାହିଁ। ଘରେ ରଖାଯାଇଥିବା ସୁନା କଲେକ୍‌ସନ୍‌କୁ ତ୍ୱରାନ୍ୱିତ କରାଯିବ। ଆଶା କରାଯାଉଛି ଯେ 'ଗୋଲ୍ଡ ମନେଟାଇଜେସନ୍' ସ୍କିମ୍ ଜରିଆରେ ସରକାର ବଜାରରୁ ୧୦୦୦ ଟନ୍‌ରୁ ଅଧିକ ସୁନା ସଂଗ୍ରହ କରିବେ। ମିଡିଆ ରିପୋର୍ଟ ଅନୁଯାୟୀ, ଯଦି ଏହି ନୂତନ ଯୋଜନା ଅଧୀନରେ ଭାରତୀୟ ପରିବାରମାନଙ୍କ ଦ୍ୱାରା ରଖାଯାଇଥିବା ମୋଟ ସୁନାର କେବଳ ୫% ଜମା କରାଯାଏ, ତେବେ ଏହା ଘରୋଇ ବଜାରରେ ପ୍ରାୟ ୯୦ ବିଲିୟନ ଡଲାର (ପ୍ରାୟ ୮.୫୭ ଲକ୍ଷ କୋଟି ଟଙ୍କା) ନଗଦ ଅର୍ଥ ପ୍ରବାହ କରାଇବ। ଏହା ଭାରତକୁ ଦୁଇ ବର୍ଷ ପାଇଁ ସୁନା ଆମଦାନି କରିବାରୁ ରୋକିବ, ଡଲାରର ଚାହିଦା ହ୍ରାସ କରିବ ଏବଂ ଭାରତୀୟ ସୁନାକୁ ମଜବୁତ କରିବ।



**ଗୋଲ୍ଡ ମନିଟାଇଜେସନ୍ ସ୍କିମ୍**
**ମିଳିବ ୨.୫ ପ୍ରତିଶତ ପର୍ଯ୍ୟନ୍ତ ସୁଧ**
**ସୁନା ବ୍ୟବସାୟୀ ରହିବେ କଲେକ୍‌ସନ୍ ପାର୍ଟନର**
**ସରକାରଙ୍କ ୧୦୦୦ ଟନ୍ ସୁନା ସଂଗ୍ରହ ଲକ୍ଷ୍ୟ**
**୨୦୧୫ରେ ଏପରି ଯୋଜନା ଫେଲ୍ ମାରିଥିଲା**

ବାଣିଜ୍ୟ ଏବଂ ଶିଳ୍ପ ସଂଘ ଆସୋଚାମ୍ (ଦି ଆସୋସିଏଟେଡ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଅଫ୍ ଇଣ୍ଡିଆ)ର ଏକ ରିପୋର୍ଟ ଅନୁଯାୟୀ, ଭାରତୀୟ ପରିବାରଗୁଡିକରେ ୫୦ ହଜାର ଟନ୍ ସୁନା ମହଜୁଦ ରହିଛି, ଯାହାର ମୂଲ୍ୟ ପ୍ରାୟ ୧୦ ଟ୍ରିଲିୟନ ଡଲାର କିମ୍ବା ପ୍ରାୟ ୯ ଲକ୍ଷ ୫୦ ହଜାର କୋଟି ଟଙ୍କା। ଏହା ବିଶ୍ୱର ୧୦ଟି ବୃହତ କେନ୍ଦ୍ରୀୟ ବ୍ୟାଙ୍କର ମିଳିତ ଭଣ୍ଡାରଠାରୁ ଅଧିକ ହେବ। ଭାରତୀୟମାନଙ୍କ ପାଖରେ ଏତେ ସୁନା ଅଛି ଯେ, ଏହା ଆମେରିକା ଏବଂ ଚୀନ୍ ବ୍ୟତୀତ ବିଶ୍ୱର ପ୍ରାୟ ପ୍ରତ୍ୟେକ ଦେଶର ବାର୍ଷିକ ଜିଡିପିଠାରୁ ଅଧିକ ହେବ। ଭାରତ ହେଉଛି ବିଶ୍ୱର ଦ୍ୱିତୀୟ ସର୍ବବୃହତ ସୁନା ଗ୍ରାହକ। ୨୦୨୬ ଆର୍ଥିକ ବର୍ଷରେ, ଭାରତ ପ୍ରତି ମାସରେ ହାରାହାରି ୬୦ ଟନ୍ ସୁନା ଆମଦାନି କରୁଛି, ଯାହା ପ୍ରାୟ ୬ ବିଲିୟନ ଡଲାର। ଏଠାରେ ସୂଚନାଯୋଗ୍ୟ ଯେ, ଶେଷ ଥର ପାଇଁ ୨୦୧୫ ମସିହାରେ ସୁନା ଆମଦାନୀ ହ୍ରାସ କରିବା ପାଇଁ ମୋଦି ସରକାର 'ଗୋଲ୍ଡ ମନିଟାଇଜେସନ୍ ସ୍କିମ୍' ଆରମ୍ଭ କରିଥିଲେ। ଏହି ଯୋଜନା ଅଧୀନରେ, ଲୋକମାନେ ସେମାନଙ୍କର ସୁନା ବ୍ୟାଙ୍କରେ ଜମା କରିପାରିବେ ଏବଂ ବାର୍ଷିକ ୨.୨୫%ରୁ ୨.୫% ସୁଧ ପାଇପାରିବେ। କିନ୍ତୁ ୧୦ ବର୍ଷ ମଧ୍ୟରେ ଏହି ଯୋଜନାରୁ କେବଳ ୩୮ ଟନ୍ ସୁନା ମିଳିଥିଲା। କମ୍ ସୁଧ ଯୋଗୁଁ ସରକାର ପରବର୍ତ୍ତୀ ସମୟରେ ସୁନାର ମଧ୍ୟମ ଏବଂ ଦୀର୍ଘକାଳୀନ ଜମା ବନ୍ଦ କରିଦେଇଥିଲେ।

## ରଥଯାତ୍ରା ପାଇଁ ଟିପିସିଓଡିଏଲ୍‌ର 'ମିଶନ ଚକାନୟନ-୨୦୨୬'

**ଭୁବନେଶ୍ୱର,୪।୭(ସମିସ):** ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ କରାଯାଉଥିବା ବ୍ୟାପକ ପ୍ରସ୍ତୁତିର ଅଂଶସ୍ୱରୂପ, ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ ଦିନିକିଆ ସ୍ୱତନ୍ତ୍ର ରକ୍ଷଣାବେକ୍ଷଣ ଅଭିଯାନ ମିଶନ ଚକାନୟନ-୨୦୨୬ ସଫଳତାର ସହ ଶେଷ ହୋଇଛି। ଭୁବନେଶ୍ୱର-୨ ସର୍କଲ୍ ଅଧୀନରେ ଥିବା ପୁରୀ, ଖୋର୍ଦ୍ଧା, ବାଲୁଗାଁ ଓ ନୟାଗଡ଼ ଡିଭିଜନରେ ପ୍ରାୟ ୪୦୦ କର୍ମଚାରୀ ଓ ବିଶେଷଜ୍ଞ ଦଳଙ୍କ ସହାୟତାରେ ଏହି ମିଶନ ପୁରୀ ସହର ଏବଂ ଏହାକୁ ସଂଯୋଗ କରୁଥିବା ପ୍ରମୁଖ ବିଦ୍ୟୁତ କରିଡରଗୁଡ଼ିକରେ କାର୍ଯ୍ୟକାରୀ କରାଯାଇଥିଲା। ଏହି ଅଭିଯାନରେ ୩୩ କେଭି, ୧୧ କେଭି ଓ ଏଲ୍‌ଟି ନେଟୱର୍କର ରକ୍ଷଣାବେକ୍ଷଣ, ଗଛର ଡାଳ କାଟିବା, ତାର ସଂଯୋଗୀକରଣ କରିବା, ହଟ୍‌ସ୍ପଟ୍ ସ୍ଥାନ ଗୁଡିକ ଠିକ୍ କରିବା, ବଜ୍ରପାତରୁ ରକ୍ଷା କରିବା ପାଇଁ ଲାଇଟନିଂ ଆରେଷ୍ଟର ଲଗାଇବା ସହ ପୁରୀ ଓ ଏହାର ଆଖପାଖ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ଥିବା ପ୍ରାଥମିକ ସବ୍-ଷ୍ଟେସନ ଏବଂ ଟ୍ରାନ୍ସଫର୍ମରଗୁଡ଼ିକର ମରାମତି କରାଯାଇଛି। ମିଶନ ଚକାନୟନ-୨୦୨୬ର ସଫଳ ସମାପ୍ତ ସହ, ଟିପିସିଓଡିଏଲ ରଥଯାତ୍ରା ସମୟରେ ନିରବଚ୍ଛିନ୍ନ, ଭରସାଯୋଗ୍ୟ ଏବଂ ସୁରକ୍ଷିତ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ପାଇଁ ନିଜର ବିଦ୍ୟୁତ ବିତରଣ ନେଟୱର୍କ ଓ ପ୍ରସ୍ତୁତିକୁ ଆହୁରି ମଜବୁତ କରିଛି।



## ଇପିଏଫ୍‌ଓ ପୋର୍ଟାଲରେ ହେବନି ୟୁଏଏନ୍ ଆକ୍ଟିଭେସନ୍

**ନୂଆଦିଲ୍ଲୀ,୪।୭(ଏଜେନ୍ସି):** କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ପ୍ରାୟ ଗୋଟିଏ ସପ୍ତାହ ଧରି ଏକ ନିର୍ଦ୍ଧାରିତ ଅପଗ୍ରେଡ୍ ପରେ ଏହାର ୟୁନିଫାଏଡ୍ ସଦସ୍ୟ ପୋର୍ଟାଲ୍ ପୁନଃଲଞ୍ଚ କରିଛି। ଏହି ପ୍ରମୁଖ ସଫ୍ଟୱେର୍ ଏବଂ ଡାଟାବେସ୍ ଅପଗ୍ରେଡ୍ ପୋର୍ଟାଲର ସମ୍ପୂର୍ଣ୍ଣ ଇଣ୍ଟରଫେସ୍‌କୁ ପରିବର୍ତ୍ତନ କରିଛି। ଇପିଏଫ୍‌ଓ ଏହାର ସଦସ୍ୟଙ୍କ ପାଇଁ ସେବାରେ ମଧ୍ୟ ଅନେକ ପରିବର୍ତ୍ତନ କରିଛି। ଏହି ନୂତନ ଅପଗ୍ରେଡ୍ ପରେ, ଇପିଏଫ୍‌ଓ ପୋର୍ଟାଲ୍‌ରୁ ସିଧାସଳଖ ୟୁଏଏନ୍ ଆକ୍ଟିଭ୍ କରିବା ଏବଂ ନୂତନ ୟୁଏଏନ୍ ଜେନେରେଟ୍ କରିବାର କ୍ଷମତା ବନ୍ଦ କରିଦିଆଯାଇଛି। ଉଭୟ ସେବାକୁ ଏବେ ସମ୍ପୂର୍ଣ୍ଣ ଭାବରେ ସରକାରଙ୍କ ଉମଙ୍ଗ୍ ଆପ୍‌କୁ ସ୍ଥାନାନ୍ତରିତ କରାଯାଇଛି। ଏହା ବ୍ୟତୀତ, ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଆଧାର-ଆଧାରିତ ଫେସ୍ ପ୍ରମାଣୀକରଣକୁ ବାଧ୍ୟତାମୂଳକ କରାଯାଇଛି। ଇପିଏଫ୍‌ଓ କହିଛି ଯେ ଏହି ପରିବର୍ତ୍ତନ ଅନଲାଇନ୍ ସେବାଗୁଡ଼ିକୁ ଅଧିକ ସୁରକ୍ଷିତ, ଦ୍ରୁତ ଏବଂ ନିର୍ଭରଯୋଗ୍ୟ କରିବ।




ସଫ୍ଟୱେର୍ ଅପଗ୍ରେଡ୍ ପରେ ଇପିଏଫ୍‌ଓ ୱେବସାଇଟରେ ଏକ ନୂତନ ୟୁଏଏନ୍ ସିଧାସଳଖ ଆବଣ୍ଟନ କରିବାର ସୁବିଧା ବନ୍ଦ କରିଦିଆଯାଇଛି। ୟୁଏଏନ୍‌ଆକ୍ଟିଭ୍ ଏବଂ ଆବଣ୍ଟନ ସେବା ଉଭୟ ଏବେ ଉମଙ୍ଗ ଆପ୍ ମାଧ୍ୟମରେ ସ୍ୱତନ୍ତ୍ର ଭାବରେ ଉପଲବ୍ଧ ହେବ। ଯଦି ଜଣେ ୟୁଏଏନ୍ ନମ୍ବର ଭୁଲିଯାଇଛନ୍ତି, ତେବେ ଏହାକୁ ପୁନରୁଦ୍ଧାର କରିବା ପାଇଁ ପ୍ରକ୍ରିୟା (ନୋ ୟୋର ୟୁଏଏନ୍) ସରଳ କରାଯାଇଛି। ୟୁଏଏନ୍ ଆକ୍ଟିଭ୍ ଏବେ ଉମଙ୍ଗ ଆପ୍ ମାଧ୍ୟମରେ ସମ୍ଭବ ହେବ। ଯଦି ଜଣେ ନୂତନ କର୍ମଚାରୀଙ୍କର ୟୁଏଏନ୍ ଆକ୍ଟିଭ୍ ହୋଇନାହିଁ, ତେବେ ଇପିଏଫ୍‌ଓ ୱେବସାଇଟ୍ ମାଧ୍ୟମରେ ଏହା କରିପାରିବେନାହିଁ। ଏଥିପାଇଁ, ଉମଙ୍ଗ ଆପ୍ ବ୍ୟବହାର କରିବାକୁ ପଡିବ। ସେହିପରି ନୂତନ ୟୁଏଏନ୍ ନମ୍ବର ଜେନେରେଟ୍ କରିବାର ପ୍ରକ୍ରିୟାରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏହାଛଡା ଯଦି ଜଣଙ୍କର ଏକ

**ଏବେ ଉମଙ୍ଗ୍ ଆପ୍ ମାଧ୍ୟମରେ ହୋଇପାରିବ ସବୁ କାମ**

ପିଏଫ୍ ଆକାଉଣ୍ଟ ଅଛି କିନ୍ତୁ ୟୁଏଏନ୍ ନାହିଁ। କିମ୍ବା ଯେଉଁ କର୍ମଚାରୀମାନଙ୍କର ପୂର୍ବରୁ ଏକ ଇପିଏଫ୍ ଆକାଉଣ୍ଟ ଅଛି କିନ୍ତୁ ଏ ପର୍ଯ୍ୟନ୍ତ ୟୁଏଏନ୍‌ଆବଣ୍ଟିତ ହୋଇନାହିଁ, ସେମାନେ ମଧ୍ୟ ଏକ ନୂତନ ନମ୍ବର ପାଇପାରିବେ। ସେମାନଙ୍କୁ ସେମାନଙ୍କର ପଞ୍ଜିକୃତ ମୋବାଇଲ୍ ନମ୍ବର ଯାଞ୍ଚ କରିବାକୁ ପଡିବ ଏବଂ ସଦସ୍ୟ ବିବରଣୀ ପ୍ରଦାନ କରିବାକୁ ପଡିବ। ଯାଞ୍ଚ ସମାପ୍ତ ହେବା ପରେ, ଏକ ନୂତନ ୟୁଏଏନ୍ ଜେନେରେଟ୍ ହେବ ଏବଂସେଥିରେ ସେମାନଙ୍କର ପୂର୍ବ ପିଏଫ୍ ଆକାଉଣ୍ଟ ସହିତ ଲିଙ୍କ୍ ହେବ। ଯଦି ଜଣେ ସଦସ୍ୟ ତାଙ୍କର ୟୁଏଏନ୍ ନମ୍ବର ଭୁଲିଯାଇଛନ୍ତି, ତେବେ ଅପଗ୍ରେଡ୍ ହୋଇଥିବା ନୂତନ ପୋର୍ଟାଲରେ ଏହାକୁ ଖୋଜିବା ଏବେ ସହଜ ହେବ। ପଞ୍ଜିକୃତ ମୋବାଇଲ୍ ନମ୍ବର ଏଣ୍ଟ୍ରି କରାଇ ଆବଶ୍ୟକୀୟ ଆଇଡି କିମ୍ବା ଠିକଣା ପ୍ରମାଣ ଅପଲୋଡ୍ କରିବାକୁ ପଡିବ ଏବଂ ମୋବାଇଲ୍ ନମ୍ବରରେ ପ୍ରାପ୍ତ ଓଟିପି ଯାଞ୍ଚ କରିବାକୁ ପଡିବ। ତା'ପରେ ୟୁଏଏନ୍ ସ୍କ୍ରିନରେ ଦେଖାଯିବ।ଏହାବ୍ୟତୀତ ଉମଙ୍ଗ ଆପ୍ କୁ ୟୁଏଏନ୍-ସମ୍ବନ୍ଧୀୟ ସେବା ସ୍ଥାନାନ୍ତର କରିବା ସତ୍ତ୍ୱେ, ଇପିଏଫ୍‌ଓ ଏହାର ୟୁନିଫାଏଡ୍ ସଦସ୍ୟ ପୋର୍ଟାଲରେ ମୃତ୍ୟୁ ଦାବି (ସଦସ୍ୟଙ୍କ ମୃତ୍ୟୁ ପରେ ଟଙ୍କା ଉଠାଣ) ଦାଖଲ କରିବା ପାଇଁ ଅନଲାଇନ୍ ସୁବିଧା ବଜାୟ ରଖିଛି।



# ଆସିବ ‘ବାହୁବଳୀ-୩’

ଏସ୍‌ଏସ୍ ରାଜମୌଳିଙ୍କ ଫିଲ୍ମ ‘ବାହୁବଳୀ’ ଏବଂ ‘ବାହୁବଳୀ-୨’କୁ ଦର୍ଶକୀୟ ଆଦୃତି ମିଳିଛି । ତେବେ ‘ବାହୁବଳୀ ୨’ ପରେ ଲୋକେ ଭାବୁଥିଲେ ଏହାର ତୃତୀୟ ଭାଗ ଆସିବ ନାହିଁ । ତେବେ ଏବେ ଏହାର ତୃତୀୟ ଭାଗକୁ ନେଇ ବଡ଼ ଅପଡେଟ୍ ଆସିଛି । ନେଟ୍‌ଫ୍ଲିକ୍ସର ଡକ୍ୟୁମେଣ୍ଟ୍ରି ‘ବାହୁବଳୀ: ଦ ଟାର୍ଚବିୟରର’ ଏକ ଭିଡିଓ ସାମ୍ନାକୁ ଆସିଛି । ଏହି ଭିଡିଓରେ ପ୍ରଭାସ, ଅନୁଷ୍କା ସେଟ୍ଟି ଏବଂ ରାଣା ଦଗ୍‌ଗୁବତୀ ନଜର ଆସିଛନ୍ତି । ତିନି କଳାକାର ଏକଥା ଇଙ୍ଗିତ କରିଛନ୍ତି ଯେ, ଏହି ଫ୍ରାଞ୍ଚାଇଜ୍‌ର ଆଉ ଏକ ବଡ଼ ଫିଲ୍ମ ଆସିପାରେ । ରାଣା ଏହି ଭିଡିଓରେ କହିଛନ୍ତି ଯେ, ବାହୁବଳୀ ନିହାତି ଆସିବ । ଏହାପରେ ପ୍ରଭାତ ତିନିଟି ଅଙ୍ଗୁଳି ଦେଖାଇ ହସିଛନ୍ତି । ପୁଣି ଏହାପରେ ଅନୁଷ୍କା ଓ ରାଣା ପ୍ରଭାସଙ୍କ ହାତ ଧରି ହସିଛନ୍ତି । ଏହି ଭିଡିଓଟି ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ସୋସିଆଲ ମିଡିଆରେ ଲୋକେ ଅନୁମାନ କରୁଛନ୍ତି ଯେ, ନିର୍ମାତା ଖୁବ୍‌ଶୀଘ୍ର ‘ବାହୁବଳୀ-୩’ ଆଣିପାରନ୍ତି । ଅବଶ୍ୟ ନିର୍ମାତାଙ୍କ ପକ୍ଷରୁ ଏହାକୁ ନେଇ କିଛି ସ୍ପଷ୍ଟ ସୂଚନା ସାମ୍ନାକୁ ଆସି ନାହିଁ ।

# ଜୁଲାଇ ୧୬ରେ ‘ଦ ମିଲେଟ୍ ଡାଏରୀ’

‘ଇନ୍‌ଫାଇସନ୍ ଏଣ୍ଟରଟେନମେଣ୍ଟ’ ବ୍ୟାନରରେ ନିର୍ମିତ ‘ଦ ମିଲେଟ୍ ଡାଏରୀ’: କେବଳ ଏକ ସିନେମା ନୁହେଁ, ବରଂ ଏଥିରୁ କଳିଙ୍ଗର ଆତ୍ମସମ୍ମାନ ଓ ମାଣ୍ଡିଆର ଗୌରବଗାଥା ସ୍ପଷ୍ଟ ବାରି ହେଉଛି । ଆସନ୍ତା ଜୁଲାଇ ୧୬ତାରିଖ ରଥଯାତ୍ରା ଅବସରରେ ଏହି ଚଳଚ୍ଚିତ୍ରଟି ପରଦାକୁ ଆସୁଛି । ଏହି ସିନେମାଟି ଅତୀତର ସେହି ସମୟକୁ ନେଇଯିବ, ଯେଉଁଠି ମାଣ୍ଡିଆ କେବଳ ଏକ ଶସ୍ୟ ନଥିଲା, ଥିଲା ସଭ୍ୟତାର ପରିଚୟ । ସମସାମୟିକ କାଳଚକ୍ରର ଏକ ଶାଶ୍ୱତ ପ୍ରେମର ସୁନ୍ଦର ଝଲକ ଏହି ଚଳଚ୍ଚିତ୍ରକୁ ଅଧିକ ଭାବପୂର୍ଣ୍ଣ କରିଛି । ବୈଦ୍ୟ ଓ ବିଜ୍ଞାନ କଥା ରହିଛି ଯାହା କଳିଙ୍ଗର ପାରମ୍ପରିକ ‘କବିରାଜି’ ଚିକିତ୍ସା ଏବଂ ପ୍ରତିକୂଳ ପରିସ୍ଥିତିରେ ଜଣେ ବୈଦ୍ୟଙ୍କ ଦୃଢ଼ ଆତ୍ମବିଶ୍ୱାସର କାହାଣୀ ହେଉଛି ‘ମିଲେଟ୍ ଡାଏରୀ’ । ଏହି ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ସିଦ୍ଧାନ୍ତ ମହାପାତ୍ର, ଅଭିଷେକ ପଣ୍ଡା, ଶିବାନୀ ସଙ୍ଗୀତା, ରାଜ୍ ରାଜେଶ ଏବଂ ଶ୍ରୀତମ ଦାସ ଅଭିନୟ କରିଛନ୍ତି । ଅନ୍ୟାନ୍ୟ ପ୍ରମୁଖ କଳାକାରମାନଙ୍କ ମଧ୍ୟରେ କୁନା ତ୍ରିପାଠୀ, ଶକ୍ତି ବରାଳ, ସୁଶାନ୍ତ ଦାଶମହାପାତ୍ର, ରେଭାଂଶ ମହାନ୍ତି, ସାନ୍ତୁ ନିଜେ, କାଞ୍ଚନ, ରାଜଶ୍ରୀ, ଦୀପକ, ଦେବିକା ଏବଂ ଶ୍ରେୟା ପ୍ରମୁଖ ଅଛନ୍ତି । ଏହାର ପ୍ରଯୋଜନା ଓ କାହାଣୀରେ ଜେ.ଆର୍. ଏମ୍ ଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ରାଜେନ୍ଦ୍ର ମହାନ୍ତ । ସିନେମାଟିର ଚିତ୍ରନାଟ୍ୟ ଓ ସଂଳାପରେ ଦିଲ୍ଲୀପ ବିଶୋଇ ଏବଂ ଉତ୍ତମ କୁମାର ଅଛନ୍ତି । ସଙ୍ଗୀତରେ ପ୍ରେମ ଆନନ୍ଦ ଅଛନ୍ତି । ଅନ୍ୟପଟେ “ଏହି ଚଳଚ୍ଚିତ୍ର ଦର୍ଶାଏ ଯେ ମାଣ୍ଡିଆ କେବଳ ଖାଦ୍ୟ ନୁହେଁ, ଏହା ଆମ ମାଟିର ଶକ୍ତି । ଶତ୍ରୁ କିମ୍ବା ପ୍ରକୃତିର ପ୍ରକୋପ-ସବୁଥିରୁ ନିଜକୁ ବଞ୍ଚାଇବା ପାଇଁ ଆମ ପୂର୍ବପୁରୁଷ କିଭଳି ଏହି ‘ଶ୍ରୀଅନ୍ନ’କୁ ନିଜର ସାହାରା କରିଥିଲେ, ତାହା ଏବେକାର ପିଢ଼ି ପାଇଁ ଏକ ବଡ଼ ଶିକ୍ଷା ।”





ପରଦା ପଛର କାହାଣୀ

# ପ୍ରଥମ ଦୃଶ୍ୟ ସୁଟିଂରେ ଭୟରେ ଥରହର ଅମିଷା


ବଲିଉଡ୍ ଷ୍ଟାର୍ ସନ୍ନି ଦେଓଲ ଓ ଅଭିନେତ୍ରୀ ଅମିଷା ପଟେଲଙ୍କ ଅଭିନୀତ ‘ଗଦର: ଏକ୍ ପ୍ରେମ କଥା’ ଫିଲ୍ମକୁ ନିକଟରେ ୨୫ ବର୍ଷ ପୂରିଲା । ଏହି ବିଶେଷ ଅବସରରେ ଅଭିନେତ୍ରୀ ଅମିଷା ପଟେଲ ଫିଲ୍ମ ସହ ଜଡ଼ିତ ପୁରୁଣା ଦିନର ସ୍ମୃତିକୁ ସ୍ମରଣ କରିଛନ୍ତି । ତେବେ ଫିଲ୍ମରେ ଅମରୀଶ ପୁରୀଙ୍କ ସାମ୍ନାରେ ପ୍ରଥମ ଦୃଶ୍ୟ ସୁଟିଂରେ କିପରି ଭୟର ଥରିଥିଲେ ତାହା ପ୍ରକାଶ କରିଛନ୍ତି । ଗଦର ସେଟ୍‌ରେ ପହଞ୍ଚିବା ପରେ ତାଙ୍କୁ ଅମରୀଶପୁରୀଙ୍କ ସହ ଭାବପ୍ରବଣ ଦୃଶ୍ୟ ସୁଟିଂ କରିବାର ଥିଲା । ଏହି ଫିଲ୍ମରେ ଅମରୀଶଙ୍କ ସହ ତାଙ୍କର ଏହା ପ୍ରଥମ ଦୃଶ୍ୟ ସୁଟିଂ ଥିଲା । ଫଳରେ ସେ ଭୟରେ ଥରହର ହୋଇଥିଲେ । ତେବେ ପରବର୍ତ୍ତୀ ସମୟରେ ଏହା ଫିଲ୍ମରେ କାର୍ଯ୍ୟ କରିବାର ଏକ ଭଲ ଅନୁଭୂତି ପାଲଟିଥିଲା । ଅମରୀଶ ସୁଟିଂ ସେଟ୍‌ରେ ମୋ କାମକୁ ଖୁବ୍ ସହଜ କରିଦେଇଥିଲେ । ଏଥିସହ ସେ ଜଣେ ଏତେ ବଡ଼ ସୁପରଷ୍ଟାର ଏବଂ ମୁଁ ନ୍ୟୁକମର୍ ବୋଲି ଅନୁଭବ ହେବାକୁ ମଧ୍ୟ ଦେଇ ନ ଥିଲେ । ‘ଇଣ୍ଡିଆ ଟୁଡେ’ ସହ ବାର୍ତ୍ତାଳାପ ପରେ ସେ ଏବେ ବି ଅମରୀଶଙ୍କୁ ବହୁତ ମନେ ପକାନ୍ତି ବୋଲି କହିଛନ୍ତି । ସୁଟିଂ ସମୟରେ ସେ ଅମରୀଶଙ୍କୁ ଭୟ କରୁଥିଲେ ସତ, ହେଲେ ବାସ୍ତବରେ ସେ ଜଣେ ଖୁବ୍ ଭଲ ମଣିଷ ବୋଲି ଅମିଷା କହିଛନ୍ତି । ସେଟ୍‌ରେ ସେ ଖୁବ୍ ମଜାମସ୍ତି କରୁଥିଲେ । ମୋଗାମ୍ବୋ ଏବଂ ଆସରଫ୍ ଅଲି ଭଳି ଭୟଙ୍କର ଚରିତ୍ର ଦେଖି, କେହି କେବେ କଳ୍ପନା କରିନଥିବେ ଯେ ସେ ବାସ୍ତବରେ କେତେ ହସଖୁସ୍ ମିଜାଜ୍‌ର ଥିଲେ । “ଗଦର: ଏକ୍ ପ୍ରେମ କଥା’ ପୂର୍ବରୁ ଅମିଷା କେବଳ ଗୋଟିଏ ଫିଲ୍ମ ‘କହୋ ନା ପ୍ୟାର ହୈ’ରେ ଅଭିନୟ କରିଥିଲେ ।



# ଚର୍ଚ୍ଚାରେ ‘କନ୍ଧମାଳ ହଳଦୀ’

ବର୍ତ୍ତମାନ ଦର୍ଶକମାନେ ବେଶ୍ ଭଲପାଇବା ଦେଉଛନ୍ତି ମ୍ୟୁଜିକ୍ ଭିଡିଓକୁ । ୟୁଟ୍ୟୁବ୍ ଜରିଆରେ ପ୍ରତ୍ୟେକ ଦିନ ରିଲିଜ୍ ହେଉଛି ଭିନ୍ନ ଭିନ୍ନ ଭିଡିଓ । ଏହି ଅବସରରେ ‘ଓମ୍ ସମ୍ ଏଣ୍ଟରଟେନମେଣ୍ଟ’ ଦ୍ୱାରା ନିର୍ଦ୍ଦେଶକ ବାବୁ ବାବୁଙ୍କ ନିର୍ଦ୍ଦେଶନାରେ ରିଲିଜ୍ ହୋଇଛି ମ୍ୟୁଜିକ ଭିଡିଓ ‘କନ୍ଧମାଳ ହଳଦୀ’ । କନ୍ଧମାଳ ହଳଦୀ ସବୁଠି ପ୍ରସିଦ୍ଧ । କନ୍ଧମାଳ ହଳଦୀକୁ ଆଧାର କରି ଏହି ଭିଡ଼ିଓଟି ତିଆରି ହୋଇଛି । ଏହି ଭିଡିଓଟିରେ ଅଭିନୟ କରିଛନ୍ତି ଅଭିନେତା ଜୟଦେବ୍ ରାଉଳ ଓ ଅଭିନେତ୍ରୀ ନେହା ନାଗେଶ୍ୱରୀ । ସେହିପରି ପ୍ରଯୋଜକ ଭାବରେ ଅଛନ୍ତି ରାଜେନ୍ଦ୍ର ମାଥାନ୍ । ଗୀତଟିରେ ଦେବେଶ ପତି ଓ ଅସୀମା ପଣ୍ଡା କଣ୍ଠଦାନ କରିଛନ୍ତି । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିରଜା ପ୍ରସାଦ ଓ ଗୀତ ଲେଖିଛନ୍ତି ନିର୍ମଳ ନାୟକ । ଭିଡିଓଟି ନିର୍ଦ୍ଦେଶକ ବାବୁ ବାବୁଙ୍କ ନିର୍ଦ୍ଦେଶନାରେ କୋରିଓଗ୍ରାଫି କରିଛନ୍ତି ସୂର୍ଯ୍ୟନ୍ ରଥ । ଏହି ଗୀତଟି ସୋସିଆଲ୍ ମିଡିଆରେ ବେଶ୍ ଚର୍ଚ୍ଚାରେ ରହିଛି । ଏହାର ଭିଡ଼ିଓଟିକୁ ଦର୍ଶକମାନେ ବେଶ୍ ଭଲପାଇବା ଦେବେ ବୋଲି କହିଛନ୍ତି ନିର୍ଦ୍ଦେଶକ ବାବୁ ବାବୁ ।

# ‘ଚୌହାନ’ରେ ଅଜୟ



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅଜୟ ଦେବଗନଙ୍କ ଆଗାମୀ ଆକ୍ସନ ସିନେମାର ଶୀର୍ଷକ ରିଲିଜ୍ ହୋଇଯାଇଛି । ଏହି ସିନେମାର ନାଁ ‘ଚୌହାନ’ । ଏହି ସିନେମାରେ ଅଜୟଙ୍କୁ ଏକ ନୂଆ ଓ ଦମ୍‌ଦାର ଅବତାରରେ ଦେଖିବାକୁ ମିଳିବ । ଫିଲ୍ମ ନିର୍ମାତା ଆନନ୍ଦ ଏଲ୍ ରୟଙ୍କ ସହିତ ଏହା ହେଉଛି ଅଜୟଙ୍କ ପ୍ରଥମ ସିନେମା । ସେହିପରି ଫିଲ୍ମଟିକୁ ଜିଓ ଷ୍ଟୁଡିଓ ପ୍ରଯୋଜନା କରୁଛି । ତେବେ ସିନେମାର ପ୍ରଥମ ଲୁକ୍ ଜାରି କରାଯାଇଛି । ତାହା ପୁଣି ଦିବଂଗତ ବୀରୁ ଦେବଗନଙ୍କ ଜୟନ୍ତୀରେ । ଏକ ଉଗ୍ର ପ୍ରଦର୍ଶନୀ ଝଲକରୁ ଭିଡିଓ ପ୍ରାରମ୍ଭ ହୋଇଛି । ସିନେମାର ନିର୍ଦ୍ଦେଶନାରେ ନୀରଜ ଯାଦବ ଅଛନ୍ତି । ଏହାସହ ଏହାର ନିର୍ମାଣରେ ଜ୍ୟୋତି ଦେଶପାଣ୍ଡେ, ଆନନ୍ଦ ଏଲ୍ ରୟ, ହିମାଂଶୁ ଶର୍ମା କରିଛନ୍ତି । ସିନେମାଟି ୨୦୨୭ ମସିହା ଅକ୍ଟୋବର ୧ ତାରିଖରେ ପ୍ରେକ୍ଷାଳୟକୁ ଆସିବ ।

ସାକ୍ଷାତକାର

# “ବଜେଟ୍ ନୁହେଁ, କାହାଣୀ ଓ ଚରିତ୍ରକୁ ଗୁରୁତ୍ୱ ଦିଏ”

**ଦେବସ୍ମିତା ପଣ୍ଡା, ଅଭିନେତ୍ରୀ**

ରିଆଲିଟି ଶୋ’ରୁ ଓଲିଉଡ୍‌କୁ ତାଙ୍କର ଯାତ୍ରା ଆରମ୍ଭ ହୋଇଥିଲା । ମଡର୍ଣ୍ଣ ଲୁକ୍ ହେଉ କି ରୋମାଣ୍ଟିକ୍ ସିନ୍, ଇମୋସନ୍, ସବୁଥିରେ ନିଜ ପ୍ରତିଭାକୁ ଚମତ୍କାର ଭାବେ ପ୍ରଦର୍ଶନ କରିଥାନ୍ତି ଅଭିନେତ୍ରୀ ଦେବସ୍ମିତା ପଣ୍ଡା । ରାଉରକେଲାରେ ତାଙ୍କର ଜନ୍ମ । ୨୦୧୪ ମସିହାରେ ସେ ‘ରଜ୍ କୁଇନ୍’ ରିଆଲିଟି ଶୋ’ର ବିଜେତା ଥିଲେ । ‘ମୁଁ ବି ହିରୋଇନ୍ ହେବି’ର ସେ ବିଜେତା ମଧ୍ୟ ଥିଲେ । ‘ରଘୁପତି ରାଘବ ରାଜାରାମ’ ତାଙ୍କର ଡେବ୍ୟୁ ସିନେମା । ଏହାପରେ ସେ କିଛି ସିନେମା ଏବଂ ଧାରାବାହିକରେ ଅଭିନୟ କରିଛନ୍ତି । ତନ୍ମଧ୍ୟରୁ ‘ତୋ ପାଇଁ ମୁଁ’ ଧାରାବାହିକରେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିବାରେ ସେ ସକ୍ଷମ ହୋଇ ପାରିଛନ୍ତି । ଅଭିନୟ ଜଗତକୁ ଆସିବା ପାଇଁ ତାଙ୍କୁ କେତେ ସଂଘର୍ଷ କରିବାକୁ ପଡ଼ିଛି ଜାଣିବା ତାଙ୍କ ମୁହଁରୁ... ।

### ଅଭିନୟ ଯାତ୍ରା କିପରି ଥିଲା?

- ବ୍ୟାଙ୍କ୍‌ରେ ଚାକିରି କରିବାକୁ ସ୍ୱପ୍ନ ଦେଖିଥିଲି । କଷ୍ଟିଂ କରିଥିଲି । ସ୍କୁଲ ଓ କଲେଜରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଉଥିଲି । ମୋ ସାନ ଭଉଣୀ ୨୦୧୪ ମସିହାରେ ମୋତେ ‘ରଜ କୁଇନ୍’ରେ ଅଂଶଗ୍ରହଣ କରିବାକୁ କହିଥିଲା । ଏଥିପାଇଁ ମୋର ପରିବାରର ମୋତେ ସହଯୋଗ କରିଥିଲେ । ଏହି ପ୍ଲାଟଫର୍ମରେ ନିଜର ପ୍ରତିଭା ପ୍ରଦର୍ଶିତ କରି ମୁଁ ବିଜେତା ହୋଇଥିଲି । ‘ମୁଁ ବି ହିରୋଇନ୍ ହେବି’ରେ ଅଂଶ ଗ୍ରହଣ କରି ବିଜେତା ହୋଇଥିଲି । ସୌଭାଗ୍ୟବଶତଃ ଏଥିରୁ ମୋତେ ‘ରଘୁପତି ରାଘବ ରାଜାରାମ’ ସିନେମା କରିବାକୁ ସୁଯୋଗ ମିଳିଥିଲା । ଏଥିରେ ମୁନ୍ନା ଭାଇ, ଦେବାଶିଷ ଭାଇଙ୍କ ସମେତ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାର୍ ମୋତେ ବହୁତ ସହଯୋଗ କରିଥିଲେ । ଏହା ପରେ ଅଭିନୟ ଯାତ୍ରା ଆଗକୁ ବଢ଼ିଥିଲା । ‘ଭଲପାଏ ତୋତେ ମୁଁ ଶହେରୁ ଶହେ’ରେ ଅତିଥି କଳାକାର ଭାବେ ନଜର ଆସିଥିଲି । ପରେ ଧାରାବାହିକ ‘ଟୁପୁର୍ ଟାପର୍’, ‘ତୋ ପାଇଁ ମୁଁ’, ‘ବିଜୟିନୀ’ ଧାରାବାହିକରେ ଅଭିନୟ କରିଲି । ‘ତୋ ପାଇଁ ମୁଁ’ ଧାରାବାହିକର ‘ଭୂମି’ ଚରିତ୍ର ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି । ଛତିଶଗଡ଼ି ହିନ୍ଦୀ ସିନେମା ‘ମେରି ମା କର୍ମା’ରେ ମଧ୍ୟ ଅଭିନୟ କରିଛି ।

### ସୁଟିଂ ସେଟ୍‌ର ପ୍ରଥମ ଦିନର ଅନୁଭୂତି କେମିତି ଥିଲା?

- ‘ରଜକୁଇନ୍’ ଓ ‘ମୁଁ ବି ହିରୋଇନ୍ ହେବି’ର ପ୍ଲାଟ୍‌ଫର୍ମରେ କେମିତି ଅଭିନୟ କରିବାକୁ ହୁଏ, କ୍ୟାମେରାକୁ କେମିତି ସାମ୍ନା କରାଯାଏ, ନୃତ୍ୟ କରିବା ସବୁକିଛି ଜାଣି ଯାଇଥିଲି । ତେଣୁ ଏହି ଅନୁଭୂତି ମୋତେ ଫିଲ୍ମ ସୁଟିଂ କରିବାରେ ସାହସ ଦେଇଥିଲା । ତେଣୁ ପ୍ରଥମ ଦିନରେ ମୋତେ ଏତେ ଭୟ ଲାଗିନଥିଲା ।

### ଅଭିନୟକୁ ବାଦ୍ ଦେଲେ କ’ଣ କରିବାକୁ ଭଲ ଲାଗେ?

- ନାଚ, ଗୀତ, ଚିତ୍ର ଆଙ୍କିବାକୁ ଭଲ ଲାଗେ ।



### ଅଭିନୟକୁ ଜୀବନ୍ତ କରିବାକୁ କଣ କରନ୍ତି?

- ମୁଁ ଯେତେବେଳେ ଏହି ଲାଇନ୍‌କୁ ଆସିଥିଲି ସେତେବେଳେ ବହୁତ ପ୍ଲାଟ୍‌ଫର୍ମ ଥିଲା । ତେବେ ସବୁଠି ପ୍ରତିଯୋଗିତା । ତଥାପି ମୁଁ ମୋ ନିଜ ଉପରେ କେତେ ବିଶ୍ୱାସ ରଖି କାମ କରିବି ତାହାକୁ ଗୁରୁତ୍ୱ ଦେଇଥିଲି । ଏହି ଆତ୍ମବିଶ୍ୱାସ ବଳରେ ମୁଁ ଏତେବାଟ ଆସିପାରିଛି । ଏହା ସହିତ ସବୁବେଳେ ମୁଁ ନିର୍ଦ୍ଦେଶକଙ୍କ କଥା ମାନି ମୋର ଚରିତ୍ରକୁ କିପରି ଭଲ କରିବି ତାହାକୁ ଗୁରୁତ୍ୱ ଦିଏ । ଯାହାବି ଚରିତ୍ର ମିଳେ ସେଥିରେ ପ୍ରଥମେ ମୁଁ ନିଜକୁ ପ୍ରବେଶ କରାଏ ।

### ପ୍ରଥମ ପାରିଶ୍ରମିକରେ କ’ଣ କରିଥିଲେ?

- ସୁନାରେ ନିବେଶ କରିଥିଲି ।

### ଦେବସ୍ମିତାଙ୍କ ଆଗାମୀ ଯୋଜନା ?

- ରିଆଲିଟି ଶୋ’ରେ ନଜର ଆସୁଛି । ଫିଲ୍ମରେ କାମ କରିବାକୁ ଯୋଜନା ଥିବାରୁ ମେଗାଧାରବାହିକରେ କାମ କରୁନି ।

### ଫିଟ୍ ରହିବାକୁ କ’ଣ କରନ୍ତି?

- କଳାକାରଙ୍କୁ ସବୁବେଳେ ଫିଟ୍ ରହିବାକୁ ହୁଏ । ତେଣୁ ସୁଟିଂ ସେଟ୍‌ର ବ୍ୟସ୍ତତା ଭିତରେ ମୁଁ ମୋ ନିଜକୁ ସମୟ ଦିଏ । ଫିଟ୍ ରଖିବାକୁ ଘରୋଇ ଖାଦ୍ୟ ଖାଏ ।

### ଡ୍ରିମ୍ ରୋଲ?

- ମୁଁ ବଜେଟ୍ ନୁହେଁ, କାହାଣୀ ଓ ଚରିତ୍ରକୁ ଗୁରୁତ୍ୱ ଦିଏ । ତେଣୁ ବହୁତ ଇଚ୍ଛା ଅଛି ‘ବେଟା’ ସିନେମାର ଶ୍ରୀଦେବୀଙ୍କ ପରି ଚରିତ୍ର କରିବାକୁ । ତାଙ୍କ ପରି ଆତ୍ମନିର୍ଭରଶୀଳ ଏବଂ ରାଉଡି ପରି ଚରିତ୍ର କରିବାକୁ ଇଚ୍ଛା ଅଛି ।

### ଅଭିନୟ ଜଗତକୁ ଆସୁଥିବା ଯୁବପିଢ଼ିଙ୍କୁ କ’ଣ କହିବେ?

- ସମସ୍ତେ ଭାବନ୍ତି ଅଭିନୟ କରିବା ବହୁତ ସହଜ । ହେଲେ ବାସ୍ତବ କଥା ହେଉଛି ବହୁତ କଷ୍ଟ । ଯେପର୍ଯ୍ୟନ୍ତ ତମେ ଅଭିନୟ କ’ଣ ଶିଖିନ କି ବୁଝିନ, ସେ ପର୍ଯ୍ୟନ୍ତ ଜୀବନ୍ତ ଅଭିନୟ କରିପାରବ ନାହିଁ । ଭିକାରି ଚରିତ୍ର ମିଳିଲେ ବି ତା’ ଭିତରେ ପଶିବାକୁ ପଡ଼ିବ । ନଚେତ ଏ ଲାଇନ୍‌ରେ ଆଗକୁ ବଢ଼ିବା ସମ୍ଭବ ନୁହେଁ ।






# କାନାଡାକୁ ହରାଇ କ୍ୱାର୍ଟରରେ ମରୋକ୍କୋ

**ହଷ୍ଟନ,୪।୭(ଏଜେନ୍ସି):** ଯୁଗ୍ମ ଆୟୋଜକ କାନାଡାକୁ ୩-୦ ଗୋଲରେ ହରାଇ ଆଫ୍ରିକୀୟ ରାଷ୍ଟ୍ର ମରୋକ୍କୋ ପ୍ରଥମ ଦଳ ଭାବେ ଚଳିତ ଫିଫା ବିଶ୍ୱକପ୍ ଫୁଟବଲର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବିଜୟୀ ମରୋକ୍କୋ ପକ୍ଷରୁ ଆଜେଦାଇନ୍ ଓଉନାହି ୨ଟି ଏବଂ ସୌଫିଆନେ ରହିମି ଗୋଟିଏ ଗୋଲ ଦ୍ୱିତୀୟାର୍ଦ୍ଧରେ ସ୍କୋର କରିଥିଲେ। ଆସନ୍ତା ୯ ତାରିଖ ଗୁରୁବାର ରାତି ୧ଟା ୩୦ ମିନିଟ୍‌ରେ ଖେଳାଯିବାକୁ ଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ମରୋକ୍କୋ ଆଜି ରାତିରେ ଅନୁଷ୍ଠିତ ଫ୍ରାନ୍ସ ଓ ପାରାଗୁଏ ମୁକାବିଲାର ବିଜେତାକୁ ଭେଟିବ। ଆଘାତ ସମସ୍ୟା ଓ ଫାଉଲ ଖେଳରେ ଛନ୍ଦିହୋଇପଡ଼ିଥିବା ଏହି ମ୍ୟାଚ୍‌ରେ ରେଫରି ମାଇକେଲ ଅଲିଭର ପ୍ରତ୍ୟେକ ଦଳର ୪ଜଣ ଲେଖାଏଁ ୮ଜଣ ଖେଳାଳିଙ୍କୁ ୟେଲୋକାର୍ଡ ଦେଖାଇଥିଲେ। ମରୋକ୍କୋର ଷ୍ଟ୍ରାଇକର ଇସ୍‌ମାଏଲ ସାଇବାରିଙ୍କ ମାଂସପେଶୀ ଟାଣି ହୋଇଯିବାରୁ ସେ ଏହି ମ୍ୟାଚ୍‌ରେ ମାତ୍ର ୧୦ ମିନିଟ୍ ଖେଳିଥିଲେ। ଏହି ମ୍ୟାଚ ଆରମ୍ଭରୁ କାନାଡା ପ୍ରାଧାନ୍ୟ ବିସ୍ତାର କରିଥିଲେ ମଧ୍ୟ ୬୭ ଭାଗ ବଲ ମରୋକ୍କୋ ନିୟନ୍ତ୍ରଣରେ ରହିଥିଲା। ହାଇଡ୍ରେସନ ବ୍ରେକ୍ ପରେ ବଲ ନିୟନ୍ତ୍ରଣକୁ ନେଇ ମରୋକ୍କୋ ଅଧିନାୟକ ଅର୍ଚାଫ୍ ହାକିମି ଓ କାନାଡା ରିଚି ଲାରେୟାଙ୍କ ମଧ୍ୟରେ ଧକ୍କା ମରାମରି ହୋଇଥିଲା। ଏହାକୁ ନେଇ ଉଭୟ ଦଳ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା ଓ ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଖେଳ ଉପରେ ଗୁରୁତ୍ୱ ଦେଇଥିଲେ। କିନ୍ତୁ ମରୋକ୍କୋ ଦଳ ଅଧିକ ଯୋଜନାବଦ୍ଧ ଭାବେ ଖେଳିଥିଲା। ବିଶେଷ କରି ଅଧିନାୟକ ହାକିମି ସୁଯୋଗ ସୃଷ୍ଟି କରିଥିଲେ। ତାଙ୍କ ଦ୍ୱାରା ପାସ୍ ପାଇ ଓଉନାହିଁ ୨ଟି ଯାକ ଗୋଲ ସ୍କୋର କରିଥିଲେ। ଖେଳ ବେଶ ରୋମାଞ୍ଚକ ଓ ପ୍ରତିଦ୍ୱନ୍ଦ୍ୱିତା ମୂଳକ ଭାବେ ଶେଷ ହେବାକୁ ଯାଉଥିଲାବେଳେ ଇଞ୍ଜୁରୀ ଟାଇମ୍ ବା ୯୮ତମ ମିନିଟ୍‌ରେ ରହିମି ଆଉ ଏକ ଗୋଲ ଦେଇ ମରୋକ୍କୋର ବିଜୟ ସୁନିଶ୍ଚିତ କରିଥିଲେ।



## ହଲାଣ୍ଡ ଓ ନରୱେକୁ ଡରୁଛି ବ୍ରାଜିଲ୍

**ନ୍ୟୁୟର୍କ,୪।୭(ଏଜେନ୍ସି):** ବ୍ରାଜିଲ ଓ ନରୱେ ମଧ୍ୟରେ ଚଳିତ ଫିଫା ବିଶ୍ୱକପ୍‌ର ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲା ରବିବାର ଖେଳାଯିବ। ଏହି ମ୍ୟାଚ୍‌ରେ ୫ଥରର ଚାମ୍ପିଅନ ବ୍ରାଜିଲ ଫେବରାଇଟ ବୋଲି ସମସ୍ତେ ଆଶା କରୁଛନ୍ତି। କିନ୍ତୁ ବ୍ରାଜିଲ୍‌ର ହେଡ୍ କୋଚ୍ କାର୍ଲୋ ଆନ୍‌ସେଲୋଟିଙ୍କ ମତ ଭିନ୍ନ। ତାଙ୍କ ମତରେ ନରୱେ ଏକ ଶକ୍ତିଶାଳୀ ଦଳ। ଏହି ଦଳରେ ଏର୍ଲିଙ୍ଗ ହଲାଣ୍ଡଙ୍କ ପରି ସୁପରଷ୍ଟାର ଖେଳାଳି ରହିଛନ୍ତି। ବ୍ରାଜିଲର ରେକର୍ଡ ମଧ୍ୟ ଭଲ ନୁହେଁ। ଉଭୟଙ୍କ ମଧ୍ୟରେ ୪ଥର ମୁକାବିଲା ହୋଇଥିଲେ ନରୱେ ବିପକ୍ଷରେ ଦକ୍ଷିଣ ଆମେରିକାର ଏହି ଶକ୍ତିଶାଳୀ ଦଳ ଗୋଟିଏ ହେଲେ ମ୍ୟାଚ୍ ଜିତିନାହିଁ। ୪ଟି ମୁକାବିଲାରୁ ୨ଟି ମ୍ୟାଚ୍ ଡ୍ର ରହିଥିଲାବେଳେ ୨ଟି ମ୍ୟାଚ୍‌ରେ ପରାଜିତ ହୋଇଛି। ଶେଷଥର ଦଳ ୧୯୯୮ ବିଶ୍ୱକପ୍‌ରେ ହାରିଥିଲା। ଚଳିତ ବିଶ୍ୱକପ୍‌ରେ ବ୍ରାଜିଲ ମଧ୍ୟ ଭଲ ଖେଳି ନାହିଁ। ଯଦିଓ ଦଳ ତାହାର ଶେଷ ୪ଟି ମ୍ୟାଚ୍‌ରେ ୩ଟି ବିଜୟ ହାସଲ କରିଛି ତଥାପି ଜାପାନ ବିପକ୍ଷ ରାଉଣ୍ଡ ଅଫ୍ ୩୨ ମ୍ୟାଚ୍ ଜିତିବାକୁ ୯୫ ମିନିଟ୍ ଯାଏ ଅପେକ୍ଷା କରିବାକୁ ପଡ଼ିଥିଲା। ଗାବ୍ରିଏଲ ମାର୍ଟିନେଲୀଙ୍କ ଗୋଲ ବଳରେ ବ୍ରାଜିଲ ଏହି ମ୍ୟାଚ୍ ଜିତିଥିଲା। ଯେଉଁ କଳାତ୍ମକ ଖେଳ ଲାଗି ବ୍ରାଜିଲର ଖ୍ୟାତି ରହିଛି ତାହା ଏପର୍ଯ୍ୟନ୍ତ ଦେଖିବାକୁ ମିଳିନାହିଁ। ଦଳର ସୁପରଷ୍ଟାର ନେମାର ମଧ୍ୟ ଫିଟ୍ ହୋଇ ନାହାନ୍ତି। ଏପରି ସ୍ଥଳେ ଭିନିସିଅସ ଜୁନିଅରଙ୍କ ଖେଳ ଉପରେ ବ୍ରାଜିଲ ନିର୍ଭର କରୁଛି। ଅନ୍ୟ ପକ୍ଷରେ ନରୱେ ହେଡ୍ କୋଚ୍ ଷ୍ଟେଲ ସୋଲବାକେନ୍ ମଧ୍ୟ ବ୍ରାଜିଲକୁ ସମ୍ମାନ ଦିଅନ୍ତି। ତାଙ୍କ ମତରେ ଆମ ବିପକ୍ଷରେ ବ୍ରାଜିଲ ସହଜରେ ବିଜୟୀ ହୋଇପାରିବ ନାହିଁ। ଷ୍ଟେଲ୍‌ଙ୍କ ମତରେ ବ୍ରାଜିଲ ଏବେ ଫର୍ମକୁ ଫେରିଆସିଲାଣି। ଖେଳାଳିଙ୍କ ମଧ୍ୟରେ ସମନ୍ୱୟ ରହିଛି। ପ୍ରତ୍ୟେକ ମ୍ୟାଚ୍‌ରେ ଦଳର ଖେଳରେ ଉନ୍ନତି ହୋଇଛି। ପ୍ରତ୍ୟେକ ପୋଜିସନରେ ସେମାନଙ୍କର ଶ୍ରେଷ୍ଠ ଖେଳାଳିମାନେ ରହିଛନ୍ତି।

## ସବୁ ରେକର୍ଡ ଭାଙ୍ଗିଲା ଆତ୍ମଘାତୀ ଗୋଲ୍

**ଡଲାସ,୪।୭(ଏଜେନ୍ସି):** ଚଳିତ ଫିଫା ବିଶ୍ୱକପ୍‌ରେ ଦୁଇଟି ନୂଆ ରେକର୍ଡ ହୋଇଛି। ପ୍ରଥମଟି ହେଉଛି ଆତ୍ମଘାତୀ ଗୋଲ ଏବଂ ଦ୍ୱିତୀୟଟି ହେଉଛି ବଦଳ ଖେଳାଳିଙ୍କ ଦ୍ୱାରା ହୋଇଥିବା ଗୋଲ। ଏଠାରେ ଶୁକ୍ରବାର ରାତିରେ ଖେଳାଯାଇଥିବା ଇଜିପ୍ଟ ବନାମ ଅଷ୍ଟ୍ରେଲିଆ ରାଉଣ୍ଡ-୩୨ ମୁକାବିଲାରେ ବିଜୟୀ ଦଳର ଡିଫେଣ୍ଡର ମହମ୍ମଦ୍ ହାନି ଗୋଟିଏ ଆତ୍ମଘାତୀ ଗୋଲ ଦେଇଥିଲେ। ଚଳିତ ବିଶ୍ୱକପ୍‌ରେ ଏହା ହେଉଛି ୧୩ତମ ଆତ୍ମଘାତୀ ଗୋଲ ଓ ଏହା ଫଳରେ ୨୦୧୮ ରୁଷିଆରେ ହୋଇଥିବା ୧୨ଟି ଗୋଲର ରେକର୍ଡକୁ ଅତିକ୍ରମ କରିଯାଇଥିଲା। ଏତିକିରେ ଏହି ରେକର୍ଡ ବନ୍ଦ ହୋଇ ନ ଥିଲା। ଶନିବାର ସକାଳେ ଆର୍ଜେଣ୍ଟିନା ଓ ଦୁଃସାହସୀ କେପ୍ ଭର୍ଡ ମଧ୍ୟରେ ଅନୁଷ୍ଠିତ ମୁକାବିଲାରେ ଆଉ ଏକ ଗୋଲ ଏହି ତାଲିକାରେ ଯୋଡି ହୋଇଯାଇଛି। କେପ୍ ଭର୍ଡର ଡିନେ ବୋର୍ଜେସ୍ ଏହି ବିଶ୍ୱକପ୍‌ର ୧୪ତମ ଆତ୍ମଘାତୀ ଗୋଲ ସ୍କୋର କରିଛନ୍ତି। ଅବଶ୍ୟ ଚଳିତ ବିଶ୍ୱକପ୍‌ରେ ପ୍ରଥମଥର ସର୍ବାଧିକ ୪୮ଟି ଟିମ୍ ଭାଗନେଉଥିବାରୁ ସର୍ବାଧିକ ୧୦୪ଟି ମ୍ୟାଚ୍ ଖେଳାଯିବ। ଯାହା ଫଳରେ ଆତ୍ମଘାତୀ ଗୋଲ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବା ସ୍ୱାଭାବିକ୍। ସେହିପରି ରାଉଣ୍ଡ-୩୨ ମ୍ୟାଚ୍ ଶେଷରେ ୪୬ଟି ଗୋଲ ବଦଳ ଖେଳାଳିଙ୍କ ଦ୍ୱାରା ସ୍କୋର ହୋଇଛି। ଏହି ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ। ପୂର୍ବରୁ ଗୋଟିଏ ସଂସ୍କରଣରେ ସର୍ବାଧିକ ୩୦ଟି ଗୋଲ ହୋଇଥିଲା।

ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଇଜିପ୍ଟର ମହମ୍ମଦ ହାନି ଚଳିତ ବିଶ୍ୱକପ୍‌ରେ ବ୍ୟକ୍ତିଗତ ଭାବେ ଦ୍ୱିତୀୟ ଆତ୍ମଘାତୀ ଗୋଲ ସ୍କୋର କରିଥିଲେ। ଫଳରେ ୧୯୬୬ରେ ବେଲଜିୟମର ଡିଫେଣ୍ଡର ଇଭାନ ଭୁଟସୋଭଙ୍କ ପରେ ଗୋଟିଏ ଟୁର୍ଣ୍ଣାମେଣ୍ଟରେ ୨ଟି ଆତ୍ମଘାତୀ ଗୋଲ କରିବାରେ ଦ୍ୱିତୀୟ ଖେଳାଳି।




| |
|---|
| ଫିଫା ବିଶ୍ୱକପ୍ |
| ରାଉଣ୍ଡ ଅଫ୍ ୧୬ ମୁକାବିଲା |
| ରବିବାର ରାତି |
| ବ୍ରାଜିଲ-ନରୱେ |
| ନ୍ୟୁୟର୍କ, ରାତି ୧.୩୦ |
| ସୋମବାର ସକାଳ |
| ଇଂଲଣ୍ଡ-ମେକ୍ସିକୋ |
| ମେକ୍ସିକୋ ସିଟି, ସକାଳ ୫ଟା |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

## ଘାନାକୁ ବିଦାକଲା କଲମ୍ବିଆ

**କାନ୍‌ସାସ୍ ସିଟି,୪।୭(ଏଜେନ୍ସି):** ଜନ୍ ଆରିଆସ୍‌ଙ୍କ ଏକମାତ୍ର ଗୋଲ ବଳରେ ଘାନାକୁ ୧-୦ ଗୋଲରେ ପରାସ୍ତ କରି କଲମ୍ବିଆ ଫିଫା ବିଶ୍ୱକପ୍ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛି। କଲମ୍ବିଆ ମଧ୍ୟ ଏହି ମେଗା ଇଭେଣ୍ଟରେ ପ୍ରଥମ ନକ୍‌ଆଉଟ ବିଜୟ ହାସଲ କରିଛି। ଜୁଲାଇ ୬ ତାରିଖ ମଙ୍ଗଳବାର ରାତି ୧ଟା ୩୦ ମିନିଟ୍‌ରେ ଖେଳାଯିବାକୁ ଥିବା ଶେଷ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ କଲମ୍ବିଆ ସହ ଏର୍ଲିଙ୍ଗ ହଲାଣ୍ଡଙ୍କ ସ୍ୱିଜରଲାଣ୍ଡର ମୁକାବିଲା ହେବ। ଏଠାରେ ଖେଳାଯାଇଥିବା ମୁକାବିଲା ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିଲା। ଖେଳର ୧୪ତମ ମିନିଟ୍‌ରେ ଆରିଆସ୍ ଗୋଲ ସ୍କୋର କରିବା ପରେ ଘାନା ଏହି ଗୋଲ ଶୁଝାଇବାକୁ ଚେଷ୍ଟା କରିଥିଲା। କିନ୍ତୁ ୬୨ ଭାଗ ବଲ୍ ନିୟନ୍ତ୍ରଣରେ ରଖିଥିବା କଲମ୍ବିଆ ଉପରେ ଘାନା ଗୋଟିଏ ହେଲେ ଆକ୍ରମଣ କରି ପାରି ନ ଥିଲା। କଲମ୍ବିଆ ରକ୍ଷଣଭାଗ ଖେଳାଳିଙ୍କ ମଧ୍ୟରେ ଏତେ ଉନ୍ନତ ସମନ୍ୱୟ ଥିଲା ଯେ ଘାନାର ଫରୱାର୍ଡ ଖେଳାଳି ପୋଷ୍ଟ ଏରିଆରେ ଗୋଟିଏ ହେଲେ ଆକ୍ରମଣ କରି ପାରି ନଥିଲେ। ଫଳରେ କଲମ୍ବିଆ ସହଜ ବିଜୟ ହାସଲ କରି ରାଉଣ୍ଡ ଅଫ୍ ୧୬ରେ ସ୍ଥାନ ହାସଲ କରିଥିଲା।



## ଅଷ୍ଟ୍ରେଲିଆ ସୁଟ୍‌ଆଉଟ; ନକ୍‌ଆଉଟରେ ଇଜିପ୍ଟର ପ୍ରଥମ ବିଜୟ

**ଡଲାସ,୪।୭(ଏଜେନ୍ସି)**

ଏଠାରେ ଶୁକ୍ରବାର ରାତିରେ ଖେଳାଯାଇଥିବା ରାଉଣ୍ଡ-୩୨ର ଏକ ମୁକାବିଲାରେ ଇଜିପ୍ଟ ୪-୨ ପେନାଲ୍ଟି ସୁଟ୍‌ଆଉଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛି। ଏହା ଫଳରେ ଇଜିପ୍ଟ ପ୍ରଥମଥର ଲାଗି ନକ୍‌ଆଉଟ ମୁକାବିଲାରେ ବିଜୟୀ ହୋଇଛି। ଜୁଲାଇ ୭ ତାରିଖ ମଙ୍ଗଳବାର ରାତିରେ ଖେଳାଯିବାକୁ ଥିବା ରାଉଣ୍ଡ ଅଫ୍ ୧୬ ବା ପ୍ରି-କ୍ୱାର୍ଟରଫାଇନାଲରେ ଇଜିପ୍ଟ ସହ ଆର୍ଜେଣ୍ଟିନାର ମୁକାବିଲା ହେବ। ରାଉଣ୍ଡ ଅଫ୍ ୩୨ର ଶେଷ ମୁକାବିଲାରେ କେପ୍ ଭର୍ଡକୁ ଅତିରିକ୍ତ ସମୟରେ ୩-୨ ଗୋଲରେ ପରାସ୍ତ କରି ଆର୍ଜେଣ୍ଟିନା ପ୍ରି-କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି।

ଡଲାସ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଇଜିପ୍ଟ ସହ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଜୋରଦାର ମୁକାବିଲା କରିଥିଲା। ଖେଳର ୧୩ତମ ମିନିଟ୍‌ରେ କରିମ୍ ହାଫିଜ୍‌ଙ୍କଠାରୁ ପାଶ୍ ପାଇ ଏମାମ ଆଶୋର ଇଜିପ୍ଟ ଲାଗି ପ୍ରଥମ ଗୋଲ ଦେଇଥିଲେ। ଫିଫା ବିଶ୍ୱକପ୍ ନକ୍‌ଆଉଟରେ ଏହା ଥିଲା ଇଜିପ୍ଟର ପ୍ରଥମ ଗୋଲ। ଏହା ପରେ ଖେଳର ୫୫ତମ ମିନିଟ୍‌ରେ ମହମ୍ମଦ୍ ହାନିଙ୍କ ଆତ୍ମଘାତୀ ଗୋଲ ବଳରେ ଖେଳ ୧-୧ ଗୋଲରେ ସମାନସ୍ତରରେ ରହିଥିଲା। ଅତିରିକ୍ତ ସମୟରେ ଖେଳର ମିମାଂସା ହୋଇ ନ ପାରିବାରୁ ପେନାଲ୍ଟି ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଇଜିପ୍ଟ ପ୍ରଥମ ୪ଟି ସଟ୍‌କୁ ଗୋଲରେ ପରିଣତ କରିଥିଲା। ଅଷ୍ଟ୍ରେଲିଆ ୪ଟି ମଧ୍ୟରୁ ଗୋଟିଏ ସଟ୍ ପୋଷ୍ଟ ବାହାରେ ମାରି ମିସ୍ କରିଥିଲା। ଅନ୍ୟ ଏକ ସଟ୍ ପୋଷ୍ଟ ବାର୍‌ରେ ବାଜି ଫେରିଆସିଥିଲା। ଫଳରେ ଏସିଆ ମହାଦେଶର ଏହି ଶେଷ ଦଳ ରାଉଣ୍ଡ-୩୨ ମୁକାବିଲାକୁ ୨-୪ରେ ହାରିଯାଇଥିଲା।



## କେପ୍ ଭର୍ଡ ଆକ୍ରମଣରୁ ବର୍ତ୍ତିଗଲା ଆର୍ଜେଣ୍ଟିନା



**ମିଆମି,୪।୭(ଏଜେନ୍ସି):** ଉତ୍ସାହୀ ଓ ଦୁଃସାହସ ଖେଳ ପ୍ରଦର୍ଶନ କରୁଥିବା କେପ୍ ଭର୍ଡ ଆକ୍ରମଣରୁ ବର୍ତି ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛି। ଏହା ଫଳରେ ଚଳିତ ବିଶ୍ୱକପ୍‌ରେ କେପ୍ ଭର୍ଡର ସ୍ମରଣୀୟ ଅଭିଯାନ ଶେଷ ହୋଇଛି। ଅନ୍ୟପକ୍ଷରେ ଇଜିପ୍ଟ ସହ ରାଉଣ୍ଡ ଅଫ୍ ୧୬ ମୁକାବିଲା କରିବାକୁ ଆର୍ଜେଣ୍ଟିନା ସୁଯୋଗ ପାଇଛି। ଏହି ମୁକାବିଲାରେ ସୁପରଷ୍ଟାର ଲିଓନେଲ ମେସି ଖେଳର ୨୯ତମ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋର କରି ଆର୍ଜେଣ୍ଟିନାକୁ ଅଗ୍ରଣୀ ଦେଇଥିଲେ। ଦ୍ୱିତୀୟାର୍ଦ୍ଧର ୫୯ତମ ମିନିଟ୍‌ରେ କେପ୍ ଭର୍ଡର ଡେରଏ ଡୁଆର୍ଟେ ଗୋଲ ଶୁଝାଇ ଖେଳକୁ ସମାନସ୍ତରକୁ ନେଇଆସିଥିଲେ। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ସମାନସ୍ତରରେ ରହିବାରୁ ଅତିରିକ୍ତ ସମୟର ସହାୟତା ନିଆଯାଇଥିଲା। ଖେଳର ୯୨ତମ ମିନିଟ୍‌ରେ ଆର୍ଜେଣ୍ଟିନାର ଲିସାଣ୍ଡ୍ରୋ ମାର୍ଟିନେଜ୍ ଓ ୧୦୩ତମ ମିନିଟ୍‌ରେ କେପ୍ ଭର୍ଡର ସିଡ୍‌ନୀ ଲୋପେଜ୍ କାର୍ବାଲ ଗୋଲ ସ୍କୋର କରିବା ପରେ ଖେଳ ୨-୨ ଗୋଲରେ ସମାନସ୍ତରରେ ଚାଲିଥିଲା। ୧୧୧ତମ ମିନିଟ୍‌ରେ ଏକ ଦୁର୍ଭାଗ୍ୟଜନକ ଗୋଲ କେପ୍ ଭର୍ଡକୁ ବିଶ୍ୱକପ୍‌ରୁ ବିଦା କରିଥିଲା। ଦଳର ପୋଷ୍ଟ ପାଖକୁ ମରାଯାଇଥିବା ପାସ୍‌କୁ ଆର୍ଜେଣ୍ଟିନାର କ୍ରିଷ୍ଟିଆନୋ ରୋମେରୋ ହେଡ୍ କରିଥିଲେ। ଏହା ପରେ ବଲଟି ଡିଫେଣ୍ଡର ଡିନେ ବୋର୍ଜେସଙ୍କ କାନ୍ଧରେ ବାଜି କେପ୍ ଭର୍ଡର ପୋଷ୍ଟ ମଧ୍ୟକୁ ଚାଲିଯାଇଥିଲା। ଏଥିରୁ ଆଉ ମୁକୁଳି ନପାରି ମ୍ୟାଚ୍‌କୁ କେପ୍ ଭର୍ଡ ହାତଛଡ଼ା କରିଥିଲା।

## ରେକର୍ଡ ଟାଇଟଲ ଲକ୍ଷ୍ୟରେ ଅଷ୍ଟ୍ରେଲିଆ

**ଲଣ୍ଡନ, ୪।୭ (ଏଜେନ୍ସି):** ଚଳିତ ଆଇସିସି ମହିଳା ଟି-୨୦ ବିଶ୍ୱକପର ୧୦ମ ସଂସ୍କରଣ ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହୋଇଛି। ଟାଇଟଲ୍ ପାଇଁ ରବିବାର ଦୁଇ ଶକ୍ତିଶାଳୀ ଦଳ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ସାମ୍ନାସାମ୍ନି ହେବେ। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ରାତି ୮ଟାରେ ଏହି ଗ୍ରାଣ୍ଡଫାଇନାଲ ମ୍ୟାଚ ଆରମ୍ଭ ହେବ। ପୂର୍ବରୁ ପ୍ରଥମ ସେମିଫାଇନାଲରେ ଅଷ୍ଟ୍ରେଲିଆ ୮ ୱିକେଟରେ ୱେଷ୍ଟଇଣ୍ଡିଜକୁ ହରାଇଥିଲା। ସେହିଭଳି ଆୟୋଜକ ଇଂଲଣ୍ଡ ଦ୍ୱିତୀୟ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୪୦ ରନରେ ପରାସ୍ତ କରି ଫାଇନାଲରେ ପହଞ୍ଚିଛି। ସୋଫି ମୋନିଲେକ୍ସଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଏଠାରେ ଇଂଲଣ୍ଡକୁ ହରାଇ ରେକର୍ଡ ୭ମଥର ଲାଗି ଟାଇଟଲ୍ ଜିତିବାକୁ ଲକ୍ଷ୍ୟ ରଖିଛି। ସେହିଭଳି ଘରୋଇ ଇଂଲଣ୍ଡ ୧୭ ବର୍ଷ ପରେ ଦ୍ୱିତୀୟଥର ଟି-୨୦ ବିଶ୍ୱକପ ଜିତିବା ଲକ୍ଷ୍ୟରେ ରହିଛି। ୨୦୦୯ରେ ଏହି ଲର୍ଡ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ସଂସ୍କରଣର ଫାଇନାଲରେ ୬ ୱିକେଟରେ ନ୍ୟୁଜିଲାଣ୍ଡକୁ ହରାଇ ଇଂଲଣ୍ଡ ପ୍ରଥମ ଓ ଶେଷଥର ଲାଗି ଚାମ୍ପିଅନ ହୋଇଥିଲା। ଯଦି ଇଂଲଣ୍ଡ ରବିବାର ବିଜୟୀ ହୁଏ ତେବେ ବିଶ୍ୱର ଦ୍ୱିତୀୟ ଦଳ ଭାବେ ଏକାଧିକଥର ଟି-୨୦ ବିଶ୍ୱକପ ଜିତିବାର ସୌଭାଗ୍ୟ ଲାଭ କରିବ। ତେଣୁ ଇଂଲଣ୍ଡ ୧୭ ବର୍ଷ ପରେ ପୁଣିଥରେ ଲର୍ଡ୍ସରେ ସଫଳତା ଦୋହରାଇବାକୁ ଲକ୍ଷ୍ୟ ରଖିଛି।

**ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ଫାଇନାଲ ଆଜି**

## ୱିମ୍ବଲଡନ ଟେନିସରେ ବିପର୍ଯ୍ୟୟ
## ହାରିଲେ ରିବାକିନା, ସ୍ୱିଆଟେକ

**ଲଣ୍ଡନ,୪।୭(ଏଜେନ୍ସି):** ଏଠାରେ ଚାଲିଥିବା ୱିମ୍ବଲଡନ ଟେନିସ ଟୁର୍ଣ୍ଣାମେଣ୍ଟର ମହିଳା ଏକକ ତୃତୀୟ ରାଉଣ୍ଡ ମୁକାବିଲାରେ ଏକାଧିକ ସିଡେଡ ଖେଳାଳି ପରାଜିତ ହୋଇଛନ୍ତି। ଆଜି ଅନୁଷ୍ଠିତ ମହିଳା ଏକକରେ ଦ୍ୱିତୀୟ ସିଡ୍ ଏଲିନା ରିବାକିନା (ବନାମ ଏଲିସେ ମେର୍ଟେନ୍ସ), ତୃତୀୟ ସିଡ୍ ଇଗା ସ୍ୱିଆଟେକ୍ (ବନାମ ଆଲେକ୍‌ଜାଣ୍ଡ୍ରା ଏଲା) ଓ ଷଷ୍ଠ ସିଡ୍ ଆମାଣ୍ଡା ଆନିସିମୋଭା (ବନାମ ମାଡିସନ୍ କିଜ୍‌ଙ୍କଠାରୁ) ପରାଜିତ ହୋଇଛନ୍ତି। କିନ୍ତୁ ୯ମ ସିଡ୍ ଲିଣ୍ଡା ନୋସ୍କୋଭା, ୧୩ଶ ସିଡ୍ ଜସ୍ମିନ୍ ପାଓଲିନ୍ ବିଜୟୀ ହୋଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୁରୁଷ ବିଭାଗ ଏକକରେ ଦ୍ୱିତୀୟ ସିଡ୍ ଆଲେକ୍‌ଜାଣ୍ଡ ଜ୍ୱେରେଭ୍, ୫ମ ସିଡ୍ ଆଲେକ୍ସ ଡି ମିନାଉର, ୯ମ ସିଡ୍ ଫାବିଓ କୋବୋଲି (ବନାମ କାରେନ ଖାଚାନୋଭ ୩-୨ରେ) ଓ ୧୩ଶ ସିଡ୍ ଜିରି ଲେହେକା ବିଜୟ ହାସଲ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

■ **ଜାତୀୟ ବରିଷ୍ଠ ମିନିଗଲ୍ଫ ଚାମ୍ପିଅନସିପ**

## ଓଡ଼ିଶାକୁ ୨୦ ପଦକ; ମହିଳା ପ୍ରଥମ



**ଭୁବନେଶ୍ୱର, ୪।୭ (ସମିସ):** ଛତିଶଗଡ଼ର ରାୟପୁରଠାରେ ୧୧ତମ ଜାତୀୟ ବରିଷ୍ଠ ମିନିଗଲ୍ଫ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ମିନିଗଲ୍ଫ ଦଳ ମୋଟ ୨୦ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୫ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଓ ୯ଟି କାଂସ୍ୟ ପଦକ ରହିଛି। ଏଥିସହ ଓଡ଼ିଶା ମହିଳା ଦଳ ଉଲ୍ଲେଖନୀୟ ପ୍ରଦର୍ଶନ କରି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଲାଭ କରିଛି। ଏହି ସଫଳତା ଲାଗି ଓଡ଼ିଶା ମିନିଗଲ୍ଫ ସଂଘ ପକ୍ଷରୁ ସମସ୍ତ ଖେଳାଳି ଓ କୋଚଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

**ଭାରତ ପାଇଁ ସର୍ବକନିଷ୍ଠ ପଦାର୍ପଣକାରୀ ହେଲେ ସୂର୍ଯ୍ୟବଂଶୀ**

# ବିଷ ଭରିଦେଲେ ବିଷ୍ଣୋଇ

**ମାଞ୍ଚେଷ୍ଟର,୪।୭(ଏଜେନ୍ସି):** ଏଠାରେ ଆଜି ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟି-୨୦ ମୁକାବିଲାରେ ଭାରତକୁ ବିଷ ଭରିଦେଇଛନ୍ତି ଅନାମଧେୟ ଲେଗ୍ ସ୍ପିନର ରବି ବିଷ୍ଣୋଇ। ଭାରତୀୟ ଦର୍ଶକଙ୍କ ଭରପୁର ଉପସ୍ଥିତିରେ ଘରୋଇ ଇଂଲଣ୍ଡ ଆଗରେ ଏହି ମ୍ୟାଚ୍ ଜିତିବାକୁ ଭାରତ ୧୯୧ ରନ୍‌ର ଲକ୍ଷ୍ୟ ଦେଇଥିଲା। ଇଂଲଣ୍ଡ ଇନିଂସର ପ୍ରଥମ ଓଭରରେ ଅର୍ଶଦୀପ ସିଂହ ଦୁଇ ଓପନରଙ୍କୁ ଆଉଟ କରି ବଡ଼ ସଫଳତା ମଧ୍ୟ ଦେଇଥିଲେ। ତାଙ୍କ ବ୍ୟତୀତ ଅନ୍ୟ ବୋଲରଙ୍କ ଦିଶାହୀନ ବୋଲିଂ ସତ୍ତ୍ୱେ ୧୬ ଓଭର ଖେଳ ଶେଷ ବେଳକୁ ଇଂଲଣ୍ଡ ୫ ୱିକେଟ ହରାଇ ୧୪୨ ରନ୍ କରିଥିଲା। ଏହି ସମୟରେ ଦଳକୁ ମ୍ୟାଚ୍ ଜିତିବା ଲାଗି ଶେଷ ୪ ଓଭର ବା ୨୪ଟି ବଲ୍‌ରେ ୪୯ ରନ୍ ଆବଶ୍ୟକ ହେଉଥିଲା। ୧୭ତମ ଓଭର ବୋଲିଂ କରିବାକୁ ଆସିଥିବା ରବି ବିଷ୍ଣୋଇ ନିଜର ଚମତ୍କାର ବୋଲିଂ ବଳରେ ଦାନ କରିଥିଲେ ୨୯ ରନ୍। ଏହି ଓଭରରେ ବେଥେଲ ୩ଟି ଛକା, ଗୋଟିଏ ଚୌକା ଓ ୨ଟି ୨ରନ୍ ଲେଖାଏଁ ସଂଗ୍ରହ କରିଥିଲେ। ଏହା ବ୍ୟତୀତ ବିଷ୍ଣୋଇ ଆହୁରି ଦୟା ଦେଖାଇ ୨ଟି ନୋବଲ୍‌ରୁ ୩ ରନ୍ ଦେଇଥିଲେ। ବିଷ୍ଣୋଇଙ୍କ ଏହି ବିଶୃଙ୍ଖଳିତ ଓ ଲଜ୍ଜାଜନକ ବୋଲିଂ ଫଳରେ ଇଂଲଣ୍ଡ ଗୋଟିଏ ଓଭର ଓ ୪ଟି ୱିକେଟ ବାକିଥାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଦଳ ପକ୍ଷରୁ ୪୬ବଲ୍‌ରେ ୫ଟି ଲେଖାଏଁ ଚୌକା ଓ ଛକା ସହ ୭୬ ରନ୍ କରିଥିବା ଜ୍ୟାକବ ବେଥେଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଇଂଲଣ୍ଡ ୧ରନ୍‌ରେ ୨ଟି ଓ ୫୧ ରନ୍‌ରେ ୩ଟି ୱିକେଟ ହରାଇଥିଲାବେଳେ ହ୍ୟାରୀ ବ୍ରୁକ୍‌ଙ୍କ ୧୫ ବଲ୍‌ରୁ ଏବଂ ଟମ୍ ବାଣ୍ଟନଙ୍କ ୩୨ ବଲ୍‌ରୁ ୩୯ ରନ୍ ଲେଖାଏଁ ସଂଗ୍ରହ ବେଶ୍ ଉପଯୋଗୀ ହୋଇଥିଲା। ପୂର୍ବରୁ ୧୫ ବର୍ଷ ୯୯ ଦିନରେ ସର୍ବକନିଷ୍ଠ ଖେଳାଳି ଭାବେ ଏଠାରେ ଅନ୍ତର୍ଜାତୀୟ ଡେବ୍ୟୁ କରିଥିବା ବୈଭବ ସୂର୍ଯ୍ୟବଂଶୀ ମଧ୍ୟ ୧୦ ବଲ୍‌ରେ ୧୪ ରନ୍ କରି ଭାରତକୁ ନିରାଶ କରିଥିଲେ। ଦଳର ଜଣେ ହେଲେ ଖେଳାଳି ବେଶି ସମୟ କ୍ରିଜ୍‌ରେ ତିଷ୍ଠି ନ ଥିଲେ। ଇଶାନ କିଶାନ ୪୯ ଓ ଅଭିଷେକ ଶର୍ମା ୪୩ ରନ୍ କରିଥିଲେ ମଧ୍ୟ ଆବଶ୍ୟକ ବେଳେ ନିଜ ୱିକେଟ ଫିଙ୍ଗିଦେଇଥିଲେ।

## ସଚିନଙ୍କ ୩୭ ବର୍ଷର ରେକର୍ଡ ଭାଙ୍ଗିଲା



ଯୁବ ବିସ୍ଫୋରକ ଓପନର ବୈଭବ ସୂର୍ଯ୍ୟବଂଶୀ ଭାରତ ପାଇଁ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଛନ୍ତି। ଶନିବାର ଓଲ୍ଡ ଟ୍ରାଫୋର୍ଡରେ ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଟି-୨୦ ମ୍ୟାଚ୍ ଖେଳି ସୂର୍ଯ୍ୟବଂଶୀ ଅନ୍ତର୍ଜାତୀୟ କ୍ରିକେଟରେ ପାଦ ଥାପି ଏକାଧିକ ରେକର୍ଡ ଭଙ୍ଗ କରିଛନ୍ତି। ସେ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିବାରେ ଭାରତ ପାଇଁ ସର୍ବକନିଷ୍ଠ କ୍ରିକେଟର୍ ହୋଇଛନ୍ତି। ଶନିବାର ପଦାର୍ପଣ କରିବା ସମୟରେ ସୂର୍ଯ୍ୟବଂଶୀଙ୍କୁ ୧୫ ବର୍ଷ ୯୯ ଦିନ ହୋଇଥିଲା। ଏହିକ୍ରମରେ ସୂର୍ଯ୍ୟବଂଶୀ ୩୭ ବର୍ଷ ତଳର ସଚିନ ତେନ୍ଦୁଲକରଙ୍କ ନାମରେ ରହିଥିବା ରେକର୍ଡକୁ ଭଙ୍ଗ କରିଛନ୍ତି। ୧୯୮୯ ସଚିନ ପାକିସ୍ତାନ ବିପକ୍ଷରେ ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାବେଳକୁ ତାଙ୍କୁ ୧୬ ବର୍ଷ ୨୦୫ ଦିନ ବୟସ ହୋଇଥିଲା।

### ସଂକ୍ଷିପ୍ତ ସ୍କୋର

**ଭାରତ: ୧୯୦/୭, ୨୦ ଓଭର** (ଇଶାନ-୪୯, ଅଭିଷେକ-୪୩, ଆୟର-୩୭, ତିଳକ-୨୪, ସାମ କରାନ-୩/୩୩)।
**ଇଂଲଣ୍ଡ: ୧୯୧/୬, ୧୯ ଓଭର** (ବେଥେଲ ଅପରାଜିତ ୭୫, ବ୍ରୁକ୍-୩୯, ବାଣ୍ଟନ-୩୯, ଅର୍ଶଦୀପ -୩/୪୦)।

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 10.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS